ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୧/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 11/2024 | Page 20 | ₹ 7.00 | SAMBALPUR
୫୦ଶ ଭାଗ ୩୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 318 | ମୂଲ୍ୟ₹୭/-



**ରକୁଲ 'ସ୍ତ୍ରୀ ନମ୍ବର ୧'**

ଅଭିନେତ୍ରୀ ରକୁଲ ପ୍ରୀତ ସିଂଙ୍କ ଜନ୍ମଦିନରେ ସ୍ୱାମୀ ଜ୍ୟାକି ଭଗ୍ନାନୀ ଇନ୍‌ଷ୍ଟାଗ୍ରାମରେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ 'ସ୍ତ୍ରୀ ନମ୍ବର ୧' ବୋଲି କହିଛନ୍ତି।

୧୦

୧୨

**ବେନ୍ ଡଙ୍କଙ୍କ ଦୃଢ଼ ବ୍ୟାଟିଂ**

ଲିଜେଣ୍ଡ ଲିଗ୍ କ୍ରିକେଟର ଗୁରୁବାର ଅନୁଷ୍ଠିତ ମଣିପାଲ ଟାଇଗର୍ସ ବିପକ୍ଷ ମ୍ୟାଚରେ ଦୃଢ଼ ବ୍ୟାଟିଂ କରିଛନ୍ତି ଇଣ୍ଡିଆ କ୍ୟାପିଟାଲ୍ସର ବେନ୍ ଡଙ୍କ୍।





ମହାସପ୍ତମୀରେ ଗୁରୁବାର କଟକ ଚୌଧୁରୀ ବଜାର ପୂଜା ମଣ୍ଡପରେ ସୁନା ଅଳଙ୍କାର, ସୁନା ଓ ଚାନ୍ଦି ମେଢ଼ରେ ପୂଜା ପାଉଛନ୍ତି ମା' ଦୁର୍ଗା। **(ଫଟୋ: ରାଜକିଶୋର ମହାନ୍ତି)**

# ଆକ୍ରମଣକାରୀଙ୍କୁ ଏନ୍‌କାଉଣ୍ଟର

## କୁରାଢ଼ିରେ କନଷ୍ଟେବଲଙ୍କ ପାପୁଲି କାଟି ଦେଇଥିଲେ

**ଏକ ପାରିବାରିକ କଳହର ସମାଧାନ ପାଇଁ ପୋଲିସ ଗାଁକୁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଥିଲା। ଅଭିଯୁକ୍ତ ଏକ କୁରାଢ଼ିରେ ଜଣେ କନଷ୍ଟେବଲଙ୍କ ପାପୁଲି କାଟି ଫେରାର ହୋଇଯାଇଥିଲେ। ସେ ଜଙ୍ଗଲରେ ଲୁଚିଥିବା ଜାଣିବା ପରେ ପୋଲିସ ତାଙ୍କୁ ଏନ୍‌କାଉଣ୍ଟର କରିଛି। ଏନ୍‌କାଉଣ୍ଟର ବେଳେ ଅଭିଯୁକ୍ତ ଜଣେ ଏସ୍‌ଆଇଙ୍କୁ ମଧ ଧାରୁଆ ଅସ୍ତ୍ରରେ ହାଣିଦେଇଛନ୍ତି।**

**ସମ୍ବଲପୁର,୧୦।୧୦**
**(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ବୁର୍ଲା ଥାନା କନଷ୍ଟେବଲ ସରୋଜ କୁମାର ଭୋଇଙ୍କୁ ଆକ୍ରମଣ କରି ପାପୁଲି ଛିଣ୍ଡାଇ ଦେଇଥିବା ଅଭିଯୁକ୍ତ କମଲୁ ପ୍ରଧାନ ଗୁରୁବାର ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ହୋଇଛନ୍ତି। ଅପରପକ୍ଷରେ କମଲୁଙ୍କ ପ୍ରତିଆକ୍ରମଣରେ ଏସ୍‌ଆଇ ଦେବାଶିଷ ଖିଲାର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଉଭୟେ ବିପଦମୁକ୍ତ ଥିବା ପୋଲିସ କହିଛି।

ଗତ ଅକ୍ଟୋବର ୪ ତାରିଖରେ ବୁର୍ଲା ଥାନା ଅନ୍ତର୍ଗତ ଝରାପାଲି ଗ୍ରାମରେ ଏକ



ପୋଲିସ ଏନ୍‌କାଉଣ୍ଟରରେ ଆହତ କମଲୁ ପ୍ରଧାନ।

ପାରିବାରିକ କଳହର ସମାଧାନ ପାଇଁ କନଷ୍ଟେବଲ ସରୋଜ କୁମାର ଭୋଇ ସେଠାକୁ ଯାଇଥିଲେ। ସମାଧାନ ପାଇଁ ଉଦ୍ୟମ କରୁଥିବା ବେଳେ କ୍ରୋଧିତ ହୋଇ କମଲୁ ଏକ କୁରାଢ଼ିରେ କନଷ୍ଟେବଲ ଭୋଇଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତ ପାପୁଲି କଟି ଯାଇଥିଲା। ବର୍ତ୍ତମାନ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିଦିନଠାରୁ କମଲୁ ଫେରାର ଥିଲେ। ବୁର୍ଲା ଥାନାରେ ଏକ ମାମଲା(ନଂ.୪୮୨/୨୪)ରୁଜୁ କରି ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ତେବେ ସେ ଆମସଢ଼ା କଁଟାପାଲି ଜଙ୍ଗଲରେ ଲୁଚି ରହିଥିବା ସମ୍ପର୍କରେ କୌଣସି ବିଶ୍ୱସ୍ତ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ଗୁରୁବାର ସକାଳେ ବୁର୍ଲା ଥାନା ଆଇଆଇସି ଅନୀଲ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଦଳ କମଲୁଙ୍କୁ ଧରିବା ପାଇଁ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲା। ଜଙ୍ଗଲରେ ଲୁଚି ରହିଥିବା କମଲୁ ପୋଲିସ ସହ ମୁହାଁମୁହିଁ ହେବାରୁ ଏକ ଧାରୁଆ ଅସ୍ତ୍ରରେ ଏସ୍‌ଆଇ ଦେବାଶିଷ ଖିଲାରଙ୍କୁ ଆକ୍ରମଣ କରି ପୁଣି ଜଙ୍ଗଲ ଭିତରେ ଲୁଚି ଯାଇଥିଲେ। ଚାରିପଟୁ ଘେରି ରହିଥିବା ପୋଲିସ ତାଙ୍କୁ ଆତ୍ମସମର୍ପଣ କରିବା ପାଇଁ ବାରମ୍ବାର ଆହ୍ୱାନ ଦେଇଥିଲା। ମାତ୍ର ସେ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଫଳରେ ପୋଲିସ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେଶନକୁ ଜୋରଦାର କରିଥିଲା। ଦେଖିଲା ମାତ୍ରେ ତାଙ୍କ ଉପରକୁ ପୋଲିସ ଗୁଳି ଚାଳନା କରିଥିଲା। ଗୋଟିଏ ଗୁଳି ତାଙ୍କ ଗୋଡରେ ବାଜିବାରୁ ସେ ସେହିଠାରେ ହିଁ ପଡ଼ିଯାଇଥିଲେ। ପରେ ଅଭିଯୁକ୍ତ କମଲୁ ଓ ଏସ୍‌ଆଇ ଖିଲାରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭିମ୍‌ସାରରେ ଭର୍ତ୍ତି କରାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରିଶ୍ ଚନ୍ଦ୍ର ପାଣ୍ଡେ କହିଛନ୍ତି।

## ଦକ୍ଷିଣ କୋରିଆ ଲେଖିକା ହାନ୍ କାଙ୍ଗଙ୍କୁ ସାହିତ୍ୟରେ ନୋବେଲ



**ଷ୍ଟକ୍‌ହୋମ୍,୧୦।୧୦**

ଦକ୍ଷିଣ କୋରିଆ ଲେଖିକା ହାନ୍ କାଙ୍ଗ୍‌ଙ୍କୁ ଚଳିତ ବର୍ଷ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ ନିମନ୍ତେ ଗୁରୁବାର ମନୋନୀତ କରାଯାଇଛି। ତାଙ୍କ ରଚିତ କାବ୍ୟାତ୍ମକ ଗଦ୍ୟ ଐତିହାସିକ ଆଘାତର ସାମ୍ନା କରିବା ସହ ମାନବ ଜୀବନର ଭଙ୍ଗୁରତାକୁ ପଦାରେ ପକାଇଥାଏ ବୋଲି ନୋବେଲ କମିଟି କହିଛି। ସୁଇଡିସ୍ ଏକାଡେମୀର ନୋବେଲ କମିଟି ☞ପୃଷ୍ଠା–୪

### ଶାରଦୀୟ ଅଭିନନ୍ଦନ

**ଆଜି ମହାଷ୍ଟମୀ:** ଏହି ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଏବଂ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଆଜିର ସମ୍ପାଦକୀୟ

**ମଧ୍ୟପ୍ରାଚ୍ୟର ଲଢୁଆ ଦେଶ**



ଲାଲ୍‌ଚନ୍ଦ୍ ପ୍ରତିଶ୍ରୁତି ✓ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ✓ସର୍ବନିମ୍ନ ଗଢ଼ାମୂଲ୍ୟ ✓ଆଜୀବନ ରକ୍ଷଣାବେକ୍ଷଣ ✓ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ✓ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍
ଭୁବନେଶ୍ୱର ରଘୁନାଥପୁର ☏୦୬୭୪-୨୫୬୯୧୫୯/୧୬୦/୧୬୧ | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ ☏୦୬୭୪-୨୬୩୪୦୧୬/୧୭/୧୮ | ବ୍ରହ୍ମପୁର ଧର୍ମ ନଗର ☏୦୬୮୦-୨୨୨୯୪୦୧/୦୨/୦୪ | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ☏୦୬୭୧-୨୩୦୨୫୦୫/୩୫୦୫/୪୫୦୫ | କଟକ ସିଡିଏ ସେକ୍ଟର–୬ ☏୦୬୭୧-୨୫୦୩୩୭୧/୭୨/୭୩ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର ☏୦୧୧-୪୫୭୬୯୫୬୪
ଭୁଲନ୍ତୁ ନାହିଁ: ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ।

## ପଶ୍ଚିମ ଓଡ଼ିଶାର ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।


ବରଗଡ଼ ନାୟକପଡ଼ାରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଚାଲିଛି ।


ବରଗଡ଼ ନିଗମାନନ୍ଦ ବିହାରରେ ମା' ଦୁର୍ଗା ।


କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଦୁର୍ଗା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି ।


କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଶିଡ଼ା ଦୁର୍ଗା ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା ।


ବଲାଙ୍ଗୀର ଜିଲା ଲାଠୋର ପୂଜା ମଣ୍ଡପରେ ମା' ଜଗଜ୍ଜନନୀ ।


ରାଉରକେଲା କୋଅପରେଟିଭ୍ କଲୋନିରେ ମା'ଙ୍କ ପୂଜା ।


ରାଉରକେଲା ଛେଣ୍ଡ ଭିଏସ୍ଏସ୍ ମାର୍କେଟ ପୂଜା ମଣ୍ଡପ ।


ସୁନ୍ଦରଗଡ଼ ଜିଲା ହେମଗିରରେ ସାର୍ବଜନୀନ ମା' ଦୁର୍ଗାଙ୍କ ପୂଜା ।


ବଲାଙ୍ଗୀର ଠିକାଦାରପଡା ଦୁର୍ଗାପୂଜା ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା ।


ସମ୍ବଲପୁର ବୁଢ଼ାରଜା ମଣ୍ଡପରେ ଦେବୀ ଦୁର୍ଗା ।


ସମ୍ବଲପୁର ଜେଲଛକ ପୂଜା ମଣ୍ଡପରେ ମା' ଦୁର୍ଗା ।


ସମ୍ବଲପୁର ଜିଲା ସ୍କୁଲ ଛକ ପୂଜା ମଣ୍ଡପରେ ପୂଜା ପାଉଥିବା ମା' ।


ବଲାଙ୍ଗୀର ପ୍ୟାଲେସ ଲାଇନ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ।


ସୁବର୍ଣ୍ଣପୁର ସହର ଥନାପତିପଡ଼ା ନବରାତ୍ର ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଦୁର୍ଗାପୂଜାରେ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।


ବୌଦ୍ଧର ପୁରୁଣାକଟକ ଭୈରବୀ କ୍ଲବ ପକ୍ଷରୁ ହୋଇଥିବା ଦୁର୍ଗା ମେଢ଼ ।


ବଲାଙ୍ଗୀର ଜିଲା ଲୋଇସିଂହାର ବୁର୍ଡା ପୂଜାମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ।


ରାଉରକେଲା ସେକ୍ଟର ୧୫ସ୍ଥିତ ମଣ୍ଡପରେ ପୂଜା ପାଉଥିବା ମା' ।


ସମ୍ବଲପୁର ଝାଡୁଆପଡା ମଣ୍ଡପରେ ମା' ଦୁର୍ଗା ।


ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପଦ୍ମପୁରରେ ଦୁର୍ଗା ପୂଜା ।


ସୁନ୍ଦରଗଡ଼ ସହର ଦୟାଧର୍ମଶାଳାରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ।




# ଇ-କେୱାଇସି ପରେ ମିଳିବ ନୂଆ ରାଶନ କାର୍ଡ

## ମାଗଣା ଚାଉଳ ଅବଧି ବଢ଼ାଇବେ ରାଜ୍ୟ ସରକାର
## ଲଟକିଛି ରାଶନ କୋଟା ପ୍ରସ୍ତାବ

ଭୁବନେଶ୍ୱର,୧୦।୧୦(ଅନିଲ ଦାସ)

କେନ୍ଦ୍ର ସରକାର ମାଗଣା ଚାଉଳ ଯୋଗାଣ ଅବଧି ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୨୦୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାର ଗରିବଙ୍କୁ ମାଗଣାରେ ଭିଟାମିନ୍‌ଯୁକ୍ତ ଚାଉଳ ଯୋଗାଇ ଦେବେ। ରାଜ୍ୟ ସରକାର ଖୁବ୍‌ଶୀଘ୍ର ନିଜସ୍ୱ ଯୋଜନାରେ ମଧ୍ୟ ସେହି ଅନୁପାତରେ ମାଗଣାରେ ଚାଉଳ ଯୋଗାଣ ଅବଧି ବୃଦ୍ଧି କରିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ରାଶନ କାର୍ଡର ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏବେ ସୁଦ୍ଧା ପାଖାପାଖି ୨ କୋଟି ୩୦ ଲକ୍ଷ ଇ-କେୱାଇସି ସଂଯୋଗ କରାଯାଇଛି। ଆହୁରି ପ୍ରାୟ ୧କୋଟି ଲୋକଙ୍କର ଇ-କେୱାଇସି ଅପ୍‌ଡେଟ ବାକି ରହିଛି। ଆସନ୍ତା ୧୫ରୁ ୨୦ ଦିନ ଭିତରେ ଏହି ପ୍ରକ୍ରିୟା ଶେଷ ହୋଇଯିବ। ଏହାପରେ ନୂଆ ରାଶନ କାର୍ଡ ବଣ୍ଟନ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ନୂତନ ରାଶନକାର୍ଡ ପାଇବାକୁ ଅପେକ୍ଷା କରି ରହିଛନ୍ତି। ଦୀର୍ଘଦିନ ଧରି ଆବେଦନ କରିଥିଲେ ମଧ୍ୟ କେବେ ସୁଦ୍ଧା ନୂଆ କାର୍ଡ ମିଳିବ ସେନେଇ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇ ନାହିଁ। ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩ କୋଟି ୨୬ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୦ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଛି। ପ୍ରାୟ ୧୬ ଲକ୍ଷ ଭୂତ ରାଶନକାର୍ଡ ଚିହ୍ନଟ ହୋଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିରୁ ନୂଆକରି ଆବେଦନ କରିଥିବା ପରିବାରଗୁଡ଼ିକୁ ଦିଆଯିବ। ତେବେ ଯେଉଁ ପ୍ରବାସୀ ଶ୍ରମିକମାନେ ରାଶନକାର୍ଡ ପାଇ ନାହାନ୍ତି ସେମାନଙ୍କୁ ପ୍ରଥମେ ଦେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୩ ଲକ୍ଷ ଶ୍ରମିକ ରାଶନକାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି। ସେମାନଙ୍କୁ ପ୍ରଥମେ ରାଶନକାର୍ଡ ପ୍ରଦାନ କରାଯିବ। ଯାହା ବଳକା ହେବ ସେଥିରୁ ନୂତନ ଆବେଦନକାରୀଙ୍କୁ ଦିଆଯିବ।

ଅନ୍ୟପକ୍ଷରେ ରାଶନକାର୍ଡ ହିତାଧିକାରୀଙ୍କ ସଂଖ୍ୟା ବଢୁଥିବା ବେଳେ ରାଜ୍ୟ କୋଟା ବଢ଼ାଇବାକୁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ବହୁବାର ଅନୁରୋଧ କରିଛନ୍ତି। ତେବେ ଏହି ପ୍ରସ୍ତାବକୁ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସବୁଜ ସଙ୍କେତ ମିଳି ନାହିଁ। ନୂଆ ଆବେଦନକାରୀଙ୍କ ସଂଖ୍ୟା ବଢୁଥିବାରୁ ରାଜ୍ୟ ସରକାରଙ୍କ ମଧ୍ୟ ଚିନ୍ତା ବଢ଼ିଯାଇଛି।

# କେଆର୍ ରେଳପଥ ଟନେଲରେ ଖସିଲା ପଥର

## ୪ ଘଣ୍ଟା ରେଳ ଚଳାଚଳ ବନ୍ଦ

କୋରାପୁଟ/ଲକ୍ଷ୍ମୀପୁର,୧୦।୧୦
(ଅମିତାଭ ବେହେରା/ଅନନ୍ତ ପ୍ରସାଦ ନାୟକ)

କୋରାପୁଟଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା କେଆର୍ ଲାଇନର ୩ ନମ୍ବର ଟନେଲ ଭିତରେ ଏକ ପଥର ଖସି ଓଭର ହେଡେଡ୍ ଇକ୍ୟୁପମେଣ୍ଟ ତାର ଉପରେ ପଡ଼ିବାରୁ ପ୍ରାୟ ୪ ଘଣ୍ଟା ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ରେଳ ବିଭାଗ କର୍ମଚାରୀ ଟନେଲ ଭିତରେ ପଶି ପଥରକୁ ବାହାର କରିବା ସହ ତାର ସଜାଡ଼ିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାନୁଯାୟୀ, ରାତ୍ର ପ୍ରାୟ ୩ଟା ୩୦ ମିନିଟ୍‌ରେ କେଆର୍ ରେଳପଥର କାକିରିଗୁମ୍ମା-ଲକ୍ଷ୍ମୀପୁର ଷ୍ଟେଶନ ମଧ୍ୟରେ ଥିବା ୩ ନଂ. ଟନେଲରେ ୫୮ କି.ମି. ପଏଣ୍ଟରେ ହଠାତ୍ ରେଳଧାରଣା ଉପରେ ପଥର ଖସିପଡ଼ିଥିଲା। ଏଥିରେ ଓଭର ହେଡେଡ୍ ଇକ୍ୟୁପ୍‌ମେଣ୍ଟ ତାର ଛିଣ୍ଡିଯିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ସକାଳ ୮ଟା ପର୍ଯ୍ୟନ୍ତ ରେଳ ଚଳାଚଳ ଠପ୍ ହୋଇପଡ଼ିଥିଲା। କୋରାପୁଟରୁ ବିଶେଷଜ୍ଞଙ୍କ ସହ ଉଦ୍ଧାକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ରେଳପଥରୁ ପଥର ହଟାଇବା ସହ ଓଭର ହେଡେଡ୍ ଇକ୍ୟୁପମେଣ୍ଟ ମରାମତି କରି ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସଜାଡ଼ିଥିଲେ। ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। କୋରାପୁଟ ଅଭିମୁଖେ ଯାଉଥିବା ରାଉରକେଲା ଟ୍ରେନ ଲକ୍ଷ୍ମୀପୁରରେ ଅଟକି ରହିଥିଲା। ହୀରାଖଣ୍ଡ ଏକ୍ସପ୍ରେସ୍ ୨ଘଣ୍ଟା ବିଳମ୍ବରେ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିଥିଲା। ରେଳ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁ ରେଳ ଚଳାଚଳ ସ୍ୱାଭାବିକ ହୋଇପାରିଲା। ହେଲେ ଟନେଲ ମଧ୍ୟରେ ପଥର କିଭଳି ଖସିଲା ତା'ର କାରଣ ଯାଞ୍ଚ କରାଯାଉଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।



ରେଳଧାରଣାରେ ମରାମତି କାମ ଚାଲିଛି।

# ପୁଣି କୂଅରେ ପଡ଼ିଲା ଦନ୍ତାହାତୀ



ଜେସିବି ସାହାଯ୍ୟରେ ହାତୀଟିକୁ ଉଦ୍ଧାର କରାଯାଉଛି।

ଭବାନୀପାଟଣା/ନର୍ଲା,୧୦।୧୦(ଉତ୍ତମ କୁମାର ଦାଶ/ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ରେଞ୍ଜ ଜାମପଡ଼ା ଗାଁ ନିକଟ ଏକ ପରିତ୍ୟକ୍ତ କୂଅରେ ବୁଧବାର ରାତିରେ ଏକ ଦନ୍ତାହାତୀ ପଡିଯାଇଥିଲା। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଏହା ଦେଖିବା ପରେ ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ୫ଫୁଟ ଗଭୀର ପରିତ୍ୟକ୍ତ କୂଅରେ ହାତୀଟି ପଡି ଥିବାରୁ ବାହାରକୁ ବାହାରିପାରି ନ ଥିଲା। ଫଳରେ ଦୀର୍ଘସମୟ ଧରି ହାତୀଟି ସଂଘର୍ଷ କରୁଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ହାତୀଟିକୁ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୩୦ ତାରିଖରେ ଜିଲାର କେସିଙ୍ଗା ବନ ବିଭାଗ ରେଞ୍ଜ ଅଧୀନ ସୌରାପଦର ଗ୍ରାମ ନିକଟ କାଜୁବଗିଚା ପରିସରରେ ଥିବା କୂଅରେ ଏକ ବଣୁଆ ହାତୀ ପଡିଯାଇଥିଲା। ବନ କର୍ମଚାରୀ ଦୀର୍ଘ ସମୟ ପରିଶ୍ରମ କରି ହାତୀଟିକୁ ବାହାର କରିଥିଲେ।

# ଆଡ୍‌ମିଟ୍ କାର୍ଡକୁ ଡଙ୍ଗା କରି ଭସାଇଲେ

## ଆର୍‌ଆଇ, ଏଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷାରେ ଅନିୟମିତତାର ପ୍ରତିବାଦ

କଟକ,୧୦।୧୦ (କାର୍ତ୍ତିକ ସାହୁ)

ଆର୍‌ଆଇ, ଏଆର୍‌ଆଇ ଓ ଅମିନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କରପସନ୍ ସଙ୍ଗଠନ ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ଆଡ୍‌ମିଟ୍ କାର୍ଡରେ ଡଙ୍ଗା ତିଆରି କରି କାଠଯୋଡ଼ି ନଦୀରେ ଗୁରୁବାର ଭସାଇଛନ୍ତି। ଅଯୋଗ୍ୟ ସଂସ୍ଥାକୁ ଅନ୍‌ଲାଇନ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯିବା ନେଇ ପରୀକ୍ଷାର୍ଥୀମାନେ ବୁଧବାର ଭୁବନେଶ୍ୱରରେ ଆଡ୍‌ମିଟ୍ କାର୍ଡ ପୋଡ଼ି ପ୍ରତିବାଦ କରିଥିଲେ। ସେହିପରି ସମାନ ଅଭିଯୋଗରେ ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କରପସନ୍ ସଙ୍ଗଠନ ପକ୍ଷରୁ ଗତ ସପ୍ତାହରେ ଶୋଭାଯାତ୍ରାରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟ ସରକାର ଏହି ପରୀକ୍ଷାକୁ ତୁରନ୍ତ ବାତିଲ କରିବା ପାଇଁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଟକ ଜିଲାପାଳଙ୍କୁ ଗୁରୁବାର ପ୍ରଦାନ କରାଯାଇଥିଲା।

ସୂଚନାନୁସାରେ, ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ ଓ ଅମିନ ନିଯୁକ୍ତି ପରୀକ୍ଷା ଅନ୍‌ଲାଇନ ଜରିଆରେ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ରାଜ୍ୟରେ ବିଭିନ୍ନ ପର୍ଯ୍ୟାୟରେ ହୋଇଥିବା ଏହି ପରୀକ୍ଷା ପରିଚାଳନା ନିମନ୍ତେ ସରକାର ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି। ପରୀକ୍ଷା ପରିଚାଳନା ନିମନ୍ତେ ସର୍ବନିମ୍ନ ବ୍ୟବସ୍ଥା ନ ଥାଇ ବି ଯେଉଁଠିସେଇଠି ପରୀକ୍ଷା କେନ୍ଦ୍ର କରାଯାଇଛି। ବୌଦ୍ଧରେ ନକଲି ପରୀକ୍ଷା କେନ୍ଦ୍ର ମାଲିକ ଗିରଫ ହୋଇଥିବାବେଳେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କେନ୍ଦ୍ରରେ ପରୀକ୍ଷା ପରିଚାଳନାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ତୃତୀୟ ସିଫ୍ଟରେ ଅପରାହ୍ନ ୩ଟା ୩୦ରୁ ୫ଟା ମଧ୍ୟରେ ପରୀକ୍ଷା ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲା। ରାଜ୍ୟର ସମସ୍ତ ପରୀକ୍ଷା କେନ୍ଦ୍ରରେ ତୃତୀୟ ସିଫ୍ଟରେ ସମାନ ପ୍ରଶ୍ନପତ୍ରରେ ପରୀକ୍ଷା ଆରମ୍ଭ ହୋଇ ୫ଟାରେ ସରିବା ପରେ ନୟାପଲ୍ଲୀ କେନ୍ଦ୍ରରେ ୫ଟା ୩୦ରେ ସେହି ସମାନ ପ୍ରଶ୍ନପତ୍ରରେ ପରୀକ୍ଷା ହେବାକୁ ନେଇ ପରୀକ୍ଷାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ସଙ୍ଗଠନ ପକ୍ଷରୁ ବିଭୂତି ଭୂଷଣ ମହାପାତ୍ର, ରାଜେନ୍ଦ୍ର ନାୟକ, ଭଞ୍ଜ କିଶୋର ନାୟକ, ବିଶ୍ୱରଞ୍ଜନ ଦାଶ, ସ୍ୱରାଜ ପ୍ରୀତମ୍ ଦାସ ଓ କେଦାର ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ପରୀକ୍ଷାର୍ଥୀ ଏଥିରେ ସାମିଲ ହୋଇଥିଲେ।



ପରୀକ୍ଷାର୍ଥୀମାନେ ଆଡ୍‌ମିଟ୍ କାର୍ଡକୁ ଡଙ୍ଗା କରି କାଠଯୋଡି ନଦୀରେ ଭସାଉଛନ୍ତି।

# ପାରିବାରିକ କଳହରୁ ସ୍ୱାମୀ, ସ୍ତ୍ରୀଙ୍କ ଆତ୍ମହତ୍ୟା

ଜୟପୁର,୧୦।୧୦
(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣିପୁଟରେ ଏକ ଅଭାବନୀୟ ଘଟଣା ଘଟିଛି। ବାମୁଣିପୁଟ ଗ୍ରାମର ସୁମନ ସୌରା ଗୁରୁବାର ସକାଳେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଏହା ଦେଖି ସ୍ତ୍ରୀ ସୁମିତ୍ରା ସୌରା ମଧ୍ୟ ଓଢ଼ଣି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ ସୁମନ ଓ ସୁମିତ୍ରା ରାତିରେ ଗୋଟିଏ କୋଠରିରେ ରହିଥିଲେ। ସକାଳେ ସେମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୁମନ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଏହା ଦେଖି ସ୍ତ୍ରୀ ମଧ୍ୟ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ଜୟପୁର ସଦର ପୋଲିସ ସୂଚନା ପାଇଥିଲା। ଜୟପୁର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପହଞ୍ଚି ତଦନ୍ତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତଦନ୍ତ କରୁଥିବା ବେଳେ ପୋଲିସ ଉଭୟଙ୍କ ମୃତଦେହ ଜବତକରି ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରକ କଳହ ଯୋଗୁ ଏପରି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଆଡ୍‌ମିଟ କାର୍ଡ ଜାଳିଦେଲେ ପରୀକ୍ଷାର୍ଥୀ



ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଆର୍‌ଆଇ, ଅମିନ ପରୀକ୍ଷା ବାତିଲ ଦାବି

ବ୍ରହ୍ମପୁର,୧୦।୧୦
(ସ୍ୱାଧୀନ ଶେଖର ପାଢ଼ୀ)

ଆରଆଇ, ଅମିନ, ଅଙ୍ଗନୱାଡି ସୁପରଭାଇଜର ପରୀକ୍ଷା ବାତିଲ କରି ପୁଣି ପରୀକ୍ଷା ଦାବି ନେଇ ଗୁରୁବାର ବ୍ରହ୍ମପୁର ଟାଉନ ହଲ ସମ୍ମୁଖରେ କେତେଜଣ ପରୀକ୍ଷାର୍ଥୀ ସେମାନଙ୍କ ଆଡ୍‌ମିଟ କାର୍ଡକୁ ଜାଳି ଦେଇଛନ୍ତି। ଓଏସ୍‌ଏସ୍‌ସି ଅଧୀନରେ ସେପ୍ଟେମ୍ବର ୨୦ ତାରିଖରୁ ଆର୍‌ଆଇ,ଏଆର୍‌ଆଇ, ଅମିନ ଓ ଅଙ୍ଗନୱାଡି ସୁପରଭାଇଜର ପଦବୀ ପାଇଁ ପ୍ରିଲିମିନାରୀ ପରୀକ୍ଷା ଆରମ୍ଭ ହୋଇ ଗତ ୮ ତାରିଖରେ ସରିଥିଲା। ହେଲେ ରାଜ୍ୟସାରା ଏହି ପରୀକ୍ଷାରେ ବହୁ ଅନିୟମିତତା ହୋଇଥିବା ପରୀକ୍ଷାର୍ଥୀମାନେ କହିଛନ୍ତି। ପରୀକ୍ଷାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଏହି ପରୀକ୍ଷାକୁ ପରିଚାଳନା ପାଇଁ ସରକାରଙ୍କ ତରଫରୁ କଳା ତାଲିକାଭୁକ୍ତ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ବୋଲି ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ଗୁରୁବାର ଆଡ୍‌ମିଟ କାର୍ଡ ପୋଡିଥିବା ପରୀକ୍ଷାର୍ଥୀ ରଞ୍ଜନ ସେଠୀ ଚଳିତବର୍ଷ ଉକ୍ତ ପରୀକ୍ଷାକୁ ବାତିଲ କରାଯାଉ, ଅନ୍‌ଲାଇନ ବଦଳରେ ଅଫ୍ ଲାଇନ ପରୀକ୍ଷା ପରିଚାଳନା ହେଉ ବୋଲି କହିଛନ୍ତି। ଅନ୍‌ଲାଇନ ପରୀକ୍ଷା ଦ୍ୱାରା ଠିକା ନେଇଥିବା ସଂସ୍ଥାର ବୈଷୟିକ ତ୍ରୁଟିଯୋଗୁ ପରୀକ୍ଷାର୍ଥୀ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ସେହିପରି ପରୀକ୍ଷାକୁ ସ୍ୱଚ୍ଛତା ପାଇଁ କୌଣସି କେନ୍ଦ୍ରୀୟବଳକୁ ନିଯୁକ୍ତ କରାଯାଉ। ଫଳରେ ଏହାର ସ୍ୱଚ୍ଛତା ବଜାୟ ରହିବା ସହ ପ୍ରକୃତ ପରୀକ୍ଷାର୍ଥୀ ଉପକୃତ ହେବେ। ସାରା ରାଜ୍ୟରେ ଏଭଳି ପରୀକ୍ଷା ବାତିଲ ପାଇଁ ଦାବି ହେଉଛି। ଏନେଇ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି। ଆଗାମୀ ଦିନରେ ଏହାର ତ୍ୱରିତ ସମାଧାନ ନ ହେଲେ ବିକ୍ଷୋଭ ଓ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପରୀକ୍ଷାର୍ଥୀମାନେ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାର୍ବଜନୀନ ୪୮ତମ ହରପାର୍ବତୀ ପୂଜା, ସ୍ଥାନ: ବଡ଼ଗଡ଼, ସମୟ: ପ୍ରାତଃ ୪ଟା ୫୧ ।
- ପଳାଶୁଣୀ ଦୁର୍ଗାପୂଜା ସମିତି ପକ୍ଷରୁ ମହାଷ୍ଟମୀ, ସ୍ଥାନ: ପଳାଶୁଣୀ, ସମୟ: ପ୍ରାତଃ ୫ଟା ୪୫ । ମେଲୋଡି କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା ।
- ସଂଘ ଶ୍ରୀ କ୍ଲବ ଦୁର୍ଗା ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ଲକ୍ଷ୍ମୀସାଗର କଲୋନୀ, କଟକ ରୋଡ଼, ସମୟ: ସକାଳ ୬ଟା ୨୫ ।
- ଶାରଦୀୟ ନବରାତ୍ର, ସ୍ଥାନ: ଭିଏସ୍ଏସ୍ ନଗର, ତାରିଣୀ ପୀଠ, ପୋଷ୍ଟାଲ କଲୋନୀ, ସମୟ: ସକାଳ ୭ଟା ।
- ଗଙ୍ଗନଗର ଯୁବ ପରିଷଦ ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: ପରିଷଦ ଦୁର୍ଗା ମଣ୍ଡପ, ୟୁନିଟ୍-୬, ସମୟ: ସକାଳ ୭ଟା ୧୨ ।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ ଛକରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମୟ: ସକାଳ ୮ଟା । ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମୟ: ସକାଳ ୮ଟା ୩୦ । ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ମା'ଙ୍କ ମଣ୍ଡପରେ ମହାଷ୍ଟମୀ ପୂଜା, ସ୍ଥାନ: ଭିଏସ୍ଏସ୍ ନଗର, ସମୟ: ସକାଳ ୮ଟା ।
- ପୁରୁଣା ଷ୍ଟେଶନ ବଜାର ପକ୍ଷରୁ ମଣ୍ଡପରେ ମହାଷ୍ଟମୀ, ସ୍ଥାନ: ପୁରୁଣା ଷ୍ଟେଶନ ବଜାର, ସମୟ: ସକାଳ ୯ଟା ।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: ଝାରପଡ଼ା, ସମୟ: ସକାଳ ୯ଟା ୩୬ । ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା ।
- ଭାରତ ରକ୍ଷା ମଞ୍ଚ ପକ୍ଷରୁ ସନାତନ ସଂସ୍କୃତି ରକ୍ଷା ଶୋଭାଯାତ୍ରା, ସ୍ଥାନ: ଓଡ଼ିଶା ପ୍ରଦେଶ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ୬ଷ୍ଠ ଗୁରୁ ଗୋପୀକୃଷ୍ଣ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡଳ, ସମୟ: ସନ୍ଧ୍ୟା ୬ଟା ୩୦ ।
- ନବରାତ୍ରି ସେଲିବ୍ରେଶନ 'ରଙ୍ଗିଲୋ ରାସ', ସ୍ଥାନ: କ୍ରିଷ୍ଟାଲ କ୍ରାଉନ, ସମୟ: ସନ୍ଧ୍ୟା ୭ଟା ।
- ମା'ଙ୍କ ମହା ଅଷ୍ଟମୀ ଅବସରରେ ଭଜନ ସମାରୋହ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ସନ୍ଧ୍ୟା ୭ଟା ।
- ଦୁର୍ଗାପୂଜାର ଅଷ୍ଟମୀ ପୂଜା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ନହରକଣ୍ଟା ଦୁର୍ଗାପୂଜା ମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ।

## କଟକ

- ମା' କନକ ଦୁର୍ଗାଙ୍କ ପୀଠରେ ନବମୀ ପୂଜା, ସ୍ଥାନ: ଖୁଣ୍ଟୁଣୀ, ସମୟ: ସକାଳ ୭ଟା ।

## ଖୋର୍ଦ୍ଧା

- ଶ୍ରୀଦୁର୍ଗାମାଧବ ମଣ୍ଡପ ପୂଜା କମିଟି ମହାଷ୍ଟମୀ ପୂଜା, ସ୍ଥାନ: ପୁରୁଣା ଦମକଳ ଛକ, ଖୋର୍ଦ୍ଧା, ସମୟ: ସକାଳ ୭ଟା ୨୧ ।
- ମା'ଦୁର୍ଗା ବଣିକ ସଂଘ ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: କଣ୍ଟା ବଜାର ଛକ, ଖୋର୍ଦ୍ଧା, ସମୟ: ସକାଳ ୮ଟା ୫୦ ।
- ସାର୍ବଜନୀନ ପୂଜା କମିଟି ଇଗଲ କ୍ଲବ ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: ଖୋର୍ଦ୍ଧା, ସମୟ: ସକାଳ ୮ଟା ୫୦ ।
- ଖୋର୍ଦ୍ଧା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ମୃତିସଭା ଓ ଚାରାରୋପଣ, ସ୍ଥାନ: ଜାନକୀବଲ୍ଲଭ ଉଦ୍ୟାନ, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା ।
- ବଡ଼ିଜୋନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଷ୍ଟାର ନାଇଟ୍, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା ।
- ପଦ୍ମ ଚରଣ ରାୟଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଅବସରରେ ନାମ ସଂକୀର୍ତ୍ତନ, ସ୍ଥାନ: ବାଜପୁର ସ୍ଥିତ ବାସଭବନ,ଖୋର୍ଦ୍ଧା ସମୟ: ସନ୍ଧ୍ୟା ୭ଟା ।

## କନ୍ଧମାଳ

- ମା'ବରାଳଦେବୀଙ୍କ ପୀଠରେ ମହାନବମୀ ପୂଜା, ସ୍ଥାନ: ଖଜୁରୀପଡ଼ା ବ୍ଲକ ବଲସକୁମ୍ପା, ସମୟ: ସନ୍ଧ୍ୟା୬ଟାରୁ ଆରମ୍ଭ ।

## ବାଲେଶ୍ୱର

- ନବମାତୃକା ପୂଜା, ସ୍ଥାନ: କ୍ଷୀରଚୋରା ଗୋପୀନାଥ ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ।
- ସାର୍ବଜନୀନ ଦୁର୍ଗୋତ୍ସବ ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଗଡ଼ପଦା କନକଦୁର୍ଗା ମନ୍ଦିର, ରୂପସା, ସମୟ: ସନ୍ଧ୍ୟା ୭ଟା ।

## ଭଦ୍ରକ

- ମହାଷ୍ଟମୀ ପୂଜା, ସ୍ଥାନ: ପ୍ରାଚୀନଗର ଦୁର୍ଗାପୂଜା ମଣ୍ଡପ, ଭଦ୍ରକ, ସମୟ: ସକାଳ ୭ଟା ୩୦ ।
- ମହାଷ୍ଟମୀ ଉପବାସ ଓ ସାମୂହିକ ପୁଷ୍ପାଞ୍ଜଳି, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ସକାଳ ୮ଟା ।

## କେନ୍ଦୁଝର

- ମହାଷ୍ଟମୀ ପୂଜା, ସ୍ଥାନ: ରାସ ପୂଜା ପଡିଆ, କେନ୍ଦୁଝର, ସମୟ: ସକାଳ ୬ଟା୩୦ ।
- ମହାଷ୍ଟମୀ ପୂଜା ଓ ପ୍ରଦର୍ଶନୀ, ସ୍ଥାନ: ରିଜର୍ଭ ଲାଇନ ପଡିଆ, ସମୟ:ସକାଳ ୬ଟା ୩୦ ।
- ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୭ ଟା ।
- ଦେବୀ ମଣ୍ଡପରେ ମହାଷ୍ଟମୀ ପୂଜା, ସ୍ଥାନ: ଢେଙ୍କିକୋଟ, ସମୟ: ସକାଳ ୯ ଟା ।

## ମୟୂରଭଞ୍ଜ

- ଦେବୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଉଦଳା ହାଇସ୍କୁଲ ଛକ,କଚେରି ଓ ନାଗପାଳ ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୬ଟା ।
- ମହାନବମୀ ପୂଜା, ସ୍ଥାନ: ମା' ହିଙ୍ଗୁଳାଙ୍କ ପୀଠ, ସୁହାଗପୁର, କଉଡ଼ିଖଣି, ବଡ଼ସାହି ବ୍ଲକ, ସମୟ: ସକାଳ ୭ଟା ।
- ମା' କୀଚକେଶ୍ୱରୀଙ୍କ ପୀଠରେ ମହାନବମୀ ପୂଜା, ସ୍ଥାନ: ଖିଚିଂ, ସମୟ:ସକାଳ ୮ଟା ।
- ଭଜନ ସନ୍ଧ୍ୟା,ସ୍ଥାନ:ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି ବ୍ଲକ, ସମୟ: ସନ୍ଧ୍ୟା ୭ଟା ।
- ଛଉନୃତ୍ୟ,ସ୍ଥାନ: ତୁଳସୀ ଚଉରା, ବାରିପଦା,ସମୟ:ସନ୍ଧ୍ୟା ୭ଟା ।
- ଡିଭାଇନ୍ ଅର୍କେଷ୍ଟ୍ରା,ସ୍ଥାନ,ଚାନ୍ଦୁଆ, କୁଳିଅଣା ବ୍ଲକ, ସମୟ: ରାତି ୮ଟା ।

## ଢେଙ୍କାନାଳ

- ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ବାଜି ଚୌକ, ଢେଙ୍କାନାଳ, ସମୟ: ସକାଳ ୭ଟା ୧୫ ।
- ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ନୀଳକଣ୍ଠପୁର, ଭୁବନ, ସମୟ:ସକାଳ ୮ଟା୩୦ ।

## ଜଗତ୍‌ସିଂହପୁର

- ମାନସିକ ସ୍ୱାସ୍ଥ୍ୟ ଦିବସ ଓ ସାଇବର ଅପରାଧ ସମ୍ପର୍କରେ କର୍ମଶାଳା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୩ଟା ।

## କେନ୍ଦ୍ରାପଡ଼ା

- ମା'ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ:ଅଳପୁଆ ମଣ୍ଡପ, କେନ୍ଦ୍ରାପଡ଼ା, ସକାଳ ୮ଟା ।
- ମା'ଦୁର୍ଗାଙ୍କ ମହାନବମୀ ପୂଜା, ସ୍ଥାନ:ଇଚ୍ଛାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୮ଟା ।

## ଯାଜପୁର

- ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା୩୦ ।

## ନୟାଗଡ଼

- ଶାରଦୀୟ ଦୁର୍ଗାପୂଜା ଅବସରରେ ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାଅଷ୍ଟମୀ ଓ ଅର୍ଜୁନ ବିଜୟୀ ନାଗାର୍ଜୁନ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମର ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୬ରୁ ରାତି ୧୦ଟା ।
- ଗାୟତ୍ରୀ ପରିବାର ପକ୍ଷରୁ ନବରାତ୍ର ପୂଜା ପୂର୍ଣ୍ଣାହୁତି, ସ୍ଥାନ:ଗାୟତ୍ରୀ ପ୍ରଜ୍ଞାପୀଠ ଓଡ଼ଗାଁ, ସମୟ: ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ।
- ମହିଷାସୁରୀ ପୀଠରେ ତ୍ରିଦିନାତ୍ମକ ପୂଜାର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରସାଦର ଦରଦା, ସମୟ: ସକାଳ ୭ଟା ।
- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା'ବିମଳାଙ୍କ ନବଦିନାତ୍ମକ ପୂଜାର ଅନ୍ତିମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା ।
- ପାର୍ବଣ ଅବକାଶରେ ତ୍ରିଦିନାତ୍ମକ ପୂଜାର ୩ୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀ ପାଖ, କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, କଣ୍ଟିଲୋ ଶ୍ମଶାନ ଚଣ୍ଡୀ, କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା ଦକ୍ଷୀଣ ଚଣ୍ଡୀ, ସମୟ: ସକାଳ ୭ଟା ।
- ବିଶ୍ୱଶାନ୍ତି ମହାଯଜ୍ଞର ଚତୁର୍ଥ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ପାଣ୍ଡୁ ସାହୁ ପାଟଣା, ସମୟ: ପୂର୍ବାହ୍ନ ୧୦ଟା ।
- ବନମାଳିପୁର ଚାଲେଞ୍ଜ କ୍ରିକେଟର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶାରଦୀୟ ଦୁର୍ଗାପୂଜା, ସ୍ଥାନ:ଓଡ଼ଗାଁ ଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୨ରୁ ରାତି ୧୦ଟା ।
- ପାର୍ବଣ ଅବକାଶରେ ତ୍ରିଦିନାତ୍ମକ ପୂଜାର ଅନ୍ତିମ ଦିବସ, ସ୍ଥାନ: ନାରାୟଣୀ ପୀଠ ଭାପୁର ବ୍ଲକର ପଥର ଚକଡା, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ମାଁ ମଝିଘରିଆଣୀ ମନ୍ଦିରରେ ଅଷ୍ଟମୀ ପୂଜା, ସ୍ଥାନ: ଜେମା ଦେଇପେଣ୍ଠ ମଝି ଘରିଆଣି ମନ୍ଦିର, ସମୟ: ଅପରାହ୍ନ ୩ଟା ୪୫ ।

## ସମ୍ବଲପୁର

- ଶାରଦୀୟ ଦଶହରା ଉପଲକ୍ଷେ ପୀଠରେ ମହାନବମୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୫ଟା ।
- ମା' ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ଚଣ୍ଡୀପୂଜା ଓ ହୋମଯଜ୍ଞ, ସ୍ଥାନ: ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୯ଟା ।
- ସମଲେଇଙ୍କ ଆଖଡାର ନଗର ପରିକ୍ରମା, ସ୍ଥାନ: ସମଲେଶ୍ୱର ମନ୍ଦିର ଛକ, ସମୟ : ଅପରାହ୍ନ ୪ଟା ।
- ସମ୍ବଲପୁର ଆର୍ଚେରୀ ଆସୋସିଏଶନ ଆୟୋଜନରେ ରାଜ୍ୟ ସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାର ଉଦଯାପନୀ ସମାରୋହ, ସ୍ଥାନ: ଯୁଯୋମୁରା ହାଇସ୍କୁଲ ପଡିଆ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ବଲାଙ୍ଗୀର ରୁଗୁଡିପଡା ଦୁର୍ଗାପୂଜା ମଣ୍ଡପରେ ଅଷ୍ଟମୀ ତିଥିରେ ସନ୍ଧିପୂଜା, ସ୍ଥାନ: ରୁଗୁଡିପଡା ଦୁର୍ଗାପୂଜା,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୬ ।
- ଅଷ୍ଟମୀ ତିଥିରେ ସନ୍ଧିପୂଜା, ସ୍ଥାନ: ଟିକ୍ରାପଡା ଗାନ୍ଧୀ ପାଠାଗାର, ପିପି ଏକାଡେମୀ ଛକ ପୂଜାମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।

## ସୁବର୍ଣ୍ଣପୁର

- ନବମ ଦିବସୀୟ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ: ସକାଳ ୯ଟା ।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠ, ସ୍ଥାନ: କୋଟସମଲେଇ, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ମହାଷ୍ଟମୀ ପୂଜା, ସ୍ଥାନ: ବସ୍‌ଷ୍ଟାଣ୍ଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ଉଲୁଣ୍ଡା ଫୁଡାପାଟ ଦଶମୀ ଯାତ୍ରା ପାଇଁ ଛତର ଉଠା କାର୍ଯ୍ୟକ୍ରମ, ସ୍ଥାନ: ଗ୍ରାମ୍ୟ ସ୍ଥିତ ଦେବୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ରାବଣ ଦରବାରର ତୃତୀୟ ସନ୍ଧ୍ୟା, ସ୍ଥାନ: ରଥପୁର, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ ଟା ।
- ଦୁର୍ଗାପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ରାତି୮ଟା ।
- ରାବଣ ଦରବାରର ତୃତୀୟ ରଜନୀ, ସ୍ଥାନ: କର୍ଡପାଲ, ବୀରମହାରାଜପୁର ବ୍ଲକ, ସମୟ: ରାତି୮ଟା ।
- ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ନିକଟ ଶାରଦୀୟ ଦୁର୍ଗାପୂଜାର ମହାଅଷ୍ଟମୀରେ ସନ୍ଧି ପୂଜା, ସ୍ଥାନ: ବସ୍‌ଷ୍ଟାଣ୍ଡ ନିକଟ ପୁରୁଣା କରତକଲ, ସମୟ: ରାତି ୮ଟା ।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା ।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା ।
- ମାଁ ବାଟ ମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଲପାଲି, ଭଟଲି, ସମୟ: ସକାଳ ୬ଟା ।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା ।
- ସାର୍ବଜନୀନ ଦୁର୍ଗାପୂଜା, ସ୍ଥାନ: ଗାଇସିଲେଟ୍, ସମୟ: ସକାଳ ୭ଟା ।

## ରାଉରକେଲା

- ଗାୟତ୍ରୀ ପୀଠରେ ଅଷ୍ଟମୀ ଯଜ୍ଞ ଆହୂତି, ସ୍ଥାନ: ଗାୟତ୍ରୀ ଶକ୍ତିପୀଠ, ସେକ୍ଟର-୨, ସମୟ: ପ୍ରାତଃ ୫ଟା ୩୦ ।
- ମହାଷ୍ଟମୀ ପୂଜା, ସ୍ଥାନ: ସେକ୍ଟର-୨୦, ଡି ବ୍ଲକ, ସମୟ: ସକାଳ ୭ଟା ।
- ବିଭିନ୍ନ ମଣ୍ଡପରେ ମା'ଙ୍କ ଅଷ୍ଟମୀ ପୂଜା, ସ୍ଥାନ: ରାଉରକେଲା, ସମୟ: ସକାଳ ୭ଟା ।
- ମହାଷ୍ଟମୀ ପୂଜା, ସ୍ଥାନ: ସେକ୍ଟର-୧ (ପୁରୁଣା), ସମୟ: ସକାଳ ୮ଟା ୩୦ ।

## ଦେବଗଡ଼

- ମା'କନକ ଦୁର୍ଗା ମନ୍ଦିରରେ ନବରାତ୍ରର ନବମୀ ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା ।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ରର ନବମୀ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା ।
- ବାବୁ ସାହି, ଦୁର୍ଗାପୂଜା କମିଟି ପକ୍ଷରୁ ନବମୀ ପୂଜା ଆରମ୍ଭ, ସ୍ଥାନ: ବାବୁସାହି ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।
- ଖପର ସାହି ଦୁର୍ଗାପୂଜା କମିଟି ପକ୍ଷରୁ ନବମୀ ପୂଜା ଆରମ୍ଭ, ସ୍ଥାନ: ଖପର୍ ସାହି ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।
- ଶାସନ ସାହି ଦୁର୍ଗାପୂଜା କମିଟି ପକ୍ଷରୁ ନବମୀ ପୂଜା ଆରମ୍ଭ, ସ୍ଥାନ: ଶାସନ ସାହି ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।
- ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ନବମୀ ପୂଜା ଆରମ୍ଭ, ସ୍ଥାନ: ଡେଲି ମାର୍କେଟ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।
- ଅର୍ଣ୍ଣ ପ୍ରସାଦ ବଣ୍ଟନ, ସ୍ଥାନ: କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ଅପରାହ୍ନ ୧ଟା ।
- ଦଶହରା ଖେଳ ପ୍ରତିଯୋଗିତା, ସ୍ଥାନ: ତଳ ଭିତିରିଆ ସାହି, ଦେବଗଡ, ସମୟ: ଅପରାହ୍ନ ୪ଟା ।
- ଖିରି ବଣ୍ଟନ, ସ୍ଥାନ: କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## କଳାହାଣ୍ଡି

- ମା'ମାଣିକେଶ୍ୱରୀଙ୍କ ବିଶ୍ୱ ପ୍ରସିଦ୍ଧ ଛତର ଯାତ୍ରା, ସ୍ଥାନ: ଭବାନୀପାଟଣା ଜେନାଖାଲ, ସମୟ: ପ୍ରାତଃ ୫ଟା ୩୦ ।

## ନୂଆପଡ଼ା

- ମହାଆଳତି ଓ ମାତା ମହାଗୌରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଦୁର୍ଗା ମଣ୍ଡପ, ସକାଳ ୬ଟା ୩୦ ।
- ନବରାତ୍ର ଦୁର୍ଗାପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା ।
- ଦୁର୍ଗାପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତେଲିପଡ଼ା ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦ ।
- ଆମାନାରା ଗା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭଇଷମୁଣ୍ଡି ଗାଁ ଭଇଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୯ଟା ।
- ମହାଆଳତି ଓ ଡାଣ୍ଡିଆ ନୃତ୍ୟ, ସ୍ଥାନ: ବଦ୍ରିଧାମ ନୂଆପଡ଼ା, ସମୟ: ରାତି ୯ଟା ।
- ଦୁର୍ଗାପୂଜା ଉପଲକ୍ଷେ ନାଟକ ପରିପେଷଣ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ରାତି ୧୦ଟା ।

## ବୌଦ୍ଧ

- ସୁନ୍ଦରାକାଣ୍ଡ ପାରାୟଣ , ସ୍ଥାନ: ତେଡେଲେଙ୍ଗା, ବୌଦ୍ଧ ,ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସିଦ୍ଧ ତପୋ ସେବାବନ ଡମରଗାଡ (କଂକଲା) ବୌଦ୍ଧ, ସମୟ : ଅପରାହ୍ନ ୪ଟା ।
- ନବ ଦିନାତ୍ମକ ଉତ୍ସବ ଓ ପାରାୟଣ, ସ୍ଥାନ: ରାମଲୀଳା ଯାତ୍ରା ପଡିଆ, ଦୁର୍ଗାମନ୍ଦିର, ବୌଦ୍ଧ, ସମୟ : ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନବମ ଚନ୍ଦ୍ର ଯୋଗୁ ପ୍ରତ୍ୟେକ ଦିଗରୁ ମନ ଖୁସି ରହିବ ଏବଂ ଧର୍ମକାର୍ଯ୍ୟ କରିବେ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ । କଳକାରଖାନା, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ । ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ ।

**ବୃଷ** ପାପ ଗ୍ରହଯୁକ୍ତ ରବିଙ୍କ କୋଣସ୍ଥିତିରୁ ବନ୍ଧୁଙ୍କ ନିକଟରୁ ଯାହା ପାଉଛନ୍ତି ତାହାକୁ ଗ୍ରହଣ କରିନେବା ଭଲ । ରାହୁ ପ୍ରଭାବରେ ଦୂରଦର୍ଶିତା ଅଭାବରୁ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେବ । ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ । ସାଧାରଣ କଥାରେ ସହକର୍ମୀ କ୍ଷୁବ୍ଧ ହୋଇପାରନ୍ତି । ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି ।

**ମିଥୁନ** ରାଶିରେ ମଙ୍ଗଳ ଅବସ୍ଥାନ କରିଥିବାରୁ ଆତ୍ମୀୟମାନେ ବିରୁଦ୍ଧାଚରଣ କରିପାରନ୍ତି । କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ଲାଗି ଦୃଢ଼ ପଦକ୍ଷେପ ନେଲେ ଝମେଲା ବଢ଼ିଯାଇପାରେ । ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ଶିଳ୍ପ, ବାଣିଜ୍ୟ, ପରିବହନରେ ସଫଳତା ହାସଲ କରିପାରିବେ ।

**କର୍କଟ** ଷଷ୍ଠସ୍ଥ ଚନ୍ଦ୍ରଙ୍କ ଯୋଗୁ ପୂର୍ବରାଗ ଶୁଝାଇବାକୁ ଯାଇ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ । ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିବେ । ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଦୂର ହୋଇଯିବ । ସାମାଜିକ ସ୍ତରରେ ସମ୍ମାନ୍ ଲାଭକରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯିବ ।

**ସିଂହ** ବୁଧଯୁକ୍ତ ଶୁକ୍ର ହେତୁ ଆର୍ଥିକ ପରିସ୍ଥିତି ବଦଳିଯିବାରୁ ସମସ୍ୟା ସୃଷ୍ଟି ହୋଇପାରେ । ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟାକୁ ବୃଦ୍ଧି କରିବ । ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧହେବେ । କଳା, ସାହିତ୍ୟ, ସଙ୍ଗଠନ ଏବଂ ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ ।

**କନ୍ୟା** ରାଶି ପ୍ରତି ତୃତୀୟାଧିପତିଙ୍କ ଦୃଷ୍ଟିଜନିତ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ । ଆଜି ବୁଝିବିଚାରି କାମ ନ କଲେ ସମସ୍ୟାକୁ ଡାକିଆଣିବେ । ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୃଙ୍ଖଳା ଉପଦେଶ ଶୁଣି ବିରକ୍ତ ହେବେ । ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ଆଜି ସୁଦ୍ଧା ପାଇପାରି ନ ଥିବା ଜିନିଷଟି ପାଇ ଖୁସି ହେବେ ।

**ତୁଳା** କର୍ମାଧିପ ସ୍ୱଭାବରୁ ଷଷ୍ଠସ୍ଥ ହେତୁ କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି । ଦୀର୍ଘଦିନର ସମସ୍ୟା ସମାଧାନ ହୋଇଯିବ । ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ । ସାମାଜିକ ସ୍ତରରେ ଥିବା ସମସ୍ୟା ସମାଧାନ କରିବାରେ ସଫଳ ହେବେ ।

**ବିଛା** ମୁଖଭାବସ୍ଥ ଚନ୍ଦ୍ର ଯୋଗୁ ହସି ହସି କଥା କହି ସହଜରେ କାମ ହାସଲ କରିବେ । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ । କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ । ସାଙ୍ଗଠନିକ କାର୍ଯ୍ୟ, ସଭାସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ଧନୁ** ଅଷ୍ଟମାଧିପତି ରାଶିରେ ରହିଥିବାରୁ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବାକୁ ପଡ଼ିବ । କିଛି ଗୁପ୍ତକଥା, କଳାଧନ, କଚେରି ମାମଲା ଏବଂ ଘରୋଇ ଆଲୋଚନା ସମ୍ପର୍କରେ ଚିନ୍ତା କରିପାରନ୍ତି । ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାକୁ ପ୍ରୟତ୍ନ କରିପାରନ୍ତି । ପାରିବାରିକ ସମସ୍ୟା ସମାଧାନ କରିବେ କିନ୍ତୁ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ।

**ମକର** ଶନିଙ୍କ ପ୍ରଭାବରେ ଆପଣ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ । ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକିଥିବା କାମଟି ସହଜରେ କରିବେ ।

**କୁମ୍ଭ** ପାପଗ୍ରହ ଶନି ସ୍ୱଗୃହରେ ଥିବାରୁ ବିବାଦୀୟ ଘଟଣାରେ ବିଜୟଲାଭ ନିଶ୍ଚିତ । କିନ୍ତୁ କଠିନ ଶ୍ରମଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ ସମ୍ମାନ୍ନୀୟ ବ୍ୟକ୍ତିବିଶେଷ ସହାୟତା କରିବେ । ବନ୍ଧୁଙ୍କ ସହାୟତାରେ ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ମୀନ** ଆଜି କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରଣରୁ ମନ ହାଲୁକା ହୋଇଯିବ । ଗତକାଲି ରାତିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । ଆକସ୍ମିକ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ ।

ଆଜି ଅକ୍ଟୋବର ୧୧ ତାରିଖ, ବିଶ୍ୱ କନ୍ୟାସନ୍ତାନ ଦିବସ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜିରାଉତ ଶହୀଦ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ନବମୀ ଶୁକ୍ରବାର, ଶ୍ରୀମନ୍ଦିରରେ ମହାନବମୀ, ମଣ୍ଡପପୂଜା ବା ଫଳଥୁଆ, ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୧।୩୯ମି. ଗତେ ମକରଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୩ମି. ଗତେ ଘ.୦୬।୩୦ମି. ମଧ୍ୟେ, ଘ.୦୭।୧୬ମି. ଗତେ ଘ.୦୮।୩୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୦୫ମି. ଗତେ ଘ.୧୧।୩୩ମି. ମଧ୍ୟେ ରାହୁକାଳ ।

# ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ

ପାଟଣା,୧୦।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟରେ ଥିବା ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଫିଲ୍ଡ ଅଫିସର ୨ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଏ ନେଇ ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବଡ଼ ନୂଆଗାଁ ଗ୍ରାମର ସନ୍ତୋଷୀ ମୁଣ୍ଡା(୨୨) ଓ ବାଇଦବାଜା ଗ୍ରାମର ରାଇମଣି ମୁଣ୍ଡା(୨୩)ଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁଯାୟୀ, ସନ୍ତୋଷୀ ଓ ରାଇମଣି ୨ ବର୍ଷ ପୂର୍ବେ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥାରୁ ୩୫ ହଜାର ଟଙ୍କା ଲେଖାଏ ଋଣ ଆଣିଥିଲେ । ମାସକୁ ୨ ହଜାର ଲେଖାଏ କିସ୍ତି ଦେଉଥିଲେ । ଗତ ସେପ୍ଟେମ୍ବରର କିସ୍ତି ଦେଇ ପାରି ନ ଥିବାରୁ ସଂସ୍ଥାର ଫିଲ୍ଡ ଅଫିସର ପ୍ରମୋଦ ଜେନା ଗତ ସୋମବାର ଓ ମଙ୍ଗଳବାର ଯଥାକ୍ରମେ ରାଇମଣି ଓ ସନ୍ତୋଷୀଙ୍କ ଘରେ ପହଞ୍ଚି ଠେଲାପେଲା ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଏ ନେଇ ଘଟଗାଁ ଥାନାରେ ଗୁରୁବାର ଏକ ମାମଲା(ନଂ. ୩୫୮/୨୪)ରୁଜୁ ହୋଇଛି । ଘଟଣାରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି । ସଂସ୍ଥାର ଫିଲ୍ଡ ଅଫିସର ପ୍ରମୋଦ ଜେନା କହିଛନ୍ତି, ଉକ୍ତ ଦିନ କିସ୍ତି ପାଇଁ ଯାଇଥିଲେ । ଏଭଳି କୌଣସି ଘଟଣା ଘଟିନାହିଁ ।

# ଡିମାଟ୍ ଆକାଉଣ୍ଟରୁ ୧୪.୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ରାଉରକେଲା,୧୦।୧୦
(ସଙ୍ଗୀତା ଜେନା)

ଜଣେ ବ୍ୟକ୍ତିଙ୍କ ଡିମାଟ୍ ଆକାଉଣ୍ଟରୁ ଇ-ମେଲ୍ ଆଇଡି ଏବଂ ଓଟିପି ସାହାଯ୍ୟରେ ପ୍ରାୟ ୧୪ଲକ୍ଷ ୭୦ହଜାର ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ରାଉରକେଲା ସାଇବର ଥାନା ପୋଲିସ ଗୁରୁବାର ଜଣଙ୍କୁ ଇନ୍ଦୋରରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଆୟୁଷ ସିଂହ । ଏ ନେଇ ପୋଲିସ ଏକ ମାମଲା (ନଂ. ସିସି ଆଣ୍ଡ ଇଓ ୨୫/୨୪) ରୁଜୁ କରିଛି । ଅଭିଯୁକ୍ତଙ୍କଠାରୁ ବିଭିନ୍ନ ବ୍ୟାଙ୍କର ଏଟିଏମ୍, ଲାପ୍‌ଟପ, ମୋବାଇଲ ଜବତ କରାଯାଇଛି । ଘଟଣାରେ ଆହୁରି ଅଭିଯୁକ୍ତ ସମ୍ପୃକ୍ତ ଥିବା ସନ୍ଦେହରେ ତଦନ୍ତ କରାଯାଉଛି । ଏ ସମ୍ପର୍କରେ ଗୁରୁବାର ସନ୍ଧ୍ୟାରେ ସାଇବର ଥାନା ପରିଚାଳନା କରୁଥିବା ଏସ୍‌ଡିପିଓ ଉପାସନା ପାଢ଼ୀ ସୂଚନା ପ୍ରଦାନ କରିଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ମାସରେ ଠକେଇର ଶିକାର ହୋଇଥିବା ବ୍ୟକ୍ତି ଥାନାରେ ଏତଲା ଦେଇଥିଲେ । ଏତଲା ଅନୁଯାୟୀ, ଅଭିଯୁକ୍ତ ଆୟୁଷ ଏକ୍ସିସ ସିକ୍ୟୁରିଟିଜ୍ ଆଣ୍ଡରେ ସବ୍‌ବ୍ରୋକର ଭାବେ କାର୍ଯ୍ୟ କରୁଥିଲେ । ସେ ଏକ୍ସିସ ବ୍ୟାଙ୍କର ଡିମାଟ୍ ଆକାଉଣ୍ଟଗୁଡ଼ିକ ମଧ୍ୟ ପରିଚାଳନା କରୁଥିଲେ । ସେଥିପାଇଁ ସେ (ନିବେଶକ) ଉକ୍ତ ବ୍ୟକ୍ତିଙ୍କୁ ଏକ ଡିମାଟ୍ ଆକାଉଣ୍ଟ ଖୋଲିବାକୁ ଅନୁରୋଧ କରିଥିଲେ । ଆକାଉଣ୍ଟ ଖୋଲିବା ପରେ ସେଥିରେ ଉକ୍ତ ବ୍ୟକ୍ତି ଜଣଙ୍କ ଗୁଗଲ ପେ ମାଧ୍ୟମରେ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଆସୁଥିଲେ । ଆୟୁଷ ମଧ୍ୟ ତାଙ୍କୁ ଆକାଉଣ୍ଟ ପରିଚାଳନାରେ ବିଭିନ୍ନ ପରାମର୍ଶ ଦେଇ ଟଙ୍କା ଲଗାଉଥିଲେ । କିଛିଦିନ ତଳେ ଉକ୍ତ ବ୍ୟକ୍ତିଙ୍କ ଆର୍ଥିକ ଅସୁବିଧା ହେବାରୁ ସେ ଡିମାଟ୍ ଆକାଉଣ୍ଟରୁ ଟଙ୍କା ବାହାର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତେବେ ଆକାଉଣ୍ଟରେ ଥିବା ସେୟାରଗୁଡ଼ିକ ବିକ୍ରି କରିବା ଅଧିକ ସମୟ ସାପେକ୍ଷ ବୋଲି କହି ଆୟୁଷ ଉକ୍ତ ସେୟାର ପରିଚାଳନା ଜାରି ରଖିବାକୁ ପ୍ରସ୍ତାବ ଦେଇଥିଲେ । ସେହି ଅନୁସାରେ ଆୟୁଷ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କଠାରୁ ଇମେଲ୍ ଆଇଡି ଓ ଓଟିପି ହାସଲ କରିନେଇଥିଲେ । ପରେ ସେ ଚଞ୍ଚକତା କରି ସମସ୍ତ ସେୟାର ନିଜ ନାଁକୁ ଟ୍ରାନ୍ସଫର କରିଦେଇଥିଲେ । ଏପରିକି ଉକ୍ତ ବ୍ୟକ୍ତିଙ୍କ ମୋବାଇଲ ନମ୍ବରକୁ ମଧ୍ୟ ପରିବର୍ତ୍ତନ କରି ନିଜ ନମ୍ବର ଦେଇଥିଲେ । ଏ ସମ୍ପର୍କରେ ଜାଣିବା ପରେ ଠକେଇର ଶିକାର ହୋଇଥିବା ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ କରିଥିଲେ । ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଇନ୍ଦୋର ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

## ଦକ୍ଷିଣ କୋରିଆ ଲେଖିକା...

ପ୍ରଥମ ପୃଷ୍ଠାରୁ...

ସ୍ଥାୟୀ ସଚିବ ମାଟ୍ସ ମାଲ୍ମ ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ହାନ୍ କାଙ୍ଗଙ୍କ ନାମ ଘୋଷଣା କରିଛନ୍ତି । ଏହି ୫୩ ବର୍ଷୀୟ ସାହିତ୍ୟିକା ତାଙ୍କ ଉପନ୍ୟାସ 'ଦି ଭେଜିଟେରିଆନ' ପାଇଁ ୨୦୧୬ରେ ଅନ୍ତର୍ଜାତୀୟ ବୁକର ପୁରସ୍କାର ପାଇଥିଲେ । ୨୦୧୮ରେ ତାଙ୍କ ଉପନ୍ୟାସ 'ହ୍ୟୁମାନ ଆକ୍ଟସ୍' ଅନ୍ତର୍ଜାତୀୟ ବୁକର ପ୍ରାଇଜ୍ ଫାଇନାଲରେ ପହଞ୍ଚିଥିଲା । ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନରେ ସବୁବେଳେ ୟୁରୋପ ଏବଂ ଉତ୍ତର ଆମେରିକୀୟ ସାହିତ୍ୟିକମାନଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ଏବଂ ପୁରୁଷକେନ୍ଦ୍ରିକ ହୋଇଥିବା ନେଇ ସମାଲୋଚନା କରାଯାଇଥିଲା । ସାହିତ୍ୟରେ ବର୍ତ୍ତମାସ ସୁଦ୍ଧା ୧୧୯ ଜଣ ନୋବେଲ ପାଇଥିବାବେଳେ ସେଥିରୁ ମହିଳାଙ୍କ ସଂଖ୍ୟା ମାତ୍ର ୧୭ । ଶେଷ ମହିଳା ଭାବେ ଫ୍ରାନ୍ସର ଆନି ଏର୍ନକ୍ସ ୨୦୨୨ରେ ସାହିତ୍ୟ ପାଇଁ ନୋବେଲ ପାଇଥିଲେ ।

ଚଳିତ ବର୍ଷର ନୋବେଲ ପୁରସ୍କାର ଘୋଷଣା ସୋମବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନରେ ମେଡିସିନରେ ଏହି ସର୍ବୋଚ୍ଚ ପୁରସ୍କାର ପାଇଁ ଆମେରିକୀୟ ବୈଜ୍ଞାନିକ ଭିକ୍ଟର ଆମ୍ବ୍ରୋସ୍ ଏବଂ ଗାରି ରୁଭ୍‌କୁନ୍‌ଙ୍କୁ ମନୋନୀତ କରାଯାଇଥିବାବେଳେ ମଙ୍ଗଳବାର ଫିଜିକ୍ସ ପାଇଁ ଜନ୍ ହୋପ୍‌ଫିଲ୍ଡ ଏବଂ ଜିଓଫ୍ରେ ହିଣ୍ଟନଙ୍କ ନାଁ ଘୋଷଣା କରାଯାଇଥିଲା । ବୁଧବାର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ନିମନ୍ତେ ୩ ଜଣ ବୈଜ୍ଞାନିକଙ୍କ ନାଁ ଘୋଷଣା ହୋଇଥିଲା । ଶୁକ୍ରବାର ନୋବେଲ ଶାନ୍ତି ପୁରସ୍କାର ଏବଂ ୧୪ ତାରିଖରେ ଅର୍ଥନୀତିରେ ନୋବେଲ ପୁରସ୍କାର ଘୋଷଣା କରାଯିବ । ଏହି ପୁରସ୍କାର ବାବଦରେ ବିଜେତାଙ୍କୁ ୧ ନିୟୁତ ସୁଇଡିସ୍ କ୍ରୋନୋର (୧ ନିୟୁତ ଡଲାର) ଅର୍ଥରାଶି ପ୍ରଦାନ କରାଯାଇଥାଏ ।

# ସ୍ୱତନ୍ତ୍ର ଅଡିଟ୍ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ

## କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରେ ଅନିୟମିତତା ପ୍ରସଙ୍ଗ

କେନ୍ଦୁଝର,୧୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟର ଅନିୟମିତତା ପ୍ରସଙ୍ଗର ସ୍ୱତନ୍ତ୍ର ଅଡିଟ୍ କରାଯିବ । ଏ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗର ଉପ ସଚିବ ଚିଠି (ସଂଖ୍ୟା ୧୯୬୦୨/ ୯ ଅକ୍ଟୋବର ୨୦୨୪)ରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶନାମା ଅନୁସାରେ, କେନ୍ଦୁଝର ବନଖଣ୍ଡରେ ବିଭିନ୍ନ ଅନିୟମିତତା ଏବଂ ବେଆଇନ କାର୍ଯ୍ୟକୁ ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଉମାକାନ୍ତ ତ୍ରିପାଠୀ ଏବଂ ଆର୍‌ସିସିଏଫ୍ ରାଉରକେଲା ସେପ୍ଟେମ୍ବର ୧୭ରେ ଅଭିଯୋଗର ତଦନ୍ତ ପାଇଁ କେନ୍ଦୁଝର ଗସ୍ତରେ ଆସିଥିଲେ । ତଦନ୍ତକରି ସରକାରଙ୍କୁ ଗତ ୧୯ ତାରିଖରେ ରିପୋର୍ଟ ପ୍ରଦାନ କରିଥିଲେ । ରିପୋର୍ଟକୁ ଆଧାରକରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଏହି ବନଖଣ୍ଡରେ ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ଅନୁସାରେ ଅଡିଟ୍ ଅଫିସର ମୋହନ ରାଉତିଆ, ସହ ଅଡିଟର ଅଫିସର ଆଶୁତୋଷ କାମ୍ପା ଏବଂ ଅଡିଟର ସନତ କୁମାର ସାହୁଙ୍କୁ ନେଇ ଗଠିତ ଏକ ୩ ଜଣିଆ ଟିମ୍ ଅକ୍ଟୋବର ୧୪ରେ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟକୁ ଆସି ଏହାର ସ୍ୱତନ୍ତ୍ର ଅଡିଟ୍‌କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ।

## ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୦।୧୦
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀ ଜଣଙ୍କୁ ହତ୍ୟା କରିଛନ୍ତି। ଭୋପାଳପାଟନମ୍ ପୋଲିସ ଷ୍ଟେଶନ ଅନ୍ତର୍ଗତ ପୋଶାନପାଲ୍ଲିରେ ମାଓବାଦୀମାନେ ହୁଙ୍ଗା ତାତିଙ୍କୁ ଘରୁ ଉଠାଇନେଇ ହତ୍ୟାକରି ପୁରୁଣା ବିଦ୍ୟାଳୟ ନିକଟରେ ଫିଙ୍ଗିଦେଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ କରିଥିଲା। ପୋଲିସ ଘଟଣାସ୍ଥଳରୁ ଗୋଟିଏ ପୋଷ୍ଟର ଜବତ କରିଥିବା ବେଳେ ଏଥିରେ ହୁଙ୍ଗାଙ୍କୁ ପୋଲିସ ସୂଚନା ଦାତା ଅଭିଯୋଗରେ ହତ୍ୟା କରିଥିବା ସେଥିରେ ଉଲ୍ଲେଖ ରହିଛି।

## ନାଳରୁ ଡିପ୍ଲୋମା ଛାତ୍ରଙ୍କ ମୃତଦେହ ଜବତ

ଭଞ୍ଜନଗର, ୧୦।୧୦
(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ଗୌଡ଼ିଆପଢ଼ାଳ ନିକଟସ୍ଥ ବରଙ୍ଗ ନାଳରୁ ଜଣେ ଡିପ୍ଲୋମା ଛାତ୍ରଙ୍କ ମୃତଦେହ ଗୁରୁବାର ସନ୍ଧ୍ୟାରେ ପୋଲିସ ଜବତ କରିଛି। ଛାତ୍ର ଜଣକ ହେଲେ ସ୍ଥାନୀୟ ବାଗ୍‌ଦେବୀ ରୋଡ୍ କୃପାଳନଗର ବାସିନ୍ଦା ଦୁର୍ଗାଚରଣ ମହାପାତ୍ରଙ୍କ ପୁଅ ବିନାୟକ (୧୯)। ବିନାୟକ ମାଲକାନଗିରି ସରକାରୀ ପଲିଟେକ୍‌ନିକାଲରେ ଡିପ୍ଲୋମା ଦ୍ୱିତୀୟ ବର୍ଷ ଛାତ୍ର ଭାବେ ପଢୁଥିଲେ। ଦଶହରା ଛୁଟି ଯୋଗୁ ସେ ଘରକୁ ଆସିଥିଲେ। ଗୁରୁବାର ସକାଳ ୮ଟାରେ ବିନାୟକ ବରଙ୍ଗ ନାଳକୁ ଗାଧୋଇବାକୁ ଯାଉଛି କହି ଯାଇଥିଲେ। ଏହାପରେ ସେ ମଧ୍ୟାହ୍ନଭୋଜନ ପର୍ଯ୍ୟନ୍ତ ଘରକୁ ଖାଇବାକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କ ମୃତଦେହକୁ ଗୌଡ଼ିଆପଢ଼ାଳ ନିକଟରେ ପରିବାର ଲୋକେ ଠାବ କରିଥିଲେ। ପରେ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ନାଳରୁ ବାହାର କରିଥିଲା। ପୋଲିସ ପହଞ୍ଚି ଏହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ବିନାୟକଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

**ଟ୍ରକ୍-ବାଇକ୍ ଧକ୍କା**

# ୨ ଯୁବକଙ୍କ ମୃତ୍ୟୁରୁ ଉତ୍ତେଜନା

### ସରୁନି ଓଭରବ୍ରିଜ୍ କାମ, ବଢୁଛି ଦୁର୍ଘଟଣା

### ମୃତଦେହ ରଖି ରାସ୍ତାରୋକୋ

ଭଦ୍ରକ, ୧୦।୧୦ (ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ବିଷ୍ଣୁପୁର ଛକ ନିକଟରେ ଚାଲିଥିବା ଓଭରବ୍ରିଜ୍ କାମ ସରୁ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗୁରୁବାର ମଧ୍ୟାହ୍ନରେ ଏଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ୨ ଯୁବକଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ ବାଇକ୍ ଆରୋହୀ ଧାମନଗର ଥାନା ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ତାଳପଦା ଗାଁର ଦୀପ୍ତିରଞ୍ଜନ ଧଳ(୨୭) ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ରଙ୍ଗରାଜପୁର ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ(୨୫)। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରି ରଖିଥିଲେ। କ୍ଷତିପୂରଣ ଦାବି କରିବା ସହ ୩ବର୍ଷ ଧରି ଏହି ଓଭରବ୍ରିଜ୍ କାମ ସରୁ ନ ଥିବା ଯୋଗୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଦୀପ୍ତିରଞ୍ଜନ ଓ ପ୍ରଶାନ୍ତ ବାଇକ୍‌ରେ ବାରିକପୁରରୁ ଘରକୁ ଫେରୁଥିଲେ। ବିଷ୍ଣୁପୁର ଛକ ନିକଟରେ ଜାତୀୟ ରାଜପଥରେ ଓଭରବ୍ରିଜ୍ କାମ ଚାଲୁଥିବାରୁ ଗୋଟିଏପଟେ ଯାନବାହନ ଚଳାଚଳ ହେଉଥିଲା। ସାମ୍ନାରୁ ଆସୁଥିବା ଏକ ଟ୍ରକ୍ (ଏପି ୨୧ ଟିଏ ୧୨୮୯) ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତ ଓ ଦୀପ୍ତିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ପ୍ରତିବାଦରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିବାରୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ପ୍ରାୟ ୪ କି.ମି. ପର୍ଯ୍ୟନ୍ତ ବହୁ ଟ୍ରକ୍, ବସ୍ ଅଟକି ରହିଥିଲା। ଖବରପାଇ ଧାମନଗର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲା। ପରେ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଲୋକଙ୍କ ସହ ଆଲୋଚନା କରି ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୫୦ ହଜାର ଲେଖାଏ ମୋଟ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଏଥିସହ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ସହ ଆଲୋଚନା କରି ଓଭରବ୍ରିଜ କାମ ଶୀଘ୍ର ସାରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ମୃତ ପ୍ରଶାନ୍ତଙ୍କ ଭାଇ ସୁଶାନ୍ତଙ୍କ ଅଭିଯୋଗକ୍ରମେ ଧାମନଗର ଥାନାରେ ଏକ ମାମଲା (ନଂ.୪୩୭/୨୪) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।


ଦୁର୍ଘଟଣାସ୍ଥଳରେ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

# ଶ୍ରମିକ ନେତା ଘନଶ୍ୟାମ ଜେନା ଦମ୍ପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

### ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମଗ୍ର ଦେଶରେ କ୍ରାନ୍ତି ଆଣିଥିଲେ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ଶ୍ରମିକ ନେତା ଘନଶ୍ୟାମ ଜେନା ଓ ତାଙ୍କ ଧର୍ମପତ୍ନୀ ହେମଲତା ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୁଲାରପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଫ୍‌ସିଆଇ ଶ୍ରମିକ ସଙ୍ଗଠନ, ସର୍ବଭାରତୀୟ ଫୁଡ୍ ଆଣ୍ଡ ଆଲାଏଡ୍ ୱାର୍କର୍ସ ୟୁନିଅନ୍, ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର୍ ୱାର୍କର୍ସ ୟୁନିଅନ୍, ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ସୋସାଇଟି, ଇଫ୍‌କୋ କର୍ମଚାରୀ ଓ ଶ୍ରମିକ ୟୁନିଅନ୍, ପେଟ୍ରୋଲିୟମ୍ ପ୍ରଡକ୍ଟସ୍ ହାଣ୍ଡଲିଙ୍ଗ୍ ଆଣ୍ଡ୍ କ୍ୟାରିୟର୍ସ ଶ୍ରମିକ ସଂଗଠନର ଶ୍ରମିକ ନେତା ପ୍ରମୁଖ ଯୋଗଦେଇ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଜେନା ସାଧାରଣ ପରିବାରରେ ଜନ୍ମହୋଇ ଜୀବନ ତମାମ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମଗ୍ର ଦେଶରେ କ୍ରାନ୍ତି ଆଣିଥିଲେ। ଏକାଧିକ ଶ୍ରମିକ ସଂଗଠନ ସହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଭାବେ ଖ୍ୟାତି ଅର୍ଜନ କରିଥିଲେ ବୋଲି ଉପସ୍ଥିତ ଶ୍ରମିକ ନେତାମାନେ ମତ ପ୍ରକାଶ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ଜ୍ୟେଷ୍ଠପୁତ୍ର ତନ୍ମୟ ଜେନା ଓ ଶିଳ୍ପପତି ତଥା ସ୍ୱର୍ଗତ ଜେନାଙ୍କ ଜ୍ୱାଇଁ ପ୍ରଭାତ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବରରେ ମାତ୍ର ଗୋଟିଏ ଦିନ ବ୍ୟବଧାନରେ ଜେନା ଦମ୍ପତିଙ୍କର ଭୁବନେଶ୍ୱରଠାରେ ପରଲୋକ ହୋଇଥିଲା।


ଘନଶ୍ୟାମ ଜେନା ଓ ହେମଲତା ଜେନା

# ଯାନ୍ତ୍ରିକ ଲଣ୍ଡ୍ରି ସେବା ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦେବାକୁ ମସୁଧା

### ଟେଣ୍ଡର ଖୋଲିବା ୩ ମାସ ବିତିଲାଣି

### ସନ୍ଦେହ ଘେରରେ ଡିପିଏମ୍‌ଙ୍କ କାର୍ଯ୍ୟ

ଫୁଲବାଣୀ, ୧୦।୧୦
(ରାକେଶ କୁମାର ରାଉତ)

ରାଜ୍ୟ ସରକାର ୩ ବର୍ଷରୁ ଊର୍ଦ୍ଧ୍ୱ କୌଣସି ଅଧିକାରୀ ଗୋଟିଏ ସ୍ଥାନରେ ରହିପାରିବେ ନାହିଁ ବୋଲି କହିଛନ୍ତି। ମାତ୍ର କନ୍ଧମାଳ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାମ କରୁଥିବା ଜିଲା କାର୍ଯ୍ୟକ୍ରମ ପରିଚାଳକ (ଡିପିଏମ୍) ମନୋରଞ୍ଜନ ସାହୁ ପାଖାପାଖି ୫ବର୍ଷ ହେଲା ଏଠାରେ ଅଛନ୍ତି। ବିଭିନ୍ନ ସମୟରେ ତାଙ୍କର ବିଭିନ୍ନ କଳାକାରନାମାକୁ ନେଇ ସେ ଚର୍ଚ୍ଚାରେ ରହିଥିଲେ ସୁଦ୍ଧା ତାଙ୍କର ଏହି ଜିଲାରୁ ବଦଳି ହେଉନାହିଁ। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ହେଉଥିବା ଟେଣ୍ଡର ପ୍ରକ୍ରିୟାରେ ସାହୁ ଜାଲିଆତି କରୁଥିବା ଅଭିଯୋଗ ହେଉଛି। କିଏ ଟେଣ୍ଡର ପାଇବ, କାହାର କାଟି ଦିଆଯିବ ସେ ନିଷ୍ପତ୍ତି କରୁଛନ୍ତି। ଏପରି କି ଟେଣ୍ଡର ଆବେଦନକାରୀଙ୍କ ଦସ୍ତାବିଜରୁ କାଗଜାଦି କାଢ଼ି ଦେଉଥିବା ଦେଖିବାକୁ ମିଳୁଛି। ଏବେ ଯାନ୍ତ୍ରିକ ଲଣ୍ଡ୍ରି ସେବାକୁ ନେଇ ଦୁର୍ନୀତି ହୋଇଥିବା ଚର୍ଚ୍ଚା ହେଉଛି। ଏହି ସେବା ପାଇଁ ଖୋଲା ଯାଇଥିବା ଟେଣ୍ଡର ପ୍ରକ୍ରିୟାକୁ ଇତି ମଧ୍ୟରେ ୩ ମାସ ବିତିଯାଇଛି। ଦାବିଦାର ଥିବା ସଂସ୍ଥାକୁ ନ ଦେଇ ଅନ୍ୟ ଗୋଟିଏ ସଂସ୍ଥାକୁ ଏହି ଟେଣ୍ଡର ପ୍ରଦାନ କରିବାକୁ ଡିପିଏମ୍ ସାହୁ ଦିନ ଗଡ଼ାଇ ଚାଲିଛନ୍ତି। ଜିଲାର ସମସ୍ତ ଡାକ୍ତରଖାନାରେ ସଫା ବେଡ୍‌ଶିଟ୍, କପଡ଼ା ଯୋଗାଇଦେବାକୁ ଯାନ୍ତ୍ରିକ ଲଣ୍ଡ୍ରି ସେବା (ମେକାନାଇଜଡ ଲଣ୍ଡ୍ରି ସର୍ଭିସ)ର ଟେଣ୍ଡର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ଗତ ଜୁନ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁଲାଇ ୧୯ରେ ଟେଣ୍ଡର ଖୋଲା ଯାଇଥିଲା। ଏଥିରେ ୫ଟି ଏଜେନ୍ସି ଭାଗ ନେଇଥିଲେ। ଇତି ମଧ୍ୟରେ ୩ ମାସ ବିତି ଯାଇଥିଲେ ହେଁ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଗୋଟିଏ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ ଦିନ ଗଡ଼ାଯାଉଛି। ଏ ନେଇ ଡିପିଏମ୍ ସାହୁଙ୍କୁ ପଚାରିବାରୁ ସିଡିଏମ୍‌ଓଙ୍କୁ ପଚାରନ୍ତୁ, ସେ କହିବେ ବୋଲି କହିଥିଲେ। ଘଟଣା ନେଇ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ଡା. ବିଜୟ ପଣ୍ଡାଙ୍କୁ ପଚାରିବାରୁ ଏହା ଉପରେ ତଦାରଖ କରିବେ ବୋଲି ପ୍ରକାଶ କରିଛନ୍ତି।

# ସାଲୁର ତହସିଲ ଆଗରେ ଗଞ୍ଜେଇପଦର ଗ୍ରାମବାସୀଙ୍କ ଧାରଣା

### ଜଙ୍ଗଲ ଜମି ପଟ୍ଟା ଦାବି

ପଟ୍ଟାଙ୍ଗି, ୧୦।୧୦ (ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନରେ ଥିବା କୋଟିଆ ପଞ୍ଚାୟତ ଗଞ୍ଜେଇପଦର ଗ୍ରାମବାସୀ ଆନ୍ଧ୍ରପ୍ରଦେଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜଙ୍ଗଲଜମି ପଟ୍ଟା ଦାବି ଉଠାଇ ଗୁରୁବାର ଧାରଣା ଦେଇଛନ୍ତି। ଏଥିରୁ ବଞ୍ଚିତ ହୋଇଥିବା ପରିବାର ଆନ୍ଧ୍ରର କୌଣସି ସରକାରୀ ଯୋଜନାର ସୁବିଧା ପାଉ ନ ଥିବା ଦର୍ଶାଇ ଏକ ଦାବିପତ୍ର ମାନ୍ୟାମ୍ ଜିଲା ପ୍ରଶାସନ ତଥା ଜିଲାପାଳଙ୍କ ଉଦ୍ଦେଶ୍ୟରେ ସାଲୁର ତହସିଲଦାର ଏନ୍.ଭି.ରାମଣାଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମକୁ ନେଇ ଆନ୍ଧ୍ର ନିଜ ପଞ୍ଚାୟତ ଭାବେ ନାମିତକରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଏବଂ ଯୋଜନା କରିଚାଲିଛି। ଅନ୍ୟପକ୍ଷରେ ଉକ୍ତ ଗ୍ରାମବାସୀ କୋଟିଆ ପଞ୍ଚାୟତ ଅଧୀନରେ ରହି ଓଡ଼ିଶାର ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଜଙ୍ଗଲ ଜମି ପଟ୍ଟା ମଧ୍ୟ ପାଇଛନ୍ତି। ସେପଟେ ଆନ୍ଧ୍ର ରାଜ୍ୟରେ ନାମିତ ହୋଇଥିବା ଗଞ୍ଜେଇପଦର ପଞ୍ଚାୟତ ଅଧୀନରେ ଥିବା କୋଟିଆ, ଉପରସେମ୍ବି, ତଳସେମ୍ବି ଓ ଧୂଳିପଦରପରି ଅନ୍ୟ କେତେଜଣ ଗ୍ରାମବାସୀଙ୍କୁ ନେଇ ଆନ୍ଧ୍ର ପାର୍ବତୀପୁରମ୍ ମାନ୍ୟାମ୍ ଜିଲା ଆଦିବାସୀ ସଭାପତି ଏସ୍. ଆପ୍ପାରାଓଙ୍କ ନେତୃତ୍ୱରେ ସାଲୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୫୦ ଜଣ ପଟ୍ଟା ପାଇବା ନିମନ୍ତେ ଧାରଣା ଦେଇଥିଲେ। ଏପରିକି ଆନ୍ଧ୍ର ପକ୍ଷରୁ ପୂର୍ବରୁ ସର୍ଭେକରି ପ୍ରଦାନ କରାଯାଇଥିବା ପରିବାର ସଦସ୍ୟଙ୍କ ତାଲିକା ଉକ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଲାଭ ଉଠାଉଛନ୍ତି।

ସୂଚନାଯୋଗ୍ୟ, ଉପରୋକ୍ତ ଗ୍ରାମବାସୀ କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ପରିବାରବର୍ଗଙ୍କୁ ଓଡ଼ିଶାର ତଥା ପଟ୍ଟାଙ୍ଗି ତହସିଲ ପକ୍ଷରୁ ୨୪୪୫ ଜଙ୍ଗଲଜମି ପଟ୍ଟା ପ୍ରଦାନ କରାଯାଇଛି। ଏନେଇ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ଯୋଗାଯୋଗକରି ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୨୦୧୧ ଜନଗଣନା ସର୍ଭେ ଅନୁସାରେ ୧୭୩୦ ପରିବାର ଅଛନ୍ତି। କିନ୍ତୁ ଉକ୍ତ ପଞ୍ଚାୟତକୁ ୨୪୪୫ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୩୩ ଗୋଷ୍ଠୀଗତ ଜଙ୍ଗଲଜମି ପଟ୍ଟା ପ୍ରଦାନ କରାଯାଇଛି ବୋଲି କହିବା ସହ ଆନ୍ଧ୍ର ରାଜ୍ୟ ସାଲୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବିଷୟରେ ତଦନ୍ତ କରାଯିବ ବୋଲି ତହସିଲଦାର ଧାରୁଆ କହିଥିଲେ।


ଗଞ୍ଜେଇପଦର ଗ୍ରାମବାସୀ ସାଲୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ନୃତ୍ୟ, ଗୀତରେ ପର୍ଯ୍ୟଟକଙ୍କୁ ସ୍ୱାଗତ

ବାରିପଦା, ୧୦।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଗୁରୁବାରଠାରୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଓ ଯଶିପୁରର କାଳିଆଣି ତନଖି ଫାଟକରେ ପର୍ଯ୍ୟଟକଙ୍କୁ ନୃତ୍ୟ,ଗୀତ ମାଧ୍ୟମରେ ସ୍ୱାଗତ କରାଯାଇଛି। ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ପର୍ଯ୍ୟଟକଙ୍କୁ ପାଛୋଟି ନେଇଥିଲେ। ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିଲେ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଚଳିତ ବର୍ଷ ବନ ବିଭାଗ ପକ୍ଷରୁ ସଫାରି ଗାଡ଼ିରେ ଅଭୟାରଣ୍ୟ ବୁଲିବାର ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକମାନେ ଏହାର ସୁଯୋଗ ନେଇଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା,ଆମୋଦ ପ୍ରମୋଦ ଓ ରହଣି ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ବୁକିଂ କାଉଣ୍ଟରରୁ ଅନୁମତି ପତ୍ର ନେଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ବେଳେ ପ୍ରବେଶ ଓ ରାତ୍ରିଯାପନ ପାଇଁ ଅନ୍‌ଲାଇନର ସୁବ୍ୟବସ୍ଥା କରାଯାଇଛି।

ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ସବୁଜ ବନାନୀ, କଳକଳ ଝରଣା, ସୁଉଚ୍ଚ ଜଳପ୍ରପାତ, ହ୍ରଦ ଓ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରୀସୃପ, ବିରଳ ପକ୍ଷୀ ଓ ଅର୍କିଡ୍ ପାଇଁ ସାରା ବିଶ୍ୱରେ ଶିମିଳିପାଳ ଖ୍ୟାତି ଅର୍ଜନ କରିଛି। ଓଡ଼ିଶାର ଏକମାତ୍ର ଅଭୟାରଣ୍ୟ ଶିମିଳିପାଳରେ ମହାବଳ ବାଘ ଓ କଳା ବାଘ ରହିଥିବା ବେଳେ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ପାଇଁ ପ୍ରାଣୀପ୍ରେମୀ ଆକର୍ଷିତ ହୋଇଥାନ୍ତି। ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିବସରେ ମୋଟ ୧୫୧ ଜଣ ପର୍ଯ୍ୟଟକ ଶିମିଳିପାଳ ବୁଲିଥିଲେ। ପିଠାବଟା ଦେଇ ୪ଟି ଗେଟ୍‌ରେ ୧୮ଟି ଗାଡ଼ିରେ ଓଡ଼ିଶାରୁ ୩୦ ଓ ଅନ୍ୟ ରାଜ୍ୟରୁ ୬୨ଜଣଙ୍କୁ ମିଶାଇ ମୋଟ ୯୨ଜଣ ଏବଂ କାଳିଆଣି ଦେଇ ୧୮ଟି ଗାଡ଼ିରେ ଓଡ଼ିଶାରୁ ୩୧ ଓ ଅନ୍ୟ ରାଜ୍ୟରୁ ୨୮ଜଣଙ୍କୁ ମିଶାଇ ମୋଟ ୫୯ ଜଣ ପର୍ଯ୍ୟଟକ ଶିମିଳିପାଳ ମଧ୍ୟକୁ ପ୍ରବେଶ କରିଥିଲେ। ଏମାନଙ୍କ ମଧ୍ୟରୁ କାଳିଆଣି ଦେଇ ଖୋଲା ସଫାରିରେ ବରେହିପାଣିକୁ ୩ ଟ୍ରିପ୍, ଗୁଡ୍ଗୁଡ଼ିଆକୁ ୪ ଟ୍ରିପ୍, ଜାମୁଆଣୀକୁ ୨ ଟ୍ରିପ୍ ଓ ପିଠାବଟାକୁ ୩ ଟ୍ରିପ୍‌ରେ ଯାଇ ପର୍ଯ୍ୟଟକମାନେ ଶିମିଳିପାଳ ବୁଲିବାର ମଜା ଉଠାଇଥିଲେ। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ ଗାଇଡ୍ ବ୍ୟବସ୍ଥା କରାଯାଇଛି। ଜାମୁଆଣି, କୁମାରୀ, ଗୁଡ୍ଗୁଡ଼ିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଏଥିରେ ରହିବା ପାଇଁ ଅଗ୍ରିମ ଅନ୍‌ଲାଇନ ବୁକିଂ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ନିମନ୍ତେ ସାନ୍ତାଳୀ ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶ କୁଟୀର ଓ ଟ୍ରି ହାଉସ୍ ଭଳି ବ୍ୟବସ୍ଥା କରାଯାଇଛି। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି।

ଏ ସମ୍ପର୍କରେ ଉପ ନିର୍ଦ୍ଦେଶକ ଗୌଡ଼ା କୁହନ୍ତି, ଚଳିତ ବର୍ଷ ପର୍ଯ୍ୟଟକଙ୍କ ନିମନ୍ତେ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ପାଇଁ ୩୫ଟି ଜିମନୀ(ଖୋଲା ସଫାରି)ର ବ୍ୟବସ୍ଥା କରାଯାଇଛି। ଶିମିଳିପାଳ ଅଭୟାରଣ୍ୟକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ନିବେଦନ କରାଯାଇଛି। ପରିବେଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଲେ ବନ୍ୟପ୍ରାଣୀ ସମେତ ଜୀବଜଗତ ସୁରକ୍ଷିତ ରହିପାରିବେ ବୋଲି ଉପ ନିର୍ଦ୍ଦେଶକ କହିଛନ୍ତି।


ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପର୍ଯ୍ୟଟକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

**ଖୋଲିଲା ଶିମିଳିପାଳ**
- ପ୍ରଥମ ଦିନରେ ବୁଲିଲେ ୧୫୧
- ପରିବେଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି



ମଧ୍ୟଯୁଗରେ ସନ୍ୟାସୀମାନେ ନାରୀଙ୍କୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ।। -ଶ୍ରୀଅରବିନ୍ଦ

-ପାଠ ମହାନବମୀ, ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ସନ୍ଧି ପୂଜା ଓ ଶରଣ ଆରମ୍ଭ

# ମଧ୍ୟପ୍ରାଚ୍ୟର ଲଢୁଆ ଦେଶ



ଇଆନ୍ ବୁରୁମା

ଫ୍ରାନ୍ସର ବାମପନ୍ଥୀ ବିଚାରଧାରାର ବ୍ୟକ୍ତି ଥିଲେ ପିଏରେ ଗୋଲ୍ଡମ୍ୟାନ୍। ସେ ବିପ୍ଳବୀ ହେବାକୁ ସ୍ୱପ୍ନ ଦେଖୁଥିଲେ ଏବଂ ଜଣେ ଅପରାଧୀ ଥିଲେ। ପ୍ୟାରିସ୍ ଫାର୍ମାସିରେ ୨ଜଣ ମହିଳାଙ୍କୁ ହତ୍ୟା କରିବା ଏବଂ ଅନ୍ୟାନ୍ୟ ଦୋକାନରୁ ଲୁଟ୍ ଅଭିଯୋଗ ତାଙ୍କ ଉପରେ ଅଣାଯାଇଥିଲା। ଏହି ଘଟଣାରେ ସେ ଚୋରି କରିଥିବା ମାନିଯାଇଥିଲେ, କିନ୍ତୁ ହତ୍ୟାକୁ ସ୍ୱୀକାର କରି ନ ଥିଲେ। ୧୯୭୪ ମସିହାରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୧୯୭୬ରେ ମାମଲାର ପୁନର୍ବିଚାର କରାଯାଇ ଗୋଲ୍ଡମ୍ୟାନ୍‌ଙ୍କୁ ନିର୍ଦ୍ଦୋଷ ଘୋଷଣା କରାଯିବା ପରେ ସେ ମୁକ୍ତ ହୋଇଥିଲେ। ଏହି ସମ୍ପୂର୍ଣ୍ଣ ଘଟଣା ସେଡ୍ରିକ୍ କାନ୍‌ଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଦି ଗୋଲ୍ଡମ୍ୟାନ୍ କେସ୍'(୨୦୨୩)ର ବିଷୟବସ୍ତୁ। ଏହା ପୂର୍ବରୁ ଗୋଲ୍ଡମ୍ୟାନ୍ ଫରାସୀ ବାମପନ୍ଥୀଙ୍କ ପାଇଁ ଜଣେ ହିରୋ ହୋଇଯାଇଥିଲେ ଏବଂ ପ୍ୟାରିସ୍ ସାହିତ୍ୟ ଓ ସାଂସ୍କୃତିକ ଜଗତର ବିଦ୍ୱାନ ବ୍ୟକ୍ତିଙ୍କ ସମେତ ଅନେକ ସମର୍ଥକ କୋର୍ଟ ସେସନରେ ଯୋଗଦେଇଥିଲେ। ୧୯୭୯ରେ ତାଙ୍କୁ ଗୁଳିମାରି ହତ୍ୟା କରାଯାଇଥିଲା। ସେତେବେଳେ ତାଙ୍କ ଶେଷକୃତ୍ୟରେ ଭାଗନେଇଥିବା ବ୍ୟକ୍ତିମାନଙ୍କ ସହ ବିଶିଷ୍ଟ ଫରାସୀ ଦାର୍ଶନିକ, ଔପନ୍ୟାସିକ ଜିନ୍ ପଲ୍ ସାର୍ତ୍ରେ ଯୋଗଦେଇଥିଲେ।

ଗୋଲ୍ଡମ୍ୟାନ୍ ଲିଓନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୋଲାଣ୍ଡ-ଇହୁଦୀ ପ୍ରବାସୀ ମାତାପିତା ଫ୍ରାନ୍ସର ନାଜି ଦଖଲ ବିରୋଧରେ କମ୍ୟୁନିଷ୍ଟ ଆନ୍ଦୋଳନରେ ଭାଗ ନେଇଥିଲେ। ଇହୁଦୀ ଗଣହତ୍ୟା ଗୋଲ୍ଡମ୍ୟାନ୍‌ଙ୍କ ଜୀବନକୁ ଭୀଷଣ ଭାବେ ପ୍ରଭାବିତ କରିଥିଲା। ସେ ମଧ୍ୟ ତାଙ୍କ ପିତାଙ୍କ ପରି ଲଢୁଆ ବିପ୍ଳବୀ ହେବାକୁ ଚାହୁଁଥିଲେ ଏବଂ ଫ୍ରାନ୍ସକୁ ଫେରିବା ପୂର୍ବରୁ ବୈପ୍ଳବିକ କାର୍ଯ୍ୟଧାରାକୁ ଦେଖିବା ଆଶାରେ କ୍ୟୁବା ଏବଂ ଭେନେଜୁଏଲା ଯାତ୍ରା କରିଥିଲେ। କିନ୍ତୁ ସେଠାରେ ସେ ଚୋର ପାଲଟିଯାଇଥିଲେ। ତାଙ୍କ ମାମଲାର ବିଚାର ସମୟରେ ଗୋଲ୍ଡମ୍ୟାନ୍ ଘୋଷଣା କରିଥିଲେ ଯେ ସେ ସର୍ବଦା ଜଣେ 'ଇହୁଦୀ ଯୋଦ୍ଧା' ହେବାକୁ ଇଚ୍ଛା କରନ୍ତି। କାରଣ ତାଙ୍କ ଦୃଷ୍ଟିରେ 'ଇହୁଦୀ ଲଜ୍ଜା ବା ଅପମାନ' ଦୂର କରିବାରେ ପ୍ରତିରୋଧ ଥିଲା ଏକମାତ୍ର ଉପାୟ। ଗଣହତ୍ୟାରେ ଶେଷ ହୋଇଥିବା ଏକ ଶତାବ୍ଦୀ ବ୍ୟାପୀ ନିର୍ଯାତନାର ଅପମାନକୁ ଦୂରକରିବା ପାଇଁ ଦୃଢ଼ ଇଚ୍ଛା ପ୍ରକାଶ କରିବା ଗୋଲ୍ଡମ୍ୟାନ୍‌ଙ୍କ କ୍ଷେତ୍ରରେ କିଛି ଭିନ୍ନ କିମ୍ବା ନୂଆ ନୁହେଁ। ଏ କ୍ଷେତ୍ରରେ ଇସ୍ରାଏଲର ଇତିହାସ ଏବଂ ପ୍ରଧାନମନ୍ତ୍ରୀ



ବେଞ୍ଜାମିନ ନେତାନ୍ୟାହୁଙ୍କ ଆକ୍ରମଣାତ୍ମକ ମନୋଭାବକୁ ବି ବୁଝିବା ଦରକାର। ଅବଶ୍ୟ ନେତାନ୍ୟାହୁ ହମାସ୍ ଏବଂ ହେଜ୍‌ବୋଲ୍ଲା ବିରୋଧରେ ଯୁଦ୍ଧକୁ ଆହୁରି ତୀବ୍ର କରିବା ପଛରେ ଅନେକ କାରଣ ଅଛି। ଯଦି ସେ ଏଥିରେ ପରିବର୍ତ୍ତନ କରନ୍ତି, ତେବେ ତାଙ୍କ ସରକାରରେ ଥିବା କଠୋରପନ୍ଥୀମାନେ ତାଙ୍କୁ ଛାଡ଼ି ଚାଲିଯିବେ ଏବଂ ଥରେ କ୍ଷମତାଚ୍ୟୁତ ହେବା ପରେ ନେତାନ୍ୟାହୁ ଜେଲରେ ରହିବା ସମ୍ଭାବନା ଅଛି।

ନେତାନ୍ୟାହୁଙ୍କ କଥାରେ ଗୋଲ୍ଡମ୍ୟାନ୍‌ଙ୍କଠାରୁ ଅଧିକ କିଛି ଅଛି। ପାଲେଷ୍ଟିନୀୟଙ୍କ ସହ ଯୁଦ୍ଧକୁ ଯୁକ୍ତିଯୁକ୍ତ ଦର୍ଶାଇବା ପାଇଁ ଯେତେବେଳେ ଇହୁଦୀମାନେ କେବଳ ଦୁର୍ଦ୍ଦଶା ଭୋଗୁଥିଲେ ସେତେବେଳେ ସେ ବାରମ୍ବାର ହୋଲକୋଷ୍ଟବା ଇହୁଦୀ ଗଣହତ୍ୟାକୁ ଆହ୍ୱାନ କରିଥିଲେ। ଗାଜାରେ ଯୁଦ୍ଧ ବନ୍ଦ କରିବାକୁ ତାଙ୍କ ଉପରେ ଚାପ ପକାଯାଇଥିବା ସମୟରେ ନେତାନ୍ୟାହୁ କହିଥିଲେ, ଆମେ ଆମର ଗଣହତ୍ୟା ଶତ୍ରୁମାନଙ୍କୁ ପରାସ୍ତ କରିବୁ। ୧୯୪୮ ମସିହାରେ ଇସ୍ରାଏଲ ଗଠନହେବା ପରଠାରୁ ଇସ୍ରାଏଲର ନୈତିକତାରେ ସାମରିକ କୌଶଳ ଏକ ଅଂଶ ଭାବେ ରହିଆସିଛି। ଏକ ନୂତନ ପ୍ରକାରର ଜଣେ ଇହୁଦୀ ଯୋଦ୍ଧା ନୂତନ ଦେଶ ସ୍ଥାପନ କରିବେ। କିନ୍ତୁ ୧୯୪୦ ଏବଂ ୧୯୫୦ ଦଶକରେ ନାଜିଙ୍କ ଦ୍ୱାରା କରାଯାଇଥିବା ଗଣହତ୍ୟା ବିଷୟକୁ କେବେ ବି ଉଠାଯାଇ ନ ଥିଲା। ଇସ୍ରାଏଲର ପ୍ରଥମ ପ୍ରଧାନମନ୍ତ୍ରୀ ଡେଭିଡ୍ ବେନ୍ ଗୁରିଅନ ୟୁରୋପର ଏହି ଅତୀତକୁ ଭୁଲି ଆଗକୁ ବଢ଼ି କିଛି ନୂଆ କରିବାକୁ ଚାହୁଁଥିଲେ। ଗଣହତ୍ୟାରୁ ବଞ୍ଚିଯାଇଥିବା ବ୍ୟକ୍ତିମାନେ ଏକ ଐତିହାସିକ ଅପମାନର ଏକ ଲଜ୍ଜାଜନକ ସ୍ମାରକ ଭାବେ ରହିଥିଲେ। ଜେରୁଜେଲମରେ ଗଣହତ୍ୟାର ମୁଖ୍ୟ ଆୟୋଜକ ଆଡଲ୍‌ଫ ଇକ୍‌ମ୍ୟାନ୍‌ଙ୍କ, ବିଚାର ୧୯୬୧ରେ ହେଲା ପରେ ବେନ୍ ଗୁରିଅନ ତାଙ୍କ ମାନସିକତାରେ ପରିବର୍ତ୍ତନ ଆଣିଥିଲେ। ହୋଲକୋଷ୍ଟକୁ ଆଉ ଲଜ୍ଜାର ପ୍ରତୀକ ଭାବରେ ବ୍ୟବହାର କରା ନ ଯାଇ ବରଂ ଇହୁଦୀମାନେ ଆଉ ଗଣହତ୍ୟାର କିଭଳି ଶିକାର ନ ହେବେ ତାହା ନିଶ୍ଚିତ କରିବା ପାଇଁ ଏହାକୁ ପ୍ରମାଣ ଭାବରେ ଦେଖାଗଲା। ତେବେ ଇସ୍ରାଏଲର ସ୍କୁଲ ପିଲାମାନେ ପୋଲାଣ୍ଡର ମୃତ୍ୟୁ ଶିବିର ଗସ୍ତରେ ଥିବାବେଳେ ସେମାନଙ୍କୁ କୁହାଯାଏ ଯେ ହିଟ୍‌ଲର କ୍ଷମତାକୁ ଆସିବା ପରେ ଯଦି ଇହୁଦୀ ରାଷ୍ଟ୍ର ଥାଆନ୍ତା, ତେବେ ୬ ଲକ୍ଷ ଲୋକଙ୍କ ଜୀବନ ବଞ୍ଚିଯାଇଥାଆନ୍ତା।

ନେତାନ୍ୟାହୁ ଇହୁଦୀମାନଙ୍କ ଜୀବନ ବଞ୍ଚାଇବାର ଦାୟିତ୍ୱ ବହନକରି ନିଜକୁ ଗର୍ବିତ ଅନୁଭବ କରିଛନ୍ତି। ସେ ଥିଲେ 'ମିଷ୍ଟର ସିକ୍ୟୁରିଟି'। ତାଙ୍କ ଦୃଢ଼ ନେତୃତ୍ୱରେ ଇସ୍ରାଏଲର ଇହୁଦୀମାନେ ସୁରକ୍ଷିତ ରହିବେ। ୭ ଅକ୍ଟୋବର ୨୦୨୩ରେ ହମାସ୍ ଇସ୍ରାଏଲ ସୀମା ଭିତରେ ପ୍ରବେଶକରି ଘାତକ ଆକ୍ରମଣ କରିଥିଲା। ସେମାନେ ଇହୁଦୀଙ୍କୁ ହତ୍ୟା, ବଳାତ୍କାର ଓ ଅପହରଣ କରିଥିଲେ। ଏହା ଥିଲା ଇସ୍ରାଏଲ ପ୍ରତିରକ୍ଷା ବଳ ( ଆଇଡିଏଫ୍) ପାଇଁ ଏକ ବଡ଼ ଅପମାନ। ଏହା ପାଇଁ ଆଇଡିଏଫ୍ ମଧ୍ୟ ପ୍ରସ୍ତୁତ ନ ଥିଲା। ଇଣ୍ଟେଲିଜେନ୍ସ ଏଜେନ୍ସିଗୁଡ଼ିକ ସତର୍କ ସୂଚନାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ, ଏପରିକି ମିଷ୍ଟର ସିକ୍ୟୁରିଟି ମଧ୍ୟ।

ହମାସ୍‌କୁ ଜବାବ ଦେବା ଲାଗି ନେତାନ୍ୟାହୁଙ୍କୁ ଆକ୍ରମଣ କରିବାକୁ ପଡ଼ିଥିଲା । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କେବଳ କ୍ଷମତାରେ ରହିବା ଏବଂ ଜେଲରେ ନ ରହିବା ଲାଗି ଏବେ କେବଳ ସେ ଆକ୍ରମଣ ଜାରି ରଖିନାହାନ୍ତି ବରଂ ଅପମାନ ଦୂର କରିବାକୁ ଏବଂ ଆବଶ୍ୟକ ହେଲେ ଇହୁଦୀମାନେ ନିଜେ ଲଢ଼ିବାକୁ ସକ୍ଷମ ବୋଲି ଦର୍ଶାଇଛନ୍ତି। ବାସ୍ତବରେ ହମାସ୍ ଏବଂ ହେଜ୍‌ବୋଲ୍ଲା ଆତଙ୍କବାଦୀ ସଙ୍ଗଠନ ହେଉଛନ୍ତି ଶତ୍ରୁ। ସେମାନେ ମାନଚିତ୍ରରୁ ଇସ୍ରାଏଲକୁ ହଟାଇଦେବା ପାଇଁ ଚାହାନ୍ତି। କିନ୍ତୁ ଅକ୍ଟୋବର ୭ର ଘଟଣା ହିଁ ଅତୀତର ଇହୁଦୀ ନିର୍ଯାତନା ବିଷୟକୁ ପୁନର୍ବାର ସାମ୍ନାକୁ ଆଣିଛି। ଏହା ଯୋଗୁ ଇସ୍ରାଏଲ ତାହାର ଅତୀତର ମାନସିକ ଶକ୍ତିକୁ ଆଧାରକରି ଲଢୁଛି। ତେଣୁ ବାରମ୍ବାର ଦାବି ହେଉଛି ଯେ ଇସ୍‌ଲାମୀୟ ଗୋଷ୍ଠୀ ହେଉଛନ୍ତି ଏବକାର ନାଜି ।

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ। ପରମାଣୁ ଶକ୍ତିସମ୍ପନ୍ନ ଶକ୍ତିଗୁଡ଼ିକ ଏଥିରେ ଜଡ଼ିତ ହୋଇ ଏକ ବଡ଼ ଧରଣର ଯୁଦ୍ଧ ଘଟିବା ସମ୍ଭାବନା ଅଛି। ତେବେ ଉଗ୍ରବାଦୀ ଗୋଷ୍ଠୀଙ୍କ ବିରୋଧରେ ନେତାନ୍ୟାହୁଙ୍କ ସମ୍ପୂର୍ଣ୍ଣ ବିଜୟର ଲକ୍ଷ୍ୟ କେବଳ ଯୁଦ୍ଧ ଦ୍ୱାରା ହାସଲ ହୋଇପାରିବ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯୁଦ୍ଧ ଏବଂ ଅତ୍ୟାଚାର ସମ୍ମାନ ହାନି ଘଟାଇବା ସହ ଅପମାନିତ କରିବ। ଇସ୍ରାଏଲ ପ୍ରତିଷ୍ଠା କରିବା ଆବଶ୍ୟକ ବା ଯଥାର୍ଥ ହୋଇଥାଇପାରେ, କିନ୍ତୁ ପରିଣାମ ସ୍ୱରୂପ ପାଲେଷ୍ଟିନୀୟମାନେ ବାରମ୍ବାର ଅପମାନିତ ହୋଇଆସିଛନ୍ତି।

ଉଭୟ ପକ୍ଷ ଅନ୍ୟର ସର୍ବାଧିକ କ୍ଷତି କରିବାକୁ ଯେପର୍ଯ୍ୟନ୍ତ ଚେଷ୍ଟା କରୁଥିବେ ସେପର୍ଯ୍ୟନ୍ତ ହିଂସାର ଶେଷ ହେବ ନାହିଁ। ନେତାନ୍ୟାହୁ ହୁଏତ ଭାବିପାରନ୍ତି ଯେ ସମ୍ପୂର୍ଣ୍ଣ ବିଜୟ ଘଟିବ, କିନ୍ତୁ ଏହା ଏକ ଭ୍ରମ। ବର୍ତ୍ତମାନ ହେଜ୍‌ବୋଲ୍ଲା ଗମ୍ଭୀର ଭାବରେ କ୍ଷତିଗ୍ରସ୍ତ ହୋଇଛି ଏବଂ ଗାଜା ପୂରା ଧ୍ୱଂସ ହୋଇଯାଇଛି। ସେ ଯାହା କରିଛନ୍ତି ତାହା ଅଧିକ ଶତ୍ରୁ ସୃଷ୍ଟି କରିବ।

**ପ୍ରତିଷ୍ଠିତ ଲେଖକ**

# ବିଷାକ୍ତ ମୂର୍ତ୍ତି ରଙ୍ଗ



ଅଭୟ କୁମାର ଦାସ

ସଂପ୍ରତି ମୂର୍ତ୍ତି କାରିଗରିରେ କେବଳ ବିଷାକ୍ତ ରଙ୍ଗ ନୁହେଁ, ମୂର୍ତ୍ତି ତିଆରି, ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ହେଉଛି। ଏହା ଆମ ସମସ୍ତଙ୍କ ପାଇଁ ଘାତକ। ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳି ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରି ହୋଇଥାଏ। ଆଉ ଏହି ମୂର୍ତ୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ବ୍ୟାପକ ଜଳସମ୍ପଦକୁ ପ୍ରଦୂଷିତ କରିବା ସହ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ଚର୍ମ ଓ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସଂକ୍ରମିତ କରି ରୋଗାକ୍ରାନ୍ତର ସମ୍ଭାବନା ଦେଖାଯାଇଥାଏ। ଦୁଃଖର କଥା ହେଉଛି ଆମେ ସମସ୍ତେ ଏହାକୁ ଜାଣି ବି ବ୍ୟାପକ ଭାବରେ ସଚେତନ ନ ହେବାରୁ ଏହାକୁ ନେଇ ଚାରିଆଡ଼େ ଏକପ୍ରକାର ନୀରବତାର ହୋହଲ୍ଲା!! ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ୍ତି ତିଆରିରେ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ। ଏହା ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରୁଥିବା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ବି ନାଚାର। ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମାଗ୍ନେସିୟମ୍, ମୋଲିବଡେନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି। ମାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ। ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକିଆଣିଥାଏ। ଯାହା ଜାପାନରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା। ଜାପାନର 'ମିନମାତା' ଅଞ୍ଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା। ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ୍ ଭଳି ରାସାୟନିକ ପଦାର୍ଥ ବିପଦର କାରଣ ହୋଇପାରେ। ସୂଚନାଯୋଗ୍ୟ, ଅହମ୍ମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତ୍ତି ଉପରେ କଟକଣା ଲଗାଯାଇଥିବାବେଳେ ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ। ମୂର୍ତ୍ତି କାରିଗରମାନେ ସେମାନଙ୍କ ମନମୁତାବକ ନିଜ ଲାଭକୁ ଦେଖି ଶସ୍ତା ଓ ନିମ୍ନମାନର ରଙ୍ଗ ବ୍ୟବହାର କରୁଛନ୍ତି। କିନ୍ତୁ ଦିନ ଥିଲା, ମୂର୍ତ୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା। ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଞ୍ଚଳର ଫୁଲ, ଶଙ୍ଖଚୂନ, ଶିଠା ଫଳ ଆଦି ବ୍ୟବହାର କରାଯାଉଥିଲା। କିନ୍ତୁ ବର୍ତ୍ତମାନ ପ୍ରଥମତଃ ସେହି ଜିନିଷଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି।

ସବୁଜ ବିପ୍ଳବ ନାମରେ ବର୍ତ୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ବାସ୍ତବରେ କିନ୍ତୁ 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ନ୍ୟାୟରେ ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହୋଇଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ । ରାଜ୍ୟର ଅନେକ ସ୍ଥାନରେ ନଦୀନାଳ ଜଳକୁ ଲୋକମାନେ ନିଜର ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟଠାରୁ ଜୀବନରକ୍ଷକ ପିଇବା ପାଣି, ଗାଈଗୋରୁ ମଧ୍ୟ ବ୍ୟବହାର କରିଥାନ୍ତି। ସେମାନେ ସିଧାସଳଖ ପ୍ରତ୍ୟକ୍ଷ ଭାବେ ଏହାର ସଂସ୍ପର୍ଶରେ ଆସି ରୋଗାକ୍ରାନ୍ତ ହୋଇଥାନ୍ତି। କେବଳ ସେତିକି ନୁହେଁ, ଚାଷକ୍ଷେତକୁ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶରେ ପ୍ରଭାବିତ କରିଥାଏ। ଏହାଦ୍ୱାରା ଚାଷବାସ ମଧ୍ୟ ପ୍ରଭାବିତ ହୋଇଥାଏ ବୋଲି କୃଷିବିଜ୍ଞାନୀମାନେ ମତ ଦିଅନ୍ତି। ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ। ଆଉ ଗୋଟିଏ କଥା ହେଉଛି ଯେଉଁ ମୂର୍ତ୍ତି କାରିଗରମାନେ ସ୍ପ୍ରେ ଦ୍ୱାରା ଏହି ଭୟାନକ ରାସାୟନିକ ରଙ୍ଗ ମୂର୍ତ୍ତିରେ ଦେଇଥାନ୍ତି, ସେମାନେ ଏହାର ପାର୍ଶ୍ୱପ୍ରତିକ୍ରିୟାର ସମ୍ମୁଖୀନ ହୋଇ ସେମାନଙ୍କ ଚର୍ମରେ ଏକପ୍ରକାର ବିକିରଣର ପ୍ରଭାବ ପକାଇଥାଏ। ମୂର୍ତ୍ତି ବିସର୍ଜନ ବେଳେ ଯେଉଁପ୍ରକାର ପ୍ରଦୂଷଣ ହେଉଛି ଓ ମୂର୍ତ୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ମାନ୍ୟବର ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାନ୍ତି।

**ଗୋତରା, ମାହାଙ୍ଗା, କଟକ**
**ମୋ:୯୪୩୭୧୪୨୭୧୭**

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ ଏବେ ବିଶ୍ୱର ଚିନ୍ତା ବଢ଼ାଇ ଦେଇଛି। ଏହାର ମୁକାବିଲା କରିବାକୁ ହେଲେ କୃଷି କ୍ଷେତ୍ରରେ ପରିବେଶ ଉପଯୋଗୀ ପଦ୍ଧତି ଆପଣାଇବା ଜରୁରୀ ହୋଇପଡ଼ିଲାଣି। ତେବେ ଜୈବିକ କୃଷି ପାଇଁ ଜୈବିକ ସାର ଓ ଖତ ବ୍ୟବହାର ବ୍ୟାପକ କରାଯିବା ଆବଶ୍ୟକ। ଏହାକୁ ଲକ୍ଷ୍ୟ କରି ଇତିମଧ୍ୟରେ ଜୈବିକ ଜିଆଖତ ପ୍ରସ୍ତୁତି ପାଇଁ ଆଇଆଇଟି ପ୍ରାଧ୍ୟାପକ ଡ. ଅଜୟ ଏସ୍ କାଲାମାଧା ଓ ତାଙ୍କ ଟିମ୍ ଏକ ନୂତନ ଯନ୍ତ୍ର ଆବିଷ୍କାର କରିଛନ୍ତି, ଯେଉଁଥିରେ ପାରମ୍ପରିକ ପଦ୍ଧତି ତୁଳନାରେ ଅଧା ସମୟରେ ବର୍ଜ୍ୟରୁ ଜିଆଖତ ତିଆରି କରାଯାଇପାରୁଛି। ଗୁଆହାଟୀ ଆଇଆଇଟି ଗବେଷକ ଡ. ଅଜୟ ଏସ୍ କାଲାମାଧା ଏହି ମେଶିନ ନିର୍ମାଣ କରିଛନ୍ତି। ଡ.ଅଜୟ ସିଭିଲ ଇଞ୍ଜିନିୟରିଂ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ତାଙ୍କ ଦ୍ୱାରା ନିର୍ମିତ ମେଶିନରେ ଉଚ୍ଚମାନର ଜିଆଖତ ତିଆରି ହେଉଛି, ଯାହାର ନାମ 'ମାଟିଧନ'। ଖତ ମାତ୍ର ୨୭ ଦିନ ମଧ୍ୟରେ ହୋଇପାରୁଛି ଏବଂ ଏଥିରେ ଅନ୍ୟ ଖତ ତୁଳନାରେ ଅଧିକ ଯବକ୍ଷାରଜାନ ରହୁଛି। ଗୋଟିଏ ମାସ ଭିତରେ ୨୫୦ରୁ ୩୫୦ କେ.ଜି. ବର୍ଜ୍ୟରୁ ୧୦୦-୧୫୦ କେ.ଜି. ଜିଆଖତ ମିଳିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୧ ଅକ୍ଟୋବର ୧୯୭୫**

- ପଶ୍ଚିମବଙ୍ଗର ସୁନ୍ଦରବନ ଓ ଓଡ଼ିଶାର ବାଲେଶ୍ୱର ନିକଟରେ ବଙ୍ଗୋପସାଗରର ସମୁଦ୍ର ଶଯ୍ୟାରୁ ପ୍ରାୟ ୬୫୦୦ ଫୁଟ ଗଭୀରରେ ତୈଳ ଖଣିର ସନ୍ଧାନ ମିଳିଛି।
- ବମ୍ବେ ହାଏର ତୈଳ ସନ୍ଧାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏବଂ ଯଥାଶୀଘ୍ର ଏହି ତୈଳ ଖଣିରୁ ତୈଳ ଉତ୍ପାଦନ କରିବା ନିମନ୍ତେ ତୈଳ ଶିଳ୍ପ ବିକାଶ ବୋର୍ଡ ପକ୍ଷରୁ ୨୦ କୋଟି ଟଙ୍କା ଋଣ ପ୍ରଦାନ।
- ୫୪ ବର୍ଷ ବୟସ୍କ ରୁଷୀୟ ପରମାଣୁ ବିଜ୍ଞାନୀ ଆଣ୍ଡ୍ରିସାଖାରୋଭ୍‌ଙ୍କୁ ମାନବ ଜାତିର ଶାନ୍ତି ଲାଗି ନିର୍ଭୀକ ପ୍ରୟାସ ନିମନ୍ତେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | 9 | | | 7 | |
| 4 | | | | | 3 | | | |
| | 9 | 3 | | 1 | | | | |
| | | | 2 | | | | | |
| 8 | | 4 | | | | 3 | | |
| 7 | | 9 | 1 | | | | 8 | |
| | | | | | 6 | | | |
| | | | | 2 | | 8 | 6 | 7 |
| | | 5 | 3 | 8 | | 4 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 2 | 8 | 6 | 3 | 1 | 9 |
| 3 | 9 | 2 | 1 | 5 | 7 | 4 | 6 | 8 |
| 8 | 6 | 1 | 9 | 3 | 4 | 2 | 7 | 5 |
| 4 | 5 | 3 | 6 | 1 | 8 | 9 | 2 | 7 |
| 2 | 8 | 6 | 7 | 9 | 3 | 1 | 5 | 4 |
| 1 | 7 | 9 | 4 | 2 | 5 | 8 | 3 | 6 |
| 5 | 2 | 8 | 3 | 6 | 9 | 7 | 4 | 1 |
| 9 | 1 | 7 | 5 | 4 | 2 | 6 | 8 | 3 |
| 6 | 3 | 4 | 8 | 7 | 1 | 5 | 9 | 2 |

ଗତକାଲିର ଉତ୍ତର

# ଦୁର୍ନୀତିଗ୍ରସ୍ତଙ୍କ ରକ୍ଷାକବଚ



ହରିଶଙ୍କର ମିଶ୍ର

ଗତ କିଛି ଦିନ ମଧ୍ୟରେ ଆଖି ଝଲସାଇ ଦେବାଭଳି ସମ୍ପତ୍ତିର ମାଲିକ ହୋଇଥିବା ଅନେକ ଅଧିକାରୀ ଓ କର୍ମଚାରୀ ରାଜ୍ୟ ଭିଜିଲାନ୍ସ ପଞ୍ଝାକୁ ଆସିଛନ୍ତି। ଏହା ସ୍ୱତଃ ସ୍ପଷ୍ଟ ହୁଏ ସେମାନଙ୍କର ଦୁର୍ନୀତି ଏବେକାର ନୁହେଁ। ରାଜ୍ୟ ସରକାର ବଦଳିବା ପରେ ଭିଜିଲାନ୍ସ ବିଭାଗର ତତ୍ପରତା ଓ ଏହି ସଫଳତା ମଧ୍ୟ ପ୍ରମାଣ କରୁଛି ଯେ, ପୂର୍ବ ସରକାରଙ୍କ ସମୟରେ ବିଭାଗ ବୋଧହୁଏ ଚାପରେ ଥିଲା। ଯେଉଁ ଅଧିକାରୀ ବା କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି ସେମାନଙ୍କର ସଂଖ୍ୟା ମଧ୍ୟ ନିଶ୍ଚିତ ନଗଣ୍ୟ। ଯେତେବେଳେ ଜନପ୍ରତିନିଧି ଅତିରିକ୍ତ କ୍ଷମତାଲୋଭୀ ହୋଇ ଶାସନତନ୍ତ୍ରକୁ ଦୀର୍ଘକାଳ ନିଜ ଅକ୍ତିଆରରେ ରଖିବାକୁ ପ୍ରୟାସ କରନ୍ତି ସେଇ ଦୁର୍ବଳତାର ସୁଯୋଗରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିକୁ ନୀତି କରିଥାନ୍ତି। ଉଦାହରଣ ସ୍ୱରୂପ ୨୦୧୯ ପୂର୍ବରୁ ଯେଉଁ କାଳିଆ ଯୋଜନା କରାଯାଇଥିଲା ସେଥିରେ ପ୍ରଶାସନରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହିତ ହୋଇ ୧୨ ଲକ୍ଷ ୭୨ହଜାର ତାଳମେଳ ନଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ୭୮୨ କୋଟି ଟଙ୍କା ବାଣ୍ଟିଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହାଦ୍ୱାରା ଶାସକ ଦଳ ରାଜନୈତିକ ସଫଳତା ପାଇବା ସହ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଆର୍ଥିକ ଲାଭ ପାଇଥିବା ମଧ୍ୟ ସ୍ପଷ୍ଟ ହେଉଛି। ଜାଲ୍ ପ୍ରମାଣପତ୍ରରେ ଛାତ୍ରବୃତ୍ତି ହଡ଼ପ ବା ଭୂତ ହିତାଧିକାରୀଙ୍କ ନାମରେ ଲକ୍ଷ ଲକ୍ଷ ଖାଉଟି କାର୍ଡ ପଛରେ ରାଜନୈତିକ ବ୍ୟକ୍ତି ଓ ଅଧିକାରୀ ଉଭୟ ପକ୍ଷ ଲାଭବାନ ହୋଇଛନ୍ତି। ଶୂନ୍ୟ ସହନଶୀଳତା ତାଗିଦରେ ଦୁର୍ନୀତିରେ ଲିପ୍ତ ଅଧିକାରୀ ବା କର୍ମଚାରୀଙ୍କୁ ପ୍ରଭାବିତ କରିବା ସମ୍ଭବ ନୁହେଁ। ଏବେ ରାଜ୍ୟର ଅଶୀ ଶତାଂଶ ଅଧିକାରୀ ବା କର୍ମଚାରୀ ଶୂନ୍ୟ ସହନଶୀଳତା ବଳୟ ବାହାରେ ଅଛନ୍ତି। ନିଜର ସମ୍ପତ୍ତି ତାଲିକା ଦାଖଲ ପାଇଁ ବାରମ୍ବାର ସରକାର ସମୟ ଦେଉଥିଲେ ବି ଅନେକ କର୍ମଚାରୀ ଓ ଅଧିକାରୀ ତାହା ନିୟମିତ ଦେଇନାହାନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ଆଇନ ବ୍ୟବସ୍ଥାକୁ ଅନୁଶୀଳନ କଲେ ଜଣାଯାଏ ଯେ, ଦୁର୍ନୀତିରେ ଅଭିଯୁକ୍ତଙ୍କୁ ଖଲାସ ପାଇଁ ଆଇନଗତ ଗଳାବାଟର ଉପଯୋଗ ଅଧିକ କରାଯାଏ। ଅପରପକ୍ଷରେ ରାଜ୍ୟ ଭିଜିଲାନ୍ସ ବିଭାଗ ଦ୍ୱାରା ଧରାପଡ଼ିଥିବା ଅଧିକାରୀ ବା କର୍ମଚାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ବା ଲାଞ୍ଚ ଗ୍ରହଣ ମାମଲା କୋର୍ଟରେ ବର୍ଷ ବର୍ଷ ଧରି ସରେ ନାହିଁ । ଏବେବି ୨୦୦୫ ମସିହାର ଅନେକ ମାମଲା ଫଇସଲା ହୋଇନାହିଁ। ବିଳମ୍ବିତ ବିଚାର ସେମାନଙ୍କ ପାଇଁ ଆଶୀର୍ବାଦ ହୋଇଥାଏ। ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ଯେ, ଅନେକ ମାମଲା ୨୦୧୬ ମସିହାରୁ ଏପର୍ଯ୍ୟନ୍ତ ତଦନ୍ତ ପ୍ରକ୍ରିୟା ମଧ୍ୟରେ ରହିଛି। ମାମଲାକୁ ପ୍ରମାଣ କରିବାକୁ ଅନେକ ତଥ୍ୟ ଆବଶ୍ୟକ ଥିବାବେଳେ କିଛି ଅଧିକାରୀଙ୍କ କାଳକ୍ଷେପଣ ନୀତି ମଧ୍ୟ ଏହାର ଅନ୍ୟତମ ମୁଖ୍ୟ କାରଣ। କୌଣସି ପ୍ରଥମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶ୍ରେଣୀର ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ପୂର୍ବରୁ ସରକାରଙ୍କର ପୂର୍ବାନୁମତି ଆବଶ୍ୟକ ଥିବାରୁ ଏବେ ବି ସରକାରଙ୍କ ପାଖରେ ଅନ୍ୟୁନ ଦୁଇଶହ ଆବେଦନ ବହୁ ବର୍ଷ ଧରି ପଡ଼ିରହିଛି। ଅନୁମତି ପାଇବା ବେଳକୁ ସମ୍ପୃକ୍ତ ଅଧିକାରୀ ନିଶ୍ଚିତ ସତର୍କ ହୋଇଯାଇଥିବେ ବା ଚାକିରିରୁ ଅବସର ନେଇ ସାରିଥିବେ। ମାମଲାର ତଦନ୍ତ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଥିବାରୁ ସେଥିପାଇଁ ବିଭାଗୀୟ ତାଗିଦ ବା ସହଯୋଗ ପରିବର୍ତ୍ତେ ଖୋଦ ସରକାର ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଆଇନଗତ ସହଯୋଗ କରୁଥିବା ଭଳି ସ୍ୱର୍ଶକାତର ନିଷ୍ପତ୍ତି ନେବା ନିଶ୍ଚିତ ଉଦ୍‌ବେଗଜନକ।



ରାଜ୍ୟ ଅର୍ଥବିଭାଗ ଦ୍ୱାରା ସଂକଳିତ ଓଡ଼ିଶା ସିଭିଲ ସର୍ଭିସ (ପେନ୍‌ସନ୍) ନିୟମାବଳୀ ୧୯୯୨ର ଧାରା ୬୬ ଅନୁଯାୟୀ ଯେଉଁ ଅଧିକାରୀଙ୍କ ନାମରେ ଭିଜିଲାନ୍ସ ମାମଲା ଥିବ ସେମାନେ ମାମଲା ଶେଷ ନ ହେବା ପର୍ଯ୍ୟନ୍ତ କେବଳ ପ୍ରୋଭିଜିନାଲ ପେନ୍‌ସନ ପାଇବା ପାଇଁ ବିଧି ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ରାଜ୍ୟ ଗୃହ ବିଭାଗ ମାଗିଥିବା ସ୍ପଷ୍ଟୀକରଣରେ ଆଇନ ବିଭାଗ ସେହି ନିୟମାବଳୀର ଧାରା ୭ ଅନୁଯାୟୀ ଯଦି ଭିଜିଲାନ୍ସ ମାମଲା ଥିବା ଅଧିକାରୀଙ୍କ ବିରୋଧରେ ସେମାନଙ୍କର ଅବସର ଦିନ ପୂର୍ବରୁ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଗୃହୀତ ହୋଇ ନଥାଏ ତେବେ ସମ୍ପୃକ୍ତ ଅଧିକାରୀଙ୍କ ନାମରେ କୌଣସି ମାମଲା ନାହିଁ ବୋଲି ଧରି ନେବାକୁ ଜଣାଇବାରେ ତାହା ଗୃହ ବିଭାଗ ପତ୍ର ନଂ ୩୩୦୩୯ ତା ୨୨-୮-୨୦୨୪ରିଖରେ ପ୍ରକାଶ କରିଛି। ଯାହାର ସୁଯୋଗ ଭିଜିଲାନ୍ସ ମାମଲାରେ ଅଭିଯୁକ୍ତ ଥିବା ଶତାଧିକ ଅଧିକାରୀଙ୍କ ପାଇଁ ଆଶୀର୍ବାଦ ହୋଇଛି।

ପ୍ରକାଶଯୋଗ୍ୟ ଯେ ଭିଜିଲାନ୍ସ ଗୃହ ବିଭାଗ ଅଧୀନ ହୋଇଥିବା ବେଳେ ଅର୍ଥ ବିଭାଗ ହେଉଛି ନିୟମର ସଂକଳକ। କିନ୍ତୁ ଭିଜିଲାନ୍ସ ବିଭାଗରୁ ମାମଲାର ସ୍ଥିତି ଓ ଅଗ୍ରଗତି ତ୍ୱରାନ୍ୱିତ ପରିବର୍ତ୍ତେ ଆଇନଗତ ଦିଗର ତର୍ଜମା କରିବାର ଯଥାର୍ଥତା କେବଳ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ, ଏଥିରେ ସନ୍ଦେହ ନାହିଁ। ସୂଚନାଯୋଗ୍ୟ ଯେ ଅନେକ ଦୃଷ୍ଟାନ୍ତ ମଧ୍ୟରୁ ତିନି ବର୍ଷ ପୂର୍ବେ ସେହି ଗୃହ ବିଭାଗର ଜଣେ ସ୍ୱତନ୍ତ୍ର ଶାସନ ସଚିବ ଅବସର ନେବାର ପନ୍ଦର ଦିନ ଆଗରୁ ଏବଂ ନିକଟରେ ଉଚ୍ଚ ଶିକ୍ଷା ପରିଷଦର ନଥି ରକ୍ଷକ ଅବସର ନେବାର ଚାରି ଦିନ ପୂର୍ବରୁ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିଲେ। ସେମାନଙ୍କର ଅବସର ପୂର୍ବରୁ ଅଭିଯୋଗ ପତ୍ର ଦାଖଲ କୋର୍ଟ ଦ୍ୱାରା ଗୃହୀତ ହେବା ଅସମ୍ଭବ। ସରକାର ସମସ୍ତ ବିଭାଗର ନିର୍ଣ୍ଣାୟକ ହୋଇଥିବା ବେଳେ ଏଇ ସ୍ପଷ୍ଟୀକରଣ ଯୋଗୁ ସାମଗ୍ରିକ ଭାବରେ ସରକାର ହିଁ ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ରକ୍ଷାକବଚ ହେଉଥିବା ସ୍ପଷ୍ଟ ହେଉଛି।

ଏହା ସତ୍ୟ ଯେ ସରକାର ଯଦି ଶୂନ୍ୟ ସହନଶୀଳତା ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ଏବଂ ସେଥିପାଇଁ ଆବଶ୍ୟକ ଆଇନ କରି ତା'ର ଠିକ୍ ଉପଯୋଗ କରିପାରିଲେ ଦୁର୍ନୀତି କିଛି ମାତ୍ରାରେ ନିୟନ୍ତ୍ରିତ ହୋଇପାରିବ। ପ୍ରଥମେ ଭିଜିଲାନ୍ସ ବିଭାଗକୁ ସ୍ୱୟଂସଂପୂର୍ଣ୍ଣ କ୍ଷମତା ପ୍ରଦାନ ସହ ରାଜ୍ୟର ପ୍ରତ୍ୟେକ ଜିଲାରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ଏଂ ଅଧୀକ୍ଷକ ପଦବୀ ସୃଷ୍ଟି କରାଯାଇ ତଦନ୍ତ ଓ ବିଚାର ପାଇଁ ସର୍ବୋଚ୍ଚ ସମୟସୀମା ନିର୍ଦ୍ଧାରଣ କରାଯାଉ। ପ୍ରତ୍ୟେକ ମାମଲା ଅଗ୍ରଗତିର ସମୀକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କୁ ନାମିତ କର୍ତ୍ତୃପକ୍ଷ ଘୋଷଣା ଏବଂ କ୍ଷମତା ପ୍ରଦାନ କରାଯିବା ଉଚିତ । ଏଥିସହ ବିଭାଗକୁ ଅଧିକ ସକ୍ରିୟ ପାଇଁ ଆବଶ୍ୟକ ଅନୁଯାୟୀ ଦକ୍ଷ ଓ ସଚ୍ଚୋଟ କର୍ମଚାରୀ ନିଯୁକ୍ତି ହେବା ଦରକାର। ଏତଦବ୍ୟତୀତ ଭିଜିଲାନ୍ସ ମାମଲାରେ ସମ୍ପୃକ୍ତ ଅଧିକାରୀ ବା କର୍ମଚାରୀମାନଙ୍କୁ ମାମଲା ଶେଷ ନହେବା ପର୍ଯ୍ୟନ୍ତ ପୁନଃ ସ୍ଥାପନ ନ କରିବା ଆବଶ୍ୟକ। ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ବା କର୍ମଚାରୀ ଭିଜିଲାନ୍ସ ମାମଲାରେ ଗିରଫ ପରେ ପୁନଃ ସ୍ଥାପିତ ହୋଇ ପୁନଶ୍ଚ ଦୁର୍ନୀତିରେ ଗିରଫ ହୋଇଥିଲେ ତାଙ୍କୁ ଚାକିରିରୁ ବହିଷ୍କାର କରାଯିବା ପାଇଁ ନିୟମ ହେଉ। ପ୍ରତ୍ୟେକ ବର୍ଗର କର୍ମଚାରୀଙ୍କ ବାର୍ଷିକ ସମ୍ପତ୍ତି ତାଲିକା ଭିଜିଲାନ୍ସ ତଦାରଖ ହେବା ଉଚିତ। ରାଜ୍ୟରୁ ଦୁର୍ନୀତି କମିଲେ ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହେବ ଏଥିରେ ସନ୍ଦେହ ନାହିଁ।

**୧୧୩- ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ୧୧ ବର୍ଷରେ ୧୧ ମେଡ଼ିକାଲ କଲେଜ

ମହାଶୟ,

ଏକ ଜନ ସମାବେଶରେ ଘୋଷଣା କରାଗଲା ଯେ, ପ୍ରଧାନମନ୍ତ୍ରୀ ଦେଶରେ ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ମେଡ଼ିକାଲ କଲେଜ ଖୋଲିବାକୁ ୨୦୧୪ ମସିହାରେ ଘୋଷଣା କରିଥିଲେ। ସେହି ଘୋଷଣା ଅନୁସାରେ ଓଡ଼ିଶାରେ ଗତ ୧୧ ବର୍ଷରେ ୧୧ଟି ଜିଲାରେ ୧୧ଟି ମେଡ଼ିକାଲ କଲେଜ ଖୋଲାଯାଇଛି। ଅବଶିଷ୍ଟ ଜିଲାରେ ମେଡ଼ିକାଲ କଲେଜ ଖୋଲାଯିବା ପାଇଁ ଉଦ୍ୟମ ଚାଲିଛି। ତେବେ ଅବଶିଷ୍ଟ ୧୯ଟି ଜିଲାରେ ମେଡ଼ିକାଲ କଲେଜ ଖୋଲାଯିବାକୁ କ'ଣ ୧୯ ବର୍ଷ ଲାଗିବ ? ଓଡ଼ିଶାରେ ଡାକ୍ତରଙ୍କ ଅଭାବ ଅନ୍ୟ ରାଜ୍ୟ ତୁଳନାରେ ଅଧିକ। ଏଠାରେ ମେଡ଼ିକାଲ କଲେଜ ସଂଖ୍ୟା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଅତି କମ୍। ଏଣୁ ଅବଶିଷ୍ଟ ଜିଲାରେ ଅନ୍ତତଃ ଆଗାମୀ ୧୦ ବର୍ଷ ପୂର୍ବରୁ ମେଡ଼ିକାଲ କଲେଜ ଖୋଲା ଯିବାକୁ ଡବଲ ଇଞ୍ଜିନ ସରକାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରିବାକୁ ପଡ଼ିବ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜାଗିଥିଲା ତହିଁ ସହସା ମୋ କବି-ପାଗଳ
ମାନସର ଶିଶୁ ନାଚିଥିଲା ଅତି ଚପଳ
ସେଇ ପାହାଡ଼ର ଚୂଳେ ହୋଇ ଠିଆ-
ଡାକିବାକୁ ମୋର ଲୋଡ଼ିଥିଲା ହିଆ
ଜଗତ ଭିତରେ ଅକୁହା ବାରତା ସକଳ
କୁଟିଳ ଘାଟିରେ ଉଠିଥିଲା ହୋଇ ବିକଳ।
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରତନ ଟାଟାଙ୍କୁ ଅନ୍ତିମ ବିଦାୟ

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ମୁମ୍ବାଇ,୧୦।୧୦(ପି.ଟି.)

ମୁମ୍ବାଇର ୱର୍ଲିସ୍ଥିତ କ୍ରେମେଟୋରିୟମ୍‌ରେ ଗୁରୁବାର ସନ୍ଧ୍ୟାରେ ଇଣ୍ଡଷ୍ଟ୍ରି ଟାଇଟନ୍ ରତନ ଟାଟାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ଏଥିସହ ଏକ ଯୁଗର ଅବସାନ ଘଟିଛି। ମୁମ୍ବାଇ ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଟାଟାଙ୍କ ଶେଷକୃତ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଟାଟାଙ୍କ ସାବତ ଭାଇ ନୋଏଲ ଟାଟାଙ୍କ ସମେତ ପରିବାର ସଦସ୍ୟ, ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନଙ୍କ ସମେତ ଶୀର୍ଷ ଅଧିକାରୀମାନେ ସାମିଲ ହୋଇଥିଲେ। ପାର୍ସି ପରମ୍ପରାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ଦକ୍ଷିଣ ମୁମ୍ବାଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ବୁଧବାର ରାତିରେ ରତନ ଟାଟାଙ୍କର ୮୬ ବର୍ଷ ବୟସରେ ପରଲୋକ ହୋଇଥିଲା। ଟାଟାଜୀଙ୍କ ଦୁଃଖଦ ନିଧନରେ କୋଟି କୋଟି ଭାରତୀୟଙ୍କ ସହ ସେ ଶୋକବ୍ୟକ୍ତ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବାର୍ତ୍ତାରେ ଜଣାଇଛନ୍ତି। ତାଙ୍କ ତରଫରୁ ଅମିତ୍ ଶାହା ଉପସ୍ଥିତ ରହି ରତନ ଟାଟାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଚଢ଼ାଇ ଅନ୍ତିମ ବିଦାୟ ଜଣାଇଥିଲେ। ଟାଟା ଦେଶାତ୍ମବୋଧ ଏବଂ ସଂହତିର ଆଲୋକବର୍ତ୍ତିକା ଭାବେ ସବୁବେଳେ ମନେରହିବେ ବୋଲି ଶାହା କହିଛନ୍ତି। ଟାଟା ଗ୍ରୁପ୍‌ର ନେତୃତ୍ୱ ନେଇ ଏହାକୁ ବିଶ୍ୱରେ ଏକ ପ୍ରମୁଖ ଶିଳ୍ପସଂସ୍ଥାରେ ପରିଣତ କରିଥିବା ରତନ ଟାଟାଙ୍କୁ ସାରା ବିଶ୍ୱ ସମ୍ମାନ ଦେଇଥାଏ। ଭାରତର ଶିଳ୍ପ ମାନଚିତ୍ରରେ ଟାଟାଙ୍କ ଜୀବନ ଓ ଦେଶ ପାଇଁ ପ୍ରତିବଦ୍ଧତା ଏକ ଧ୍ରୁବତାରା ଭଳି। ସ୍ୱଚ୍ଛ କର୍ପୋରେଟ୍ ଶାସନ ସହ ଟାଟା ଗ୍ରୁପ୍‌ର ନେତୃତ୍ୱ ନେଇ ସେ ଟାଟା ଟ୍ରଷ୍ଟ ଜରିଆରେ ଏକ ଉନ୍ନତ ସମାଜ ନିର୍ମାଣ ଲାଗି ପ୍ରୟାସ ଜାରି ରଖିଥିଲେ। ଦେଶର ଶିଳ୍ପସଂସ୍ଥାଗୁଡ଼ିକର ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କୁ ତାଙ୍କ ଲିଗାସୀ ମାର୍ଗଦର୍ଶନ ଦେଇଚାଲିବ ବୋଲି ବରିଷ୍ଠ ଭାଜପା ନେତା ଆଶାବ୍ୟକ୍ତ କରିଛନ୍ତି।

ଦକ୍ଷିଣ ମୁମ୍ବାଇର ନ୍ୟାଶନାଲ ସେଣ୍ଟର ଫର୍ ପର୍‌ଫର୍ମିଂ ଆର୍ଟସ (ଏନ୍‌ସିପିଏ)ରେ ଟାଟାଙ୍କ ମରଶରୀରକୁ ଶେଷ ଦର୍ଶନ ପାଇଁ ସକାଳ ୧୦ଟା ୩୦ରୁ ଅପରାହ୍ନ ୩ଟା ୫୫ ମିନିଟ୍ ପର୍ଯ୍ୟନ୍ତ ରଖାଯାଇଥିଲା। ପରେ ଶେଷକୃତ୍ୟ ପାଇଁ ମରଶରୀରକୁ ଅନ୍ତିମ ଯାତ୍ରାରେ ୱର୍ଲିସ୍ଥିତ କ୍ରେମେଟୋରିୟମ୍‌କୁ ନିଆଯାଇଥିଲା। ଏନ୍‌ସିପିଏଠାରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପରିବାର ସଦସ୍ୟଙ୍କ ସମେତ ବହୁ ଶିଳ୍ପପତି ଉପସ୍ଥିତ ରହି ଟାଟାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଟାଟାଙ୍କ ପରଲୋକରେ ଅମିତାଭ ବଚନ, ସଲ୍‌ମାନ ଖାନ୍, ପ୍ରିୟଙ୍କା ଚୋପ୍ରା ଜୋନାସ୍, ଅଜୟ ଦେବଗନ, କରିନା କପୁର, ଏସ୍.ଏସ୍. ରାଜମୌଳିଙ୍କ ସମେତ ସିନେମା ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଟାଟାଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା ବୋଲି ମେଗାଷ୍ଟାର ଅମିତାଭ କହିଛନ୍ତି। ରତନ ଟାଟାଙ୍କ ପରଲୋକରେ ଗଭୀର ମର୍ମାହତ ବୋଲି ସଲମାନ୍ କହିଛନ୍ତି।



## ସଂକ୍ଷେପରେ

### ଦିଲ୍ଲୀରୁ ୨,୦୦୦ କୋଟିର କୋକେନ୍ ଜବତ

ନୂଆଦିଲ୍ଲୀ,୧୦।୧୦

ଦିଲ୍ଲୀର ରମେଶ ନଗର ଅଞ୍ଚଳରୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଗୁରୁବାର ୨୦୦ କିଲୋଗ୍ରାମ କୋକେନ୍ ଜବତ କରିଛି, ଯାହାର ମୂଲ୍ୟ ୨,୦୦୦ କୋଟି ଟଙ୍କା। ସପ୍ତାହକ ମଧ୍ୟରେ ଜାତୀୟ ରାଜଧାନୀରୁ ୭,୬୦୦ କୋଟି ଟଙ୍କାର କୋକେନ୍ ଜବତ ହେଲାଣି। ଜିପିଏସ୍ ଜରିଆରେ ସ୍ପେଶାଲ ସେଲ୍ ଡ୍ରଗ୍ସ ଯୋଗାଣକାରୀଙ୍କୁ ଟ୍ରାକ୍ କରିବା ପରେ ପଶ୍ଚିମ ଦିଲ୍ଲୀର ରମେଶ ନଗରରେ ସେମାନେ ରହିଥିବା ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନେ ଲଣ୍ଡନ ପଳାଇଥିବାବେଳେ ପୋଲିସ କୋକେନ ଜବତ କରିଛି। ଉଭୟ ଡ୍ରଗ୍ସ ଯୋଗାଣ ସହ ଗୋଟିଏ ସିଣ୍ଡିକେଟ୍ ସମ୍ପୃକ୍ତ। ପୂର୍ବ ଘଟଣାରେ ପୋଲିସ ପଞ୍ଜାବର ଅମୃତସର ବିମାନବନ୍ଦରରୁ ଜିତେନ୍ଦ୍ର ପାଲ ସିଂଙ୍କୁ ଗିରଫ କରିଥିଲା।

### ମୁରାସୋଲି ସେଲ୍‌ଭାମ୍‌ଙ୍କ ପରଲୋକ



ନୂଆଦିଲ୍ଲୀ,୧୦।୧୦

ଦିବଂଗତ କେନ୍ଦ୍ରମନ୍ତ୍ରୀ ମୁରାସୋଲି ମାରାନଙ୍କ ଭାଇ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଭିଣୋଇ ମୁରାସୋଲି ସେଲ୍‌ଭାମ୍‌ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ସେ ଡିଏମ୍‌କେର ମୁଖପତ୍ର 'ମୁରାସୋଲି'ର ପୂର୍ବତନ ସମ୍ପାଦକ। ସେ ଅନେକ ତାମିଲ ଚଳଚ୍ଚିତ୍ରର ନିର୍ମାତା ଥିଲେ। ସେଲ୍‌ଭାମ୍ ଜଣେ ଖ୍ୟାତନାମା ଲେଖକ ଓ ସାମ୍ବାଦିକ, ଯିଏ କି ଦଳୀୟ ବିଚାରଧାରାର ପ୍ରଚାର ପ୍ରସାର କରାଇବା ସହ ହିନ୍ଦୀ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ତାଙ୍କୁ ସମ୍ମାନ ଜଣାଇ ଦଳୀୟ ପତାକା ୩ ଦିନ ଅର୍ଦ୍ଧନମିତ ରହିବ।

### ହାଜତରେ ଗଣବଳାତ୍କାର ଅଭିଯୁକ୍ତଙ୍କ ମୃତ୍ୟୁ

ଅହମଦାବାଦ,୧୦।୧୦

ଗୁଜରାଟର ମାଙ୍ଗାରୋଲ ଗଣହତ୍ୟା ମାମଲାର ଅଭିଯୁକ୍ତ ଶିବଶଙ୍କର ଚୌରାସିଆଙ୍କର ପୋଲିସ ହାଜତରେ ମୃତ୍ୟୁ ଘଟିଛି। ଜେରା ବେଳେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ସୁରଟ ସିଭିଲ୍ ହସ୍ପିଟାଲ ଭେଣ୍ଟିଲେଟରରେ ରଖାଯାଇଥିବାବେଳେ ସେଠାରେ ମୃତ୍ୟୁ ହୋଇଛି। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବୁଧବାର ଜଣେ ନାବାଳିକାଙ୍କୁ ୩ ଜଣ ଗଣବଳାତ୍କାର କରିଥିଲେ। ପୋଲିସ ମୁନ୍ନା କରବାଲି ପାଶ୍ୱାନ ଏବଂ ଶିବଶଙ୍କର ଚୌରାସିଆଙ୍କୁ ଗିରଫ କରିଥିଲା।

## ଗାଜା ସ୍କୁଲରେ ଇସ୍ରାଏଲ୍‌ର ବୋମାମାଡ଼: ୨୮ ମୃତ

ଦେଇର ଅଲ୍-ବଲାହ,୧୦।୧୦

ପାଲେଷ୍ଟିନୀୟମାନେ ଆଶ୍ରୟ ନେଇଥିବା କେନ୍ଦ୍ରୀୟ ଗାଜାର ଏକ ସ୍କୁଲ ଉପରେ ଇସ୍ରାଏଲୀ ସେନା ବୋମାମାଡ଼ କରିବାରୁ ୨୮ ଜଣଙ୍କ ମୃତ୍ୟୁ ଘଟିଛି। ପାଲେଷ୍ଟିନୀୟ ରେଡ୍ କ୍ରିସେଣ୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରୁଫୈଦା ଅଲ୍-ଅସଲାମିଆ ସ୍କୁଲ ଉପରେ ହୋଇଥିବା ଏହି ଆକ୍ରମଣରେ ୫୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଦେଇର ଅଲ୍-ବଲାହ ସହର ସ୍ଥିତ ରେଡ୍ କ୍ରିସେଣ୍ଟ ମୁଖ୍ୟାଳୟ ନିକଟରେ ଏହି ଆକ୍ରମଣ ହୋଇଛି। ବିସ୍ଫୋରଣ ସ୍ଥଳରୁ ପ୍ରବଳ ଧୂଳି ଓ ଧୂଆଁ ଉଠୁଥିବାବେଳେ ଲୋକେ ସାହାଯ୍ୟ ପାଇଁ ଧାଁଦଉଡ଼ କରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଆହତ ପିଲାମାନେ ସ୍ଥାନୀୟ ଅଲ୍-ଅକ୍‌ସା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସ୍କୁଲରେ ଥିବା କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରରୁ ହମାସ୍ ଆତଙ୍କବାଦୀମାନେ ସାମରିକ ଅଭିଯାନ ଚଳାଇଥିବାରୁ ଏହାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଉତ୍ତର ଗାଜାରେ ହମାସ୍ ଆତଙ୍କବାଦୀ ଇସ୍ରାଏଲୀ ସେନା ଉପରେ ଆକ୍ରମଣ କରିବାରୁ ୧୨ ଲଢୁଆ ଯାନ କ୍ଷତିଗ୍ରସ୍ତ ହୋଇଛି।

ଅନ୍ୟପକ୍ଷରେ ଲେବାନନରେ ଥିବା ଜାତିସଂଘ ଶାନ୍ତିରକ୍ଷା ବାହିନୀକୁ ଟାର୍ଗେଟ କରି ଇସ୍ରାଏଲୀ ସେନା ଗୁଳିମାଡ଼ କରିଛି। ଏଥିରେ ଶାନ୍ତିବାହିନୀର ୨ ସୈନ୍ୟ ଆହତ ହୋଇଛନ୍ତି। ଶାନ୍ତିରକ୍ଷା ବାହିନୀ ଉପରେ ଆକ୍ରମଣକୁ ୟୁରୋପୀୟ ୟୁନିୟନ ଏବଂ ସ୍ପେନ୍ ନିନ୍ଦା କରିଛନ୍ତି। ୟୁଏନ୍‌ଆଇଏଫ୍‌ଆଇଏଲ୍ ମୁଖ୍ୟାଳୟରେ ଇସ୍ରାଏଲ୍‌ର ଆକ୍ରମଣକୁ ସ୍ପେନ୍ ସରକାର ଦୃଢ଼ ନିନ୍ଦା କରିଛନ୍ତି। ଏହା ଅନ୍ତର୍ଜାତୀୟ ମାନବୀୟ ଆଇନ ଏବଂ ସୁରକ୍ଷା ପରିଷଦ ସଂକଳ୍ପର ଗୁରୁତର ଉଲ୍ଲଂଘନ। ଶାନ୍ତିବାହିନୀକୁ ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ ପାଇଁ ସରକାର ଦାବି କରିଛନ୍ତି।



ଲାଓସ୍‌ରେ ୨୧ତମ ଏସିଆନ-ଇଣ୍ଡିଆ ସମିଟ୍‌ରେ ଯୋଗଦେବାକୁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭିଏନ୍‌ଟିଆନ୍‌ଠାରେ ବୌଦ୍ଧ ସନ୍ଥମାନଙ୍କ ଆଶୀର୍ବାଦ ଉତ୍ସବରେ ଯୋଗଦେଇଛନ୍ତି।

## ଭାରତ-ଏସିଆନ୍ ବନ୍ଧୁତା ଗୁରୁତ୍ୱପୂର୍ଣ୍ଣ: ମୋଦି

ଭିଏନ୍‌ଟିଆନ୍, ୧୦।୧୦

ଲାଓସ୍‌ର ରାଜଧାନୀ ଭିଏନ୍‌ଟିଆନ୍‌ରେ ଅନୁଷ୍ଠିତ ହେଉଥିବା ୨୧ତମ ଭାରତ-ଏସିଆନ୍ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଛନ୍ତି। ସମ୍ପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ବିବାଦ ଓ ତିକ୍ତତା ଦେଖାଦେଇଥିବାବେଳେ ଭାରତ ଓ ଏସିଆନ ଦେଶଗୁଡ଼ିକର ବନ୍ଧୁତା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ୧୦ ବର୍ଷ ତଳେ ସେ ଆକ୍ଟ ଇଷ୍ଟ ପଲିସି ନେଇ ଘୋଷଣା କରିଥିଲେ। ଏହା ପରଠାରୁ ଭାରତ ଓ ଏସିଆନ୍ ଦେଶଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ନୂତନ ଶକ୍ତି, ଗତି ଓ ଦିଗ ମିଳିଥିଲା। ସାଧାରଣତଃ ଏସିଆନ୍ ଦେଶଗୁଡ଼ିକ ଶାନ୍ତିପ୍ରିୟ ରାଷ୍ଟ୍ର ହୋଇଥାନ୍ତି ବୋଲି ମୋଦି କହିଛନ୍ତି। ଏସିଆନ୍ ଦେଶଗୁଡ଼ିକ ସର୍ବଦା ପରସ୍ପରର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦେଇ ଆସିଥାନ୍ତି। ଏହି ଅବସରରେ ଭାରତ ଓ ଏସିଆନ୍ ରାଷ୍ଟ୍ରଗୁଡ଼ିକର ସମ୍ପର୍କକୁ ମଜଭୁତ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ଏକ ୧୦ ପଏଣ୍ଟ ବିଶିଷ୍ଟ ଆକ୍ସନ ପ୍ଲାନ୍‌ର ଘୋଷଣା କରିଛନ୍ତି। ୨୦୨୫କୁ ଏସିଆନ୍-ଭାରତର ପର୍ଯ୍ୟଟନ ବର୍ଷ ଭାବରେ ପାଳନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ଏସିଆନ୍-ଭାରତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଦ୍ୟା ପାଣ୍ଠି ଅଧୀନରେ ଏସିଆନ୍-ଭାରତ ମହିଳା ବୈଜ୍ଞାନିକଙ୍କ କନ୍‌କ୍ଲେଭ ଆୟୋଜନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

### ହାଥ୍‌ରାସ୍ ଦଳାଚକଟା ଘଟଣା

## ଭୋଲେ ବାବା ନ୍ୟାୟିକ ପ୍ୟାନେଲରେ ହାଜର

ଲକ୍ଷ୍ନୌ,୧୦।୧୦

ଉତ୍ତରପ୍ରଦେଶର ହଥ୍‌ରାସ୍ ଜିଲାରେ ଗତ ଜୁଲାଇ ୨ରେ ନାରାୟଣ ଶଙ୍କର ହରି ଓରଫ ସୁରଜପାଲଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଦଳାଚକଟା ଘଟି ୧୨୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଭୋଲେ ବାବା ଭାବେ ପରିଚିତ ଏହି ଆତ୍ମଘୋଷିତ ଗଡ୍‌ମ୍ୟାନ ଗୁରୁବାର ଲକ୍ଷ୍ନୌରେ ନ୍ୟାୟିକ ତଦନ୍ତ କମିଶନ ନିକଟରେ ହାଜର ହୋଇଛନ୍ତି। ଜିଲାର ସିକନ୍ଦ୍ର ରାଓ ଅଞ୍ଚଳ ଅନ୍ତର୍ଗତ ଫୁଲରାଇ ଗ୍ରାମରେ ଘଟିଥିବା ଏହି ଦଳାଚକଟା ପାଇଁ ଏତଲାରେ ଭୋଲେ ବାବାଙ୍କୁ ଅଭିଯୁକ୍ତ କରାଯାଇଥିଲା। କମିଶନ ତାଙ୍କ ବୟାନ ରେକର୍ଡ କରିବେ ବୋଲି ଜଣାପଡ଼ିଛି। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ନ୍ୟାୟିକ କମିଶନ ଦଳାଚକଟା ଘଟଣାର ତଦନ୍ତ କରୁଛି।

## ୧୧ ଲକ୍ଷ ପିଲା ବାଲ୍ୟବିବାହ କରିବା ଆଶଙ୍କା ଥିଲା

ନୂଆଦିଲ୍ଲୀ,୧୦।୧୦

### ତୃତୀୟ ସ୍ଥାନରେ ଓଡ଼ିଶା

### ଏନ୍‌ସିପିସିଆର୍ ରିପୋର୍ଟ

୨୦୨୩-୨୪ ବର୍ଷରେ ୧୧.୪ ଲକ୍ଷ ପିଲା ବାଲ୍ୟବିବାହ କରିବା ଆଶଙ୍କା ରହିଥିଲା, ଯେଉଁମାନଙ୍କୁ ନ୍ୟାଶନାଲ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍ସ(ଏନ୍‌ସିପିସିଆର୍) ଚିହ୍ନଟ କରିଥିବା ଗୁରୁବାର କହିଛି। ସେମାନଙ୍କ ବାଲ୍ୟବିବାହକୁ ରୋକିବା ଦିଗରେ ଏନ୍‌ସିପିସିଆର୍ ପରିବାର କାଉନ୍‌ସେଲିଂ, ସ୍କୁଲରେ ପୁନଃସାମିଲ କରିବା ଏବଂ ଆଇନ ପ୍ରବର୍ତ୍ତନକାରୀଙ୍କ ସହଯୋଗ ଆଦି ପଦକ୍ଷେପ ନେଇଥିଲା। ଏଥିରେ ବାଲ୍ୟବିବାହ ପ୍ରତିକାର ଅଧିକାରୀ (ସିଏମ୍‌ପିଓ), ଜିଲା କର୍ତ୍ତୃପକ୍ଷ ଏବଂ ଅନ୍ୟ ଷ୍ଟେକ୍‌ହୋଲ୍ଡରମାନେ ସହାୟତା କରିଥିଲେ।

ଉତ୍ତରପ୍ରଦେଶରେ ସର୍ବାଧିକ ୫ ଲକ୍ଷ ପିଲା ବାଲ୍ୟବିବାହ କରିବା ଆଶଙ୍କା ରହିଥିବାବେଳେ ଏହା ପଛକୁ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ରହିଛି। ବାଲ୍ୟବିବାହ ରୋକିବା ପାଇଁ ସଚେତନତା ଅଭିଯାନରେ ୧.୨ କୋଟି ଲୋକ ସାମିଲ ହୋଇଥିଲେ। ୟୁପି, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଉକ୍ତ ଅଭିଯାନର ନେତୃତ୍ୱ ନେଇଥିଲା। ଜିଲା ଅଧିକାରୀ ଏବଂ ମୁଖ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ଭର୍ଚୁଆଲ ସମୀକ୍ଷା ବୈଠକ ପରେ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଥିବା କମଶନ କହିଛନ୍ତି। ଅଧାରୁ ପାଠପଢ଼ା ଛାଡୁଥିବା ପିଲାମାନେ ବାଲ୍ୟବିବାହର ଶିକାର ହେବା ଆଶଙ୍କା ଅଧିକ ରହିଛି।

## ୩ ଦଳିତ ବାଳକଙ୍କୁ ମାଡ଼ମାରି ଗାଁ ବୁଲାଇଲେ

ବହରାଇଚ୍, ୧୦।୧୦

### ଗହମ ଚୋରି ଅଭିଯୋଗ

ଉତ୍ତରପ୍ରଦେଶର ବହରାଇଚ୍ ଜିଲା ତେଜପୁରତେଡ଼ିଆ ଗ୍ରାମରେ ୫ କେ.ଜି ଗହମ ଚୋରି ଅଭିଯୋଗରେ ୩ ଜଣ ଦଳିତ ପିଲାଙ୍କ ପ୍ରତି ତାଲିବାନୀ ବର୍ବରତା କରାଯାଇଛି। ଜଣେ କୁକୁଡ଼ା ଫାର୍ମ ଅପରେଟର ଓ ତାଙ୍କ ସହଯୋଗୀ ମିଶି ନାବାଳକମାନଙ୍କୁ ବିଜୁଳି ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ପରେ ସେମାନଙ୍କର ମୁଣ୍ଡନ କରିବା ସହ ମୁହଁରେ କଳା ବୋଳି ଗାଁରେ ପରେଡ କରାଇଥିଲେ। ନାବାଳକମାନଙ୍କ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ଦଳିତ ନିର୍ଯାତନା ସହ ବିଭିନ୍ନ ଦଫାରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି ଅନ୍ୟମାନଙ୍କୁ ଧରିବାକୁ ପ୍ରୟାସ କରୁଛି। ପୀଡ଼ିତ ୩ ବାଳକଙ୍କ ବୟସ ୧୨ରୁ ୧୪ ବର୍ଷ ମଧ୍ୟରେ ହୋଇଥିବା ପୋଲିସ କହିଛି।

## ହରିୟାଣାର ୮୬ ବିଧାୟକ କୋଟିପତି

ନୂଆଦିଲ୍ଲୀ,୧୦।୧୦

### ୧୨ ଜଣଙ୍କ ନାଁରେ ଆପରାଧିକ ମାମଲା

### ଏଡିଆର୍ ରିପୋର୍ଟ

ହରିୟାଣା ବିଧାନସଭାର ୯୦ ନବନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ୮୬ ଜଣ ଅର୍ଥାତ୍ ୯୬ ପ୍ରତିଶତ କୋଟିପତି ହୋଇଥିବାବେଳେ ୧୨ ଜଣଙ୍କ ନାଁରେ ଆପରାଧିକ ମାମଲା ରହିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟରୁ ଏହା ଜଣାପଡ଼ିଛି। ୯୦ ବିଧାୟକ ଦାଖଲ କରିଥିବା ସତ୍ୟପାଠକୁ ଅନୁଧ୍ୟାନ କରି ଏଡିଆର୍ ଏବଂ ହରିୟାଣା ଇଲେକ୍ସନ ୱାଚ୍ ଉପରୋକ୍ତ ତଥ୍ୟ ଦେଇଛନ୍ତି। ୨୦୧୯ରେ ନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ୯୩ ପ୍ରତିଶତ କୋଟିପତି ଥିବାବେଳେ ଏଥର ତାହା ୯୬ ପ୍ରତିଶତକୁ ବୃଦ୍ଧି ପାଇଛି। ୪୪ ପ୍ରତିଶତ ବିଧାୟକଙ୍କ ସମ୍ପତ୍ତି ୧୦ କୋଟି ଟଙ୍କାରୁ ଅଧିକ ହୋଇଥିବାବେଳେ ମାତ୍ର ୨.୨ ପ୍ରତିଶତଙ୍କ ସମ୍ପତ୍ତି ୨୦ ଲକ୍ଷ ଟଙ୍କାରୁ କମ୍ ରହିଛି। ନିର୍ବାଚିତ ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨୪.୯୭ କୋଟି, ଯାହାକି ୨୦୧୯ରେ ୧୮.୨୯ କୋଟି ଟଙ୍କା ଥିଲା। ଦଳୀୟ ଦୃଷ୍ଟିରୁ ଦେଖିଲେ ଭାଜପାର ୯୬ ପ୍ରତିଶତ ଏବଂ କଂଗ୍ରେସର ୯୫ ପ୍ରତିଶତ ବିଧାୟକ କୋଟିପତି। ଆଇଏନ୍‌ଏଲ୍‌ଡିର ଉଭୟ ବିଧାୟକ ଏବଂ ସମସ୍ତ ସ୍ୱାଧୀନ ବିଧାୟକ କୋଟିପତି ଥିବା ଜଣାପଡ଼ିଛି। ହିସାରର ସ୍ୱାଧୀନ ବିଧାୟିକା ସାବିତ୍ରୀ ଜିନ୍ଦଲଙ୍କ ସମ୍ପତ୍ତି ସର୍ବାଧିକ ୨୭୦ କୋଟି ଟଙ୍କା ହୋଇଥିବାବେଳେ ଏହା ପଛକୁ ଭାଜପାର ଶକ୍ତିରାଣୀ ଶର୍ମା ଏବଂ ଶ୍ରୁତି ଚୌଧରୀ ରହିଛନ୍ତି। ଶକ୍ତିରାଣୀଙ୍କ ସମ୍ପତ୍ତି ୧୪୫ କୋଟି ହୋଇଥିବାବେଳେ ଶ୍ରୁତିଙ୍କ ସମ୍ପତ୍ତି ୧୩୪ କୋଟି ଟଙ୍କା। ମୋଟ ୩୦ ବିଧାୟକ ପୁନଃ ନିର୍ବାଚିତ ହୋଇଥିବାବେଳେ ସେମାନଙ୍କ ହାରାହାରି ସମ୍ପତ୍ତି ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୫୯ ପ୍ରତିଶତ ବଢ଼ିଛି। ଆପରାଧିକ ମାମଲା ଥିବା ୧୨ ବିଧାୟକଙ୍କ ମଧ୍ୟରୁ ୬ ଜଣଙ୍କ ନାମରେ ସଙ୍ଗୀନ ମାମଲା ରହିଛି। ହତ୍ୟା ଉଦ୍ୟମ ମାମଲାରେ ଜଣେ ବିଧାୟକ ଅଭିଯୁକ୍ତ ଅଛନ୍ତି। ୨୦୧୯ରେ ୭ ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଥିଲା।

## ବାତ୍ୟା ମିଲ୍‌ଟନରେ ୬ ମୃତ

ୱାଶିଂଟନ, ୧୦।୧୦

### ଅନ୍ଧାରରେ ୩୩ ଲକ୍ଷ ଲୋକ

ବାତ୍ୟା ମିଲ୍‌ଟନ ବୁଧବାର ଆମେରିକାର ଫ୍ଲୋରିଡା ରାଜ୍ୟର ପଶ୍ଚିମ ଉପକୂଳବର୍ତ୍ତୀ ସହର ସିଏଷ୍ଟା କି'ରେ ଲ୍ୟାଣ୍ଡଫଲ୍ କରିଛି। ଲ୍ୟାଣ୍ଡଫଲ ବେଳେ ପବନର ସର୍ବାଧିକ ତୀବ୍ରତା ୧୨୫ ମାଇଲ ପ୍ରତି ଘଣ୍ଟା ଥିବା ନେଇ ଆମେରିକାର ଜାତୀୟ ପାଣିପାଗ ସୂଚନା ଦେଇଛି। ଟାମ୍ପା, ସର୍‌ସୋଟା, ଫୋର୍ଟ ମାୟର୍ସ ଆଦି ଫ୍ଲୋରିଡାର ବହୁ ଜନବହୁଳ ଅଞ୍ଚଳ ଏହି ବାତ୍ୟାରେ ସର୍ବାଧିକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ନେଇ ଆମେରିକାର ଜାତୀୟ ବାତ୍ୟା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବାତ୍ୟାର ପ୍ରଭାବରେ ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କର ମୃତ୍ୟୁ ଘଟିଛି। ସମସ୍ତ ମୃତକ ଫ୍ଲୋରିଡାର ହୋଇଥିବା ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରାୟ ୧.୧ କୋଟି ଲୋକ ବନ୍ୟା ବିପଦ ମଧ୍ୟରେ ରହିଛନ୍ତି। ବାତ୍ୟାରେ ବହୁ ବିଜୁଳି ଖୁଣ୍ଟି ଉପୁଡ଼ି ପଡ଼ିଥିବାରୁ ଫ୍ଲୋରିଡାର ୩୩ ଲକ୍ଷରୁ ଅଧିକ ଲୋକ ବିଜୁଳି ସେବାରୁ ବଞ୍ଚିତ ହୋଇଛନ୍ତି। ବାତ୍ୟା ମିଲ୍‌ଟନ ନେଇ ଗୁରୁବାର ରାଷ୍ଟ୍ରପତି ଜୋ ବାଇଡେନ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବା ସହ ପ୍ରଭାବିତ ଅଞ୍ଚଳରେ ହଜାରରୁ ଅଧିକ କୋଷ୍ଟ ଗାର୍ଡଙ୍କ ସମେତ ଅନେକ ହଜାର ସଂଖ୍ୟାରେ ରେସ୍କ୍ୟୁ ଟିମ୍‌କୁ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜନ କରିଛନ୍ତି। ବାତ୍ୟା ମିଲ୍‌ଟନ ପ୍ରଭାବରେ ଫ୍ଲୋରିଡା, ନର୍ଥ କାରୋଲିନା, ଟେନେସି ରାଜ୍ୟର କେତେକ ସ୍ଥାନରେ ଇଣ୍ଟରନେଟ ସେବା ବ୍ୟାହତ ହୋଇଛି।



ବାତ୍ୟାରେ ଗଛ ଉପୁଡି କାର୍ ଭାଙ୍ଗିଯାଇଛି।



ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ଶ୍ରାଦ୍ଧବାର୍ଷିକୀରେ ଗୁରୁବାର ଉତ୍ତରପ୍ରଦେଶର ସୈଫାଇଠାରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ବିଜେଡି ଛାଡ଼ିଲେ ପ୍ରକାଶ ବେହେରା

ଭୁବନେଶ୍ୱର,୧୦।୧୦(ଅନିଲ ଦାସ)

ପୂର୍ବତନ ବିଧାୟକ ପ୍ରକାଶ ବେହେରା ବିଜେଡି ଛାଡ଼ିଛନ୍ତି। ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି। ଗତ ନିର୍ବାଚନରେ ସେ କଟକ-ବାରବାଟୀରୁ ପ୍ରାର୍ଥୀ ହୋଇଥିଲେ। ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ରାଷ୍ଟ୍ରୀୟ ଚିନ୍ତାଧାରାରେ ବିଶ୍ୱାସ ରଖନ୍ତି। ଜନସାଧାରଣଙ୍କ ସମସ୍ୟା, ବିକାଶ ଓ ସଙ୍ଗଠନ ସହ ଜଡ଼ିତ ରହିଛନ୍ତି। ଏଭଳି ନିଷ୍ପତ୍ତି ନେବାକୁ ସେ ଉଚିତ ମଣିଲେ ବୋଲି କହିଛନ୍ତି। ଟାଙ୍ଗୀ-ସାଲେପୁର ଲୋକଙ୍କ ସହ ୨୫ ବର୍ଷ ହେଲା ଯୋଡ଼ିହୋଇ



ପ୍ରକାଶ ବେହେରା

ରହିଥିବା ସେ କହିଛନ୍ତି। ଆଗାମୀ ଦିନରେ ମଧ୍ୟ ସେମାନଙ୍କ ଋଣ ଶୁଝିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି ।

୨୦୨୪ ନିର୍ବାଚନ ପୂର୍ବରୁ ବିଜେଡିକୁ ଆସି ସେ କଟକ-ବାରବାଟୀ ଆସନରୁ ଟିକେଟ ହାତେଇଥିଲେ। ୨୦୧୪ରେ ସାଲେପୁରରୁ କଂଗ୍ରେସ ଟିକେଟରେ ଜିତିଥିଲେ। ପରେ କଂଗ୍ରେସରୁ ଭାଜପାକୁ ଯାଇଥିଲେ। ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ସେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ତେବେ ଦଳ ତାଙ୍କୁ ଟାଙ୍ଗୀ-ସାଲେପୁରରୁ ଟିକେଟ ନ ଦେଇ କଟକ-ବାରବାଟୀ ଆସନରୁ ପ୍ରାର୍ଥୀ କରିଥିଲା। ସେ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସଙ୍କ ନିକଟରୁ ପରାଜିତ ହୋଇଥିଲେ। ନିର୍ବାଚନ ଶେଷ ହେବାର ୩ ମାସ ପରେ ପୁଣି ସେ ବିଜେଡି ଛାଡ଼ିଛନ୍ତି। ସେ ଆଗାମୀ ଦିନରେ କେଉଁ ଦଳରେ ଯୋଗଦେବେ ତାହା ସ୍ପଷ୍ଟ କରିନାହାନ୍ତି।

# ଥାନାରେ ଏତଲା ଦେଲା ଛାତ୍ର କଂଗ୍ରେସ

## ନାମଲେଖାରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର, ୧୦।୧୦(ସୁନିତ୍ ମିଶ୍ର)

ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ଦୁର୍ନୀତି ହେଉଥିବା ଅଭିଯୋଗ ଆଣି ଛାତ୍ର କଂଗ୍ରେସ ପକ୍ଷରୁ ବୁଧବାର ରାଜଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗୁରୁବାର ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶହୀଦନଗର ଥାନାକୁ ଯାଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମଲେଖା ଜାଲିଆତି ପାଇଁ କୁଳପତିଙ୍କୁ ଦାୟୀକରି ତାଙ୍କ ନାମରେ ଏକ ଏତଲା ଦେଇଛି। ଏଥିସହ ଜାଲିଆତିରେ ଅନ୍ୟ ୨ ଜଣ ଅଧିକାରୀ ସଂଶ୍ଳିଷ୍ଟ ଥିବା ଦର୍ଶାଯାଇ ସେମାନଙ୍କ ନାମରେ ମଧ୍ୟ ଏତଲାରେ କରାଯାଇଛି। ଏନେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି କହିଛନ୍ତି, ଓଡ଼ିଶାରେ ଉଚ୍ଚଶିକ୍ଷାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟର ଗରିମାକୁ କଳଙ୍କିତ କରାଯାଇଛି। ରାଜନୈତିକ ଚାପ, ଅର୍ଥ କାରବାର ବା ସରକାରୀ ବାବୁଙ୍କ ପ୍ରଭାବରେ ଏପରି ନାମଲେଖା ଜାଲିଆତି ହୋଇଛି ବୋଲି ଉଦିତ୍ ଅଭିଯୋଗ



ଛାତ କଂଗ୍ରେସ ପକ୍ଷରୁ ଶହୀଦନଗର ଥାନାରେ ଏତଲା ଦିଆଯାଉଛି।

କରିଛନ୍ତି। ଛାତ୍ର କଂଗ୍ରେସ ତା'ର ଏତଲାରେ ଉଲ୍ଲେଖ କରିଛି, ସାମ୍ସ ଦ୍ୱାରା ପ୍ରସ୍ତୁତ ର୍‍ୟାଙ୍କିଙ୍ଗ୍‌ରେ ବିଜୟ କୁମାର ସାହୁ ନାମକ ଆବେଦନକାରୀ ଛାତ୍ର ୧୩ ନମ୍ବରରେ ସ୍ଥାନିତ ହୋଇଥିବା ବେଳେ ମିତ୍ର ପ୍ରକାଶ ବଳ ନାମକ ଅନ୍ୟ ଜଣେ ଆବେଦନକାରୀ ଛାତ୍ର ୧୫ ନମ୍ବର ସିରିଏଲରେ ସ୍ଥାନିତ ହୋଇଥିଲେ। ଉଚ୍ଚ ଶିକ୍ଷା ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ ୧୩ ନମ୍ବରରେ ସ୍ଥାନିତ ହୋଇଥିବା ବିଜୟଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର 'ଲାଇବ୍ରେରି ଆଣ୍ଡ୍ ଇନ୍‌ଫର୍ମେଶନ ସାଇନ୍ସ' ବିଭାଗରେ ନାମଲେଖାର ସୁଯୋଗ ଦିଆଯିବା କଥା। ମାତ୍ର ସବୁ ବିଧିବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ୧୫ ନମ୍ବର ସିରିଏଲରେ ସ୍ଥାନିତ ହୋଇଥିବା ମିତ୍ର ପ୍ରକାଶଙ୍କୁ ନାମଲେଖା ପାଇଁ ସୁଯୋଗ ଦିଆଗଲା। ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ଧାର୍ଯ୍ୟ ତାରିଖରେ ନିଜର ନାମଲେଖା ସମ୍ପର୍କରେ ଆବେଦନକାରୀ ବିଜୟ କୁମାର ସାହୁ 'ଲାଇବ୍ରେରି ଆଣ୍ଡ୍ ଇନ୍‌ଫର୍ମେଶନ ସାଇନ୍ସ' ଡିପାର୍ଟମେଣ୍ଟରେ ରିପୋର୍ଟିଂ କରିଥିଲେ। ସେପ୍ଟେମ୍ବର ୧୩ରେ ସମ୍ପୃକ୍ତ ବିଭାଗ ପକ୍ଷରୁ ତାଙ୍କର ନାମଲେଖା ପାଇଁ ତାଙ୍କୁ ଟେଲିଫୋନ କରାଯାଇଥିଲା। ତେଣୁ ବେଆଇନ ଭାବେ ଆର୍ଥିକ କାରବାର ଏବଂ ରାଜନୈତିକ ଚାପ କାରଣରୁ ଏଭଳି କାର୍ଯ୍ୟ କରାଯାଉଥିବା ଉଦିତ୍ ଅଭିଯୋଗ କରିଛନ୍ତି।

# ନୂଆ କାର୍ଯ୍ୟାଳୟରେ ଭାଜପାର ସଦସ୍ୟତା କର୍ମଶାଳା

ପ୍ରୀତିପୁର,୧୦।୧୦(ସୁଶାନ୍ତ ବେହୁରିଆ)

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ବଜାର ଦୁର୍ଗାମଣ୍ଡପ ନିକଟରେ ଗୁରୁବାର ଭାଜପାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ନୂତନ ସଦସ୍ୟତା ଅଭିଯାନ କର୍ମଶାଳା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଜିଲା ଭାଜପା ସଭାପତି ଗୌତମ ରାୟ ଉଦ୍‌ଘାଟନ କରିଥିଲେ। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଓ ଜିଲା ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ ବିବିତା ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏମ୍‌ପି ବେହେରା ଅନଲାଇନ ମାଧ୍ୟମରେ ନୂତନ ସଭ୍ୟଙ୍କୁ ସାମିଲ କରିଥିଲେ। ଏହି



ଯାଜପୁର ଜିଲା ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ଦୁର୍ଗାମଣ୍ଡପ ନିକଟରେ ଭାଜପାର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ଜିଲା ସଭାପତି ଗୌତମ ରାୟ।

କାର୍ଯ୍ୟକ୍ରମରେ ବିଜେଡି ଓ କଂଗ୍ରେସ ଛାଡି ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରାଯାଇ ଦଳରେ ସାମିଲ କରାଯାଇଥିଲା। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ଶଶଧର ବେହୁରିଆ, ସଞ୍ଜୟ ନାୟକ, ସୁବାସ ମହାନ୍ତି, ଅଧର କୁମାର ଧଳ, ନିରଞ୍ଜନ ସାହୁ, ଚକ୍ରଧର ବେହୁରିଆ, ପ୍ରମୋଦ ପଣ୍ଡା, ବଳରାମ ଦାସ, ଚିନ୍ମୟୀ ପଣ୍ଡା ଓ ସବ୍ୟସାଚୀ ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## କଣାସରେ ସତ୍ୟବାଦୀ ବିଧାୟକ ଓମ୍‌ଙ୍କ କୁଶପୁତ୍ତଳିକା ଦାହ

କଣାସ,୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ)

ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ଜଣେ ଯୁବତୀଙ୍କ ଭିଡିଓ ଭାଇରାଲ ହେବା ନେଇ ଗୁରୁବାର କଣାସ ବ୍ଲକ ଜଙ୍କିଆ ବଜାରଠାରେ ବିଜେଡିର ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଏକତ୍ର ହୋଇ ସ୍ଲୋଗାନ ଦେଇଛନ୍ତି। ଏଥିସହ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଣାସ ବ୍ଲକ ବିଜେଡି ସଭାପତି ସୁରେଶ ସାହୁ, ସମିତି ସଭ୍ୟ ରାଜେଶ ହରିଚନ୍ଦନ, ଜିଲା ଉପସଭାପତି ଅରୁଣ ପ୍ରଧାନ ପ୍ରମୁଖ କର୍ମୀମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ।

## ଅପରାଧ

# ପୁଣି ଗିରଫ ହେଲେ ବିଲ୍ଡର ନିରଞ୍ଜନ

**୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବହୁ କୋଟି ଠକେଇ**

- ଠକେଇ ଟଙ୍କାରେ କରିଥିଲେ ଏକାଧିକ ହାଇ ବଜେଟ ଫିଲ୍ମ
- ଦଶହରା ପାଇଁ ମୁମ୍ବାଇରୁ ଘରକୁ ଆସି ଧରାପଡିଲେ
- ଦାମୀ କାର୍, ନଗଦ ୩.୯୨ ଲକ୍ଷ ଆଦି ଜବତ, ରିମାଣ୍ଡରେ ଆସିବେ

ଭୁବନେଶ୍ୱର,୧୦।୧୦
(ସତ୍ୟଜିତ୍ ରାଉତ)





ଜବତ କାର୍, ଟଙ୍କା ଓ ମୋବାଇଲ୍।

ଭୁବନେଶ୍ୱର ଓ କଟକରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଜମି, ଡ୍ୟୁପ୍ଲେକ୍ସ, ଫ୍ଲାଟ୍ ଦେବା ଆଳରେ ବହୁ କୋଟି ଟଙ୍କା ଠକେଇ କରିଥିବା ବିଲ୍ଡର ତଥା ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ନିରଞ୍ଜନ ରାଣା (୫୩) ପୁଣି କମିଶନରେଟ୍ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଏକ ଠକେଇ ମାମଲାରେ ବାଲିଅନ୍ତା ଥାନା ପୋଲିସ ନିରଞ୍ଜନଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ନିରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ



ଗିରଫ ନିରଞ୍ଜନ ରାଣା

ନିରଞ୍ଜନଙ୍କ ଘର ବାଲିଅନ୍ତା ଥାନା ଅଞ୍ଚଳରେ ହୋଇଥିବାବେଳେ ସେ କିଛିବର୍ଷ ହେବ ମୁମ୍ବାଇ ଥାନେ ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ତାଙ୍କ ପାଖରୁ ନଗଦ ୩ ଲକ୍ଷ ୯୨ ହଜାର ଟଙ୍କା, ଏକ ଫର୍ଚୁନର୍ କାର(ଏମ୍‌ଏଚ୍-୦୫-ଏସ୍-୮୯୧୫) ଓ ୨ଟି ମୋବାଇଲ ଜବତ ହୋଇଛି। ନିରଞ୍ଜନଙ୍କ ନାଁରେ ମୋଟ ୨୧ଟି ମାମଲା ରହିଛି। ସେଥିମଧ୍ୟରୁ ବାଲିଅନ୍ତା ଥାନାରେ ୧୬ଟି ଓ ଶହୀଦନଗର ଥାନାରେ ୫ଟି ମାମଲା ରହିଛି। ତେବେ ନିରଞ୍ଜନ ୮ଟି ମାମଲାରେ ୱାଣ୍ଟେଡ୍ ଥିବାବେଳେ ତାଙ୍କ ନାମରେ ବିଭିନ୍ନ କୋର୍ଟଙ୍କ ପକ୍ଷରୁ ୭ଟି ଏନ୍‌ବିଡବ୍ଲ୍ୟୁ ମଧ୍ୟ ରହିଥିଲା। ତେବେ ନିରଞ୍ଜନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ଜେରା କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ମା' ତାରିଣୀ ଇଷ୍ଟକନ୍ ପ୍ରାଇଭେଟ୍ ଲିଃ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି ନିରଞ୍ଜନ। ପୂର୍ବରୁ ନିରଞ୍ଜନଙ୍କ ଅଫିସ ଶହୀଦନଗର ଅଞ୍ଚଳରେ ଥିଲା। ପୂର୍ବରୁ ତାଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିଲା। ଜେଲରୁ ସେ ଜାମିନରେ ଆସିଥିବାବେଳେ ୨ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲାରେ ଶହୀଦନଗର ଥାନା ପୋଲିସ ୨୦୨୧ ଜୁଲାଇ ୧୫ରେ ନିରଞ୍ଜନଙ୍କୁ ଗିରଫ କରିଥିଲା। ଏହାପରେ ସେ ଜେଲରେ ମଧ୍ୟ ରହିଥିଲେ। ତେବେ ପୁଣି ଜାମିନରେ ମୁକୁଳି ନିଜ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ନିରଞ୍ଜନ ମୁମ୍ବାଇ ପଳାଇ ଯାଇଥିଲେ। ଏଥିସହ ତାଙ୍କ ଅଫିସକୁ ଶହୀଦନଗରରୁ ପାହାଳ ସାଇ ଏନ୍‌କ୍ଲେଭ୍‌କୁ ସ୍ଥାନାନ୍ତର କରି ନେଇଥିଲେ। ମୁମ୍ବାଇରେ ରହୁଥିଲେ ମଧ୍ୟ ନିରଞ୍ଜନ କିଛି ସହଯୋଗୀଙ୍କ ଦ୍ୱାରା ତାଙ୍କ ଠକେଇ ସାମ୍ରାଜ୍ୟକୁ ପରିଚାଳନା କରୁଥିଲେ। ପାହାଳସ୍ଥିତ ଅଫିସକୁ ନିରଞ୍ଜନଙ୍କ ନିର୍ଦ୍ଦେଶରେ ଏକ ଗ୍ୟାଙ୍ଗ ଚଳାଉଥିଲେ। ତେବେ ନିରଞ୍ଜନ ଫ୍ଲାଟ ଦେବାକୁ କହି ୧୫ ଲକ୍ଷ ଠକି ନେଇଥିବା ସମ୍ପର୍କରେ କଟକର ମିନତି ପ୍ରଧାନ ବାଲିଅନ୍ତା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଆଧାର କରି ବୁଧବାର ଥାନା ପକ୍ଷରୁ ଏକ (ନଂ. ୪୮୮/୨୦୨୪) ରୁଜୁ ହୋଇଥିଲା। ସେପଟେ ନିରଞ୍ଜନ ଦଶହରା ଉତ୍ସବ ପାଳିବା ପାଇଁ ବୁଧବାର ବାଲିଅନ୍ତା ପାଟଣାସ୍ଥିତ ବାସଭବନକୁ ଆସିଥିବା ଖବର ପାଇ ପୋଲିସ ଚଢ଼ାଉ କରି ନିରଞ୍ଜନଙ୍କୁ ଧରିଥିଲା।

# ଥାନାରେ ପୋଲିସକୁ ଦୁର୍ବ୍ୟବହାର, ଯୁବତୀଙ୍କ ନାଁରେ ମାମଲା ରୁଜୁ

ଭୁବନେଶ୍ୱର,୧୦।୧୦(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ପରିସରରେ ପୋଲିସ ସବ୍‌ଇନ୍‌ସ୍ପେକ୍ଟର(ଏସ୍‌ଆଇ)ଙ୍କୁ ଯୁକ୍ତିତର୍କ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଯୁବତୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଏନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ଗୁରୁବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ଆଇନ ସମସ୍ତଙ୍କ ପାଇଁ ସମାନ, ଯେ କେହିବି ଆଇନକୁ ହାତକୁ ନେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି କହିଛନ୍ତି। ଯୁବତୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୩୫୧,୧୩୨,୨୯୬,୧୧୫ରେ ଏକ ମାମଲା ରୁଜୁ ହୋଇଛି। ଯୁବତୀ ଜଣଙ୍କ ହେଲେ ଗାଡ଼କଣ ଅଞ୍ଚଳର ରାଖୀ ମହାନ୍ତି ।

ସୂଚନାନୁସାରେ ଗତ ୬ତାରିଖ ରାତି ପ୍ରାୟ ସାଢ଼େ୧୨ଟାରେ ଜଣେ ଯୁବତୀ ଥାନାକୁ ଆସି ତାଙ୍କ ପୁରୁଷ ବନ୍ଧୁ ନିଖୋଜ ଥିବା କହି, ତାଙ୍କୁ ଖୋଜି ଆଣିବାକୁ ପୋଲିସକୁ ବାଧ କରିଥିଲେ। ଏପରି କି ଏହି ସମୟରେ ପୋଲିସ ସହ ଯୁକ୍ତିତର୍କ କରିବା ସହ ଥାନାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ପରେ ଉକ୍ତ ଯୁବତୀଙ୍କ ନାମରେ ଏକ ଷ୍ଟେଶନ ଡାଏରୀ କରି ତାଙ୍କୁ ଛଡ଼ା ଯାଇଥିଲା। ଅନ୍ୟପଟେ ଭିଡିଓ ଭାଇରାଲ ପରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଥାନା ପରିସରକୁ ବୁଧବାର ରାତିରେ ଯାଇ ପଚାରିବୁଝିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ।

# ଲିଫ୍ଟ ମାଗି ଗାଡ଼ି ନେଇ ଫେରାର

ଭୁବନେଶ୍ୱର,୧୦।୧୦(ସୂର୍ଯ୍ୟକାନ୍ତ ବେହେରା)

ଅଜଣା ବ୍ୟକ୍ତିଙ୍କୁ ବାଇକ୍‌ରେ ନେବା ଓ ଚଳାଇବାକୁ ଦେବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଅଜଣା ବ୍ୟକ୍ତି ଜଣଙ୍କ ଜଣେ ଯୁବକଙ୍କୁ ପ୍ରଥମେ ଲିଫ୍ଟ ମାଗିଲେ। ପରେ ଗାଡ଼ି ଚଳାଇବାକୁ କହି ବାଇକ୍ ନେଇ ଫେରାର ହୋଇଯାଇଛନ୍ତି। ଏନେଇ ଗାଡ଼ି ମାଲିକ ରାହୁଲ ପ୍ରଧାନ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଅନୁଯାୟୀ ରାହୁଲ ନୟାପଲ୍ଲୀ ଅଞ୍ଚଳରେ ଏକ ମଣ୍ଡପ ପାଖରେ ବୁଧବାର ରାତିରେ ବସିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ପାଖକୁ ଆସି ଖଣ୍ଡଗିରି ଅଞ୍ଚଳରେ ଟିକେ ଛାଡ଼ି ଦେବାକୁ କହିଥିଲେ। ଖଣ୍ଡଗିରିରେ ପହଞ୍ଚିବା ପରେ ଅଜଣା ବ୍ୟକ୍ତି ଜଣଙ୍କ ରାହୁଲଙ୍କଠାରୁ ଗାଡ଼ି ମାଗିଥିଲେ। ରାହୁଲ ବିଶ୍ୱାସ କରି ଗାଡ଼ି ଦେବା ପରେ ଉକ୍ତ ବ୍ୟକ୍ତି ଜଣକ କୌଶଳ କରି ସେଠାରୁ ବାଇକ୍ ସହ ଫେରାର ହୋଇଯାଇଥିଲେ। ଶେଷରେ ରାହୁଲ ଖଣ୍ଡଗିରିରୁ ବିଳମ୍ବିତ ରାତିରେ ଚାଲି ଚାଲି ଘରକୁ ଆସି ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି।

# ମହିଳା ଅପରାଧୀଙ୍କୁ ଜଗିବ 'ଶକ୍ତିବାହିନୀ'

## ଦୁର୍ଗାପୂଜାରେ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ)

ରାଜଧାନୀରେ ଦୁର୍ଗାପୂଜା ସମୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରଯାଇଛି। ଗୁରୁବାର ପୋଲିସ ପକ୍ଷରୁ ମୋଟରସାଇକେଲ୍ ପାଟ୍ରୋଲିଂ ଟିମ୍ (ଶକ୍ତି ବାହିନୀ) ଗଠନ ହୋଇଛି। କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଗୁରୁବାର ଡିସିପି ପିନାକ ମିଶ୍ରଙ୍କ ଉପସ୍ଥିତିରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଏହାକୁ ଶୁଭାରମ୍ଭ କରିଛନ୍ତି। ୪୦ଜଣ ମହିଳା ପୋଲିସ ଅଧିକାରୀଙ୍କୁ ନେଇ ଏହି ଟିମ୍ ଗଠନ



ପୋଲିସ କମିଶନର ଏବଂ ଡିସିପି ଶକ୍ତିବାହିନୀର ଶୁଭାରମ୍ଭ କରୁଛନ୍ତି।

ହୋଇଥିବା ବେଳେ ୨୦ଟି ସ୍କୁଟିରେ ସେମାନେ ସହରସାରା ପାଟ୍ରୋଲିଂ କରିବେ। ପୂଜା ସମୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପାଟ୍ରୋଲିଂ ଟିମ୍ ସହରର ବିଭିନ୍ନ ପୂଜା ମଣ୍ଡପରେ ପଇଁତରା ମାରି ପାଟ୍ରୋଲିଂ କରିବା ସହ ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ରୋକିବ। ଏଥିସହ ଭିଡ଼ରେ ହଜି ଯାଇଥିବା ଶିଶୁଙ୍କୁ ତୁରନ୍ତ ଉଦ୍ଧାର କରିବାରେ ମଧ୍ୟ ସହଯୋଗ କରିବେ। ଏହି ପାଟ୍ରୋଲିଂ ବ୍ୟବସ୍ଥା ମହିଳାଙ୍କ ବିରୋଧରେ ଅପରାଧ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଏକ ସୁରକ୍ଷା କବଚ ବୋଲି କମିଶନର କହିଛନ୍ତି। ତେବେ ଏହି ପାଟ୍ରୋଲିଂ ଟିମ୍ ସହରରେ ବିଭିନ୍ନ ଜନସମାଗମ ଅଞ୍ଚଳ ଓ ବଜାର ଆଦି ମୁଖ୍ୟ ସ୍ଥାନଗୁଡ଼ିକରେ ଜଣେ ଜଣେ ଅଫିସରଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯିବ। ତେବେ ମଣ୍ଡପଗୁଡ଼ିକରେ ଭିଡ଼ର ସୁଯୋଗ ନେଇ ମହିଳା ଅପରାଧୀମାନେ ମହିଳା ଶ୍ରଦ୍ଧାଳୁଙ୍କଠାରୁ ଚୋରି ଓ ଲୁଟ୍ କରିବା ନେଇ ପୂର୍ବରୁ ନଜିର ରହିଛି। ଏହି ଦିଗରେ ଶକ୍ତି ବାହିନୀ ଅଧିକ ଧ୍ୟାନ ଦେବ। ଏପରିକି ଅତ୍ୟଧିକ ମଦ୍ୟପାନ କରି ସର୍ବସାଧାରଣ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ମହିଳାଙ୍କୁ ମଧ୍ୟ ଶକ୍ତି ବାହିନୀ କାବୁ କରିବ ବୋଲି ସୂଚନା ଦିଆଯାଇଛି।

# ଭଉଣୀ, ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

## ଯୁବକ ଗିରଫ

ରାମଚନ୍ଦ୍ରପୁର,୧୦।୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ସାଇଁକୁଳ ଫାଣ୍ଡି ଅନ୍ତର୍ଗତ ମଦନପୁର ପଞ୍ଚାୟତ ବାମ୍ପିଡି ଗ୍ରାମର ଜଣେ ଯୁବକ ନିଜ ସ୍ତ୍ରୀ ଓ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଉଭୟ ସ୍ତ୍ରୀ ଓ ଭଉଣୀ ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଅଭିଯୁକ୍ତ ଫକୀର ନାଏକ (୩୮)ଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୁଧବାର ଫକୀରଙ୍କ ଘରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଫକୀର ଉତ୍ତେଜିତ ହୋଇ ଏକ କଟୁରିରେ ସ୍ତ୍ରୀ ବାସନ୍ତୀ ନାଏକ ଓ ଭଉଣୀ କାଳୀ ନାଏକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ପଡ଼ୋଶୀ ଉଭୟଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣାରେ ପୋଲିସ ପରିବାର ଲୋକଙ୍କ ଅଭିଯୋଗରେ ଏକ ମାମଲା(ନଂ.୩୪୧/୨୪) ରୁଜୁ କରିଛି। ଗୁରୁବାର ଫକୀରଙ୍କୁ କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ କହିଛନ୍ତି।



# ରକୁଲ 'ସ୍ତ୍ରୀ ନମ୍ବର ୧'

ମୁମ୍ବାଇ

ଅଭିନେତ୍ରୀ ରକୁଲ ପ୍ରୀତ ସିଂ ଗୁରୁବାର ତାଙ୍କର ୩୪ତମ ଜନ୍ମଦିନ ପାଳନ କରିଛନ୍ତି। ବିବାହ କରିବାପରେ ଏହା ହେଉଛି ତାଙ୍କର ପ୍ରଥମ ଜନ୍ମଦିନ। ରକୁଲଙ୍କ ଜନ୍ମଦିନକୁ ସ୍ୱାମୀ ଜ୍ୟାକି ଭଗ୍ନାନୀ ସ୍ୱତନ୍ତ୍ର ଭାବେ ସେଲିବ୍ରେଟ କରିଛନ୍ତି। ସେ ତାଙ୍କ ଇନ୍ଷ୍ଟଗ୍ରାମରେ ରାକୁଲଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କୁ 'ସ୍ତ୍ରୀ ନମ୍ବର ୧' ଭାବେ ଦର୍ଶାଇଛନ୍ତି। ରକୁଲଙ୍କ ସହ ବିତାଇଥିବା ପ୍ରତିଟି ମୁହୂର୍ତ୍ତ ତାଙ୍କ ପାଇଁ ସ୍ୱତନ୍ତ୍ର ଓ ଅଭୁଲା ହୋଇଥିବା ଜ୍ୟାକି କହିଛନ୍ତି। ସ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଜ୍ୟାକି ଇନ୍ଷ୍ଟାଗ୍ରାମରେ ତାଙ୍କ ଦାମ୍ପତ୍ୟ ଜୀବନର କିଛି ସ୍ମରଣୀୟ ମୁହୂର୍ତ୍ତ ସହ ଏକ ଭିଡିଓ କ୍ଲିପ୍ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ରକୁଲ ଓ ଜ୍ୟାକିଙ୍କର ବହୁ ଫଟୋଶୁଟ୍, ଇଭେଣ୍ଟ, ଛୁଟି, ବିବାହ ସମାରୋହ ଏବଂ ବିବାହ ପରବର୍ତ୍ତୀ ସମୟର ସୁନ୍ଦର ଓ ଚମତ୍କାର ସ୍ମୃତି ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ରକୁଲଙ୍କ ସହ ତାଙ୍କର ଯାତ୍ରା ବିଷୟରେ ମନେପକାଇ ଜ୍ୟାକି ଏହି ପୋଷ୍ଟର କ୍ୟାପ୍ଶନ୍‌ରେ ଲେଖିଛନ୍ତି, ରକୁଲଙ୍କ ସହ ପ୍ରଥମ ସାକ୍ଷାତ୍ ହେବା ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜୀବନ ହସଖୁସିରେ ଭାରି ରହିଛି। ତାଙ୍କ ସଂସ୍ପର୍ଶରେ ଆସିବା ପରଠାରୁ ଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ ଘଟିଛି। ତାଙ୍କ ପାଇଁ ସର୍ବଦା ଗର୍ବିତ ଅନୁଭବ କରିଥାଏ। ସେ ହେଉଛନ୍ତି 'ସ୍ତ୍ରୀ ନମ୍ବର ୧'।

# ବିଶ୍ୱର ସବୁଠୁ ଧନୀ ପରିବାର

## ୪୦୦୦ କୋଟିର ଘର, ରହିଛି ୭୦୦ କାର୍

ଆବୁଧାବି

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ସ୍ଥିତ ଆବୁଧାବିର ଅଲ୍ ନାହୟାନ ରାଜ ପରିବାର ହେଉଛି ବିଶ୍ୱର ସବୁଠାରୁ ଧନୀ ପରିବାର। ଏହି ପରିବାରର ସମୁଦାୟ ସମ୍ପତ୍ତିର ମୂଲ୍ୟ ୩୦୦ ବିଲିୟନ ଡଲାରରୁ ଅଧିକ। ଅନେକ ଘରୋଇ



ଜେଟ୍, ଫୁଟ୍‌ବଲ୍ କ୍ଲବ୍, ତୈଳ ଭଣ୍ଡାର ଓ ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ଏହି ପରିବାର ପାଖରେ ରହିଛି। ବହୁ ବଡ଼ କମ୍ପାନୀରେ ଏହି ପରିବାରର ନିବେଶ ମଧ୍ୟ ରହିଛି। ୩ଟି ପେଣ୍ଟାଗନ୍ ଆକାରର ହୋଇଥିବା ଅଲ୍ ନାହୟାନ ପରିବାରର ରାଜକୀୟ ପ୍ରାସାଦର ମୂଲ୍ୟ ହେଉଛି ୪,୦୭୮ କୋଟି ଟଙ୍କା। ସେହିପରି ଏହି ପରିବାର ନିକଟରେ ୮ଟି ଘରୋଇ ଜେଟ୍ ରହିଛି। ତେବେ ଏହି ରାଜ ପରିବାରର ବିଶ୍ୱର ପ୍ରାୟ ୬% ତୈଳ ଭଣ୍ଡାରର ମାଲିକ ହୋଇଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି।

ୟୁଏଇର ରାଷ୍ଟ୍ରପତି ତଥା ହେଡ୍ ଅଫ୍ ଷ୍ଟେଟ୍ ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହୟାନ ରହିଛନ୍ତି। ଆବୁଧାବିରେ ପ୍ରାୟ ୯୪ ଏକର ପରିବ୍ୟାପ୍ତ ଥିବା ରାଜକୀୟ ପ୍ରାସାଦରେ ଏହି ପରିବାରର ସଦସ୍ୟମାନେ ରୁହନ୍ତି। ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦଙ୍କ ଭାଇ ତହନୁନ୍ ବିନ୍ ଜାଏଦ ଅଲ ନାହିୟାନ୍ ହେଉଛନ୍ତି ଏହି ପରିବାର ଦ୍ୱାରା ଚାଳିତ ମୁଖ୍ୟ ପୁଞ୍ଜି ବିନିଯୋଗ କମ୍ପାନୀର ପ୍ରତିଷ୍ଠାତା। ୨୩୫ ବିଲିୟନ ଡଲାର ମୂଲ୍ୟର ଏହି କମ୍ପାନୀ ସାଧାରଣତଃ କୃଷି, ଶକ୍ତି, ମନୋରଞ୍ଜନ, ସାମୁଦ୍ରିକ ବ୍ୟବସାୟ ଆଦି କ୍ଷେତ୍ରରେ ନିବେଶ କରିଥାଏ। ସେହିପରି ରାଷ୍ଟ୍ରପତି ମହମ୍ମଦଙ୍କ ସାନ ଭାଇ ଶେଖ୍ ହମଦ ବିନ୍ ହମଦାନ ଅଲ୍ ନାହୟାନଙ୍କର ୭୦୦ରୁ ଅଧିକ କାର୍ ସଂଗ୍ରହ ରହିଛି। ବିଶ୍ୱର ସର୍ବ ବୃହତ୍ ଏସ୍‌ୟୁଭି କାର୍ ମଧ୍ୟ ତାଙ୍କ ନିକଟରେ ରହିଛି।




# ୱାଶ୍‌ରୁମ୍ ନ ଗଲେ ଏକ୍ସଟ୍ରା ମାର୍କ

ୱାଶିଂଟନ୍

ତେବେ ପିଲାଙ୍କ ପରୀକ୍ଷାକୁ ନେଇ ଆମେରିକାର କାଲିଫର୍ନିଆର ଏକ ବିଦ୍ୟାଳୟରୁ ଗୋଟିଏ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଏହି ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କ ଏକ ଅଜବ ଆଦେଶକୁ ନେଇ ବିବାଦ ଦେଖାଦେଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀ କରିଥିବା ନିୟମ ଅନୁଯାୟୀ, ଯଦି ସେ କ୍ଲାସ୍ ନେଉଥିବା ସମୟରେ କୌଣସି ଛାତ୍ରୀଛାତ୍ର ୱାଶ୍‌ରୁମକୁ ଯାଆନ୍ତି ନାହିଁ, ତେବେ ସେମାନଙ୍କୁ ପରୀକ୍ଷାରେ ଅତିରିକ୍ତ ନମ୍ବର ମିଳିବ। କେବଳ ଏତିକି ନୁହେଁ, ଉକ୍ତ ଶିକ୍ଷୟିତ୍ରୀ ଜଣକ ପିଲାମାନଙ୍କୁ ବାଥ୍‌ରୁମ ପାସ୍ ମଧ୍ୟ ଦେଇଛନ୍ତି। ଶିକ୍ଷୟିତ୍ରୀଙ୍କ ଏପରି ନିୟମକୁ ଉକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବିରୋଧ କରିଛନ୍ତି। ଶିକ୍ଷୟିତ୍ରୀ ଜଣକ ସ୍କୁଲ୍‌ରେ ବାଥ୍‌ରୁମ୍ ପଲିସି ଜାରି କରିଥିବା ନେଇ ଜଣେ ଅଭିଭାବକ ଗୁରୁବାର ଏକ୍ସ'ରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଭିଭାବକ ଜଣକ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ତାଙ୍କ ଝିଅ ପଢୁଥିବା ସ୍କୁଲ୍‌ରେ ଜଣେ ଗଣିତ ଶିକ୍ଷୟିତ୍ରୀ ଏକ ଅଜବ ନିୟମ ବାହାର କରିଛନ୍ତି। ନିୟମ ଅନୁଯାୟୀ, ପ୍ରତି ସପ୍ତାହରେ ପିଲାମାନଙ୍କୁ ଗୋଟିଏ ଲେଖାଏ ବାଥ୍‌ରୁମ ପାସ୍ ମିଳିବ। ତେବେ ଯେଉଁ ଯେଉଁ ଛାତ୍ରୀଛାତ୍ର ଏହି ପାସ୍‌କୁ ବ୍ୟବହାର କରିବେ ନାହିଁ, ସେମାନଙ୍କୁ ପରୀକ୍ଷାରେ ଅତିରିକ୍ତ ନମ୍ବର ମିଳିବ। ଏହି ନିୟମ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ଦର୍ଶାଇ ସେ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଏକ ଇ-ମେଲ୍ ପଠାଇଥିବା ନେଇ ଉକ୍ତ ଅଭିଭାବକ ଜଣକ କହିଛନ୍ତି।

































# ଆଦିବାସୀ ସଂସ୍କୃତି ମିଶ୍ରଣରେ ପୂଜାର୍ଚ୍ଚନାର ନିଆରା ପରମ୍ପରା

କଳାହାଣ୍ଡିରେ ଶାରଦୀୟ ଦଶହରା କହିଲେ ଇଷ୍ଟଦେବୀ ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରାକୁ ବୁଝାଇଥାଏ। ଭବାନୀପାଟଣା ସହରରେ ମା’ଙ୍କ ପୀଠ ଅବସ୍ଥିତ। ଏଠାରେ ବୈଦିକ ରୀତିରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ସହ ଆଦିବାସୀ ସଂସ୍କୃତିର ମିଶ୍ରଣରେ ବିଶେଷ ପୂଜାର୍ଚ୍ଚନାର ଏକ ନିଆରା ପରମ୍ପରା ବେଶ୍ ପ୍ରାଚୀନ। ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ମହାନବମୀ ତିଥିରେ ଅନୁଷ୍ଠିତ ହୋଇଥାଏ ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା। ଅଞ୍ଚଳର ଆଦିବାସୀମାନେ କାଠର ଖମ୍ବ, ପ୍ରସ୍ତର ଖଣ୍ଡକୁ ମାଟିରେ ପୋତି ଧରଣୀପେନୁ, ମାଇଲି, ଡୋକରୀ, ଖମ୍ବେଶ୍ୱରୀ ନାମରେ ପୂଜା କରିଆସୁଛନ୍ତି। ବୁଢ଼ାରଜା, କଳାପାହାଡ଼, ଭୈରବ, ବାଲିଭୈରବ, ଅଗ୍ନି ଆଦି ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି।

## ମାଣିକେଶ୍ୱରୀଙ୍କ ଆରାଧନା

ଦଶମହାବିଦ୍ୟାର ପ୍ରଥମ ମହାବିଦ୍ୟା ମହାକାଳୀ ରୂପେ ସିଂ ବୀଜମନ୍ତ୍ରରେ ମାଣିକେଶ୍ୱରୀଙ୍କ ଆରାଧନା ବିଧି ସହ ତନ୍ତ୍ରିକ ପଞ୍ଚମକାର ପୂଜାବିଧ ପ୍ରଚଳିତ। ତେବେ ଆଦିବାସୀ ସଂସ୍କୃତି, ପରମ୍ପରା ଓ କୁଳାଚାର ସହ ବୈଦିକ ସଂସ୍କୃତିରେ ପରିପୁଷ୍ଟ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଅନନ୍ୟ ଓ ସ୍ୱତନ୍ତ୍ର। ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ମୂଳାଷ୍ଟମୀ ତିଥିରେ ଦେବୀଙ୍କ ମୁଣ୍ଡବସା ପୂର୍ବରୁ ଦଶହରା ଯାତ୍ରା ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ଦିନ ଧରି ତନ୍ତ୍ରବିଧ ଅନୁସାରେ ଷୋଡ଼ଶ ଉପଚାର ଓ ତ୍ରିକାଳ ଚଣ୍ଡୀପାଠ ହୋଇଥାଏ। ପରେ ମହାନବମୀ



ତିଥି ପ୍ରତ୍ୟୁଷରୁ ପ୍ରସିଦ୍ଧ ଛତରଯାତ୍ରା ଓ ବିଜୟା ପର୍ବ ଦଶମୀ ତିଥିରେ ଲାଖମରା ପର୍ବ ବା ବାହୁଡ଼ା ଛତର ଯାତ୍ରା ସହ ଉଦ୍‌ଯାପିତ ହୋଇଥାଏ।

## ମୂଳାଷ୍ଟମୀ ତିଥିରେ ମା’ଙ୍କ ମୁଣ୍ଡବସା

ପ୍ରତିବର୍ଷ ଆଶ୍ୱିନ ମୂଳାଷ୍ଟମୀ ତିଥିରେ ମାଣିକେଶ୍ୱରୀଙ୍କ ମାଟି ନିର୍ମିତ ନୂତନ ମୁଣ୍ଡନ ସ୍ଥାପନ ପୂର୍ବକ ନବକଳେବର ଅନୁଷ୍ଠିତ ହୋଇଥାଏ। ବଂଶ ପରମ୍ପରା କ୍ରମେ ଜମି ପାଇ କୁମ୍ଭାର କଞ୍ଚାମାଟିରେ ନିର୍ମିତ ମାଟି ମୁଣ୍ଡରେ ସୁନା ଓ ରୁପାର ଆଖି, ନାକ, ଜିଭ ଆଦି ସହ ମୋତି, ମାଣିକ୍ୟ ବୈଦୁର୍ଯ୍ୟ ଆଦି ରତ୍ନରେ ନିର୍ମିତ ଅଳଙ୍କାର ପିନ୍ଧାଇଥାନ୍ତି ବିନ୍ଧାଣୀରତ୍ନ। ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ମୂଳାଷ୍ଟମୀ ମଧ୍ୟରାତ୍ରିରେ ତନ୍ତ୍ରବିଧ ଅନୁସାରେ ଅଭିଷିକ୍ତ ବ୍ରାହ୍ମଣଙ୍କ ଦ୍ୱାରା ମାଣିକେଶ୍ୱରୀଙ୍କ ବିଗ୍ରହ ଉପରେ ମାଟିମୁଣ୍ଡକୁ ସ୍ଥାପନ କରାଯାଏ। ମୂଳାଷ୍ଟମୀରୁ ଶୁକ୍ଳପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ୧୬ଦିନ ବ୍ୟାପୀ ଗୁପ୍ତ ରାତିରେ ତନ୍ତ୍ରମନ୍ତ୍ରରେ ତ୍ରିକାଳ ପୂଜାବିଧି ଶାକ୍ତାଭିଷିକ୍ତ ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ।

## ମା’ ମାଣିକେଶ୍ୱରୀଙ୍କ ମହାଷ୍ଟମୀ

ମହାଷ୍ଟମୀ ମଧ୍ୟରାତ୍ରିରେ ମାଣିକେଶ୍ୱରୀଙ୍କ ପୀଠରେ ଛାଗଳ, ବନ୍ୟପଶୁ ଆଦି ଅଷ୍ଟବଳି ଦିଆଯାଏ। ମନ୍ଦିର ବେଢ଼ା ପାଖରେ ମହାପଶୁ ବଳି ଦିଆଯିବା ପରେ ମା’ଙ୍କର ବିଜୟ ପ୍ରତିମା ଛତର ମନ୍ଦିରଠାରୁ ପ୍ରାୟ ୩ କି.ମି. ଦୂରରେ ଭବାନୀପାଟଣା ସହର ପଶ୍ଚିମ ଉପକଣ୍ଠରେ ପାଣୀ ପାହାଡ ପାଦଦେଶରେ ଥିବା ଜେନାଖାଲକୁ ନିଆଯାଇଥାଏ। ପ୍ରତ୍ୟୁଷରୁ ଜେନାଖାଲରେ ଗୁପ୍ତ ବିଧିରେ ବଳି ଦେଇ ପୂଜାର୍ଚ୍ଚନାକରି ପୂଜକ, ବାହୁକ, ମୁଣ୍ଡଛିନାମାନେ ମା’ଙ୍କର ଛତର ବା ଛତ୍ର ଧରି ମନ୍ଦିର ପର୍ଯ୍ୟନ୍ତ ଆସିଥାନ୍ତି। ପରମ୍ପରା ଅନୁଯାୟୀ କଳାହାଣ୍ଡି ମହାରାଜା ମନ୍ଦିର ସିଂହଦ୍ୱାରଠାରୁ ମା’ଙ୍କ ଛତରକୁ ସ୍ୱାଗତକରି ନିଜେ ବୋହି ମନ୍ଦିର ଭିତରକୁ ନେଇଥାନ୍ତି।

## ଲାଖମରା ପରେ ବାହୁଡ଼ା ଛତରଯାତ୍ରା

ବିଜୟା ଦଶମୀ ତିଥିରେ ପୁଣି ଥରେ ମା’ଙ୍କର ଛତରକୁ ଭବାନୀପାଟଣା ସହରର ପଶ୍ଚିମ ଉପକଣ୍ଠ ନକଟିଗୁଡ଼ାରେ ଥିବା ଲାଖମରା ପଡ଼ିଆକୁ ନିଆଯାଇଥାଏ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାକରି ଲାଖବନ୍ଧା ପର୍ବ ହୋଇଥାଏ। ପୂଜାମଣ୍ଡପ ନିକଟରେ ଥିବା ଆମ୍ବଗଛ ଉପରେ ଏକ ଛୋଟ ମାଟିଘଡ଼ିରେ ନିର୍ମିତ ଲାଖ ବନ୍ଧାଯାଇଥାଏ। ବନ୍ଧୁକ ଦ୍ୱାରା ଲାଖ ବିନ୍ଧିବା ପ୍ରତିଯୋଗିତାରେ ବହୁ ଯୁବକ ଭାଗ ନେଇଥାନ୍ତି। ଲାଖ ବିନ୍ଧିବା ସଫଳ ହୋଇଥିବା ବ୍ୟକ୍ତିଙ୍କୁ ରାଜ ପରିବାର ପକ୍ଷରୁ ସମ୍ମାନିତ କରାଯାଇଥାଏ। ଲାଖମରା ପର୍ବ ସରିବା ପରେ ମା’ଙ୍କର ଛତରକୁ ଘୁମୁରା ବାଦ୍ୟ, ବୀର କାହାଳୀ, ନିଶାଣ ବାଦ୍ୟର ତାଳେ ତାଳେ ମନ୍ଦିରକୁ ଅଣାଯାଇଥାଏ, ଯାହାକୁ ବାହୁଡ଼ା ଛତରଯାତ୍ରା କୁହାଯାଏ। ମୂଳାଷ୍ଟମୀ ତିଥିରୁ ମୁଣ୍ଡବସାଠାରୁ ଆରମ୍ଭ ହୋଇଥିବା ମାଣିକେଶ୍ୱରୀଙ୍କ ଦଶହରା ଯାତ୍ରା ବା ଛତରଯାତ୍ରା ବିଜୟା ଦଶମୀ ତିଥିରେ ଶେଷ ହୋଇଥାଏ।

(ରିପୋର୍ଟ: **ଉତ୍ତମ କୁମାର ଦାଶ**, ଭବାନୀପାଟଣା, କଳାହାଣ୍ଡି)

# ଆଜି ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା

## ଭବାନୀପାଟଣା ସହର ଚଳଚଞ୍ଚଳ

**ଭବାନୀପାଟଣା, ୧୦।୧୦(ଉତ୍ତମ କୁମାର ଦାଶ)**

ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଶୁକ୍ରବାର ଭବାନୀପାଟଣା ସହରରେ ସମାରୋହରେ ପାଳନ ହେବ। ଏଥିରେ ଲକ୍ଷାଧିକ ଭକ୍ତ ସାମିଲ ହେବେ ବୋଲି ଜଣାପଡ଼ିଛି। ସେହିପରି ମାନସିକଧାରୀ ମଧ ମାନସିକ ପୂରଣ ପାଇଁ ହଜାର ହଜାର ପଶୁପକ୍ଷୀ ବଳି ଦେବେ ବୋଲି ସୂଚନା ମିଳିଛି। ଗୁରୁବାର ସକାଳେ ମା’ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ପରେ ମଧ୍ୟାହ୍ନ ୧୨ଟାରୁ ଭକ୍ତଙ୍କ ପାଇଁ ମା’ଙ୍କ ଦର୍ଶନ ବାରଣ ହୋଇଥିଲା। ଏହା ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ରହିବ ବୋଲି ଜଣାପଡ଼ିଛି। ଛତରଯାତ୍ରା ପାଇଁ ଭବାନୀପାଟଣା ସହର ଚଳଚଞ୍ଚଳ ହୋଇଉଠିଛି। ଜିଲା ତଥା ଜିଲା ବାହାରର ଲୋକ ଭବାନୀପାଟଣାକୁ ମା’ଙ୍କ ଦର୍ଶନ ପାଇଁ ଆସୁଥିବା ଦେଖିବାକୁ ମିଳିଛି। ଫଳରେ ଚାରିଆଡ଼େ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଜେନାଖାଲରେ ଆଲୋକମାଳାରେ ଝଲସୁଛି ମା’ଙ୍କ ମନ୍ଦିର। ପୂଜାର୍ଚ୍ଚନା ପରେ ମା’ଙ୍କ ବିଜୟା ପ୍ରତିମା ଛତର ରବିବାର ଭୋର ୫ଟା ୩୦ରେ ମନ୍ଦିର ଅଭିମୁଖେ ବାହାରିବ ବୋଲି ଜଣାପଡ଼ିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି କଳାହାଣ୍ଡିର ବୀରବାଦ୍ୟ ଘୁମୁରା ସହ ସାଂସ୍କୃତିକ ଦଳ ଓ ଘଣ୍ଟ ଦଳ କିପରି ମା’ଙ୍କ ଆଗରେ ଯେପରି ଭଲ ପ୍ରଦର୍ଶନ କରିବେ ସେ ନେଇ ଜୋରସୋର ପ୍ରସ୍ତୁତି ଚଳାଇଛନ୍ତି। ଚଳିତବର୍ଷ ସରକାରୀ ହିସାବରେ ୩୫ଟି ସାଂସ୍କୃତିକ ଦଳ ପ୍ରଦର୍ଶନ କରିବେ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟା ସମୟରେ ମା’ଙ୍କ ମନ୍ଦିର ଆଲୋକମାଳାରେ ଝଲସୁଥିବାରୁ ଭକ୍ତଙ୍କୁ ବେଶ ବିମୋହିତ କରିଛି।



ଆଲୋକମାଳାରେ ଝଲସୁଛି ମା’ଙ୍କ ମନ୍ଦିର।

## ଛତର୍ ଯାତ୍ରା



ମୋ ମା’ ଆସିବେ ବୋଲି
ମହମହ ବାସୁଛି ପଦୁଅଁ ଆଉ ମନ୍ଦାର
ସଜା ହେଉଛି ମାଁର ପୀଠ
ସଜ ହୋଇଛି ଘୁମୁରା ନାଚ
ଜଳୁଛି ଜାଗର ଦୀପ
ଝୁଣା ଧୂପରେ ମହକି ଉଠୁଛି ଚାରିଆଡ଼େ
ଆଉ ସଜବାଜ ସାରା ଭବାନୀପାଟଣା ସହର ॥
ବରଷ କେ ଥରେ ଆସେ ମାଁ
ତୁମ ଏ ଛତର ଯାତ
କଳାହାଣ୍ଡିର ମାଟି, ପାଣି ଆଉ ପବନେ
ଝରୁଥାଏ ତୁମରି ଆଶିଷ
ବାଢ଼ିଦେବା ପାଇଁ ଭକ୍ତିର ଆଳତି
ତୁମ ପୀଠରେ ଲକ୍ଷେ ଭକତଙ୍କ ଭିଡ଼
ଶଙ୍ଖ, ଘଣ୍ଟ, ଜୟ ଧ୍ୱନିରେ ପ୍ରକମ୍ପିତ
ହୋଇଉଠେ ତୁମ ମନ୍ଦିର ॥
ମହା ଅଷ୍ଟମୀର ମଧ୍ୟ ରାତ୍ରିରୁ
ଆସ ତୁମେ ମାଁ ଗର୍ଭ ଗୃହରୁ
ଢାଳିବା ପାଇଁ ଭକ୍ତଙ୍କ ମୁଣ୍ଡରେ
ଆଶିଷର କଳସ
ହେ ଆରାଧ୍ୟ ଦେବୀ, ମମତାମୟୀ,
ମାଁ ମାଣିକେଶ୍ୱରୀ
ସର୍ବଦା ଝରାଅ ତୁମ କରୁଣାର ବାରି
ଭୋଗରାଗ ନୈବେଦ୍ୟ ସବୁ ତ
ତୁମ ପାଦତଳେ ସମର୍ପିତ
ବିଶ୍ୱରେ ପ୍ରସିଦ୍ଧ ତୁମ ଏହି ଯାତ
ଛତର ଅଟେ ଯା ନାମ
ତୁମରି ଦର୍ଶନେ ପୁଲକିତ ମନ
ଜୀବନ ହୋଇବ ଧନ୍ୟ !!

**ଐଶ୍ୱର୍ଯ୍ୟା ପ୍ରଧାନ**
ପୋଷ୍ଟାଲ କଲୋନି,
ଭବାନୀପାଟଣା, କଳାହାଣ୍ଡି

## କରୁଣାମୟୀ ଗୋ



କରୁଣାମୟୀ ଗୋ
ମା’ମାଣିକେଶ୍ୱରୀ
ମା’ଗୋ କାରୁଣ୍ଡ ବାସିନୀ ॥ ୦ ॥

ନିତି ପାଉ ପୂଜା ଇଷ୍ଟଦେବୀ ରୂପେ
ତୁହି ରାଜପ୍ରାସାଦରେ
ନୂତନ ମୃଣ୍ମୟୀ ମସ୍ତକ ଧାରଣ
ମୂଳାଷ୍ଟମୀ ତିଥିରେ
ମା’ଗୋ ଦୁର୍ଗତିନାଶିନୀ
କରୁଣାମୟୀ ଗୋ.......... ॥ ୧ ॥

ଶରତ ସନ୍ଧ୍ୟାରେ
ଅଷ୍ଟମୀ ନିଷାର୍ଦ୍ଧେ
ଜେନାଖାଲେ ପାଉ ପୂଜା
ନବମୀ ପ୍ରଭାତେ ଫେରିଆସୁ ତୁହି
ପାଇ ତୋର ଗୁପ୍ତ ପୂଜା
ମା’ଗୋ ସନ୍ତାପ ହାରିଣୀ
କରୁଣାମୟୀ ଗୋ........ ॥ ୨ ॥

ଫେରନ୍ତା ପଥରେ ଭକତଙ୍କ ଭିଡ଼
ଭୋଗରାଗ ଛେନା ପଣା
ଘଣ୍ଟଶଙ୍ଖ ଧ୍ୱନି ଘୁମୁରାର ତାଳେ
ଦୁଇପାର୍ଶ୍ୱେ ବନ୍ଦାପନା
ମା’ଗୋ ଅଭୟଦାୟିନୀ
କରୁଣାମୟୀ ଗୋ......... ॥ ୩ ॥

**ସୁଦେଷ୍ଣା ପଣ୍ଡା,**
ଭବାନୀପାଟଣା















# କୋଣାର୍କ ସୂର୍ଯ୍ୟସ୍‌ର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଆଜି

**ଶ୍ରୀନଗର, ୧୦।୧୦**

ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଶେଷ ଲିଗ୍ ମ୍ୟାଚ ଶୁକ୍ରବାର ସ୍ଥାନୀୟ ବକ୍ସି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚରେ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଓ ଗୁଜରାଟ ଗ୍ରେଟ୍ସ ପରସ୍ପରର ସମ୍ମୁଖୀନ ହେବେ। ଏହାପରେ କେଉଁ ୪ ଦଳ ପ୍ଲେ-ଅଫ୍‌ରେ କାହାକୁ ଭେଟିବେ ତାହା ସ୍ପଷ୍ଟ ହେବ। ସଦର୍ନ ସୁପର ଷ୍ଟାର୍ସ ଓ ଟୋୟମ ହାଇଦ୍ରାବାଦ ପ୍ରଥମ ଦୁଇ ଦଳଭାବେ ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଗୁଜରାଟ ଗ୍ରେଟ୍ସ ୬ ମ୍ୟାଚରୁ ମାତ୍ର ୩ ପଏଣ୍ଟ ପାଇଥିବାରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ି ସାରିଛି। ମାତ୍ର ପ୍ରଥମଥର ପାଇଁ ଲିଜେଣ୍ଡ୍ସ ଲିଗ୍‌ରେ ପଦାର୍ପଣ କରିଥିବା ଓଡ଼ିଶାଭିତ୍ତିକ ଦଳ କୋଣାର୍କ ସୂର୍ଯ୍ୟସ୍ ପାଇଁ ଆଗାମୀ ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ମ୍ୟାଚକୁ ଭଲ ରନ ହାରରେ ଜିତିଲେ ଯାଇ ଦଳ ପାଇଁ ପ୍ଲେ-ଅଫ୍ ସୁଯୋଗ ସୃଷ୍ଟି ହୋଇପାରିବ। କୋଣାର୍କ ସୂର୍ଯ୍ୟସ୍ ଓ ଗୁଜରାଟ ଗ୍ରେଟ୍ସ ଲିଜେଣ୍ଡ୍ସ ଲିଗ୍‌ରେ ପରସ୍ପରର ସମ୍ମୁଖୀନ ହେବା ଏହା ପ୍ରଥମ।

ଲିଜେଣ୍ଡ୍ସ ଲିଗ୍‌ର ଅଫିସିଆଲ ୱେବ୍‌ସାଇଟ୍‌ରେ ଗୁରୁବାର ଅପ୍‌ଡେଟ ହୋଇଥିବା ପଏଣ୍ଟ ଟେବୁଲ ଅନୁସାରେ କୋଣାର୍କ ସୂର୍ଯ୍ୟସ୍ ୬ ମ୍ୟାଚରୁ ୬ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ସଦର୍ନ ସୁପର ଷ୍ଟାର୍ସ ୭ ମ୍ୟାଚରୁ ୧୦ ପଏଣ୍ଟ ସହ ଟେବୁଲର ଶୀର୍ଷରେ ଥିବାବେଳେ ହାଇଦ୍ରାବାଦ ୭ ପଏଣ୍ଟ ପାଇ ସାରିଛି। ଇଣ୍ଡିଆ କ୍ୟାପିଟାଲ୍ସ ଓ ମଣିପାଲ ଟାଇଗର୍ସ ମ୍ୟାଚର ବିଜେତା ୮ ପଏଣ୍ଟ ସହ କ୍ୱାଲିଫାଇ କରିଯିବ। ପରାଜିତ ଦଳ ୬ ପଏଣ୍ଟରେ ରହିଯିବ। ଏ କ୍ଷେତ୍ରରେ କୋଣାର୍କ ସୂର୍ଯ୍ୟସ୍ ମଧ୍ୟ ଆଗାମୀ ମ୍ୟାଚରେ ବିଜୟୀ ହେଲେ ୮ ପଏଣ୍ଟରେ ପହଞ୍ଚିବ। ପରାଜିତ ହେଲେ ଦଳର ପଏଣ୍ଟ ୬ରେ ସୀମିତ ରହିବ। ଏପରି ସ୍ଥଳେ ରନ୍ ହାର ନିର୍ଣ୍ଣାୟକ ଭୂମିକା ନେବ। ରନ୍ ହାରରେ କୋଣାର୍କ ସୂର୍ଯ୍ୟସ୍ ବହୁତ ପଛରେ ଥିବାରୁ ଆଗାମୀ ମ୍ୟାଚକୁ ସତର୍କତାର ସହ ଖେଳିବାକୁ ହେବ। ଏକଦା ଭଲ ସ୍ଥିତିରେ ଥିବା ଓଡ଼ିଶାଭିତ୍ତିକ ଦଳ କ୍ରମାଗତ ୩ଟି ମ୍ୟାଚରେ ପରାଜିତ ହେବା କାରଣରୁ ଚିନ୍ତା ବଢ଼ିଛି। ଆଗାମୀ ମ୍ୟାଚରେ ଦଳକୁ ପରାଜୟ ଧାରା ଭାଙ୍ଗିବାକୁ ପଡ଼ିବ।

ଗୁଜରାଟ ଗ୍ରେଟ୍ସ ପାଇଁ ଯଦିଓ ଆଗାମୀ ମ୍ୟାଚ ଗୁରୁତ୍ୱ ବହନ କରୁନାହିଁ ତେବେ ଦଳ ନିଶ୍ଚିତ ବିଜୟ ସହ ଅଭିଯାନ ଶେଷ କରିବାକୁ ଚାହିଁବ। ଦଳରେ ଅନେକ ମ୍ୟାଚ ବିଜେତା ଖେଳାଳି ମଧ୍ୟ ଅଛନ୍ତି। ତେଣୁ ଇରଫାନ ପଠାନଙ୍କ ଓଡ଼ିଶା ଦଳକୁ ଉପଯୁକ୍ତ ରଣନୀତି ସହ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ଗୁଜରାଟ ଗ୍ରେଟ୍ସ ନିଜର ପ୍ରଥମ ମ୍ୟାଚରେ ଟୋୟମ ହାଇଦ୍ରାବାଦକୁ ହରାଇ ଭଲଭାବେ ଅଭିଯାନ ଆରମ୍ଭ କରିଥିଲେ ହେଁ ପରବର୍ତ୍ତୀ ୫ ମ୍ୟାଚରୁ ୪ଟିରେ ପରାଜୟ ବରଣ କରିଥିବାବେଳେ ଗୋଟିଏ ମ୍ୟାଚ ବର୍ଷାରେ ଧୋଇ ଯାଇଛି।




**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

# ଇଣ୍ଡିଆ କ୍ୟାପିଟାଲ୍ସର ସମ୍ମାନଜନକ ସ୍କୋର

**ଶ୍ରୀନଗର, ୧୦।୧୦**

ବେନ୍ ଡଙ୍କଙ୍କ ଦୃଢ଼ ବ୍ୟାଟିଂ ବଳରେ ଇଣ୍ଡିଆ କ୍ୟାପିଟାଲ୍ସ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ସମ୍ମାନଜନକ ସ୍କୋର କରିଛି। ମଣିପାଲ ଟାଇଗର୍ସ ବିପକ୍ଷରେ ଏହି ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ମଣିପାଲ ଟାଇଗର୍ସ ୧୧ ଓଭରରେ ୪ ଉଇକେଟ ହରାଇ ୬୨ ରନ ସଂଗ୍ରହ କରିଛି। ଫିଲ୍ ମଷ୍ଟାର୍ଡ(୨୦), ସୋଲୋମନ ମିରେ (୦), ମନୋଜ ତିୱାରୀ (୭) ଓ ଡାନିଏଲ କ୍ରିଷ୍ଟିଆନ (୨୪) ଆଉଟ ହୋଇଛନ୍ତି। କ୍ୟାପିଟାଲ୍ସ ପକ୍ଷରୁ ଅବିନାଶ ଯାଦବ ୨ଟି ଉଇକେଟ ନେଇଛନ୍ତି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଣ୍ଡିଆ କ୍ୟାପିଟାଲ୍ସର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ବେନ୍ ଡଙ୍କ୍। ଏହି ମିଡିଲ ଅର୍ଡର ବ୍ୟାଟର ମାତ୍ର ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୭ ଛକା ସହାୟତାରେ ୯୭ ରନକରି ଆଉଟ ହୋଇଥିଲେ। ଶତକ ହାସଲର ନିକଟତର ହୋଇଥିଲେ ହେଁ ମାତ୍ର ୩ ରନ ଦୂରରେ ଥିବାବେଳେ ଶେଷ ଓଭରର ୪ର୍ଥ ବଲ୍‌ରେ ଥିସାରା ପେରେରାଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଓପନର ଡ୍ୱେନ ସ୍ମିଥ (୨୯)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି କ୍ୟାପିଟାଲ୍ସ ବ୍ୟାଟର ଅଧିକ ସମୟ କ୍ରିଜ୍‌ରେ ତିଷ୍ଠିପାରି ନ ଥିଲେ। ୪ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଉଇକେଟ କିପର ଧ୍ରୁବ ରାଭାଲ ୧୭ ରନର ଯୋଗଦାନ ଦେଇଥିଲେ। ମଣିପାଲ ଟାଇଗର୍ସ ପକ୍ଷରୁ ଅସେଲା ଗୁଣରତ୍ନେ ସର୍ବାଧିକ ୩ଟି ଏବଂ ଓବୁସ ପିନାର, ଅନୁରୀତ ସିଂ ଓ ଥିସାରା ପେରେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଣ୍ଡିଆ କ୍ୟାପିଟାଲ୍ସ ୨୦ ଓଭରରେ ୧୮୫/୭ (ବେନ୍ ଡଙ୍କ୍-୯୭, ଡ୍ୱେନ ସ୍ମିଥ-୨୯, ଅସେଲା ଗୁଣରତ୍ନେ-୩/୧୦, ଓବୁସ ପିନାର-୧/୨୬, ଅନୁରୀତ ସିଂ -୧/୩୯, ଥିସାରା ପେରେରା-୧/୩୪)।

# ନିଲାମରେ ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି

**ନୂଆଦିଲ୍ଲୀ, ୧୦।୧୦**

**୧୩ ଓ ୧୪ରେ ପୁରୁଷ ଓ ୧୫ରେ ମହିଳା ଅକ୍ସନ**

ଦୀର୍ଘ ୭ ବର୍ଷର ବ୍ରେକ୍ ପରେ ଆରମ୍ଭ ହେବାକୁ ଯାଉଥିବା ହକି ଇଣ୍ଡିଆ ଲିଗ୍ ପାଇଁ ଉତ୍ସୁକତା ପରିଲକ୍ଷିତ ହୋଇଛି। ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ନାମ ପଞ୍ଜୀକୃତ କରି ସାରିଥିବାବେଳେ ଏବେ ନିଲାମ ପ୍ରକ୍ରିୟାକୁ ଅପେକ୍ଷା। ନୂଆଦିଲ୍ଲୀ ଏକ ତାରକା ହୋଟେଲରେ ଆସନ୍ତା ୧୩ ଓ ୧୪ ତାରିଖରେ ପୁରୁଷ ଖେଳାଳି ନିଲାମ ପ୍ରକ୍ରିୟା ହେବ। ପ୍ରଥମଥର ପାଇଁ ହେବାକୁ ଯାଉଥିବା ମହିଳା ହକି ଲିଗ୍ ପାଇଁ ଖେଳାଳି ନିଲାମ ୧୫ ତାରିଖରେ ଅନୁଷ୍ଠିତ ହେବ। ମିଳିଥିବା ସୂଚନା ଅନୁସାରେ ୪୦୦ରୁ ଊର୍ଦ୍ଧ୍ୱ ପୁରୁଷ ଘରୋଇ ଏବଂ ୧୫୦ରୁ ଊର୍ଦ୍ଧ୍ୱ ବିଦେଶୀ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହେବେ। ସେହିପରି ୨୫୦ରୁ ଊର୍ଦ୍ଧ୍ୱ ମହିଳା ଘରୋଇ ଓ ୭୦ରୁ ଊର୍ଦ୍ଧ୍ୱ ବିଦେଶୀ ଖେଳାଳିଙ୍କୁ ନେଇ ନିଲାମ ପ୍ରକ୍ରିୟା ହେବ। ନାମ ପଞ୍ଜୀକୃତ କରିଥିବା ଖେଳାଳିଙ୍କୁ ୩ ବର୍ଗରେ ବିଭକ୍ତ କରାଯାଇ ୨ ଲକ୍ଷ, ୫ ଲକ୍ଷ ଓ ୧୦ ଲକ୍ଷ ଟଙ୍କାର ବେସ୍ ପ୍ରାଇସ ରଖାଯାଇଛି। ୬୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ବେସ୍ ପ୍ରାଇସ୍ ୬ ଲକ୍ଷ ରହିବ। ସେହିପରି ୨୫୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ବେସ୍ ପ୍ରାଇସ ୫ ଲକ୍ଷ ଓ ଅନ୍ୟ ୨୫୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ବେସ୍ ପ୍ରାଇସ୍ ୧୦ ଲକ୍ଷ ରହିବ।

ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ପୁରୁଷ ତାରକା ଖେଳାଳିଙ୍କ ମଧ୍ୟରୁ ଅଧିନାୟକ ହରମନପ୍ରୀତ୍ ସିଂ, ଉପ ଅଧିନାୟକ ହାର୍ଦ୍ଦିକ ସିଂ, ମନପ୍ରୀତ୍ ସିଂ, ମନଦୀପ ସିଂ ପ୍ରମୁଖ ଅନ୍ୟତମ। ସେହିପରି ପୂର୍ବତନ ହକି ତାରକା ରୂପିନ୍ଦର ପାଲ୍ ସିଂ, ବୀରେନ୍ଦ୍ର ଲାକ୍ରା ଓ ଧରମବୀର ସିଂଙ୍କ ପରି ଖେଳାଳି ମଧ୍ୟ ନିଜ ନାମ ପଞ୍ଜୀକୃତ କରିଛନ୍ତି। ଅନ୍ତର୍ଜାତୀୟ ହକି ଆଇକନ୍‌ଙ୍କ ମଧ୍ୟରେ ଆର୍ଥର ଭାନ ଡୋରେନ, ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ, ଗୋଞ୍ଜାଲେଜ ପିଲାଟ, ଜିପ୍ ଜାନସେନ, ଥିଏରୀ ବ୍ରିଙ୍କମାନ ଓ ଦୟାନ କାସିମଙ୍କ ପରି ପୁରୁଷ ଖେଳାଳି ନିଜ ନାମ ପଞ୍ଜୀକୃତ କରିଛନ୍ତି। ମହିଳା ଖେଳାଳିଙ୍କ ମଧ୍ୟରେ ଗୋଲକିପର ସବିତା, ବନ୍ଦନା କାଟରିୟା, ଲାଲ ରେମସିଆମି, ଅଧିନାୟିକା ସାଲିମା ଟେଟେ, ଉଦୀୟମାନ ଖେଳାଳି ଦୀପିକା ଅନ୍ୟତମ। ପୂର୍ବତନ ମହିଳା ଖେଳାଳିଙ୍କ ମଧ୍ୟରେ ଯୋଗିତା ବାଲି, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ ପୁଣି ଆକ୍ସନରେ ଦେଖିବାକୁ ମିଳିବେ। ଅନ୍ତର୍ଜାତୀୟ ମହିଳା ଖେଳାଳିଙ୍କ ମଧ୍ୟରେ ଡେଲଫିନା ମେରିନୋ, ଚାର୍ଲୋଟି ଷ୍ଟାପେନହର୍ଷ୍ଟ, ମାରିଆ ଗ୍ରାନାଟୋ, ରାକେଲ ଲିଞ୍ଚ୍, ନିକ୍ ଲୋରେଞ୍ଜା ପ୍ରମୁଖ ସାମିଲ।

ପ୍ରତି ଦଳରେ ୨୪ ଜଣ ଲେଖାଏ ଖେଳାଳି ରହିବେ। ଏହା ମଧ୍ୟରେ ୧୬ ଭାରତୀୟ (୪ ଜୁନିୟର ଖେଳାଳି ବାଧ୍ୟତାମୂଳକ) ଓ ୮ ବିଦେଶୀ ଖେଳାଳି ସାମିଲ। ଉଭୟ ଲୋକାଲ ଓ ଗ୍ଲୋବାଲ ପ୍ରତିଭାଙ୍କୁ ପ୍ରମୋଟ କରିବା ହକି ଇଣ୍ଡିଆ ଲିଗ୍‌ର ଲକ୍ଷ୍ୟ।

୨୦୨୪-୨୫ ହକି ଇଣ୍ଡିଆ ଲିଗ୍ ଡିସେମ୍ବର ୨୮ରୁ ଆରମ୍ଭ ହେବ। ରାଉରକେଲାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ମହିଳା ହକି ଲିଗ୍ ରାଞ୍ଚିର ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ହକି ଷ୍ଟାଡିୟମ ଏବଂ ପୁରୁଷ ଲିଗ୍ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମହିଳା ଲିଗ୍ ଫାଇନାଲ ରାଞ୍ଚିରେ ୨୦୨୫ ଜାନୁଆରୀ ୨୬ ଓ ପୁରୁଷ ଲିଗ୍ ଫାଇନାଲ ରାଉରକେଲାରେ ଫେବୃଆରୀ ୧ ତାରିଖରେ ଅନୁଷ୍ଠିତ ହେବ। ପ୍ରତି ମ୍ୟାଚରୁ ଫଳାଫଳ ବାହାରିବ। କୌଣସି ମ୍ୟାଚ ଟାଇ ରହିଲେ ଶୁଟ୍ ଆଉଟ ପଦ୍ଧତି ଅବଲମ୍ବନ କରାଯିବ।

## ପାକିସ୍ତାନ ଫେରିଲେ ଫାତିମା ସାନା

**ଦୁବାଇ, ୧୦।୧୦ (ପି.ଟି.):** ପାକିସ୍ତାନ ଅଧିନାୟିକା ଫାତିମା ସାନା ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟି୨୦ ବିଶ୍ୱକପ୍ ମ୍ୟାଚ ଖେଳିପାରିବେ ନାହିଁ। ଗୁରୁବାର ପିତୃ ବିୟୋଗ ଖବର ପାଇ ସେ କରାଚୀସ୍ଥିତ ଘରକୁ ଫେରିଯାଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପ୍ରକାଶ କରିଛି। ପାକିସ୍ତାନ-ଅଷ୍ଟ୍ରେଲିଆ ମ୍ୟାଚ ଶୁକ୍ରବାର ଖେଳାଯିବ। ଫାତିମାଙ୍କ ସ୍ଥାନରେ ବର୍ତ୍ତମାନ ଉପ-ଅଧିନାୟିକା ମୁନିବା ଅଲି ଦଳର ନେତୃତ୍ୱ ନେବେ। ଟୁର୍ନାମେଣ୍ଟରେ ୨୨ ବର୍ଷୀୟା ଫାତିମା ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ତାଙ୍କ ଅନୁପସ୍ଥିତିକୁ ଦଳ ଅନୁଭବ କରିବ ନିଶ୍ଚୟ। ସେମିଫାଇନାଲରେ ସ୍ଥାନ ପାଇ ପାକିସ୍ତାନ ଖେଳିବାକୁ ବାକିଥିବା ଏହାର ଦୁଇଟି ମ୍ୟାଚ ମଧ୍ୟରୁ ଗୋଟିକରେ ବିଜୟ ଲାଭ କରିବାକୁ ପଡ଼ିବ। ପାକିସ୍ତାନ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚରୁ ଦୁଇ ପଏଣ୍ଟ ଲାଭ କରିପାରିଛି। ଦଳ ଗ୍ରୁପ୍ 'ଏ'ରେ ଲିଡର ଅଷ୍ଟ୍ରେଲିଆ ଓ ଭାରତ ପଛକୁ ତୃତୀୟ ସ୍ଥାନରେ ରହିଛି।

# ଭୁବନେଶ୍ୱର 'ଏ' ୭ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃଜିଲା ସ୍କୁଲ କ୍ରିକେଟର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର 'ଏ' ୭ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୩୧.୪ ଓଭରରେ ୯୪ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଆହ୍ୱାନ ମିଶ୍ର ୩ଟି ଓ ମୃତ୍ୟୁଞ୍ଜୟ ରାୟ ୬ ଓଭରରେ ୪ ମେଡେନ ନେଇ ମାତ୍ର ୨ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ୯୫ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର 'ଏ' ୧୫ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। କ୍ରିଷ୍ଣା ସାସମଲ ୩୫ ରନରେ ଅପରାଜିତ ରହିଥିଲେ। ଚମତ୍କାର ବୋଲିଂ ପାଇଁ ମୃତ୍ୟୁଞ୍ଜୟ ରାୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ରେଲୱେ ଗ୍ରାଉଣ୍ଡରେ କୋରାପୁଟ ୭ ଉଇକେଟରେ ପାରାଦୀପକୁ, ବିଡ଼ାନାସୀ ପଡ଼ିଆରେ ବୌଦ୍ଧ ୮ ଉଇକେଟରେ ଦେବଗଡ଼କୁ, ନିମପୁର ଗ୍ରାଉଣ୍ଡରେ ରାଉରକେଲା ୧୩୬ ରନରେ କିଟ୍‌କୁ, ବିଜେବି ହାଇସ୍କୁଲ ପଡ଼ିଆରେ ବାଲେଶ୍ୱର ୯ ଉଇକେଟରେ ନୟାଗଡ଼କୁ ଏବଂ ଗତିରାଉତପାଟଣା ପଡ଼ିଆରେ ଭଦ୍ରକ ୬ ଉଇକେଟରେ ରାୟଗଡ଼ାକୁ ପରାସ୍ତ କରିଛି। ଏହି ମ୍ୟାଚଗୁଡ଼ିକରେ ଯଥାକ୍ରମେ କୋରାପୁଟର ସନଶ୍ରୟା ସାହା, ବୌଦ୍ଧର ଅମନ ଲାକ୍ରା, ରାଉରକେଲାର ରାଜ ଯାଦବ, ବାଲେଶ୍ୱରର ଶ୍ରେୟାଂଶ ମିଶ୍ର ଓ ଭଦ୍ରକର ରଞ୍ଜିତ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ମୃତ୍ୟୁଞ୍ଜୟ ରାୟ ଶ୍ରେଷ୍ଠ ଖେଳାଳି**











Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୧/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 11/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୩୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 318 | ମୂଲ୍ୟ ₹୭/-




## ପଦ୍ମିନୀ ଅଗ୍ରଣୀ

ତାମିଲନାଡୁରେ ଚାଲିଥିବା ଜାତୀୟ ମହିଳା ଚେସ୍‌ର ୮ ରାଉଣ୍ଡ ଶେଷସୁଦ୍ଧା ୭ ପଏଣ୍ଟ ପାଇ ଅଗ୍ରଣୀ ରହିଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ।

୦୮

୦୩

## ଓମାର ଏନ୍‌ସି ବିଧାୟକ ଦଳ ନେତା

ଜମ୍ମୁ-କଶ୍ମୀର ନିର୍ବାଚନରେ ସଫଳତା ପରେ ଏନ୍‌ସି ଉପାଧ୍ୟକ୍ଷ ଓମାର ଅବଦୁଲ୍ଲାଙ୍କୁ ଗୁରୁବାର ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଛି।



# ନାଡାଲଙ୍କ ଅବସର ଘୋଷଣା

ମାଡ୍ରିଡ, ୧୦।୧୦ (ଏପି)

କ୍ଲେ-କୋର୍ଟର ରାଜାଭାବେ ପରିଚିତ ଟେନିସ ତାରକା ରାଫାଲ ନାଡାଲ ଗୁରୁବାର ଅବସର ଘୋଷଣା କରିଛନ୍ତି। ଆସନ୍ତା ମାସରେ ଡେଭିସ୍ କପ୍ ଫାଇନାଲ ପରେ ଟେନିସକୁ ଅଲ୍‌ବିଦା ଜଣାଇବେ ବୋଲି ଏହି ସ୍ପାନିଶ ଷ୍ଟାର ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ୩୮ ବର୍ଷୀୟ ନାଡାଲ ୨୨ ଗ୍ରାଣ୍ଡସ୍ଲାମ ସହ ମୋଟ ୯୨ଟି ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ନାଡାଲଙ୍କ ସହ ରୋଜର ଫେଡରର ଓ ନୋଭାକ୍ ଜୋକୋଭିଚ ଟେନିସ ଜଗତରେ ବିଗ୍‌ଥ୍ରି ରୂପେ ପରିଚିତ। ବାରମ୍ବାର ଇଞ୍ଜୁରୀ ସମସ୍ୟାରେ ରହିବାରୁ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ପଡ଼ିଲା ବୋଲି ସେ କହିଛନ୍ତି। ରେକର୍ଡ ୧୪ଥର ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିବାରୁ ତାଙ୍କୁ କ୍ଲେ-କୋର୍ଟର ରାଜା ଭାବେ ଅଭିହିତ କରାଯାଏ। ପୁରୁଷ ଅବା ମହିଳା, ଖେଳର ୪ଟି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ମଧ୍ୟରେ ଗୋଟିକରେ କୌଣସି ଖେଳାଳି ଏତେଥର ଚାମ୍ପିୟନ ହୋଇପାରି ନାହାନ୍ତି। ନାଡାଲ ଆହୁରି ମଧ୍ୟ ୪ଥର ୟୁଏସ୍ ଓପନ ଏବଂ ଦୁଇଥର ଲେଖାଏ ୱିମ୍ବଲେଡନ ଓ ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି। ସେ ଥରେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ ମଧ୍ୟ କରିପାରିଛନ୍ତି। ୨୦୨୨ ସିଜନରେ ସେ ଶେଷ ଥର ପାଇଁ ଡବଲ ଗ୍ରାଣ୍ଡସ୍ଲାମ ଟାଇଟଲ ଜାନୁଆରୀରେ ମେଲବୋର୍ନ ଏବଂ ଜୁନ୍‌ରେ ପ୍ୟାରିସରେ ହାସଲ କରିଥିଲେ। ଏଥିସହିତ ସେ ଫେଡରରଙ୍କ ନାମରେ ରହିଥିବା ପୁରୁଷ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡକୁ ଅତିକ୍ରମ କରିଯାଇଥିଲେ। ଫେଡରର ୪୧ ବର୍ଷ ବୟସରେ ୨୦୨୨ ସିଜନରେ ତାଙ୍କର ଅବସର ଘୋଷଣା କରିଥିଲେ। ଟେନିସରୁ ବିଦାୟ ☞ପୃଷ୍ଠା–୩



ଟେନିସ ତାରକା ରାଫାଲ ନାଡାଲ

# ଏକ ଦେଶ, ଏକ ନିର୍ବାଚନକୁ କେରଳର ବିରୋଧ

ଭାରତରେ ଲୋକ ସଭା ନିର୍ବାଚନ ସହିତ ଏକକାଳୀନ ସମସ୍ତ ରାଜ୍ୟର ବିଧାନସଭା ଭୋଟ କରାଇବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଆସୁଛନ୍ତି। ରାମନାଥ କୋବିନ୍ଦ କମିଟିର ଏସମ୍ପର୍କିତ ସୁପାରିସକୁ ୨୦୨୪ ସେପ୍ଟେମ୍ବର ୧୮ରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିଲା। ଭାଜପାର ନିର୍ବାଚନୀ ଇସ୍ତାହାରରେ ସ୍ଥାନ ପାଇଥିବା 'ୱାନ୍ ନେଶନ୍ ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ତୃତୀୟ ପାଳିରେ ହିଁ କାର୍ଯ୍ୟକାରୀ କରାଯିବ ବୋଲି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଥିଲେ। ତେବେ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ବିରୋଧ ଯୋଗୁ କେନ୍ଦ୍ରର ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। କେରଳ ବିଧାନସଭାରେ ଏହା ବିରୋଧରେ ଗୁରୁବାର ଏକ ପ୍ରସ୍ତାବ ପାରିତ ହୋଇଛି। ଏକସଙ୍ଗେ ନିର୍ବାଚନ କରାଗଲେ ରାଜ୍ୟଗୁଡ଼ିକର ଅଧିକାର କ୍ଷୁଣ୍ଣ ହେବ। ଏହା ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବା ସହ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ସିଦ୍ଧାନ୍ତଗୁଡ଼ିକୁ ଦୁର୍ବଳ କରିଦେବ ବୋଲି ସଂକଳ୍ପନାମାରେ କୁହାଯାଇଛି। ପ୍ରସ୍ତାବକୁ ପ୍ରତ୍ୟାହାର ପାଇଁ ପିନାରାୟୀ ବିଜୟନ୍ ସରକାର କେନ୍ଦ୍ର ନିକଟରେ ଦାବି ଜଣାଇଛନ୍ତି ।



ପିନାରାୟୀ ବିଜୟନ୍

- ବିଧାନସଭାରେ ପ୍ରସ୍ତାବ ଗୃହୀତ
- ପ୍ରତ୍ୟାହାର ପାଇଁ କେନ୍ଦ୍ର ନିକଟରେ ଦାବି

ଥିରୁଭାନନ୍ତପୁରମ୍, ୧୦।୧୦

କେରଳ ବିଧାନସଭାରେ ଗୁରୁବାର 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବ ବିରୋଧରେ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ପାରିତ ହୋଇଛି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ୟାନେଲ ସୁପାରିସ କରିଥିବା 'ଏକ ଦେଶ ଏକ ନିର୍ବାଚନ'କୁ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ଦର୍ଶାଇ ଏହାକୁ ମଞ୍ଜୁରୀ ଦେବା ନେଇ ହୋଇଥିବା ନିଷ୍ପତ୍ତିକୁ ଫେରାଇ ନେବାକୁ କେରଳ ସରକାରଙ୍କ ପକ୍ଷରୁ ପାରିତ ପ୍ରସ୍ତାବରେ କେନ୍ଦ୍ର ସରକାରଙ୍କୁ ଅପିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ପକ୍ଷରୁ ଉକ୍ତ ପ୍ରସ୍ତାବକୁ ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏମ୍.ବି. ରାଜେଶ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ରାଜେଶ କହିଛନ୍ତି, 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବ ଦେଶର ସଂଘୀୟ ପ୍ରଣାଳୀକୁ ଦୁର୍ବଳ କରିବ। ଭାରତୀୟ ସଂସଦୀୟ ଗଣତନ୍ତ୍ରର ବିବିଧତାକୁ ଏହା କ୍ଷତି ପହଞ୍ଚାଇବ। ସେହିପରି ଦେଶରେ ବିଭିନ୍ନ ରାଜ୍ୟର ବିଧାନସଭା ଓ ସ୍ଥାନୀୟ ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ହ୍ରାସ ଘଟାଇବା ପାଇଁ 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବ ମାର୍ଗ ପ୍ରଶସ୍ତ କରିବ ବୋଲି ରାଜେଶ କହିଛନ୍ତି। ଗତ ମାସ ୧୮ରେ 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ଦେଶରେ ଏକକାଳୀନ ନିର୍ବାଚନ କରାଇବା ପାଇଁ କରାଇବା ପାଇଁ ସଂସଦର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଲ୍ ଉପସ୍ଥାପନ କରାଯିବ ବୋଲି ଅନୁମାନ କରାଯାଉଛି। ତେବେ ଏକକାଳନୀ ନିର୍ବାଚନ କରାଇବା ପାଇଁ ୧୮ଟି ସାମ୍ବିଧାନିକ ସଂଶୋଧନ ଆବଶ୍ୟକ। ଅଧିକାଂଶ ☞ପୃଷ୍ଠା–୩



## ଟାଟାଙ୍କୁ ଭାରତରତ୍ନ ଦାବି: ମହାରାଷ୍ଟ୍ର କ୍ୟାବିନେଟ୍‌ରେ ପ୍ରସ୍ତାବ ଗୃହୀତ

ମୁମ୍ବାଇ, ୧୦।୧୦ (ପି.ଟି.)

ଖ୍ୟାତନାମା ଶିଳ୍ପପତି ରତନ ଟାଟାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରି ମହାରାଷ୍ଟ୍ର କ୍ୟାବିନେଟ୍‌ରେ ଗୁରୁବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏକ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ବୁଧବାର ରାତିରେ ମୁମ୍ବାଇର ଏକ ହସ୍ପିଟାଲରେ ରତନ ଟାଟାଙ୍କର ପରଲୋକ ହୋଇଥିଲା। ତେବେ ଟାଟା ନିଜ ପାଇଁ ଭାରତରତ୍ନ ଚାହିଁ ନ ଥିଲେ। ସେ ଜଣେ ଭାରତୀୟ ଭାବେ ନିଜକୁ ଭାଗ୍ୟବାନ୍ ମନେକରନ୍ତି ଏବଂ ଦେଶର ଅଭିବୃଦ୍ଧି ଓ ସମୃଦ୍ଧି ☞ପୃଷ୍ଠା–୩





DADLS - 41

सत्यमेव जयते





'ପବିତ୍ର ବିଜୟା ଦଶମୀ -୨୦୨୪' ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

ଓଡ଼ିଶା ସରକାର



ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା



ପବିତ୍ର ଦୁର୍ଗାପୂଜା ଓ ଦଶହରା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମାତୃଶକ୍ତିର ଉପାସନା ଆମ ସଂସ୍କୃତିର ଏକ ଅନନ୍ୟ ପରମ୍ପରା । ମା' ଦୁର୍ଗାଙ୍କ ଆରାଧନା ଏପରି ଏକ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ଉତ୍ସବ, ଯେଉଁଠାରେ ଆଧ୍ୟାତ୍ମିକ ଭାବ ସହ ଆନନ୍ଦମୟ ଭାବର ସମ୍ମିଳିତ ପରିପ୍ରକାଶ ହୋଇଥାଏ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0239/2425

## ସଂକ୍ଷେପରେ

### ଶାଗୁଆନ ଗଣ୍ଡି ଜବତ, ଜଣେ ଗିରଫ

**ବୋଡ଼େନ,୧୦।୧୦ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡେନ ଫରେଷ୍ଟ ସେକ୍ସନ ଅଧୀନ କରଙ୍ଗାମାଲ (ବାଗପଡ଼ା) ନିକଟ କୁଲେକେଲା ଜଙ୍ଗଲରୁ ବନ କର୍ମଚାରୀ ୧୬ ଖଣ୍ଡ ଶାଗୁଆନ ଗଣ୍ଡି ଜବତ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ପଲସାପଡାର ଗାଡ଼ି ଡ୍ରାଇଭର ନେହ୍ରୁ ଲାଲ ମାଲି। ବୋଡେନ ଫରେଷ୍ଟର ଦୁର୍ଯ୍ୟୋଧନ ଦିକ୍ଷିତଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ବିରେନ୍ଦ୍ର ମାଝି, ତରୁଣ ତେଜୀ, ମୁକେଶ ନାଗ, ଶଙ୍କର ମାଝି, କୁରୁପତି ମାଲି ଓ ରୁପସି ସଲମା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଗାଡିକୁ ବୋଡେନ ଫରେଷ୍ଟର ଅଫିସ ଆଣି ପରେ ଖଡିଆଲ ରେଞ୍ଜ ଅଫିସ ନିଆଯାଇଥିବା ଫରେଷ୍ଟର ଦିକ୍ଷିତ ସୂଚନା ଦେଇଛନ୍ତି। ଜବତ ଶାଗୁଆନ ଗଣ୍ଡି ମୂଲ୍ୟ ୧ଲକ୍ଷ ଟଙ୍କା ହେବ।

### ତେରେସିଂହାରେ ଆର୍ଥିକ ସାକ୍ଷରତା ଶିବିର

**ରିଷିଡ଼ା, ୧୦।୧୦(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ରାଧାବଲ୍ଲଭ ମଣ୍ଡପଠାରେ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଗ୍ରାମୀଣ ବ୍ୟାଙ୍କ ତେରେସିଂହା ଶାଖା ପକ୍ଷରୁ ଆୟୋଜିତ ଶିବିରରେ ଶାଖା ପରିଚାଳକ ଦିନମଣି ନାଏକ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଅଟଳ ପେନ୍‌ସନ୍ ଯୋଜନା, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଇତ୍ୟାଦି ସ୍ୱସମ୍ପର୍କରେ ଉପସ୍ଥିତ ସଦସ୍ୟାମାନଙ୍କୁ ଅବଗତ କରାଇଥିଲେ। ଶିବିରରେ ସ୍ଥାନୀୟ ସିଆର୍‌ପି ଅନିତା ରଣା, ରାଧାବଲ୍ଲଭ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଲବଣୀ ରଣା, ସମ୍ପାଦିକା ରୁକ୍ମଣୀ ରଣା ପ୍ରମୁଖ ଯୋଗ ଦେଇଥିଲେ।

### ନବଦିନାତ୍ମକ ଦୁର୍ଗାପୂଜା ଆରମ୍ଭ

**ରିଷିଡ଼ା,୧୦।୧୦ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଦୁର୍ଗା ମଣ୍ଡପରେ ବୁଧବାରଠାରୁ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଶୁକ୍ରବାର ନବରାତ୍ର ପ୍ରଥମ ଦିନରେ ମା' ଗୌରି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମୁଖ୍ୟ ପୂଜକ ଭାବେ ପଣ୍ଡିତ ରୁଦ୍ରନାରାୟଣ ଦାଶ ରହିଥିବା ବେଳେ ମନୁ ଦାସ, ମଧୁ ଦାସ ସହଯୋଗ କରୁଛନ୍ତି। ଶିବଲାଲ କେଡିଆ ଓ ତାଙ୍କ ସ୍ତ୍ରୀ ଉଷା କେଡ଼ିଆ କର୍ତ୍ତା ରହିଛନ୍ତି। ଚଳିତବର୍ଷ ରାବଣ ପୋଡ଼ି, ମିଚର ରାମଲୀଳା, ଆରକ୍ରିଷ୍ଟା ଦଣ୍ଡନୃତ୍ୟ ଆଦି କାର୍ଯ୍ୟକ୍ରମ ହେଉଥିବା ପୂଜା କମିଟି ସଭାପତି ଅଶୋକ କୁମାର ତ୍ରିପାଠୀ, ଉପସଭାପତି ନରୋତ୍ତମ ସେଲମା, ସମ୍ପାଦକ ଦୁଷ୍ମନ୍ତ ଲେଙ୍କା, ସହ ସମ୍ପାଦକ ରଞ୍ଜନ କୁମାର ନାଏକ ପ୍ରମୁଖ ସୂଚନା ଦେଇଛନ୍ତି।

### ବିଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ



**ଥୁଆମୂଳ ରାମପୁର,୧୦।୧୦(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଚିରିକେଲଗୁଡ଼ା ମୁଖ୍ୟ ଛକ ନିକଟରେ ଗୁରୁବାର ସକାଳୁ ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ବିପୁଳ ପରିମାଣର ବିଦେଶର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ପ୍ରଭାତ ରଞ୍ଜନ ପ୍ରସାଦ (୨୮)। ପୋଲିସ ସୂଚନା ଅନୁସାରେ ଭବାନୀପାଟଣାର ଏକ ବିଦେଶୀ ମଦ ଦୋକାନରୁ ଥୁଆମୂଳ ରାମପୁରକୁ ମଦ ଚାଲାଣ ହେଉଥିବା ଖବର ମିଳିଥିଲା। ପରେ ପୋଲିସ ଟିମ୍ ବାଇକ୍ ଅଟକାଇ ଯାଞ୍ଚ କରି ୮୭.୫୫୫ ଲିଟର ବିଦେଶୀ ମଦ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୯/୨୪) ରୁଜୁକରି ପ୍ରଭାତଙ୍କୁ ଗିରଫ ସହ ବାଇକ୍ ଜବତ କରିଛି।

# ସିସିଟିଭି ନଜରରେ ରହିବେ ଭକ୍ତ

**ଛତରଯାତ୍ରା ପାଇଁ ପୋଲିସ ପ୍ରଶାସନର ପ୍ରସ୍ତୁତି**

**୩ ସ୍ଥାନରେ କଣ୍ଟ୍ରୋଲ ରୁମ୍**

**ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)**




ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି କଳାହାଣ୍ଡି ଏସ୍‌ପି।

ମା' ମାଣିକେଶ୍ୱରୀଙ୍କ ଛତରଯାତ୍ରା ଉପଲକ୍ଷେ ଭବାନୀପାଟଣା ସହରରେ ଶୁକ୍ରବାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଳାହାଣ୍ଡି ଏସ୍‌ପି ଅଭିଲାଷ ଜିଙ୍କ ଅଧ୍ୟକ୍ଷତାରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଯେମିତି ଶାନ୍ତିଶୃଙ୍ଖଳା ସହ ମା'ଙ୍କ ଛତରଯାତ୍ରା ଅନୁଷ୍ଠିତ ହେବ ଓ ଭକ୍ତମାନେ ଶ୍ମା'ଙ୍କ ଛତର ସୁରକ୍ଷିତ ଭାବେ ଦର୍ଶନ କରିବେ ସେ ନେଇ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ମା'ଙ୍କ ଛତର ଯାତ୍ରାରେ ଏଥର ୧୧ ପ୍ଲାଟୁନ ପୋଲିସ ମୁତୟନ ହେବା ସହ ଜଣେ ଅତିରିକ୍ତ ଏସ୍‌ପି, ୯ ଡିଏସ୍‌ପି, ୧୮ ଇନ୍ସପେକ୍ଟର, ୩୬ ସବ୍‌ଇନ୍ସପେକ୍ଟର, ୪୮ ଏଏସ୍‌ଆଇ, ୪୬ କନ୍‌ଷ୍ଟେବଲ, ୧୦୦ ହୋମଗାର୍ଡ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିବେ ବୋଲି ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ପ୍ରକାଶ କରିଛନ୍ତି। ସେହିପରି ଭବାନୀପାଟଣା ସହରର ଚାରିଆଡ଼େ ଅର୍ଥାତ୍ ଜୁନାଗଡ଼, ଥୁଆମୂଳ ରାମପୁର, କେସିଙ୍ଗା ଓ ନର୍ଲା ଆଦି ମୁଖ୍ୟ ରାସ୍ତାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଛତରଯାତ୍ରା ପାଇଁ ସହରର ଜେନାଖାଲ, ଭାଗୀରଥି ହୋଟେଲ ଓ ମାଣିକେଶ୍ୱରୀ ମନ୍ଦିର ଆଦି ୩ ସ୍ଥାନରେ ପୋଲିସ କଣ୍ଟ୍ରୋଲ ରୁମ୍ କରାଯାଇଥିବାବେଳେ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇଛି। ମା'ଙ୍କ ଛତର ଯାତ୍ରା ଆରମ୍ଭରୁ ଶେଷ ଯାଏ ଭକ୍ତଙ୍କ ଗତିବିଧି ଉପରେ ନଜର ରଖିବ ସିସିଟିଭି । ଏ ନେଇ ଗୁରୁବାର ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀ ଆୟୋଜନକରି କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି। ଏହି ଯାତ୍ରା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଆକର୍ଷଣ ସାଜିଛି ସୁଦୃଶ୍ୟ ତୋରଣ

**ଲାଞ୍ଜିଗଡ଼,୧୦।୧୦(ରମେଶ ଚନ୍ଦ୍ର ନାୟକ)**

**୫୯ ବର୍ଷରେ ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା ଚଳିତଥର ୫୯ ବର୍ଷରେ ପଦାର୍ପଣ କରିଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ମା'ଙ୍କ ଚତୁର୍ଦ୍ଧା ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ବୁଧବାର ଅପରାହ୍ଣରେ ଶତାଧିକ ମହିଳାପୁରୁଷ କଳସଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗୁରୁବାରଠାରୁ ଦେବୀ ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଛି। କର୍ତ୍ତା ଭାବେ ରାମଚନ୍ଦ୍ର ସିଂ ଓ ତାଙ୍କ ଧର୍ମପତ୍ନୀ ଜାନକୀ ସିଂ ରହିଥିବା ବେଳେ ପୂଜକ ଭାବେ ସୁବାସ ଚନ୍ଦ୍ର ତ୍ରିପାଠୀ, ସରୋଜକାନ୍ତ ତ୍ରିପାଠୀ, ସଚିନ୍ଦ୍ର ତ୍ରିପାଠୀ, ସୁବର୍ଥ ତ୍ରିପାଠୀ ରହିଛନ୍ତି। ୫ଦିନ ଧରି ହେବାକୁ ଥିବାବେଳେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ, ମେଲୋଡି ପରିବେଷଣ ସହ ଶେଷ ଦିବସରେ ରାବଣପୋଡ଼ି ଉତ୍ସବ ରହିଛି। କମିଟି ସଭାପତି ଏମ୍. ଚନ୍ଦ୍ରଶେଖର, କାର୍ଯ୍ୟକାରୀ ସଭାପତି ସୁମନ୍ତ ଦଳବେହେରା, ସମ୍ପାଦକ ରାଘବ ଗହୀର, କୋଷାଧ୍ୟକ୍ଷ ଜୟନ୍ତ ମହାଖୁଡଙ୍କ ସମେତ ଶାନ୍ତି କମିଟି ପକ୍ଷରୁ ସଭାପତି ଜିତେନ୍ଦ୍ର କୁମାର ବିଶ୍ୱାଳ, ଲାଞ୍ଜିଗଡ଼ ଥାନା ଅଧିକାରୀ,ସଦସ୍ୟ ଭାବେ ଏସ୍‌ଆଇ ଲିଙ୍ଗରାଜ ସେଠୀ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ଲାଞ୍ଜିଗଡ଼ର ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ ପ୍ରମୁଖ ରହିଛନ୍ତି। ଆୟୋଜକ କମିଟି ପକ୍ଷରୁ ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରି ପେସନିଆ, ଯୁବକ ସଂଘ ପୂର୍ବତନ ସଭାପତି ବିନୋଦ ଗଉଡ଼, ସମ୍ପାଦକ ଭୂପେନ୍ଦ୍ର ମହାରଥାଙ୍କ ସମେତ ସଦସ୍ୟମାନେ ସହଯୋଗ କରିଛନ୍ତି।

# ଭଉଣୀ ପାଳିଲେ ଭାଇ ଜିଉନ୍ତିଆ



ଭାଇ ଜିଉନ୍ତିଆ ପର୍ବରେ ସାମିଲ ଭଉଣୀମାନେ।

**କର୍ଲାମୁଣ୍ଡା,୧୦।୧୦ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପରେଡ଼ ପଡ଼ିଆଠାରେ କର୍ଲାମୁଣ୍ଡା ଦୁର୍ଗାପୂଜା କମିଟି ପକ୍ଷରୁ ଧୁମଧାମରେ ଦୁର୍ଗାପୂଜା ଚାଲିଛି। ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ବିଭିନ୍ନ ପଡାର ଶତାଧିକ ଭଉଣୀ ଭାଇର ଶୁଭ କାମନା କରି ଭାଇ ଜିଉନ୍ତିଆ ପର୍ବ ପାଳନ କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟ ପୂଜକ ଭାବେ ପଣ୍ଡିତ ଚିତ୍ର ସେନ ଦାଶ, କର୍ତ୍ତା ଭାବେ ଘନଶ୍ୟାମ ସାହୁ ଓ ହସ୍ତନି ସାହୁ ରହିଛନ୍ତି।

## ଚଳନ୍ତା ଟ୍ରକ୍‌ରେ ନିଆଁ: ବର୍ତ୍ତିଲେ ଡ୍ରାଇଭର, ହେଲ୍‌ପର

**ଧର୍ମଗଡ଼,୧୦।୧୦ (ଆକାଶ କୁମାର ଜଗତ)** ବିଜୁ ଏକ୍ସପ୍ରେସ ୱେର କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଚିଲିଚିଲା ଛକ ନିକଟରେ ବୁଧବାର ରାତିରେ ଏକ ଚଳନ୍ତା ଟ୍ରକ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ ଟକ୍‌ରେ ଥିବା ଡ୍ରାଇଭର ଓ ହେଲପର ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ଟାଇଲ୍ ବୋଝେଇ ହୋଇଥିବା ଟ୍ରକ୍ (ନଂ.୦୩ବିଭି-୯୪୬୩) ଗୁଜରାଟରୁ କୋକସରା ବ୍ଲକର ଲଦୁଗାଁ ଯାଉଥିଲା। ବିଳମ୍ବିତ ରାତିରେ ଚିଲିଚିଲା ଛକ ନିକଟରେ କୌଣସି କାରଣରୁ ଟ୍ରକ୍ ପଛ ଦୁଇଚକରେ ନିଆଁ ଲାଗିଥିଲା। ଏହା ଜାଣିବା ପରେ ଡ୍ରାଇଭର ଆକବର ଖାନ ଓ ହେଲପର ଅନୱର ଖାନ ଗାଡିରୁ ଡେଇଁ ରକ୍ଷା ପାଇଯାଇଥିଲେ। ଖବର ପାଇ ଧର୍ମଗଡ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ସମ୍ପର୍କରେ ଡ୍ରାଇଭର ଆକବର ଗୁରୁବାର ସକାଳେ ପୋଲିସକୁ ସୂଚନା ଦେଇଥିଲେ।

## ୩ ବରୁଆ ନଗର ପରିକ୍ରମା କଲେ

**ମୁରିବାହାଲ,୧୦।୧୦(ଶ୍ରୀବତ୍ସ ବେହେରା):** ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହୁକୁମାରେ ଥିବା ସର୍ପୂତନ ମା' ମାହେଶ୍ୱରୀ ଙ୍କ ପୀଠରେ ଗୁରୁବାର ଦିନ ମହାଷ୍ଟମୀ ପୂଜା ହେବା ସହ ବରୁଆ ନଗର ପରିକ୍ରମା କରାଯାଇଛି । ମୁରିବାହାଲ ସମାଜ ତରଫରୁ ଚାଲିଥିବା ପୀଠରେ ଗତ ୨୪ ତାରିଖ ଠାରୁ ଷୋହଳ ପୂଜା ଆରମ୍ଭ ହୋଇଥିଲା। ୨ ତାରିଖରେ ଖଣ୍ଡା ଲେଉଟା ପୂଜା ଧୂମଧାମରେ ପାଳନ ହୋଇଥିଲା । ମୁରିବାହାଲ ମା' ମାହେଶ୍ୱରୀ ମନ୍ଦିରରେ ଖଣ୍ଡା ଲେଉଟା ପୂଜା ପାଳିତ ହୋଇଯାଇଛି। ମହାଷ୍ଟମୀ ଅବସରେ ୩ ଜଣ ବରୁଆ (ଦେବତା ବେଶରେ) ଗୁରୁବାର ଦିନ ମୁରିବାହାଲ ନଗର ପରିକ୍ରମା କରିଥିଲେ ।

## ମଦ ଜବତ , ୩ ଗିରଫ

**ଲୋଇସିଂହା,୧୦।୧୦(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ପକ୍ଷରୁ ରେଙ୍ଗାଲି ଏବଂ ପୁଡାପଦରେ ଚଢ଼ାଉ କରାଯାଇ ୩୦ ଲିଟର ମଦ ଜବତ କରାଯାଇଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦ ସେଠ, କୁନୁ ସେଠ ଏବଂ ପ୍ରକାଶ ଦଣ୍ଡସେନା।

# ନିଲାମ ହେଲା ଶରଧାପୁର ନିମସାଗର



ନିମ ସାଗରରେ ମାଛ ଯାଆଁଳ ଛଡାଯାଉଛି।

**ଧର୍ମଗଡ,୧୦।୧୦ (ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଶରଧାପୁର ନିମ ସାଗର (ପୋଖରୀ) ଦୀର୍ଘଦିନ ପରେ ଶେଷରେ ଗୁରୁବାର ନିଲାମ ହୋଇଛି। ଏହାପରେ ଏଥିରେ ମାଛ ଯାଆଁଳ ଛଡ଼ାଯାଇଛି। ସୂଚନା ଅନୁସାରେ ଦୀର୍ଘଦିନ ଧରି ଖଇରପଦର ପଞ୍ଚାୟତ ଶରଧାପୁରଠାରେ ଥିବା ନିମ ସାଗରକୁ ପଞ୍ଚାୟତ ପ୍ରଶାସନ ପକ୍ଷରୁ ନିଲାମ କରା ନ ଯାଇ ଛାଡ଼ି ଦିଆଯାଇଥିଲା। ଫଳରେ ପୋଖରୀର ରକ୍ଷଣାବେକ୍ଷଣ ହେଉ ନ ଥିବାବେଳେ ଲୋକେ ମାଛ ମାରି ନେଇଯାଉଥିଲେ। ତେବେ ଖଇରପଦର ସମିତି ସଭ୍ୟ ପ୍ରସନ୍ନ ବିହାରୀଙ୍କ ଉଦ୍ୟମ କ୍ରମେ ପୋଖରୀ ନିଲାମ ଡକାଯାଇଥିଲା। ମହାଲକ୍ଷ୍ମୀ ସାଂସ୍କୃତିକ ଅନୁଷ୍ଠାନ ଏଥିରେ ସାମିଲ ହୋଇ ନିଲାମ ଧରିଥିଲେ। ପ୍ରାୟ ୧୩ ଏକର ପରିମିତ ଅଞ୍ଚଳକୁ ନେଇ ଥିବା ଏହି ପୋଖରୀ ଉପରେ ଶରଧାପୁର, ଇନ୍ଦ୍ରାବତୀ କଲୋନୀପଡ଼ା, ଗମ୍ଭାରୀଗୁଡ଼ା ଅଞ୍ଚଳର ସହସ୍ରାଧିକ ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀରେ ଅନାବନା ଗଛ ସହ ଦଳ ଭର୍ତ୍ତି ହୋଇ ରହିଛି। ଏହାର ଉନ୍ନତୀକରଣ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସଭାପତି ଶଶି ରାମ ନାଗ, ସମ୍ପାଦକ ଟିକଚାନ ସାହୁ, କୋଷାଧ୍ୟକ୍ଷ ଜନ୍ମେଜୟ ବିହାରୀ ଓ ଗ୍ରାମ କମିଟି ସଭାପତି ବିପିନ ବିହାରୀଙ୍କ ସମେତ ସଭ୍ୟମାନେ ବିଡିଓଙ୍କଠାରେ ଦାବି ଜଣାଇଛନ୍ତି।

# ୧୪ ବର୍ଷରୁ କମ୍ ବାଳିକା ଦଳର କୃତିତ୍ୱ



ଅତିଥିଙ୍କ ସହ କୃତୀ ଖେଳାଳିମାନେ।

**ଖଡ଼ିଆଲ,୧୦।୧୦ (ସୁଜିତ କୁମାର ପ୍ରଧାନ)**

**ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା**

ନୂଆପଡ଼ା ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ତଥା ଜିଲା କ୍ରୀଡ଼ା ଅଧିକାରୀ ମହେଶ କୁମାର ଦଣ୍ଡସେନାଙ୍କ ନେତୃତ୍ୱରେ ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ନୂଆପଡ଼ା ଜିଲାର ୧୪ ବର୍ଷରୁ କମ୍ ବାଳିକା ବିଭାଗ ରନର୍ସ ଅପ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଏ ଅବସରରେ କୃତୀ ଖେଳାଳିମାନଙ୍କୁ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖଡିଆଳଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ ସମାରୋହରେ ଜିଲା କ୍ରୀଡ଼ା ଅଧିକାରୀ ମହେଶ କୁମାର ଦଣ୍ଡସେନା, ସ୍ଥାନୀୟ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତଥା ଗୋଷ୍ଠୀ ବିଦ୍ୟାଳୟ କ୍ରୀଡା ସମୂହ ସମ୍ପାଦକ ରତନ ସିଂ ବାରିକ, ମହତାବ ଆଡଜୁଏଡ, ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା, କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

**ଜୁନାଗଡ଼, ୧୦।୧୦(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ରେଣ୍ଡୋ ମାଝୀ ସଂସ୍କୃତି ଭବନ ପରିସରରେ ଉତ୍କଳମଣି ସେବା ସଂସ୍ଥାର ଷୋଡ଼ଶ ବାର୍ଷିକ ଉତ୍ସବ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଧୁସୂଦନ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ଅଜୟ ଦାସ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି, ଶିକ୍ଷାବିତ ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା, ଶାରଳା ପୁରସ୍କାର ପ୍ରାପ୍ତ ସଂସ୍କୃତି ସଂଗଠକ ଜୟନ୍ତ କୁମାର ବେହେରା ସମ୍ମାନି ଅତିଥି ଓ କବି ପରମେଶ୍ୱର ମୁଣ୍ଡ, ରମେଶ ଚନ୍ଦ୍ର ନାୟକ ଓ ଉଦ୍ଧବ ଚରଣ ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଧର୍ମଗଡ଼ ଯଶୋଦା ଅନାଥ ଆଶ୍ରମର ପ୍ରତିଷ୍ଠାତା ଦମ୍ପତି ଶ୍ୟାମସୁନ୍ଦର ଜାଲ ଓ କସ୍ତୁରୀ ଜାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନିରଞ୍ଜନ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଛତର ଯାତ୍ରା: ପୌରାଣିକ ବିଶ୍ୱାସ

**ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)**

ପୌରାଣିକ ବିଶ୍ୱାସ ଅନୁସାରେ ଦେବୀ ଦୁର୍ଗାଙ୍କ ମହିଷାସୁର ନିଧନର ପ୍ରତୀକ ସ୍ୱରୂପ ମାଣିକେଶ୍ୱରୀଙ୍କ ପୀଠରେ ମହାଷ୍ଟମୀ ମଧ୍ୟରାତ୍ରିରେ ପୋଢ଼ ବା ମହିଷ ବଳି ଦିଆଯାଇଥାଏ। ସେହିପରି ମହିଷାସୁର ନିଧନ ପରେ ତା'ର ସହଚର ଜେନାବଳି ଦୈତ୍ୟକୁ ଦେବୀ ଦୁର୍ଗା ନିଧନ କରିବା ଭଳି ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତର (ଛତ୍ର)କୁ ଜେନାଖାଲ ନିଆଯାଇଥାଏ। ଜୈନାବଳୀ ଦୈତ୍ୟର ନିଧନର ପ୍ରତୀକ ସ୍ୱରୂପ ଛାଗଳକୁ ଜେନାଖାଲରେ ପୋତି ଦିଆଯାଇଥାଏ। ମହିଷାସୁର ଜେନାବଳି ଦୈତ୍ୟର ନିଧନରେ ସ୍ୱର୍ଗର ଦେବତା ଓ ମର୍ତ୍ତ୍ୟର ମଣିଷମାନେ ଆଶ୍ୱସ୍ତି ଲାଭକରି ଦେବୀ ଦୁର୍ଗାଙ୍କ ସ୍ତୁତି ଓ ପୂଜାର୍ଚ୍ଚନା କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସଦୃଶ ଭବାନୀପାଟଣାରେ ମାଣିକେଶ୍ୱରୀ ବିଜୟ ପ୍ରତିମା ଛତର (ଛତ୍ର) ଜେନାଖାଲଠାରେ ଜେନାବଳି ପୂଜାଖାଇ ପୃଥିବୀ ବକ୍ଷରୁ ଆସୁରିକ ଓ ଦୁଷ୍ଟ ଶକ୍ତିର ବିଲୋପ କରିବାର ପ୍ରତୀକ ଭାବେ ପ୍ରସିଦ୍ଧ ଛତର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଲକ୍ଷାଧିକ ଭକ୍ତଙ୍କ ସମାଗମରେ ପାଳିତ ହୋଇଥାଏ ମା'ଙ୍କର ଛତର ଯାତ୍ରା। ଜେନାଖାଲଠାରୁ ମନ୍ଦିର ପର୍ଯ୍ୟନ୍ତ ୩ କି.ମି. ରାସ୍ତାରେ ଭକ୍ତମାନେ ମା'ଙ୍କର ବିଜୟ ପ୍ରତିମା ଛତରକୁ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିଥାନ୍ତି। ଶ୍ରଦ୍ଧାଳୁ ନିଜର ସୁଖ ଓ ସମୃଦ୍ଧି କାମନା କରି ହଜାର ହଜାର ଛାଗଳ ବଳିଦେଇ ଛତରକୁ ସ୍ୱାଗତ କରିଥାନ୍ତି। ଏହାବ୍ୟତୀତ ବିଶ୍ୱଶାନ୍ତି, ମୈତ୍ରୀ ଓ ଭ୍ରାତୃଭାବର ପ୍ରତୀକ ଶାନ୍ତିର କପୋତ (ପାରା) ମା'ଙ୍କର ଛତର ଉପରକୁ ଉଡ଼ାଇଥାନ୍ତି।

# ଭାଇ ଜିଉନ୍ତିଆ ଓଷା ପାଳିଲେ ଝିଅ : ଗାଁ ଗାଁରେ ଡାଲଖାଇ ନାଚ

**ଖପ୍ରାଖୋଲ,୧୦।୧୦(ଅଭୟ ତ୍ରିପାଠୀ)**



ଭାଇ ଜିଉନ୍ତିଆ ଅବସରରେ ଡାଲଖାଇ ନୃତ୍ୟ ପରିବେଷଣ ପାଇଁ ମହିଳାମାନେ ଏକାଠି ହୋଇଛନ୍ତି।

ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗୀର ଜିଲାର ଭାଇ ଜିଉନ୍ତିଆ ଏକ ମୁଖ୍ୟ ଓଷା । ଭଉଣୀମାନେ ଭାଇମାନଙ୍କ ମଙ୍ଗଳ ମନାସି ଏହା କରିଥାନ୍ତି। ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗୁରୁବାର ଭାଇ ଜିଉନ୍ତିଆ ଓଷା ଗାଁ ଗାଁରେ ପାଳିତ ହୋଇଛି । ଏହି ଅବସରରେ ଡାଲଖାଇ ନାଚ ପରିବେଷିତ ହୋଇଥିଲା। ଭାଇ ଜିଉନ୍ତିଆ ଓଷା ପାଳିଥିବା ଭଉଣୀମାନେ ପଞ୍ଚ ବାଦ୍ୟର ତାଳେ ତାଳେ ଗାଁ ମଝିରେ ଓ ଗାଁ ବାହାରେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପରମ୍ପରା ଅନୁସାରେ ରାସ୍ତାରେ ଯାଉଥିବା ବାଟୋଇ, ଗାଡ଼ି ଚାଳକମାନଙ୍କଠାରୁ ପାଉଣା ମାଗି ଡାଲଖାଇ ନାଚ ପରିବେଷଣ କରିଥିଲେ। ବ୍ଲକର ଗୁଣ୍ଡୁରୁପାଲି, ସାନ୍ତିପୁର, ବଡ଼ ଗୁର୍ଜିଭଟା, କର୍ଲାମାଲ,ଦୁଡୁକିପଦର୍,କୁଲିହାମୁଣ୍ଡା,ଆମବହାଲି, ରେଙ୍ଗାଲି, ଭରୁଆମୁଣ୍ଡା ଆଦି ଗାଁରେ ଡାଲଖାଇ ନାଚ ପରିବେଷିତ ହୋଇଥିବା ଦେଖିବାକୁ ମିଳିଥିଲା।

# ବରଗଡ଼ରେ ମା’ ଦୁର୍ଗାଙ୍କ ମହାସପ୍ତମୀ ପୂଜା


ଗୌରପଡ଼ା


ବଙ୍ଗାଳୀପଡ଼ା


ସରକାରୀ ବସଷ୍ଟାଣ୍ଡ


ରାମଜୀ ମନ୍ଦିର


ସହରାପଡ଼ା


ମହାଗୌରୀ ବେଶରେ ମାଁ ସମଲେଶ୍ୱରୀ।

# ସମଲେଶ୍ୱରୀଙ୍କ ମହାଗୌରୀ ବେଶ

ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ଗୁରୁବାର ମାଁ ସମଲେଶ୍ୱରୀ ମହାଗୌରୀ ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ମାନସିକ ପୂରଣ ସହିତ ଶୁଭଫଳ ପ୍ରାପ୍ତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ମାଁ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ଫୁଲ, ଧୂପ, ଦୀପ ଆଦି ଧରି ଦେବୀ ଦର୍ଶନ ପାଇଁ ଆସିଥିଲେ। ଭକ୍ତଙ୍କ ଅଖଣ୍ଡଦୀପ ଏବଂ ସାଜସଜ୍ଜା ଯୋଗୁ ମନ୍ଦିର ଝଲସି ଉଠିଛି। ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଛି।

# ଗାଇସିଲେଟ୍‌ରେ ଦୁର୍ଗାପୂଜା


ଗାଇସିଲେଟ୍ ବସଷ୍ଟାଣ୍ଡ ଦୁର୍ଗାମଣ୍ଡପରେ ଚାଲିଥିବା ଦୁର୍ଗାପୂଜା।

ଗାଇସିଲେଟ୍,୧୦।୧୦(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବସ୍‌ଷ୍ଟାଣ୍ଡ ଦୁର୍ଗାମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା ଚାଲିଛି। ସ୍ଥାନୀୟ ୟୁଥ୍ କ୍ଲବ ଚଳିତବର୍ଷ ଏହି ପୂଜା ଆୟୋଜନ କରୁଛି। କ୍ଲବ ସଭାପତି ଯତିରଞ୍ଜନ କୁମାର ପଣ୍ଡା ଏବଂ ସଦସ୍ୟମାନେ ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଅବସରରେ ଶତାଧିକ ମହିଳାଙ୍କୁ ନେଇ କଳସଯାତ୍ରା ହୋଇଥିଲା। ପୂଜାରେ ଗୁଣସାଗର ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଦୁର୍ଗାପୂଜାରେ ପଣ୍ଡିତ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ପୂଜକ ରହିଛନ୍ତି। ପଣ୍ଡିତ ପ୍ରଶାନ୍ତ ଦାଶ ଏବଂ ପଣ୍ଡିତ ସିଦ୍ଧାର୍ଥ କୁମାର ପଣ୍ଡା ଚଣ୍ଡୀପାଠ କରିଥିଲେ। ରାତିରେ ଛତିଶଗଡ଼ର ପଦ୍ମିନୀ ମହାନନ୍ଦ, ସୀତା କୁମ୍ଭାର ଏବଂ ସାଥୀ କଳାକାରମାନେ ସଞ୍ଚାର ପରିବେଷଣ କରିଥିଲେ। ଅନୁରୂପ ଭାବେ କନ୍ଦାଗାଡ଼, କଟବାହାଲ, ବେହେରାମୁଣ୍ଡା, ଯାମୁଟବାହାଲରେ ଦୁର୍ଗାପୂଜା ଚାଲିଛି।

# ପାଇକମାଲରେ ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା

ପାଇକମାଲ,୧୦।୧୦(ବଡ ଶତପଥି)

ବରଗଡ଼ ଜିଲା ପାଇକମାଲରେ ଚାଲିଛି ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା। ମା’ଙ୍କୁ ଦର୍ଶନ କରିବା ପାଇଁ ଲାଗିଛି ପ୍ରବଳ ଭିଡ଼। ଭକ୍ତମାନେ ନିଜର ମାନସିକ କରି ମା’ଙ୍କ ଆଗରେ ଲୋଟି ଯାଉଛନ୍ତି ତ କିଏ ଆନନ୍ଦ ଅଶ୍ରୁରେ ଖୁସିରେ ଭିଜାଇ ଦେଉଛନ୍ତି ନିଜ ଶରୀର। ପ୍ରତ୍ୟହ ଭକ୍ତମାନେ ଥାଳିରେ ଲିଆ ଲଡୁ, ବୁନ୍ଦିଆ, କଦଳୀ, ନାରିକେଳ,ଫୁଲଫଳ, ଓଢଣୀ ଦୁର୍ଗା ମାତାଙ୍କୁ ଅର୍ପଣ ପରେ ଦିପ ଓ ଧୂପକାଠି ଜାଳି ପୂଜା କରୁଛନ୍ତି। ଏହା ପରେ ପୁରୋହିତ, ମା’ମାନଙ୍କ ହାତରେ ବାନ୍ଧୁଛନ୍ତି ପବିତ୍ର ନାଲି ସୂତା ଓ ମା’ମାନଙ୍କୁ ଦେଉଛନ୍ତି ଅହୀଶୂଳକ୍ଷଣି ଆଶୀର୍ବାଦ। ମା’ଙ୍କ ପୀଠରେ ଚାଲିଛି ନିୟମ ଅନୁସାରେ ପୂଜାପାଠ, ବାଜୁଛି ଶଙ୍ଖଘଣ୍ଟା, ମହୁରୀ, ନିଶାଣ। କମ୍ପି ଉଠୁଛି ପୂଜା ସ୍ଥଳୀ, ପ୍ରସାଦ ବାଲା ବାଣ୍ଟୁଛନ୍ତି ପ୍ରସାଦ, ବାଜାବାଲା ବଜାଉଛି ବାଜା, ପାଣିବାଲା ବାଣ୍ଟୁଛନ୍ତି ପାଣି। ଭକ୍ତମାନେ ଯାଉଛନ୍ତି, ଆସୁଛନ୍ତି। ସକାଳଠାରୁ ରାତି ପର୍ଯ୍ୟନ୍ତ ଲାଗିଛି ଭକ୍ତମାନଙ୍କ ଗହଳି। ଚାରିପଟେ ଗେଟଗୁଡିକ ସଜାଇ ହୋଇଛି ଭେଳିକି ଭେଳି ରଙ୍ଗୀନ ଲାଇଟରେ। ଅସ୍ଥାୟୀ ଦୋକାନଗୁଡିକ ପସରା ମେଲାଇ ବସିଛନ୍ତି। ଏଥର ଏକ ଦକ୍ଷତା ସମ୍ପନ୍ନ ପୂଜା କମିଟି ଦାୟିତ୍ୱ ନେଇଛନ୍ତି। ପୂଜାପାଠର ଦାୟିତ୍ୱରେ ଅଛନ୍ତି ଡିଗ୍ରୀଧର ଦେବତା, ଅହରହ ସେବା ଦାୟିତ୍ୱରେ ଅଛନ୍ତି ଅନିଲ, ଗୋପେନ୍ଦ୍ର, ସୁଶାନ୍ତ ଓ ଚିନ୍ତାମଣି। ପୂଜାରେ କର୍ତ୍ତା ଭାବେ ସୁବାସ ମେହେର ଓ ତାଙ୍କ ସହଧର୍ମିଣୀ ଶ୍ରୀୟା ମେହେର ଦାୟିତ୍ୱ ନେଇଛନ୍ତି। ଗତ ୩ତାରିଖରେ କଳସଯାତ୍ରା ପରେ କ୍ରମ ଅନୁସାରେ ଶୈଳପୁତ୍ରୀ, ବ୍ରହ୍ମଚାରିନି, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ ବେଶରେ ମା’ଦୁର୍ଗା ପୂଜା ପାଉଛନ୍ତି। ରାତ୍ରରେ ସବୁଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିଛି ବୋଲି କମିଟି ସଭାପତି ସୁଶାନ୍ତ ନାଗ ଜଣାଇଛନ୍ତି।


ପାଇକମାଲରେ ଚାଲିଛି ନବରାତ୍ର ଦୁର୍ଗାପୂଜା।


ପୂଜା କମିଟି ଭକ୍ତଙ୍କଠାରୁ ସ୍ୱର୍ଣ୍ଣ ଅଳଙ୍କାର ଗ୍ରହଣ କରୁଛନ୍ତି।

# ସ୍ୱର୍ଣ୍ଣ ଅଳଙ୍କାର ଦେଲେ ଭକ୍ତ

ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରସ୍ଥିତ ନିଗମାନନ୍ଦ ବିହାରରେ ଶାରଦୀୟ ଦୁର୍ଗାପୂଜା ଚାଲିଛି। ଏହି ଅବସରରେ ନିଗମାନନ୍ଦ ବିହାର ନିବାସୀ ବିରଞ୍ଚି ବେହେରା ଏବଂ ସ୍ତ୍ରୀ ସ୍ମିତା ଦୁର୍ଗାଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ଦେଇଛନ୍ତି। ପ୍ରତିବର୍ଷ ଦୁର୍ଗାପୂଜାରେ ସେମାନେ ଦେଇଥିବା ସ୍ୱର୍ଣ୍ଣ ଅଳଙ୍କାର ମାଁଙ୍କୁ ଧାରଣ କରାଇବା ପାଇଁ ପୂଜା କମିଟିକୁ ଅନୁରୋଧ କରିଛନ୍ତି। ଦେବୀ ଦୁର୍ଗାଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ପ୍ରଦାନ କରିବା ସମୟରେ ପୂଜା କମିଟିର କୋଷାଧ୍ୟକ୍ଷ ଶରତ ଦାଶ, ଉପସଭାପତି ଅର୍ଜୁନ ସେଟ୍, ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ବରିଷ୍ଠ ସଦସ୍ୟ ରବି ନାରାୟଣ ସାହୁ, ଆକା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଜରଙ୍ଗଦଳର ପ୍ରତିଷ୍ଠା ଉତ୍ସବ

ପାଇକମାଲ, ୧୦।୧୦(ବଡ ଶତପଥି)

ବରଗଡ଼ ଜିଲା ପାଇକମାଲ ବଜରଙ୍ଗ ଦଳର ୪୦ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ପାଳନ କରାଯାଇଛି। ବିଗତ ଦିନରେ ବଜରଙ୍ଗଦଳ କାର୍ଯ୍ୟର ବିସ୍ତୃତ ସମୀକ୍ଷା ତଥା ଗ୍ରାମୀଣସ୍ତରରେ ବଜରଙ୍ଗ ଦଳର ବିସ୍ତାର ପାଇଁ ପ୍ରୟାସର ଆବଶ୍ୟକତା ଅଛି ବୋଲି ଜିଲା ସଂଯୋଜକ ଓମ ପ୍ରକାଶ ମେହେର କହିଥିଲେ। ବୈଠକରେ ଗୋ-ସୁରକ୍ଷା, ମଠ ମନ୍ଦିରର ସୁରକ୍ଷା ନେଇ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ରକ୍ତଦାନ ଶିବିର, ବିଜୟା ଦଶମୀରେ ଶସ୍ତ୍ର ପୂଜା, ସଂଘର ପଥ ସଂଚାଳନରେ ବିଧିବଦ୍ଧ ଭାବେ ବଜରଙ୍ଗୀଙ୍କ ସାମିଲ ହେବା ପାଇଁ ଜିଲା ସଂଯୋଜକ ମେହେର ସୂଚନା ଦେଇଥିଲେ। ପ୍ରତିଷ୍ଠା ଦିବସରେ ମାଣ୍ଡୋସିଲ, କେଛୋଦାଦର, କେନାବୁଦା, ମୁଣ୍ଡେଲା ଖଣ୍ଡର ଭାଇମାନେ ମଧ୍ୟ ଉପସ୍ଥିତ ଥିଲେ। ସତ୍ୟନାରାୟଣ ପାଳ, ମୌସମ ସେଠ, କାହ୍ନା ଭୋଇ, ବିକେଶ ପନୁଆ, ରାଜା ଭୋଇ, ମାନସ ସାହୁ, ହେମାନନ୍ଦ ମେହେରଙ୍କ ସହ ୫୦ ଜଣ ସଦସ୍ୟ ସାମିଲ ହୋଇଥିଲେ।

# ବିଭୀଷଣଙ୍କ ଲଙ୍କା ତ୍ୟାଗ, ପ୍ରଭୁ ଶ୍ରୀରାମଙ୍କ ଶରଣାପନ୍ନ ମଞ୍ଚସ୍ଥ

ସୋହେଲା,୧୦।୧୦(ଅଶ୍ୱିନୀ କୁମାର ପାତ୍ର)

**ସୋହେଲା ଦୁର୍ଗାପୂଜା ରାମଲୀଳା କାର୍ଯ୍ୟକ୍ରମ**

ବରଗଡ଼ ଜିଲା ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଅନୁଷ୍ଠିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଚେତନା ମଣ୍ଡପରେ ମଞ୍ଚସ୍ଥ ହେଉଥିବା ରାମଲୀଳା କାର୍ଯ୍ୟକ୍ରମରେ ସପ୍ତମ ରଜନୀରେ ପ୍ରଭୁଭକ୍ତ ବିଭୀଷଣଙ୍କ ଲଙ୍କା ପରିତ୍ୟାଗ ଓ ପ୍ରଭୁ ଶ୍ରୀରାମଙ୍କ ନିକଟରେ ଶରଣାପନ୍ନ, ଲଙ୍କା ଆକ୍ରମଣ ପାଇଁ ସେତୁବନ୍ଧ ନିର୍ମାଣ ଏବଂ ତାର ପ୍ରତିଷ୍ଠା, ଲଙ୍କାକୁ ଶାନ୍ତିଦୂତ ଭାବେ ଅଙ୍ଗଦଙ୍କୁ ପ୍ରେରଣ, ଚତୁର୍ବୀର ବଧ ଓ କୁମ୍ଭକର୍ଣ୍ଣ ବଧ ଉପାଖ୍ୟାନ ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଭୂମିକାରେ ଜିତେନ୍ଦ୍ରୀୟ, ତୁଷାର, ରାଷ୍ଟ୍ରପତି, ଶମ୍ଭୁ, ସରୋଜ, ସୁଶାନ୍ତ, ମନୋଜ, ଅଶୋକ, କ୍ଷୀରୋଦ୍ର, ସ୍ୱଭାବ ସ୍ୱରୂପ, ମାନଭଞ୍ଜନ ଓ ରେମ୍ଭା ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟିତ

ଝାରବନ୍ଧ, ୧୦।୧୦ (ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଡ଼ଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବିଜାଢୋଲଠାରେ ନବନିର୍ମିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁନୀଲ କୁମାର ରାୟ ଏବଂ ଡଭା ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ଅନିଲ କୁମାର ମେହେର ଉଦ୍‌ଘାଟନ କରି ଏହା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ସହାୟକ ହେବ ବୋଲି ମତ ଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗର ସୁପରଭାଇଜର ବସୁଦେବ ଗଡ଼ତିଆ, ସ୍ୱାସ୍ଥ୍ୟ କର୍ମୀ ମନୋରଞ୍ଜନ ସୁନା, ସ୍ୱାସ୍ଥ୍ୟ କର୍ମୀ ଉମାକାନ୍ତ ବାଗଙ୍କ ସହ ଗ୍ରାମ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ। ବିଜାଢୋଲ ଗ୍ରାମ୍ୟ କମିଟିର ହେମନ୍ତ ରାୟ, ଲକ୍ଷ୍ମଣ ସଗର, ରାମଚନ୍ଦ୍ର ହାତୀ, ଧ୍ରୁବଚରଣ ହାତୀ, ସୁଶାନ୍ତ ପଟେଲ, ସୁରେଶ ରଣା ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ପରେ ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟସେବା ମାଧ୍ୟମରେ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେଇଥିଲେ।

# ଘେଁସକୁ ହରାଇ ଫାଇନାଲରେ ସୋହେଲା

ସୋହେଲା, ୧୦।୧୦(ଅଶ୍ୱିନୀ କୁମାର ପାତ୍ର)

ସାର୍ବଜନୀନ ଦୁର୍ଗାପୂଜା ଅବସରରେ ସୋହେଲା ମିନି ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ଘେଁସକୁ ୨-୦ଗୋଲରେ ହରାଇ ସୋହେଲା ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାରେ ଦ୍ୱିତୀୟ ସେମିଫାଇନାଲ ସୋହେଲା ଏବଂ ଘେଁସ ମଧ୍ୟରେ ଖେଳା ଯାଇଥିଲା। ମେଚର ପ୍ରଥମାର୍ଦ୍ଧରେ ସୋହେଲା ଦଳର ପ୍ରଶାନ୍ତ ଓରାମ ଏବଂ ଅଜିତ ନେଗି ଗୋଟିଏ ଲେଖାଏଁ ଗୋଲ କରିଥିଲେ। ନିର୍ଦ୍ଧାରିତ ସମୟରେ ଆଉ ଗୋଲ ନ ହେବାରୁ ସୋହେଲା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ପୂର୍ବରୁ ବରଗଡ଼ ଜିଲା କ୍ରୀଡା ଉପସଭାପତି ଯୁଗଳ ପ୍ରସାଦ ସିଂ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଶ୍ରୀନିବାସ ରାଓ, ରାଜୁ ଭୋଇ, ଅନିଲ ବାଗ, ଦିପେଶ ପଧାନ ପରିଚାଳନା କରିଥିଲେ। ଶୁକ୍ରବାର ସୋହେଲା ଏବଂ ଅଇଁଠାପାଲି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।


ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

# ଚାଷୀଙ୍କ ନିକଟରୁ ୩୧ଶହ ଟଙ୍କାରେ ଧାନକିଣା

**ମୁଖ୍ୟମନ୍ତ୍ରୀ ଶୀଘ୍ର ସୋହେଲାରୁ ଘୋଷଣା କରିବେ: ଡା. ମୁକେଶ ମହାଲିଙ୍ଗ**

ସୋହେଲା,୧୦।୧୦(ଅଶ୍ୱିନୀ କୁମାର ପାତ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସୋହେଲାରେ ଅନୁଷ୍ଠିତ ସଭାରେ ଚାଷୀମାନଙ୍କୁ ଶହେ ଟଙ୍କାର ବୋନସ ଦେବାର ଘୋଷଣା କରି ବର୍ତ୍ତମାନ ସୁଦ୍ଧା ଦେଲେ ନାହିଁ କିନ୍ତୁ ଗତ ନିର୍ବାଚନ ସମୟରେ ଭାଜପା କ୍ଷମତାକୁ ଆସିଲେ ଚାଷୀଙ୍କୁ ଧାନ କୁଇଣ୍ଟାଲ ୩୧ଶହ ମିଳିବ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂରଣ କରିବେ ଏବଂ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ସୋହେଲାକୁ ଆସି ତାହା ଘୋଷଣା କରିବେ ବୋଲି ବୁଧବାର ପାର୍ବଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତଥା ସଂସଦୀୟ ବ୍ୟାପାର ଏବଂ ବୈଦ୍ୟୁତିକ ସୂଚନା ବୈଷୟିକ ବିଭାଗର କ୍ୟାବିନେଟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ସୋହେଲା ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ପୂର୍ବ ବିଜେଡି ସରକାରକୁ ତୀବ୍ର ସମାଲୋଚନା କରି ଉକ୍ତ ମନ୍ତବ୍ୟ ଦେଇଥିଲେ। ପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, କାର୍ଯ୍ୟକାରୀ ସଭାପତି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା ମଞ୍ଚାସୀନ ଥିଲେ। ଏହି ଅବସରରେ ସୋହେଲା ଗ୍ରାମବାସୀ ତଥା ପୂଜା କମିଟି ତରଫରୁ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, କର୍ମଚାରୀ ଅଭାବରୁ ପୂର୍ଣ୍ଣକାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା ଏମ୍‌ସିଏଚ୍ କୋଠାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଏବଂ ଦୁର୍ଘଟଣା ପ୍ରବଣ ସୋହେଲାରେ ଟ୍ରୋମାକେୟାର ସେଣ୍ଟର ସ୍ଥାପନ ସହିତ ଦୁର୍ଘଟଣାରେ ଆହତ ଲୋକଙ୍କ ପାଇଁ ଆମ୍ବୁଲାନ୍ସ ପ୍ରଦାନ କରିବାକୁ ଦାବି କରାଯାଇଥିଲା।


ପାର୍ବଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ ମଞ୍ଚାସୀନ।


ସେକ୍ଟର-୯



ସେକ୍ଟର-୧୪


କଳିଙ୍ଗ ବିହାର


ସେକ୍ଟର-୧୬


ସେକ୍ଟର-୧୭


ସେକ୍ଟର-୧୯

## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡରୁ ଉଦ୍ଧାର ବୃଦ୍ଧା ମୃତ

**ରାଉରକେଲା,୧୦।୧୦(ଦିନେଶ ମିଶ୍ର):** ରାଉରକେଲା ବସ୍‌ଷ୍ଟାଣ୍ଡରୁ ଉଦ୍ଧାର ହୋଇଥିବା ଜଣେ ବୃଦ୍ଧାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତା ମହିଳାଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପାଖାପାଖି୭୦ ବର୍ଷ ହେବ ବୋଲ ଅନୁମାନ କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୪)ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ରାଉରକେଲା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ସମ୍ମୁଖରେ ଗତ ୧ ତାରିଖରେ ଦୁର୍ବଳ ଅବସ୍ଥାରେ ଜଣେ ବୃଦ୍ଧା ଅସୁସ୍ଥ ଅବସ୍ଥାରେ ପଡିରହିଥିଲେ। ଖବର ପାଇ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ବୃଦ୍ଧାଙ୍କୁ ଉଦ୍ଧାର କରି ଆରଜିଏଚ୍ ସଂକ୍ରମିତ ବିଭାଗରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୮ ତାରିଖ ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଥିଲେ।

### ଜୟନ୍ତୀରେ ଗୋପବନ୍ଧୁଙ୍କୁ ଭୁଲିଗଲେ



**ରାଉରକେଲା,୧୦।୧୦(ଦିନେଶ ମିଶ୍ର):** ରାଉରକେଲା ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଧବାର ଗୋପବନ୍ଧୁ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ସହରର ବିଭିନ୍ନ ଛକରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ବହୁ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କିନ୍ତୁ ଛେଣ୍ଡ ଅଞ୍ଚଳର ସିଟି ଏଲ୍ ଟୁ ପାର୍କ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଫୁଲଟିଏ ଦେବାକୁ ସରକାରୀ କି ବେସରକାରୀ ଅନୁଷ୍ଠାନ ଭୁଲିଗଲେ। ଗୋପବନ୍ଧୁଙ୍କ ପ୍ରତି ଏଭଳି ଅଣଦେଖା ମନୋଭାବକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍କ ଗେଟ୍ ସମ୍ମୁଖ ପ୍ରବେଶ ପଥରେ ଓଡ଼ିଶାର ବରପୁତ୍ର ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଥିବାବେଳେ ତାଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ନ ଦେବା ଦୁଃଖଦ ଘଟଣା ବୋଲି ସାମାଜିକ କର୍ମୀ ଶ୍ରୀକାନ୍ତ ଦାସ ମତ ଦେଇଛନ୍ତି। ଏ ନେଇ ସ୍ମାର୍ଟସିଟି ସିଇଓ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ଗୋପବନ୍ଧୁ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆ ନ ଯିବା ଲଜ୍ଜାଜନକ କଥା। ମହାପୁରୁଷମାନଙ୍କୁ ସମ୍ମାନ ଜଣାଇବା ଏକ ସାମାଜିକ ଦାୟିତ୍ୱ। କେବଳ ପ୍ରଶାସନ ନୁହଁ ସମାଜରେ ସଚେତନତା ଅଭାବ ଯୋଗୁ ଏଭଳି ପରିସ୍ଥିତି ହୋଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ବୋଲି ସିଇଓ କୁଲକର୍ଣ୍ଣି କହିଥିଲେ।

# ମା' ଦୁର୍ଗାଙ୍କ ସପ୍ତମୀ ପୂଜା ସମ୍ପନ୍ନ, ଆଜି ଅଷ୍ଟମୀ

**ରାଉରକେଲା,୧୦।୧୦(ଦିନେଶ ମିଶ୍ର)**

ଷ୍ଟିଲସିଟି ରାଉରକେଲାର ବିଭିନ୍ନ ମଣ୍ଡପରେ ଗୁରୁବାର ମହାମାୟୀ ଦୁର୍ଗାଙ୍କ ସପ୍ତମୀ ପୂଜା ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ସହରର ବିଭିନ୍ନ ମଣ୍ଡପରେ ବେଲବରଣୀ ସାଙ୍ଗକୁ ଘଟ ସ୍ଥାପନ କରାଯାଇ ମା' ଦୁର୍ଗାଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ରାଉରକେଲା ସହରରେ ୧୦୭ଟି ମଣ୍ଡପରେ ଦୁର୍ଗାଙ୍କ ପୂଜା ଆୟୋଜନ କରାଯାଇଛି । ମା'ଙ୍କ ସପ୍ତମୀ ପୂଜା ପାଇଁ ସହର ଉତ୍ସବ ମୁଖର ହୋଇପଡିଛି। ସହରର ସେକ୍ଟର-୧, ସେକ୍ଟର-୮, ସେକ୍ଟର-୬, ଆମ୍ବଗାନ, ଟେଲିଫୋନ ଭବନ ଆଦି ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା କମିଟି ପକ୍ଷରୁ ଉଚ୍ଚ ତୋରଣ


ବାସନ୍ତୀ କଲୋନୀରେ ମା' ଦୁର୍ଗା ପୂଜା ପାଉଛନ୍ତି।

ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ରାସ୍ତାଘାଟ ସଜ୍ଜିତ କରାଯାଇଛି। ସପ୍ତମୀ ପୂଜା ପାଇଁ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହାକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ମହିଳା ଓ ପୁରୁଷମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ମଣ୍ଡପ ବାଦ୍ୟ ସାଙ୍ଗକୁ ତୁରୀ ଓ ମନ୍ତ୍ରପାଠରେ ଉତ୍ସବ ମୁଖର ହୋଇଉଠିଛି। ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ୨୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ମଣ୍ଡପମାନଙ୍କରେ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯାଇଥିବାବେଳେ ପ୍ରମୁଖ ଛକମାନଙ୍କରେ ଟ୍ରାଫିକ ପୋଲିସ, ହୋମ୍‌ଗାର୍ଡଙ୍କ ସହ ବିଏସ୍‌ଏଫ୍ ଯବାନମାନଙ୍କୁ ନିୟୋଜିତ କରାଯାଇଛି। ମଣ୍ଡପ ନିକଟରେ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ସାଙ୍ଗକୁ ସୂଚନାକେନ୍ଦ୍ର ଖୋଲାଯାଇଛି। ଛିନ୍‌ତାଇ ଓ ଅସାମାଜିକ ଯୁବକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଗଳିକନ୍ଦି ରାସ୍ତାରେ ପାଟ୍ରୋଲିଂକୁ କଡାକଡି କରାଯାଇଛି। ଶୁକ୍ରବାର ବିଭିନ୍ନ ମଣ୍ଡପରେ ମା'ଙ୍କ ଅଷ୍ଟମୀ ପୂଜା କରାଯିବ ବୋଲି ଜଣାପଡିଛି।

# ବିଶ୍ୱାସ ଦ୍ୱାରା ସମ୍ପର୍କ ସୁଦୃଢ଼ ହୋଇଥାଏ

## ବାସନ୍ତୀ ପାଠାଗାର ସାହିତ୍ୟ ଆସରରେ ମତପ୍ରକାଶ

**ରାଉରକେଲା,୧୦।୧୦(ଦିନେଶ ମିଶ୍ର)**



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ବାସନ୍ତୀ ପାଠାଗାରରେ ମଙ୍ଗଳବାର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ସଭାପତି ଡକ୍ଟର ଶକ୍ତି ପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ. ଅଭୟ କୁମାର ଦାସ ମୁଖ୍ୟ ଅତିଥି, କବି ରାଜୀବ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱସନୀୟ ଓ ଆମ ସମ୍ପର୍କ ଉପରେ ଆଲୋଚନା କରିଥିଲେ। ବିଶ୍ୱସନୀୟତା ଏକ ନୈତିକ ଭାବନା। ବିଶ୍ୱାସ ଓ ସମ୍ପର୍କରେ ଉଭୟ ଅଙ୍ଗାଅଙ୍ଗୀ ଭାବେ ଜଡିତ । ସମ୍ପର୍କ ଦୃଢ଼ କରିବାକୁ ହେଲେ ବିଶ୍ୱାସ ଜରୁରୀ ବୋଲି ସଭାପତି ଡ. ସାମନ୍ତରାୟ ତାଙ୍କ ସଭାପତିତ୍ୱ ଭାଷଣରେ ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ପ୍ରଦାନ ଏବଂ ପାଠାଗାର ସାଂସ୍କୃତିକ ସମ୍ପାଦିକା ସୁବାସନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ବଜେନ୍ଦ୍ର ଦାଶ 'ଶାଢ଼ି' ଶୀର୍ଷକ ଗଳ୍ପ ପାଠ କରିଥିଲେ। ସଞ୍ଜୀବ କୁମାର ଭୋଇ ଗଳ୍ପ ସମୀକ୍ଷା କରିଥିଲେ। ତୃତୀୟ ପର୍ଯ୍ୟାୟରେ କବି କୁଞ୍ଜ ବିହାରୀ ରାଉତ ଓ ସୁପ୍ତି କରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ବିଭୁଦତ୍ତ ବେହେରା, ନିରୁପମା ଚାନ୍ଦ, ସ୍ୱର୍ଣ୍ଣଲତା ଘଡେଇ, ପ୍ରିୟା ପାତ୍ର, ଗୀତାଞ୍ଜଳି ମହାରଣା, କମଳାକାନ୍ତ ମହାନ୍ତି, ଶରତ ଚନ୍ଦ୍ର ରାଉତ, କୁଳମଣି ଦାସ, ଅଜୟ କୁମାର ମହାନ୍ତି, ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ବିକାଶରେ ଗୋପବନ୍ଧୁଙ୍କ ଅବଦାନ ଅତୁଳନୀୟ

**ରାଉରକେଲା,୧୦।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୨୧ ସ୍ଥିତ ଉତ୍କଳମଣି ହୋମିଓପ୍ୟାଥିକ ମେଡିକାଲ କଲେଜରେ ବୁଧବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରି କହିଥିଲେ, ଉତ୍କଳମଣି ଗୋବବନ୍ଧୁଙ୍କ ଜୀବନ ନିଃସ୍ୱାର୍ଥପର ଥିଲା। ଗୋପବନ୍ଧୁ ଦୟା, କରୁଣାର ବାରିଧି ଏବଂ ଜାତି, ମାତୃଭୂମି ସେବକ ଭାବେ ସର୍ବବିଦିତ ଥିଲେ। ସାମାଜିକ ସମାନତା ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ଅଧ୍ୟକ୍ଷା ନାଥ ଉଲ୍ଲେଖ କରିଥିଲେ। ଏହି ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶ ଓ ଜୀବନୀକୁ ଅନୁସରଣ କରି ମାନବିକତାର ଅସଲ ଦାୟିତ୍ୱ ତୁଲାଇବା ସହ ଗରିବ ଦୁଃଖୀମାନଙ୍କ ସେବା କରିବା ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ହେଉ ବୋଲି ନାଥ ଆହ୍ୱାନ ଦେଇଥିଲେ। ପ୍ରଫେସର ଡା. ଅନୀଲ କୁମାର ମିଶ୍ର, ଡା. ଅଜୟ କୁମାର ବିଶ୍ୱାଳ, ଡା. ସୁନୀତା ମହାରଣା, ଡା. ଲୋପାମୁଦ୍ରା ମିଶ୍ର, ଡା. ଶୋଭନ କୁମାର ସେଠୀ, ଡା. ଏମ୍‌ଡି ଅବଦୁଲ କରିମ, ଡା. ଦିବାକର ଦଲାଇ, ଡା. ଉପାସନା ପଟ୍ଟନାୟକଙ୍କ ସମେତ କଲେଜ ଛାତ୍ର ସଂସଦର ସମସ୍ତ ପ୍ରଶିକ୍ଷାର୍ଥୀ କଲେଜ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ କଲେଜ ଛାତ୍ର କଲ୍ୟାଣ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଗୋପବନ୍ଧୁଙ୍କ ଜୀବନାବଳୀର ସ୍ମୃତିଚାରଣ କରିଥିଲେ।


ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କଲେଜ ଅଧ୍ୟକ୍ଷାଙ୍କ ସମେତ ପ୍ରଫେସର ଓ ଛାତ୍ର ସଂସଦ କର୍ମକର୍ତ୍ତା।

## ଅନ୍‌ଲାଇନ ଜୁଆଖେଳ, ଥାନାରେ ମାମଲା

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା):** ରାଉରକେଲା ଝିରପାଣି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ମୋବାଇଲ ଆକାଉଣ୍ଟରୁ ଅନ୍ୟ ଜଣଙ୍କ ମୋବାଇଲ ଫୋନ୍ ବ୍ୟବହାର କରି ଅନ୍‌ଲାଇନ୍ ଜୁଆ ଖେଳିଥିଲେ। ଏହି ଘଟଣାରେ ଜୁଆ ଖେଳିଥିବା ବ୍ୟକ୍ତିଙ୍କ ସ୍ତ୍ରୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୫୦/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଜୁଆ ଖେଳିଥିବା ବ୍ୟକ୍ତିଙ୍କ ସ୍ତ୍ରୀ ଅନ୍‌ଲାଇନ୍ ଖେଳ ହୋଇଥିବା ମୋବାଇଲ ମାଲିକଙ୍କ ବିରୋଧରେ ଏତଲା ଦେଇଥିଲେ। ସେହି ଜୁଆଖେଳରେ ବ୍ୟକ୍ତି ଜଣଙ୍କ କୁଆଡେ ୧କୋଟି ଟଙ୍କା ଖେଳି ଦେଇଥିବା ଜଣାପଡ଼ିଛି।

## ରତନ ଟାଟାଙ୍କ ବିୟୋଗରେ ଶୋକ

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା):** ବିଶିଷ୍ଟ ଶିଳ୍ପପତି ପଦ୍ମଶ୍ରୀ ରତନ ଟାଟାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ଏହି କ୍ରମରେ ରାଉରକେଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ରାଇଟ୍ ଲାଇନ୍ ୱେଲଫେୟାର କମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଛେଣ୍ଡ ଛକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଷ୍ଠାନର ଦୀପକ ଗମାଙ୍ଗ, ରିକି ବଜାଜ, ପ୍ରିୟତମ ଦାସ, ଜେଣ୍ଟିଲ ପରିଡ଼ା, ସୂର୍ଯ୍ୟ ସାହୁ, ପ୍ରିନ୍ସ ଦାସ, ନିହାର ଦାସ, ଦେବାଶିଷ ଲେଙ୍କା, ଶରତ ଦେହୁରି, କ୍ଷିତିଶ ଚନ୍ଦ୍ର ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ଟାଟାଙ୍କ ସ୍ମୃତିଚାରଣ କରିଥିଲେ।

## ବନ୍ଧମୁଣ୍ଡାରେ ମହାସପ୍ତମୀ ପୂଜା

**ବନ୍ଧମୁଣ୍ଡା, ୧୦।୧୦(ସୁବ୍ରତ ଦେ):** ସୁନ୍ଦରଗଡ଼ ବନ୍ଧମୁଣ୍ଡାସ୍ଥିତ ସି-ସେକ୍ଟର, ବି-ସେକ୍ଟର, ଡି-ସେକ୍ଟର, ଇ-ସେକ୍ଟର, ଡିଜେଲ କଲୋନୀ, ଡି-କ୍ୟାବିନ, ତିଳକାନଗର, କୋଲଗେଟ ସମେତ ନିକଟସ୍ଥ ଦୁର୍ଗା ପୂଜା ମଣ୍ଡପରେ ଅତି ଉତ୍ସାହ ସହିତ ମହାସପ୍ତମୀ ପୂଜା ପାଳନ କରାଯାଇଛି। ଗୁରୁବାର ସକାଳ ୬ଟାରୁ ପ୍ରାୟ ସମସ୍ତ ଦୁର୍ଗା ପୂଜା କମିଟି ପୁରୋହିତଙ୍କ ଦ୍ୱାରା ପୂଜାପାଠ କରିବା ପରେ ମଣ୍ଡପରେ କଳସ ସ୍ଥାପନା କରିଥିଲେ। ସମସ୍ତ ପୂଜା ମଣ୍ଡପରେ ବହୁ ସଂଖ୍ୟାରେ ଭକ୍ତ ଏକତ୍ରିତ ହେଉଛନ୍ତି।

# ଡେପୁଟି ଚିଫ୍ ଲେବର କମିଶନରଙ୍କ ଚିଠିର ଉତ୍ତର ରଖିଲା ଆର୍‌ଏସ୍‌ପି

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା)**

## ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ

ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ରେ ଖୁବ୍‌ଶୀଘ୍ର ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ ହେବାକୁ ଯାଉଛି। ତୁରନ୍ତ କାରଖାନାରେ କାର୍ଯ୍ୟରତ ଶ୍ରମିକ ସଙ୍ଗଠନର ସୂଚନା ପ୍ରଦାନ ଏବଂ ସର୍ବଦଳୀୟ ବୈଠକ ପାଇଁ ଡେପୁଟି ଚିଫ୍ ଲେବର କମିଶନର (କେନ୍ଦ୍ର) ବୁଧବାର କାରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ଏହାର ଉତ୍ତରରେ କାରଖାନା କର୍ତ୍ତୃପକ୍ଷ ପ୍ରାୟ ୧୮ଟି ଶ୍ରମ ସଙ୍ଗଠନର ସୂଚୀ ସହ ବୈଠକ ସମ୍ମତି ପତ୍ର ଗୁରୁବାର ପଠାଇଛନ୍ତି। ଆମ୍ ମଜଦୁର ସଙ୍ଗଠନ, ଗାଙ୍ଗପୁର ମଜଦୁର ମଞ୍ଚ, ହିନ୍ଦୁସ୍ଥାନ ଷ୍ଟିଲ ୱାର୍କର୍ସ, ଇସ୍ପାତ ଲେବର ୟୁନିୟନ, କଳିଙ୍ଗ ଇସ୍ପାତ ଶ୍ରମିକ ସଂଘ, ଲୌହ ମଜଦୁର ୟୁନିୟନ, ନର୍ଥ ଓଡ଼ିଶା ୱାର୍କର୍ସ ୟୁନିୟନ, ରାଉରକେଲା ବିଲ୍‌ଡିଂ କନଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନ, ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ, ରାଉରକେଲା ଇସ୍ପାତ କର୍ମଚାରୀ ସଂଘ, ରାଉରକେଲା ମଜଦୁର ସଭା, ରାଉରକେଲା ଶ୍ରମିକ ପଞ୍ଚାୟତ, ରାଉରକେଲା ଶ୍ରମିକ ସଂଘ, ରାଉରକେଲା ଶ୍ରମିକ ଶକ୍ତି, ରାଉରକେଲା ଷ୍ଟିଲ୍ ମଜଦୁର ୟୁନିୟନ, ରାଉରକେଲା ୱାର୍କର୍ସ ୟୁନିୟନ, ଷ୍ଟିଲ୍ ଏମ୍ପ୍ଲୟିଜ୍ ଆସୋସିଏଶନ, ଷ୍ଟିଲ ଏମ୍ପ୍ଲୟିଜ୍ ଟ୍ରେଡ୍ ୟୁନିୟନ ପ୍ରମୁଖ ଏହି ତାଲିକାରେ ରହିଛି। ଟାଉନ୍ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହେବ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଉକ୍ତ ନିର୍ବାଚନ ପ୍ରକ୍ରିୟା ଗୁପ୍ତ ବାଲାଟରେ ସମ୍ପନ୍ନ ହେବ।

# ଅତିରିକ୍ତ ଜିଲା ମାଜିଷ୍ଟ୍ରେଟଙ୍କ ଶ୍ରଦ୍ଧା ଅନୁଷ୍ଠାନ ପରିଦର୍ଶନ


ମାଜିଷ୍ଟ୍ରେଟ୍ ଭିନ୍ନକ୍ଷମଙ୍କୁ ଫଳ ବଣ୍ଟନ କରୁଛନ୍ତି।

**ରାଉରକେଲା,୧୦।୧୦(ବିପ୍ଳବ ରଞ୍ଜନ ଦାଶ)**

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ପାନପୋଷ ତାଲୁକ ତଥା ଉପଖଣ୍ଡର ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ମୁକ୍ତି ରଞ୍ଜନ ଶତପଥୀ ଗୁରୁବାର ଶ୍ରଦ୍ଧା ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଶ୍ରଦ୍ଧାର ମାନସିକ ଭିନ୍ନକ୍ଷମ ଛାତ୍ରୀଛାତ୍ର ତଥା ଅନ୍ତେବାସୀଙ୍କ ସହ କିଛି ସମୟ ବାର୍ତ୍ତାଳାପ କରିବା ସହିତ ସେମାନଙ୍କ ମୌଳିକ ଅଧିକାର ଉପରେ ଅଧିକ ତଥ୍ୟ ଦେଇଥିଲେ। ସେହିପରି ସୁସ୍ଥ ସମାଜ ଗଠନରେ ସେମାନଙ୍କୁ ସେମାନଙ୍କ ଆବଶ୍ୟକ ସହାୟକ ସାଧନ ଯୋଗାଇ ଦେବାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ଶ୍ରଦ୍ଧା ଅନୁଷ୍ଠାନର ପିଲାମାନଙ୍କୁ ଫଳମୂଳ ବଣ୍ଟନ କରିଥିଲେ। ଶ୍ରଦ୍ଧାର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ବୌଦ୍ଧିକ ବିକାଶ ବାଧିତ, ମାନସିକ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଅନୁଷ୍ଠାନରେ ଚାଲୁଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସୁକୁମାର ପାଣ୍ଡବ ଏବଂ ପାନପୋଷ ତାଲୁକର ଇଭା ଅନୁପମା ଲୁଗୁନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏସ୍‌ପିଙ୍କୁ ଭେଟିଲା ଟ୍ରକ୍, ଟିପ୍ପର ମାଲିକ ସଂଘ



ସଂଘ ସଦସ୍ୟମାନେ ଏସ୍‌ପିଙ୍କୁ ଭେଟୁଛନ୍ତି।

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା)**

ରାଉରକେଲା ଏବଂ ଆଖପାଖ ଅଞ୍ଚଳରେ ପରିବହନ ସମସ୍ୟା ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି। ଏହି ମର୍ମରେ ଗୁରୁବାର ପୂର୍ବାହ୍ନରେ ରାଉରକେଲା ଟ୍ରକ୍ ଓ ଟିପ୍ପର ମାଲିକ ସଂଘର ସଦସ୍ୟମାନେ ଏସ୍‌ପି ନିତେଶ ୱାଧୱାନୀଙ୍କୁ ଭେଟି ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହା ଉପରେ ବିଚାର କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ସଂଘ ସଭାପତି ବିରାଜ ମୋହନ ବିଶ୍ୱାଳ, ସାଧାରଣ ସମ୍ପାଦକ ସଂଜୀବ ଦାଶ, ବିକାଶ ନାୟକ, କାଳୀ ପ୍ରସନ୍ନ ସ୍ୱାଇଁ, ବଳରାମ ମହାନ୍ତି, ଅର୍ଜୁନ ମହନ୍ତ, ଅଭିଷେକ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ସମ୍ବଲପୁରରେ ଶାରଦୀୟ ଦୁର୍ଗାପୂଜା: ବୁଢାରଜା ଫାଟକ ଦୁର୍ଗାପୂଜା ମଣ୍ଡପରେ ସୁସଜ୍ଜିତ ତୋରଣ।


ଗୋବିନ୍ଦତୋଲା ଦୁର୍ଗାପୂଜା କମିଟି ଆୟୋଜିତ ତୋରଣ।


ଧନୁପାଲି ପୂଜା କମିଟି ସୁସଜ୍ଜିତ ପୂଜା ମଣ୍ଡପ।

## ସଂକ୍ଷେପରେ

### ମହାଷ୍ଟମୀରେ ମା' ପାଟଣେଶ୍ୱରୀଙ୍କ ସୁନାବେଶ



ସମ୍ବଲପୁର,୧୦।୧୦(ବି.ଶଙ୍କର)

ଆଶ୍ୱିନ ଶୁକ୍ଳପକ୍ଷ ମହାଷ୍ଟମୀ ତିଥିରେ ମା' ପାଟଣେଶ୍ୱରୀ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଗୁରୁବାର ଶାରଦୀୟ ଦଶହରାର ମହା ଅଷ୍ଟମୀ ତିଥିରେ ଆଦିଶକ୍ତି ମା' ପାଟଣେଶ୍ୱରୀ ଭକ୍ତଙ୍କୁ ସୁନା ବେଶରେ ଦର୍ଶନ ଦେବାର ଅନନ୍ୟ ପରମ୍ପରା ସମ୍ବଲପୁରଠାରେ କେଉଁ ଆବାହମାନକାଳରୁ ରହିଆସିଛି । ଏନେଇ ଗୁରୁବାର ପାଟଣେଶ୍ୱରୀଙ୍କୁ ମନ୍ଦିର ପୂଜକମାନେ ଅପରାହ୍ନ ୨ ଟାରୁ ୪ପର୍ଯ୍ୟନ୍ତ ସୁନାବେଶରେ ସଜ୍ଜିତ କରିଥିଲେ । ଏହି ସମୟ ମଧ୍ୟରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଥିଲା । ଅପରାହ୍ନ ୪ଟା ପରେ ଶହ ସଂଖ୍ୟାରେ ସାଧାରଣ ଭକ୍ତ ମା'ଙ୍କ ଦର୍ଶନ କରିଥିଲେ। ମା'ପାଟଣେଶ୍ୱରୀଙ୍କୁ ସୁନାବେଶରେ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ଗଙ୍ଗା ଦର୍ଶନର ପୁଣ୍ୟ ମିଳିଥାଏ ବୋଲି ଲୋକକଥା ରହିଛି । ଏଣୁ ମହା ଅଷ୍ଟମୀରେ ମା'ଙ୍କ ଏହି ଅପୂର୍ବ ସୁନାବେଶ ଦର୍ଶନ କରିବା ପାଇଁ ସମ୍ବଲପୁର ଜିଲା ସମେତ ଆଖପାଖ ଜିଲାଗୁଡିକରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

# ଆଧ୍ୟାତ୍ମିକ ପରିବେଶ ସୃଷ୍ଟିରେ ସଂକୀର୍ତ୍ତନର ଭୂମିକା ରହିଛି

**ଡଙ୍ଗରପଡ଼ା ଦୁର୍ଗାପୂଜାରେ ଆନ୍ତଃଜିଲା ସଂକୀର୍ତ୍ତନ ସମ୍ମିଳନୀ**

■ଭାଗନେଲେ ୭୦ ସଂକୀର୍ତ୍ତନ ଦଳ

ସମ୍ବଲପୁର,୧୦।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ଡଙ୍ଗରପଡ଼ାରେ ଚଳିତବର୍ଷ ପ୍ରଥମ ଥର ପାଇଁ ଶାରଦୀୟ ଦୁର୍ଗାପୂଜା ଆୟୋଜିତ ହେଉଛି। ପଣ୍ଡିତ ଶାଶ୍ୱତ ବଡ଼ପଣ୍ଡା ମୁଖ୍ୟ ପୂଜକ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ସ୍ଥାନୀୟ ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଇନ୍ଦିରା ବଡ଼ପଣ୍ଡା କର୍ତ୍ତାଭବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇଛି। ଏହିପରିପ୍ରେକ୍ଷୀରେ ଏଠାରେ ଏକ ଆନ୍ତଃଜିଲା ସଂକୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁରବାର ପୂର୍ବାହ୍ନ ୧୧ଟାରେ ଆନ୍ତଜିଲା ସମ୍ମିଳନୀକୁ ଦୁର୍ଗାପୂଜା କମିଟି ଉପଦେଷ୍ଟା ରାଧାକାନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସମାରୋହରେ ସଙ୍କୀର୍ତ୍ତନ ପରିଷଦ ସମ୍ବଲପୁର ଜିଲା ସଭାପତି ସଚ୍ଚିଦାନନ୍ଦ ସାହୁ, ବରଗଡ଼ ଜିଲା ସଭାପତି ପ୍ରମୋଦ କୁମାର ଦାଶ ଡଙ୍ଗରପଡ଼ା ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା, ଡା. ରାଜାରାମ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଆଦି ଜିଲାର ୭୦ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ କୀର୍ତ୍ତନ ଗାନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଧାନ ସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ସାମାଜିକ ସଂସ୍କାର ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ସଂକୀର୍ତ୍ତନର ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏହାସହ ସେ ସଙ୍କୀର୍ତ୍ତନ ଗାୟକ ଓ ବାହାକଙ୍କ ଯୋଗଦାନକୁ ଭଗବାନଙ୍କ ଆଶୀର୍ବାଦଭାବେ ଅଭିହିତ କରିଥିଲେ। ପ୍ରାଧାପକ ପ୍ରଦୀପ କୁମାର ପଣ୍ଡା, ଇଂ. ସଞ୍ଜୀବ କୁମାର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି କଳାନୈପୁଣ୍ୟ ପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ଏହି ଅବସରରେ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡଙ୍ଗରପଡ଼ା ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡାଙ୍କ ସମେତ କୁକୁଡ଼ାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରୀ, ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ଯୁବ ବିଜେଡ଼ି ରାଜ୍ଯ ସମ୍ପାଦକ ହୀରାଲାଲ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଗାପୂଜା କମିଟି ଉପଦେଷ୍ଟା ପ୍ରାଧାପକ ପ୍ରଦୀପ କୁମାର ପଣ୍ଡା, ରାଧାକାନ୍ତ ବିଶ୍ୱାଳ, ବଂଶୀଧର ବେହେରା, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଶ୍ରୀମତ ପଧାନ, ଅଶ୍ୱିନୀ କୁମାର ପ୍ରଧାନ, ଗୋକୁଳାନନ୍ଦ ସାହୁ, ଜଗଦୀଶ ମାଝୀ, ପୀତବାସ ମାଝୀ କାର୍ଯ୍ୟକ୍ରମ ଆୟୋଜନରେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ


ଅତିଥିଙ୍କ ଦ୍ୱାରା ପୁରସ୍କୃତ କୃତୀ ପ୍ରତିଯୋଗୀ।

ସମ୍ବଲପୁର,୧୦।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଉପଲକ୍ଷେ ବେଟୀ ବଚାଓ ବେଟୀ ପଢ଼ାଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଖାଜୁଆପଡ଼ାଠାରେ ପ୍ରକଳ୍ପ ଅଧିକାରୀ ମୀନତି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ଯୋଗଦେଇ ବେଟୀ ବଚାଓ ବେଟୀ ପଢ଼ାଓ ଅଭିଯାନ ଦ୍ୱାରା କନ୍ୟା ଭ୍ରୂଣହତ୍ୟାକୁ ବହୁ ମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିଛି। ଡାକ୍ତର ସ୍ୱାତୀ ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜସେବୀ ଜ୍ୟୋତି ଶତପଥୀ, ସୁପରଭାଇଜର ସାଧନା ସିଂ, ସଖୀ କେନ୍ଦ୍ର ସଂଯୋଜିକା ମୌସୁମି ଦୋରା ପ୍ରମୁଖ ଶିଶୁ କନ୍ୟାଙ୍କ କଲ୍ୟାଣ ଓ ଶିକ୍ଷା ସହିତ ସେମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅୟୋଜିତ ବକ୍ତୃତା ପ୍ରତିଯୋଗୀତାରେ ଅସ୍ମିତା ନାୟକ, ଆଦ୍ୟାଶା ଶର୍ମା, ସ୍ୱାଗତିକା ବେହେରା ଓ ପାୟଲ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏଠାରେ ବାଳିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁପରଭାଇଜର ସୈରିନ୍ଦ୍ରୀ ନାୟକ, ସୁଲୋଚନା ଅର୍କଙ୍କ ସମେତ ବହୁ ସଂଖ୍ୟାରେ ଅଙ୍ଗନୱାଡ଼ି କର୍ମୀ, ସ୍କୁଲ ଓ କଲେଜ ଛାତ୍ରୀ ଓମହିଳା ଉପସ୍ଥିତ ଥିଲେ।

# ଆରଏସ୍‌ଏସ୍ ସମ୍ବଲପୁର ଶାଖାର ବିଜୟା ଦଶମୀ ଉତ୍ସବ



ଶ୍ରୀବିଜୟା ଦଶମୀ ଉତ୍ସବରେ ମଞ୍ଚାସୀନ କର୍ମକର୍ତ୍ତା ।

ସମ୍ବଲପୁର,୧୦।୧୦(ବି.ଶଙ୍କର)

ରାଷ୍ଟ୍ରୀୟ ସ୍ୱୟଂ ସେସବକ ସଂଘ(ଆର୍‌ଏସ୍‌ଏସ୍) ସମ୍ବଲପୁର ମହାନଗର ନଗର ପକ୍ଷରୁ ଶ୍ରୀବିଜୟା ଦଶମୀ ଉତ୍ସବ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ମନ୍ଦଳିଆ ପଡିଆରେ ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ସଂଘଚାଳକ ଦୀପକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧାପିକା ଡ. ରେଣୁବାଳା ମିଶ୍ର ମୁଖ୍ୟ ଅତିଥି ଓ ରାଷ୍ଟ୍ରୀୟ ସ୍ୱୟଂସସବକ ସଂଘର ସହ ସରକାର୍ଯ୍ୟବାହ ରାମଦତ୍ତ ଚକ୍ରଧର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସେବକ ସାମିଲ ହୋଇ ବିଭିନ୍ନ ଶାରୀରିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପ୍ରଥମେ ଆସନ, ବ୍ୟାୟାମ, ଯୋଗ, ତିଷ୍ଠ ଯୋଗ, ଦଣ୍ଡ ଯୋଗ ଆଦି ପ୍ରଦର୍ଶିତ ହୋଇଥିଲା। ଏହାପରେ ବିଭିନ୍ନ ବ୍ୟୁହ ରଚନା କରି ସାମୂହିକ ସମତା, ଗଣ ସମତା, ଆତ୍ମରକ୍ଷା ପାଇଁ ଦଣ୍ଡ ଓ ନିଯୁଦ୍ଧ କରାଯାଇଥିଲା । ଘୋଷ (ବ୍ୟାଣ୍ଡ) ବାହିନୀ ଦ୍ୱାରା ବାଦ୍ୟ ବଜାଯାଇଥିଲା। ମୁଖ୍ୟ ଅତିଥି ଡ.ମିଶ୍ର ଭାରତୀୟ ପରମ୍ପରା ଓ ଇତିହାସରେ ମହିଳାମାନଙ୍କ ପ୍ରମୁଖ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ରାମଦତ୍ତ ଭାରତର ଉଦୀୟମାନ ଛବି, ବଚସ୍ୱ ଓ ଏକତାର ନିଦର୍ଶନ ଦେଇଥିଲେ। ଶ୍ରୀବିଜୟା ଦଶମୀ ହେଉଛି ଶକ୍ତିର ପୂଜା ବା ଉପାସନାର ଦିନ । ଭାରତୀୟ ପରମ୍ପରାରେ ନାରୀ ଶକ୍ତିର ପରାକାଷ୍ଠା ସର୍ବଜନ ବିଦିତ । କାର୍ଯ୍ୟକ୍ରମରେ ୧୦୦୦ ରୁ ଅଧିକ ସ୍ୱୟଂସସବକ, ବିବିଧ କ୍ଷେତ୍ରର

# ବିଶ୍ୱଶାନ୍ତି ପାଇଁ ୧୦୮ ଅଖଣ୍ଡ ଦୀପ ପ୍ରଜ୍ୱଳନ

ସମ୍ବଲପୁର,୧୦।୧୦(ପ୍ରମୋଦ ବହିଦାର)

ନବରାତ୍ରି ଓ ଦଶହରା ଉପଲକ୍ଷେ ମା' ସମଲେଶ୍ୱରୀଙ୍କ ପୀଠରେ ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ୧୦୮ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଛି। ହିନ୍ଦୁ ଧର୍ମରେ ଦଶହରା ପାଳନର ଅନେକ ମହତ୍ତ୍ୱ ରହିଛି। ବିଶ୍ୱରେ ଲାଗି ରହିଥିବା ଅଶାନ୍ତି, ଯୁଦ୍ଧ ଆଦି ଦ୍ୱାରା ମାନବ ସମାଜ ଉପରେ ଅନେକ କୁପ୍ରଭାବ ପଡୁଛି। ବିଶ୍ୱଶାନ୍ତି, ବିଶ୍ୱବାସୀଙ୍କ ମଙ୍ଗଳ ଓ ଅଧର୍ମ ଉପରେ ଧର୍ମର ବିଜୟ କାମନା ପୂର୍ବକ ଟ୍ରଷ୍ଟ ପକ୍ଷରୁ ୧୦୮ ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିଶିକାନ୍ତ ବିଶ୍ୱାଳ, ଆଶିଷ ସାହୁ, ଆଲୋକ ମହାକୁର, କାହ୍ନୁଚରଣ ଷଡ଼ଙ୍ଗୀ, ସୁବର୍ଣ୍ଣା ନାୟକ, ରାଜେନ୍ଦ୍ର ସତନାମୀ, ସୁନୀଲ ସାଗର, କିଶୋର ଧରେଇ, ଝୁନୁ ତ୍ରିପାଠୀ, ସ୍ୱସ୍ତିକା ନାୟକ, ପ୍ରଜ୍ଞା ପ୍ରଧାନ, ଅନିଲ କୁମାର, ସ୍ୱାଗତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଅଖିଳ ଭାରତ ପ୍ରବନ୍ଧ ପ୍ରତିଯୋଗିତାରେ ସମ୍ବଲପୁରର ଝିଅ ଅଂଶୁ ଶର୍ମା

ସମ୍ବଲପୁର,୧୦।୧୦ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ଝିଅ ଅଂଶୁ ଶର୍ମା ଆଣବିକ ବିଭାଗ ଦ୍ୱାରା ୩୬ତମ ଅଖିଳ ଭାରତୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚୟନ ହୋଇଛନ୍ତି। ବିକଶିତ ଭାରତ ପାଇଁ ରେଡିଓ ଆଇସୋଟପ ଏବଂ ରେଡିଏସନ ଟେକ୍ନୋଲୋଜିର ସୋସିଆଲ ଆପ୍ଲିକେସନ ବିଷୟରେ ଦେଇଥିବା ପ୍ରବନ୍ଧ ପାଇଁ ଅଂଶୁ ଶର୍ମା ଚୟନ ହୋଇଛନ୍ତି। ଆସନ୍ତା ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ସେ ନିଜର ବକ୍ତବ୍ୟ ଉପସ୍ଥାପନା କରିବେ। ଅଂଶୁ ଶର୍ମା ହେଉଛନ୍ତି ସମ୍ବଲପୁର ମାରୱାଡି ପଡାର ଲକ୍ଷ୍ମୀନାରାୟଣ ଶର୍ମାଙ୍କ ଝିଅ। ସେ ବର୍ତ୍ତମାନ ଲରମ୍ବା ମହାବିଦ୍ୟାଳୟରେ ଜୁଲୋଜିରେ ଯୁକ୍ତ ୩ପାଠ ପଢୁଛନ୍ତି । ଆଣବିକ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶୁ ଶର୍ମାଙ୍କ ପ୍ରବନ୍ଧ ଚୟନ ହୋଇଛି । ଅଂଶୁଙ୍କ ସହ ସାରା ଦେଶର ଅନ୍ୟ ୯ ଜଣ ମଧ୍ୟ ଏହି ବିଷୟରେ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି । ଏହାସହ ଦେଶର ମୋଟ ୨୮ ଜଣ ପ୍ରତିଭାଗୀ ତିନୋଟି ବିଷୟରେ ମୁମ୍ବାଇରେ ଅନୁଷ୍ଠିତ ପ୍ରତିଯୋଗିତାରେ ବକ୍ତବ୍ୟ ଉପସ୍ଥାପନା ରଖିବାକୁ ଚୟନ ହୋଇଥିବା ଜଣାପଡିଛି।


ଆଣବିକ ବିଭାଗ ଦ୍ୱାରା ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଚୟନ ହୋଇଥିବା ଅଂଶୁ ଶର୍ମା

# ଶାରଦୀୟ ଦୁର୍ଗାପୂଜା, କୃଷକ ମେଳା ଉଦ୍‌ଘାଟିତ

ପଡିଆବାହାଲ,୧୦।୧୦(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲରେ ବୁଧବାର ମା' ଅଷ୍ଟଭୁଜାଙ୍କ ଜୀବନ୍ୟାସ ସହ ଚାରିଦିନାତ୍ମକ ଦଶହରା ପୂଜା ଆରମ୍ଭ ହୋଇଛି । ଅଭିଷେକ ବଡ଼ପଣ୍ଡା, ଅକ୍ଷୟ କୁମାର ନାୟକ, ଅମୂଲ୍ୟ ପୂଜାରୀ, କୃଷ୍ଣଚନ୍ଦ୍ର ପ୍ରଧାନ ଏବଂ ତାପସ ରଞ୍ଜନ ମହାପାତ୍ର ସସ୍ତ୍ରିକ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଉଛନ୍ତି । ପୂଜା ଅବସରରେ କୃଷକ ମେଳା ବିଶିଷ୍ଟ ଚାଷୀ ସୁବୋଧ ବେହେରାଙ୍କ ଦ୍ୱାରା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ପୂଜା କମିଟି ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦେବାନନ୍ଦ ଭୁସାଗରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବିଜୟ କୁମାର ନାୟକ, ରୂପେଶ ପାଣିଗ୍ରାହୀ, ସରପଞ୍ଚ ସରସ୍ୱତୀ ଭୁସାଗର, ହରିହର ନାୟକ, ପ୍ରଫୁଲ୍ଲ ମଗର, ରାଧାମୋହନ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ । ମେଳାରେ ସବୁଜ ସନାତନ ପାଲି କୃଷକ ଉତ୍ପାଦକ ପ୍ରାଇଭେଟ ଲିମିଟେଡ୍, ଉଦ୍ୟାନ କୃଷି ବିଭାଗ, ବନ ବିଭାଗ ପଡିଆବାହାଲ ରେଞ୍ଜ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରାଥମିକ ଚିକିତ୍ସା ଷ୍ଟଲ, ପୁଷ୍ଟି ଶସ୍ୟ ପୋଷଣ ଖାଦ୍ୟ ମେଳା, ଖାଦ୍ୟ, ଆଚାର ଷ୍ଟଲ, ପନିପରିବା ଷ୍ଟଲ, କୃଷି ଯନ୍ତ୍ରପାତି ଷ୍ଟଲ ଏବଂ ପରିବେଶ ସମ୍ପର୍କିତ ପୋଷ୍ଟର ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ବନ ବିଭାଗ ପକ୍ଷରୁ ବନାଗ୍ନୀ, ଚାରାରୋପଣ ଓ ହାତୀ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ପରେ ସମ୍ବଲପୁରୀ ଲୋକନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା।

# ଧରାପୃଷ୍ଠକୁ ବିରାଜିଲେ ମା'ଜଗଜ୍ଜନନୀ

କୁଚିଣ୍ଡା,୧୦।୧୦(ବିରଞ୍ଚି ଦର୍ଶା)

ଧରାପୃଷ୍ଠକୁ ବିରାଜିଛନ୍ତି ମା'ଜଗଜ୍ଜନନୀ ଦୁର୍ଗା। ସମ୍ବଲପୁର ଜିଲା କୁଚିଣ୍ଡା ସହରର ମନ୍ଦିର ଛକ, ପଞ୍ଚମୁଖୀ ଛକ ଓ ବସ୍‌ଷ୍ଟାଣ୍ଡ ଏଭଳି ୩ଟି ସ୍ଥାନରେ ବୁଧବାର ବିଲ୍ୱବରଣ ଓ ଆମନ୍ତ୍ରଣାଧିବାସ ସହ ଷଷ୍ଠୀପୂଜା ଆରମ୍ଭ ହୋଇଛି। ଗୁରୁବାର ମହାସପ୍ତମୀ ପୂଜା ଅବସରରେ ମଣ୍ଡପ ମାନଙ୍କରେ ନେତ୍ରଦାନ, ପ୍ରାଣ ପ୍ରତିଷ୍ଠା, ମୃଣ୍ମୟୀ ଦୁର୍ଗାଦେବ୍ୟା, ମହାସ୍ନାନ, ବିବୀତ ପୂଜନ, ପାର୍ଶ୍ୱଦେବତା ପୂଜା, ପୋଥିପୂଜା, ଯନ୍ତ୍ର ପୂଜା ଓ ଭାଇଜିଉନ୍ତିଆ ଓଷା ଅନୁଷ୍ଠିତ ହୋଇଛି। ମା'ଙ୍କ ଧରାବତରଣ ପରେ ଦର୍ଶନ ନିମନ୍ତେ ମଣ୍ଡପ ମାନଙ୍କରେ ଭକ୍ତମାନଙ୍କ ଭିଡ ଜମୁଛି। ଏଥିପାଇଁ କୁଚିଣ୍ଡା ସହର କଳଚଞ୍ଚଳ ହୋଇ ଉଠିଛି। ଆଖିଝଲସା ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ଓ ସାଜସଜ୍ଜା ମନମୋହୁଛି। ୩ଟି ଯାକ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦଶହରା ମାହୋଲକୁ ଦ୍ୱିଗୁଣିତ କରିଛି। ପୂଜାପାଇଁ ଘରେଘରେ ଅତିଥିଙ୍କ ଆଗମନ ବଢିବାରେ ଲାଗିଛି। ବିବାହିତା ଭଉଣୀମାନେ ଶାଶୁଘରୁ ବାପଘରକୁ ଆସି ଗୁରୁବାର ଭାଇଜିଉନ୍ତିଆ ବ୍ରତ ପାଳନ କରିଛନ୍ତି। ଚଳିତବର୍ଷ ଭିଡ ବଢିବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ମୁକୁନ୍ଦି ଷ୍ଟାଡିୟମରେ ହେଉଥିବା ରାବଣ ପୋଡିକୁ କଲେଜ ପଡିଆକୁ ସ୍ଥାନାନ୍ତର କରାଯାଇଛି। ପାଗ ଅନୁକୂଳ ଥିବା ଦୃଷ୍ଟିରୁ ଦୁର୍ଗାପୂଜା ଓ ଦଶହରା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।


ଦୁର୍ଗାପୂଜା ତୋରଣ।

# କୁଚିଣ୍ଡାର ବିକାଶକୁ ମଡେଲରେ ପରିଣତ କରାଯିବ

**ମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା**

କୁଚିଣ୍ଡା,୧୦।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଗୁରୁବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ସଚେତନ ନାଗରିକ ମଞ୍ଚ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ଧରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ନାଏକ ଯୋଗଦେଇ ସ୍ୱାଧିନତା ପରେ କୁଚିଣ୍ଡା ମାଟିକୁ ପ୍ରଥମ ମନ୍ତ୍ରୀପଦ ମିଳିଥିବାରୁ ସାମୂହିକ ବିକାଶ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। କୁଚିଣ୍ଡାର ବିକାଶକୁ ଏକ ମଡେଲ ଭାବେ ଗଢିତୋଳିବାକୁ ସେ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ କୁଚିଣ୍ଡାର ବିକାଶ ପାଇଁ ଏକ ଆଲୋଚନାଚକ୍ର ହୋଇଥିଲା। କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଏକ ଅଣଜଳସେଚିତ ବଣପାହାଡ ଘେରା ଆଦିବାସୀ ଅଞ୍ଚଳ। ଏହାର ସମଗ୍ରିକ ବିକାଶ, କୁଚିଣ୍ଡାରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ, ଝାରସୁଗୁଡାରୁ ଦେବଗଡ ଭାୟା କୁଚିଣ୍ଡା ରେଳ ସଂଯୋଗ ପାଇଁ ଆବଶ୍ୟକ ପଦକ୍ଷେପ, କଳାକାର, କ୍ରୀଡାବିତ୍‌ଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା, କର୍ମସଂସ୍ଥାନ ସୃଷ୍ଟି ପାଇଁ ପଦକ୍ଷେପ, କୃଷିର ଉନ୍ନତି ପାଇ ପର୍ଯ୍ୟାପ୍ତ ଜଳସେଚନ ବ୍ୟବସ୍ଥା, ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଖାଲିଥିବା ଡାକ୍ତ ପଦବୀ ପୂରଣ, ଶିକ୍ଷାର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବା, ଲଙ୍କା ଚାଷର ପ୍ରୋତ୍ସାହନ ଓ ପ୍ରକ୍ରିୟୀକରଣ,କୁଚିଣ୍ଡା ସହରର ଚାରିପାଖରେ ରିଙ୍ଗରୋଡ କରିବା ଆଦି ବିଷୟରେ ମନ୍ତ୍ରୀଙ୍କୁ ଏକ ୧୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆବାହକ ପ୍ରଭାତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମାଜିକ କର୍ମୀ ହିମାଂଶୁ ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନାଗରିକ ସଂଘର ପୂର୍ବତନ ସଭାପତି ଜୟପ୍ରକାଶ ଗୁପ୍ତା, କୁଚିଣ୍ଡା କଲେଜ ପୁରାତନ ଛାତ୍ରସଂସଦ ସଭାପତି ପ୍ରଫୁଲ୍ଲ ସାହୁ, ଅଘରିଆ ସମାଜ ସଭାପତି ଗଙ୍ଗାଧର ନାୟକ, ନରେଶ ପଟେଲ, ୱାର୍ଡ ମେମ୍ବର ସଂଘ ସଭାପତି ସରୋଜ ମେହେର, ବାମରା କୃଷକ ସଙ୍ଗଠନ ଆବାହକ ଯୋଗବିହାରୀ ପରିଡା, ସମ୍ପାଦକ କିରଣ ନାୟକ ଶିକ୍ଷକ ସଂଘ ସମ୍ପାଦିକା କଲ୍ୟାଣି ପଟେଲ, ପ୍ରମୋଦ ଚୌଧୁରୀ, ଟ୍ୟାକ୍ସି ସଂଘ, ବ୍ୟାଡମିଣ୍ଟନ ସଂଘ, ଲାୟନ୍ସ କ୍ଲବ, ମାରୁୱାଡି ଯୁବାମଞ୍ଚ, ବିଦ୍ୟାମନ୍ଦିର ଉପସଭାପତି ପ୍ରଶାନ୍ତ ପଟେଲ, ଜାଗୃତି ମହିଳା ମଞ୍ଚ କର୍ମକର୍ତ୍ତାଙ୍କ ସମେତ ଡା. ପ୍ରସନ୍ନ ସାମଲ, ନାଗରିକ କମିଟିର ହରେକୃଷ୍ଣ ମହାପାତ୍ର ବକ୍ତବ୍ୟ ରଖିଥିଲେ।



ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**୭ଦିନ ଶୁଖିଲା ପାଗ**

ଭୁବନେଶ୍ୱର, ୧୦।୧୦ (ଅନୁରାଧା ମହାରଣା): ଦୁର୍ଗାପୂଜାରେ ବର୍ଷା ବାଧକ ସାଜିବ ବୋଲି ଆଶଙ୍କା କରାଯାଉଥିଲା। ହେଲେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ନ ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ତେବେ ରାଜ୍ୟର କାଁଭାଁ କିଛି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଆଦି ଜିଲାର କିଛି ସ୍ଥାନରେ ବର୍ଷା ହେବାକୁ ଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ପାଗ ପ୍ରାୟତଃ ଶୁଖିଲା ରହିବ ବୋଲି ସୂଚନା ଦିଆଯାଇଛି।

# ସରକାରୀ ବସ୍‌ଷ୍ଟାଣ୍ଡ: ସେବାଠୁ ଦୂରରେ

ବରଗଡ଼,୧୦।୧୦
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ସର୍ବ ପୁରାତନ। ଅନ୍ୟ ବସ୍‌ଷ୍ଟାଣ୍ଡଗୁଡ଼ିକର ନବୀକରଣ, ରୂପାନ୍ତରୀକରଣ ହେଉଛି। କିନ୍ତୁ ବରଗଡ଼ ସହରର ମୁଖ୍ୟ ପେଣ୍ଠସ୍ଥଳୀରେ ରହିଥିବା ଏହି ବସ୍‌ଷ୍ଟାଣ୍ଡରେ ତାହା ହେଉନାହିଁ। ଅପରପକ୍ଷେ ରାଜ୍ୟର ଏହି ପ୍ରମୁଖ ବସ୍‌ଷ୍ଟାଣ୍ଡ ଦିନକୁ ଦିନ ତା'ର ଅସ୍ତିତ୍ୱ ହରାଇ ବସିଛି। ବସ୍‌ଷ୍ଟାଣ୍ଡ ପରିସରରେ ଥିବା ପେଟ୍ରୋଲ ପମ୍ପ କେଉଁକାଳରୁ ଉଠିଯାଇଛି। ଏଠାରେ ରହିଥିବା ଗ୍ୟାରେଜ୍ ମଧ୍ୟ ଆଉ ନାହିଁ। ସେହିପରି ବସ୍‌ଷ୍ଟାଣ୍ଡ ପରିସରରେ ଥିବା କ୍ୟାଣ୍ଟିନ୍‌ରେ ଦୀର୍ଘବର୍ଷ ହେଲା ତାଲା ଝୁଲୁଛି। ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବା ଯୋଗୁ ସାମାନ୍ୟ ବର୍ଷାରେ ବସ୍‌ଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇପଡୁଛି। କେବଳ ସେତିକି ନୁହେଁ, ଏଠାରେ ଯାତ୍ରୀମାନଙ୍କୁ ଅନେକ ସମୟରେ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ମଧ୍ୟ ବଞ୍ଚିତ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଯାତ୍ରୀବାହୀ ବସ୍ ଯାତାୟାତ ସମ୍ପର୍କିତ ସୂଚନା ଆଉ ଡାକବାଜି ଯନ୍ତ୍ରରେ ଶୁଣିବାକୁ ମିଳୁନାହିଁ। ଏହାସତ୍ତ୍ୱେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ଏଥିପ୍ରତି ଆଖି ବୁଜିଦେଇଛି।

ଜିଲାବାସୀଙ୍କ ଆବଶ୍ୟକତା ଦୃଷ୍ଟିରୁ ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ୧୯୫୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ବସ୍‌ଷ୍ଟାଣ୍ଡ ପରିସରରେ ବିଭିନ୍ନ ବିଭାଗ ପାଇଁ ୨ମହଲା ବିଶିଷ୍ଟ କୋଠାଘର ହୋଇଥିଲା। ତଳ ମହଲାରେ ୬ ଏବଂ ଉପର ମହଲାରେ ୪ଟି କୋଠରି ରହିଥିଲା। ଉଭୟ ମହଲାର କୋଠରୀଗୁଡ଼ିକ ପୂର୍ବରୁ ବ୍ୟବହୃତ ହେଉଥିଲା। କିନ୍ତୁ ଦୀର୍ଘବର୍ଷ ହେଲା କେବଳ ତଳ ମହଲା କୋଠରି ବ୍ୟବହୃତ ହେଉଥିବାବେଳେ ଉପର ମହଲା କୋଠରୀଗୁଡ଼ିକ ଅବ୍ୟବହୃତ ହୋଇ ଭୂତକୋଠି ଭାବେ ପଡ଼ି ରହିଛି। ଏହାସହିତ ବସ୍‌ଷ୍ଟାଣ୍ଡ ପରିସରରେ ପେଟ୍ରୋଲ ପମ୍ପ, ଗ୍ୟାରେଜ, କ୍ୟାଣ୍ଟିନ୍ ଆଦି ରହିଥିଲା। କିନ୍ତୁ ଦୀର୍ଘ ୭୨ବର୍ଷ ପରେ ଉକ୍ତ ବସଷ୍ଟାଣ୍ଡରେ କିଛି ନୂତନତ୍ୱ ଆସିବା ତ ଦୂରର କଥା, ପୂର୍ବରୁ ଯେଉଁ ସୁବିଧା ସୁଯୋଗ ମିଳୁଥିଲା ତାହା ମଧ୍ୟ ବନ୍ଦ ହୋଇଯାଇଛି।

ଅନ୍ୟପଟେ ବସ୍‌ଷ୍ଟାଣ୍ଡ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଯାତ୍ରୀମାନଙ୍କୁ ପୂର୍ବାପେକ୍ଷା ଅଧିକ ହଟହଟା ହେବାକୁ ପଡୁଛି। ଓଏସ୍‌ଆର୍‌ଟିସି ଏଠାରେ ନିଜସ୍ୱ ଶୌଚାଳୟ କିମ୍ବା ପାନୀୟଜଳ ବ୍ୟବସ୍ଥା ଏପର୍ଯ୍ୟନ୍ତ କରିପାରିନାହିଁ। ୨୦୦୯ରେ ତତ୍କାଳୀନ ବରଗଡ଼ ଏମ୍‌ପିଙ୍କ ଅନୁଦାନ ପାଣ୍ଠିରୁ ଶୌଚାଳୟ ଏବଂ ଥଣ୍ଡା ପାନୀୟଜଳ ପ୍ରକଳ୍ପ କରାଯାଇଥିଲା। ମାତ୍ର ତାହା ବର୍ଷର ଅଧିକାଂଶ ସମୟ ଅଚଳ ରହୁଛି। ସେହିପରି ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ସାମାନ୍ୟ ବର୍ଷାରେ ବସ୍‌ଷ୍ଟାଣ୍ଡରେ ବର୍ଷାପାଣି ଲହଡ଼ି ମାରୁଛି। ଫଳରେ ଯାତ୍ରୀମାନଙ୍କୁ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଗତ କିଛିମାସ ତଳେ ବସ୍‌ଷ୍ଟାଣ୍ଡ ପରିସରରେ ନୂତନ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଛି। କିନ୍ତୁ ତାହା ମଧ୍ୟ ଧର୍ମକୁ ଆଖିଠାର ଭଳି ହୋଇଛି। ପ୍ରତୀକ୍ଷାଳୟରେ ମହିଳା ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ।

ଉକ୍ତ ବସ୍‌ଷ୍ଟାଣ୍ଡରୁ ସମ୍ବଲପୁର, ଗୋଲାମୁଣ୍ଡା, ନବରଙ୍ଗପୁର, କଟକ, ବ୍ରହ୍ମପୁର, ସୁନାବେଡ଼ା, ମାଲକାନଗିରି ଆଦି ୭ଟି ରୁଟ୍‌କୁ ଓଏସ୍‌ଆରଟିସିର ସମୁଦାୟ ୧୩ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। ମାଲକାନଗିରି, ବ୍ରହ୍ମପୁର ଓ କଟକକୁ ନାଇଟ୍ ବସ୍ ଯାଉଥିବାବେଳେ ଏହି ବସ୍‌ଷ୍ଟାଣ୍ଡ ଦେଇ ପୁରୀକୁ ୨ଟି ଭଲ୍‌ଭୋ ବସ୍ ଯାତାୟାତ କରୁଛି। ସେହିପରି ବରଗଡ଼-ସମ୍ବଲପୁର ମଧ୍ୟରେ ନିୟମିତ ବ୍ୟବଧାନରେ ୮ଟି ସିଟିବସ୍ ଯିବା ଆସିବା କରୁଛି। ବରଗଡ଼ ଜିଲାର ବିଭିନ୍ନ ପଞ୍ଚାୟତକୁ ୭ଟି ଏବଂ ଗାଇସିଲେଟକୁ ଗୋଟିଏ ଲକ୍ଷ୍ମୀ ବସ୍ ଏହି ବସଷ୍ଟାଣ୍ଡ ଦେଇ ଯାତାୟାତ କରାଯାଉଛି। ଉକ୍ତ ସବୁ ଯାତ୍ରୀବାହୀ ବସ୍‌ର ରହଣି ଏହି ବସ୍‌ଷ୍ଟାଣ୍ଡରେ ହେଉଥିବା ଯୋଗୁ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଅପରପକ୍ଷେ ବରଗଡ଼ ବସଷ୍ଟାଣ୍ଡରୁ ପ୍ରୟାଗରାଜକୁ ଯାତାୟାତ ପାଇଁ ୨ ନୂତନ ଯାତ୍ରୀବାହୀ ବସ୍ (ଏସି) ଦୀର୍ଘମାସ ଏହି ବସଷ୍ଟାଣ୍ଡରେ ପଡ଼ିରହିଥିଲା। ମାତ୍ର ପରମିଟ୍ ନ ମିଳିବା ଆଳ ଦେଖାଇ ତାକୁ ମଧ୍ୟ ଏଠାରୁ ଅନ୍ୟ ଜିଲାକୁ ନିଆଯାଇଛି। ଗୋଟିଏ ପଟେ ଯାତ୍ରୀସଂଖ୍ୟା ବୃଦ୍ଧି ହେଉଥିବାବେଳେ ଅନ୍ୟପଟେ ଏଠାରେ ବସ୍ ସଂଖ୍ୟା ବଢୁ ନ ଥିବା ଏବଂ ପ୍ରତିଷ୍ଠା ହେବା ଦିନଠାରୁ ବସ୍‌ଷ୍ଟାଣ୍ଡର ବିକାଶ ହୋଇପାରିନାହିଁ। ଫଳରେ ଯାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବରଗଡ଼ର ଜଣେ ସଚେତନ ନାଗରିକ ରାଜେନ୍ଦ୍ର ସିକନ୍ଦର କହିଛନ୍ତି, ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡର କାୟାରେ ଯେଭଳି ପରିବର୍ତ୍ତନ ଆସିବା କଥା ତାହା ହୋଇନାହିଁ। ଯେମିତି ଥିଲା ସେମିତି ରହିଛି। ବସ୍‌ଷ୍ଟାଣ୍ଡ ପରିସର ଅପରିଷ୍କୃତ ଭାବେ ପଡ଼ିରହିଛି। ଯାତ୍ରୀମାନଙ୍କ ପାଇଁ ଉପଯୋଗୀ ହୋଇପାରିନାହିଁ। ବରଗଡ଼ ଭଳି ଏକ ବଡ଼ ସହରରେ ରହିଥିବା ଏହି ବସ୍‌ଷ୍ଟାଣ୍ଡର ବିକାଶ କରାଯିବା ଆବଶ୍ୟକତା ରହିଛି। ଅନ୍ୟ ଜଣେ ସ୍ଥାନୀୟ ନାଗରିକ ପ୍ରେମାନନ୍ଦ ଭୋଇ କହିଛନ୍ତି, ସରକାରୀ ବସ୍‌ଷ୍ଟାଣ୍ଡରେ ପାନୀୟଜଳ, ଶୌଚାଳୟ, ଭୋଜନାଳୟ, ଫାଷ୍ଟ ଏଡ୍ ଆଦି ବ୍ୟବସ୍ଥା ଯାତ୍ରୀମାନଙ୍କ ସର୍ବନିମ୍ନ ଆବଶ୍ୟକତା। କିନ୍ତୁ ଏହି ବସଷ୍ଟାଣ୍ଡରେ ତାର ଅଭାବ ରହୁଛି। ଜଣେ ଯାତ୍ରୀ ମୁକୁନ୍ଦ ଦାଶ କହିଛନ୍ତି, ବର୍ଷାଦିନେ ବସ୍‌ଷ୍ଟାଣ୍ଡରେ ବର୍ଷାଜଳ ଜମି ରହୁଥିବାବେଳେ ଅନେକ ସମୟରେ ଶୌଚାଳୟ ବନ୍ଦ ରହୁଛି। ଫଳରେ ଯାତ୍ରୀମାନଙ୍କୁ ବହୁ ହଟହଟା ହେବାକୁ ପଡୁଛି। ବରଗଡ଼ ସରକାରୀ ବସଷ୍ଟାଣ୍ଡର ୟୁନିଟ୍ ଇନ୍‌ଚାର୍ଜ ଯୁଧିଷ୍ଠିର ପାଢ଼ୀ କହିଛନ୍ତି, ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ଉକ୍ତ ବସ୍‌ଷ୍ଟାଣ୍ଡକୁ ସାମିଲ କରାଯାଇ ଉନ୍ନତୀକରଣ କରାଯିବା ପ୍ରସ୍ତାବ ରହିଛି। ସେହିପରି ଏହି ବସ୍‌ଷ୍ଟାଣ୍ଡ ଦେଇ ଆହୁରି ଅଧିକ ନୂଆ ବସ୍ ଚଳାଚଳ କରାଯିବା ଯୋଜନା ରହିଛି।



ବରଗଡ଼ ସରକାରୀ ବସଷ୍ଟାଣ୍ଡ

## ଲେଖିକା କ୍ଷିରୋଦ୍ରା ପରିଜାଙ୍କ ପରଲୋକ

ଭୁବନେଶ୍ୱର, ୧୦।୧୦
(ବନ୍ଦନା ସେଠୀ)

ଶିକ୍ଷାବିତ୍, ଲେଖିକା ତଥା ପ୍ରାଧ୍ୟାପିକା କ୍ଷିରୋଦ୍ରା ପରିଜାଙ୍କ ଭୁବନେଶ୍ୱର ଆଇଆର୍‌ସି ଭିଲେଜସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଶାରଦା ପ୍ରସାଦ ପରିଜା, କନ୍ୟା ଅତସୀ ପରିଜା, ଜ୍ୱାଇଁ ଭାରତୀୟ ସେନାବହାନୀର ଅବସରପ୍ରାପ୍ତ କମାଣ୍ଡର ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିଲା। ପୁତୁରା ଗୌତମ ପରିଜା ମୁଖାଗ୍ନି ଦେଇଥିଲେ। ପରିଜା ପରିବାରର ସଦସ୍ୟ ତଥା ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ ପରିଜା, ଅର୍ମସୀ ପରିଜା, ଏଲି ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଜଗତ୍‌ସିଂହପୁର ଜିଲା ପୁରଣ ଗ୍ରାମର ବୈଦ୍ୟନାଥ କାନୁନ୍‌ଗୋଙ୍କ କନ୍ୟା କ୍ଷିରୋଦ୍ରା ୧୯୩୬ ଜୁନ୍ ପହିଲାରେ ଜନ୍ମଗ୍ରହଣ କରିଥିଲେ। ସେ ଶୈଳବାଳା, ରମାଦେବୀ, ବିଜେବି ଓ ରେଭେନ୍‌ଶା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗରେ ପ୍ରଧାପିକା ଭାବେ କାର୍ଯ୍ୟ କରିଥିଲେ। ସେ ପିଲାଟି ଦିନରୁ ମିନାବଜାର, ଝଙ୍କାର, ଶିଶୁଲେଖା, ଆସନ୍ତାକାଲି ଆଦି ପତ୍ରିକାରେ ନିୟମିତ ଲେଖୁଥିଲେ। ତାଙ୍କ ଉପନ୍ୟାସ 'ପାଇଚ୍ଛା', ଗଳ୍ପ ସଙ୍କଳନ 'ଧୂଷର ଦିଗନ୍ତ', 'ସବୁଜ ରାଇଜ', 'ଫଟାକାନ୍ଥ', 'ମହାଯାତ୍ରା', ବାଲିଘର ଆଦି ବେଶ ଲୋକପ୍ରିୟ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭିଜିଲାନ୍ସ ଜାଲରେ ଏସ୍‌ସିବି ଡାଟା ଏଣ୍ଟ୍ରି ଅପରେଟର


ସ୍ମୃତି ରଞ୍ଜନ ସାହୁ

କଟକ,୧୦।୧୦ (କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗର ଡାଟା ଏଣ୍ଟ୍ରି ଅପରେଟର ସ୍ମୃତି ରଞ୍ଜନ ସାହୁ ଭିଜିଲାନ୍ସ ହାତରେ ଗୁରୁବାର ଧରାପଡ଼ିଛନ୍ତି। ଜଣେ ଗରିବ ରୋଗୀଙ୍କୁ ମାଗଣା ଔଷଧ ଯୋଗାଇ ଦେବା ପାଇଁ ତାଙ୍କ ପୁଅଠାରୁ ସେ ୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସୂଚନାନୁସାରେ, ଜଣେ ଗରିବ ରୋଗୀ ହେପାଟାଇଟିସ୍-ସି ରୋଗରେ ପୀଡିତ ହୋଇ ଏସ୍‌ସିବି ମେଡିକାଲର ହେପାଟୋଲୋଜି ବିଭାଗରେ ଚିକିତ୍ସିତ ହେଉଛନ୍ତି। ସରକାର ରୋଗୀଙ୍କ ପାଇଁ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ହେଲେ ଅଭିଯୁକ୍ତ ଡାଟା ଏଣ୍ଟ୍ରି ଅପରେଟର ଜଣକ ରୋଗୀଙ୍କ ପୁଅକୁ ମାଗଣା ଔଷଧ ଦେବା ପାଇଁ ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଅର୍ଥ ନ ମିଳିଲେ ଔଷଧ ଦେବେ ନାହିଁ ବୋଲି ସେ ମନା କରିଦେଇଥିଲେ। ଅନ୍ୟ ଉପାୟ ନ ପାଇ ରୋଗୀଙ୍କ ପୁଅ ଏ ସମ୍ପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୂର୍ବ ଯୋଜନା ମୁତାବକ ଗୁରୁବାର ଅଭିଯୁକ୍ତ ଜଣଙ୍କ ରୋଗୀଙ୍କ ପୁଅଠାରୁ ଲାଞ୍ଚ ନେବାବେଳେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏଥିସହ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଭିଯୁକ୍ତଙ୍କ ୨ଟି ଜାଗାରେ ଥିବା ଘରେ ଏକକାଳୀନ ଚଢ଼ାଉ କରାଯାଇଛି। ଏନେଇ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩୦/୨୪) ରୁଜୁ ହୋଇଛି।

# ଜଙ୍ଗଲରେ ପ୍ରସ୍ତୁତ ହେଉଥିଲା ଦେଶୀମଦ


ଜବତ ହୋଇଥିବା ମଦ, ପୋଚ ଓ ଅନ୍ୟ ସାମଗ୍ରୀ।

## ବିପୁଳ ପରିମାଣର ମଦ, ପୋଚ ଜବତ: ୨ ଗିରଫ

ଖୁଣ୍ଟୁଣୀ, ୧୦।୧୦(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଗ୍ରାମ ନିକଟ ଜଙ୍ଗଲରେ ଗୁରୁବାର ପୋଲିସ ଚଢ଼ାଉ କରି ପ୍ରାୟ ୫ ହଜାର ଲିଟର ମଦ ପ୍ରସ୍ତୁତ ପାଇଁ ଥିବା ପୋଚ, ୧୪୦୦ ଲିଟର ମଦ ଓ ୧୦୦ ବସ୍ତା ଗୁଡ଼ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଖଣ୍ଡୁଆଳି ଗ୍ରାମର ପ୍ରହଲ୍ଲାଦ ସାହୁ ଓ ପ୍ରଭାକର ସାହୁଙ୍କୁ ପୋଲିସ ଗିରଫ କରିଛି। ଖଣ୍ଡୁଆଳି ନିକଟ ଜଙ୍ଗଲରେ ଦେଶୀମଦ ପ୍ରସ୍ତୁତ କରାଯାଉଥିଲା। ପରେ ତାହାକୁ କଟକ, ଢେଙ୍କାନାଳ, ଅନୁଗୋଳ, ବାଙ୍କୀ, ବାରଙ୍ଗ ଓ ଚୌଦ୍ୱାର ଅଞ୍ଚଳକୁ ଚାଲାଣ ପାଇଁ ରଖାଯାଇଥିଲା। ଏ ସମ୍ପର୍କରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ ଖବର ପାଇବା ପରେ ତୁରନ୍ତ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ରବୀନ୍ଦ୍ରନାଥ ବେହେରା, ଏସ୍‌ଆଇ ବିକାଶ କୁମାର ସେଠୀଙ୍କ ସମେତ ୧ ପ୍ଲାଟୁନ୍ ଫୋର୍ସ ଚଢ଼ାଉ କରିଥିଲେ। ଜବତ ମଦ ଓ ପୋଚର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଆଇ ସେଠୀ କହିଛନ୍ତି। ପୋଚଗୁଡ଼ିକୁ ନଷ୍ଟ କରାଯାଇଥିବାବେଳେ ମଦ, ଗୁଡ ଓ ମଦ ରନ୍ଧା ସରଞ୍ଜାମକୁ ପୋଲିସ ଜବତ କରି ଥାନାକୁ ଆଣିଛି।

## ରାଜୀବ ଆବାସ ଯୋଜନାରେ ଦୁର୍ନୀତି | ୨୫୦ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ

### ପୂଜା ଛୁଟି ପରେ ପଦକ୍ଷେପ ନେବ ବିଏମ୍‌ସି: ମେୟର

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ରାଜଧାନୀରେ ରାଜୀବ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିର ଗୋଟିକ ପରେ ଗୋଟିଏ ପ୍ରମାଣ ପଦାକୁ ଆସିବାରେ ଲାଗିଛି। ଅନେକ ଅସାଧୁ ଲୋକ ଜାଲିଆତି କରି ଘର ହାତେଇଛନ୍ତି। ନିଜକୁ ଭୂମିହୀନ ଓ ଗରିବ ଦର୍ଶାଇ, ଭୁଲ ତଥ୍ୟ ଦେଇ ସରକାରଙ୍କଠାରୁ ମାଗଣାରେ ଘର ପାଇ ତାକୁ ଭଡ଼ାରେ ଲଗାଉଛନ୍ତି। ପୂର୍ବରୁ ଶାନ୍ତିପଲ୍ଲୀ ଅଞ୍ଚଳରେ ଦୁଇଭାଇ ଏଭଳି ଫନ୍ଦି କରି ଘର ହାତେଇ ଥିବା ଜଣାପଡିବା ପରେ ବିଏମ୍‌ସି ପକ୍ଷରୁ ସେମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ସେହିପରି ମୈତ୍ରୀବିହାର ଥାନାଞ୍ଚଳରେ ଭଡ଼ାରେ ଲାଗିଥିବା ରାଜୀବ ଆବାସ ଯୋଜନା ଘରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ତେବେ ଘର ଆବଣ୍ଟନରେ ହୋଇଥିବା କେଲେଙ୍କାରୀକୁ ନେଇ ଦିନକୁ ଦିନ ଅଭିଯୋଗର ଫର୍ଦ୍ଦ ଲମ୍ବୁଥିବାବେଳେ ବିଏମ୍‌ସି ପକ୍ଷରୁ ବୁଧବାର ଅତର୍କିତ ଭାବେ ୮ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଥିରେ ପ୍ରାୟ ୨୫୦ଜଣ ଅସାଧୁ ବ୍ୟକ୍ତି ବା ଘର ପାଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ କେତେଜଣଙ୍କର ଅନ୍ୟ ସ୍ଥାନରେ ନିଜର ଜମି/ଜାଗା ରହିଥିବାବେଳେ ଆଉ କେତେଜଣ ଆବାସ ଯୋଜନାରେ ପାଇଥିବା ଘରକୁ ଭଡ଼ାରେ ଲଗାଇ ପୂର୍ବପରି ସରକାରୀ ଜାଗା କବ୍‌ଜା କରି ରହୁଛନ୍ତି। ତେଣୁ ଖୁବ୍‌ଶୀଘ୍ର ବିଏମ୍‌ସି ପକ୍ଷରୁ ଏମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ମେୟର ସୁଲୋଚନା ଦାସ କହିଛନ୍ତି, ଅଭିଯୋଗ ପାଇବା ପରେ ଆବାସ ଯୋଜନାରେ ଘର ମିଳିଥିବା ୮ ସ୍ଥାନରେ ବିଏମ୍‌ସିର ସ୍ୱତନ୍ତ୍ର ଟିମ୍ ଏକା ସାଙ୍ଗରେ ଚଢ଼ାଉ କରିଥିଲା। ସରକାରଙ୍କୁ ମିଥ୍ୟା ତଥ୍ୟ ଦେଇ ଘର ହାତେଇ ତାକୁ ଭଡ଼ାରେ ଲଗାଇଥିବା ୨୫୦ଜଣଙ୍କୁ ଚିହ୍ନଟ କରାଯାଇଛି। ପୂଜା ଛୁଟି ପରେ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରାଯିବ। ଏଥିସହ ଏନେଇ ସର୍ଭେ କରାଯିବ। ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ଘର ଆବଣ୍ଟନ ରଦ୍ଦ କରାଯାଇ ଚାବି ଫେରସ୍ତ ନିଆଯିବ। ସେହିପରି ପୂର୍ବରୁ ଶାନ୍ତିପଲ୍ଲୀ ଅଞ୍ଚଳର ଦୁଇ ଭାଇଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହୋଇଛି। ତେଣୁ ପୂଜା ଛୁଟି ପରେ ସେମାନଙ୍କଠାରୁ ମଧ୍ୟ ଚାବି ଫେରସ୍ତ ନିଆଯିବ ବୋଲି ମେୟର କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ବିଏମ୍‌ସିର ଟିମ୍ ରଙ୍ଗମାଟିଆ, ମଣ୍ଡପ ବସ୍ତି, ନୀଳମାଧବ ବସ୍ତି, ବୁଦ୍ଧବିହାର, ପଥରବନ୍ଧ, ମହିଁଷିଆଖାଲ, ଶାନ୍ତିନଗର ଏବଂ ସୁବୁଦ୍ଧିପୁର ଅଞ୍ଚଳରେ ଥିବା ରାଜୀବ ଆବାସ କମ୍ପ୍ଲେକ୍ସ ବା ଆପାର୍ଟମେଣ୍ଟରେ ଏକା ସାଙ୍ଗରେ ଚଢ଼ାଉ କରିଥିଲା। ଟିମ୍‌ରେ ସାମିଲ ଅଧିକାରୀ ଓ କର୍ମଚାରୀମାନେ ପ୍ରତି ଘରକୁ ଯାଇ ମାଲିକଙ୍କ ପରିଚୟପତ୍ର ମାଗିଥିଲେ। ସେହି ଅନୁଯାୟୀ ହିତାଧିକାରୀଙ୍କ ନାମ ସହ ବିଏମ୍‌ସି ତାଲିକାକୁ ମିଳାଇଥିଲେ। କେତେଜଣ ହିତାଧିକାରୀ ଏଠାରେ ଘର ପାଇ ରହୁଥିଲାବେଳେ ଆଉ କେତେଜଣ ଘରକୁ ଭଡା ଲଗାଇ ବାହାରେ ପୁଣି ସରକାରୀ ଜାଗା ମାଡିବସି ରହିଥିବା ଜଣାପଡିଥିଲା। ପୁଣି ଆଉ କେତେଜଣ ହିତାଧିକାରୀ ଏଠାରେ ପାଇଥିବା ଘରକୁ ବିକ୍ରିକରି କରି ଗାଁକୁ ଚାଲିଯାଇଥିବା ଜଣାପଡିଥିଲା। ତେବେ ଘର ହାତେଇବା ନେଇ ଲୋକମାନେ ବିଭିନ୍ନ ଫନ୍ଦି କରିଥିବାବେଳେ ଖୁବ୍‌ଶୀଘ୍ର ଏନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ଓମାର ଏନ୍‌ସି ବିଧାୟକ ଦଳ ନେତା ନିର୍ବାଚିତ

### ୪ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ପରେ ଏନ୍‌ସି ସଂଖ୍ୟାଗରିଷ୍ଠ

ଶ୍ରୀନଗର,୧୦।୧୦

ଜମ୍ମୁ-କଶ୍ମୀରର ୯୦ ଆସନ ବିଶିଷ୍ଟ ବିଧାନସଭାରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)-କଂଗ୍ରେସ ମେଣ୍ଟ ୪୮ ଆସନ ଜିତି ସରକାର ଗଢ଼ିବାକୁ ଯାଉଛି। ଗୁରୁବାର ଏନ୍‌ସି ବିଧାୟକ ଦଳ ବୈଠକ ବସି ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ସର୍ବସମ୍ମତିକ୍ରମେ ଦଳର ନେତା ନିର୍ବାଚନ କରାଯାଇଛି। ୪ ଜଣ ସ୍ୱାଧୀନ ବିଧାୟକ ସମର୍ଥନ ଜଣାଇବା ପରେ ବିଧାନସଭାରେ ଏନ୍‌ସି ଏକାକୀ ସଂଖ୍ୟାଗରିଷ୍ଠତା ପ୍ରାପ୍ତ ହୋଇଛି। ଶୁକ୍ରବାର ସହଯୋଗୀ ଦଳ କଂଗ୍ରେସ ସହ ଆଲୋଚନା ପରେ ଓମାର ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି ଆଶା କରାଯାଉଛି। ଉପତ୍ୟକାରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ଓମାରଙ୍କ ନେତୃତ୍ୱରେ ସରକାର ଗଢ଼ାହେବାକୁ ଯାଉଛି। ତାଙ୍କୁ ନେତା ନିର୍ବାଚିତ କରିଥିବାରୁ ଓମାର ଏନ୍‌ସି ବିଧାୟକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କଂଗ୍ରେସଠାରୁ ସମର୍ଥନ ପତ୍ର ପାଇବା ପରେ ରାଜଭବନ ଯାଇ ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି ସେ କହିଛନ୍ତି। ସମର୍ଥନ ଜଣାଇଥିବା ୪ ସ୍ୱାଧୀନ ବିଧାୟକ ହେଲେ ସତୀଶ ଶର୍ମା, ରାମେଶ୍ୱର ସିଂ, ପ୍ୟାରେଲାଲ୍ ଶର୍ମା ଏବଂ ଚୌଧରୀ ଆକ୍ରମ। ସେମାନେ ଏନ୍‌ସି ବିଧାୟକ ଦଳ ବୈଠକରେ ଯୋଗଦେଇଥିଲେ। ଅନ୍ୟତମ ସ୍ୱାଧୀନ ବିଧାୟକ ମୁଜାଫର ଇକ୍‌ବାଲ ଖାନ୍ ଖୁବ୍‌ଶୀଘ୍ର ସମର୍ଥନ ଜଣାଇବେ ବୋଲି ଏନ୍‌ସି ନେତା ଅହସାନ ପର୍ଦେସି କହିଛନ୍ତି।


ଓମାର ଅବଦୁଲ୍ଲା

**ପ୍ରଥମ ପୃଷ୍ଠାରୁ...**

### ଟାଟାଙ୍କୁ ଭାରତରତ୍ନ ...

ପ୍ରତି ଅବଦାନ ପାଇଁ ସେ ବହୁତ ଖୁସି ବୋଲି ଏହି ବର୍ଷୀୟାନ ଶିଳ୍ପପତି ୨୦୨୧ ଫେବୃଆରୀରେ କହିଥିଲେ। ଏଥିସହ ପାଇଁ ଭାରତରତ୍ନ ଦାବିରୁ ଓହରିଯିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ତାଙ୍କ ପାଇଁ ସର୍ବୋଚ୍ଚ ବେସାମରିକ ସମ୍ମାନ ନିମନ୍ତେ ଅଭିଯାନ ବନ୍ଦ କରିବାକୁ ସେ ସୋସିଆଲ ମିଡିଆ ୟୁଜରମାନଙ୍କୁ କହିଥିଲେ। ଏବେ ତାଙ୍କ ଅବର୍ତ୍ତମାନରେ ପୁଣିଥରେ ଭାରତରତ୍ନ ଦାବି ଜୋର୍ ଧରିଛି। ରତନ ଟାଟାଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ମିଳୁ ବୋଲି ବିଭିନ୍ନ ମହଲରୁ ଦାବି ହୋଇଛି।

ଟାଟାଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିବା ବେଳେ ଭାରତରତ୍ନ ପାଇଁ ଦାବି ହୋଇଛି। ମହାରାଷ୍ଟ୍ର କ୍ୟାବିନେଟରେ ଗୃହୀତ ହୋଇଥିବା ପ୍ରସ୍ତାବରେ କୁହାଯାଇଛି, ସମାଜର ଅଭିବୃଦ୍ଧି ପାଇଁ ଉଦ୍ୟମଶୀଳତା ଏକ ପ୍ରଭାବଶାଳୀ ମାଧ୍ୟମ। ନୂତନ ବ୍ୟବସାୟ ସ୍ଥାପନ ଦ୍ୱାରା ଦେଶକୁ ପ୍ରଗତି ଓ ବିକାଶ ପଥରେ ନିଆଯାଇପାରିବ। ଏଥିପାଇଁ ଦେଶକୁ ଭଲପାଇବା ଓ ସମାଜର ଅଗ୍ରଗତି ପାଇଁ ସଚ୍ଚୋଟ ଭାବନାର ଆବଶ୍ୟକତା ରହିଛି। ଆମେ ଜଣେ ଦୂରଦ୍ରଷ୍ଟା ନେତାଙ୍କୁ ହରାଇଛୁ, ଯିଏ ଦେଶ ଏବଂ ସମାଜ ନିମନ୍ତେ ପ୍ରତିବଦ୍ଧ ଥିଲେ। ଶିଳ୍ପ କ୍ଷେତ୍ର ଏବଂ ସମାଜର ଉନ୍ନତି ଆଣିବାରେ ଟାଟାଙ୍କ ଭୂମିକା ଅତୁଳନୀୟ। ସେ ନିଜର ଉଚ୍ଚ ନୈତିକତା, ସ୍ୱଚ୍ଛତା ଏବଂ ଶୃଙ୍ଖଳାର ସହ ସ୍ୱଚ୍ଛ ବ୍ୟବସାୟ ପ୍ରଶାସନ ପାଇଁ ସମସ୍ତ ଚ୍ୟାଲେଞ୍ଜର ମୁକାବିଲା କରିପାରିଥିଲେ। ସେ ବିଶ୍ୱ ସ୍ତରରେ ଟାଟା ଗ୍ରୁପ୍ ଏବଂ ଦେଶ ପାଇଁ ଏକ ଉପଯୁକ୍ତ ସ୍ଥିତି ସୃଷ୍ଟି କରିଥିଲେ ବୋଲି ପ୍ରସ୍ତାବରେ କୁହାଯାଇଛି। ୨୬/୧୧ ଆତଙ୍କବାଦୀ ଆକ୍ରମଣ ପରେ ତାଙ୍କର ଦୃଢ଼ ସଂକଳ୍ପ, କୋଭିଡ୍ ମହାମାରୀ ବିରୋଧରେ ଲଢ଼େଇ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧,୫୦୦ କୋଟି ଟଙ୍କା ଦାନ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ। ମହାରାଷ୍ଟ୍ରର ଜନସାଧାରଣଙ୍କ ତରଫରୁ କ୍ୟାବିନେଟ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି ପ୍ରସ୍ତାବରେ କୁହାଯାଇଛି। ପ୍ରକାଶ ଥାଉ କି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ରାଜ୍ୟରେ ବହୁ ପୂର୍ବରୁ ଦାବି ହୋଇଆସୁଥିଲା। କିନ୍ତୁ ବିଧାନସଭା ନିର୍ବାଚନ ପୂର୍ବରୁ ଗତ ଜାନୁଆରୀରେ କେନ୍ଦ୍ର ସରକାର ତାଙ୍କୁ ଭାରତ ରତ୍ନ ସମ୍ମାନ ଉପାଧି ଦେଇଥିଲେ। ବର୍ତ୍ତମାନ ସେ ସମ୍ପର୍କରେ କାହାରି କିଛି ମନେ ନାହିଁ।

### ଏକ ଦେଶ, ଏକ ...

ସଂଶୋଧନ ଲାଗି ରାଜ୍ୟ ବିଧାନସଭାଗୁଡ଼ିକର ସହ ସମର୍ଥନ ଜରୁରୀ। ଏଥିପାଇଁ ସଂସଦରେ କେତେକ ନିର୍ଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଲ୍ ଆଣି ସେଗୁଡ଼ିକୁ ଗୃହୀତ କରାଇବାକୁ ପଡ଼ିବ। ପ୍ରକାଶ ଯେ, କେନ୍ଦ୍ରରେ କ୍ଷମତାସୀନ ଭାଜପା ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନ ବେଳେ ଏହାର ଇସ୍ତାହାରରେ 'ୱାନ୍ ନେଶନ୍, ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ସ୍ଥାନିତ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଳିତ ବର୍ଷର ସ୍ୱାଧୀନତା ଦିବସର ଅଭିଭାଷଣରେ ତାଙ୍କର ତୃତୀୟ କାର୍ଯ୍ୟକାଳ ମଧ୍ୟରେ ହିଁ ଏକକାଳୀନ ନିର୍ବାଚନ ପ୍ରତିଶ୍ରୁତି ପାଳନ କରାଯିବ ବୋଲି ସ୍ପଷ୍ଟ କରିଥିଲେ।

### ନାଡାଲଙ୍କ ଅବସର ...

ନେବା ପୂର୍ବରୁ ସେ ଲାଭର କପ୍‌ରେ ନାଡାଲଙ୍କ ସହ ଏକ ଡବଲ୍ସ ମ୍ୟାଚ ଖେଳିଥିଲେ। ଉଭୟଙ୍କୁ କିନ୍ତୁ ଜୋକୋଭିଚ୍ ଅତିକ୍ରମ କରିଯାଇଛନ୍ତି। ତାଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟା ୨୪ ରହିଛି। ନାଡାଲ କହିଛନ୍ତି ସ୍ପେନର ମାଲାଗାଠାରେ ଡେଭିସ କପ୍ ଖେଳି ତାଙ୍କ କ୍ୟାରିୟର ଶେଷ କରିବା ଲାଗି ସେ ବେଶ୍ ଉତ୍ସାହିତ ଅଛନ୍ତି।

DADLS-42

ଓଡ଼ିଶା ସରକାର



ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ
ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ

୧୧ ଅକ୍ଟୋବର, ୨୦୨୪

ସକାଳ ୮ ଘଟିକା– ଡି.ଏ.ଭି ପବ୍ଲିକ ସ୍କୁଲ ଛକ, ୟୁନିଟ୍–୮, ଭୁବନେଶ୍ୱରସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଘ.୮.୩୦ ମିନିଟ୍ – ମାଷ୍ଟରକ୍ୟାଣ୍ଟିନ୍ ଛକ, ଭୁବନେଶ୍ୱରସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା  ସାଧାରଣ ସଭା  ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମାନ୍ୟବର ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ମାନ୍ୟବର ବିଧାୟକ, କାମାକ୍ଷା ନଗର
ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର, ଉପଦେଷ୍ଟା, ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ, ଭୁବନେଶ୍ୱର

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଅଶୋକ ଦାଶ, ଅବସରପ୍ରାପ୍ତ ପ୍ରଶାସକ

ଧନ୍ୟବାଦ ଅର୍ପଣ
ଡ. କୃଷ୍ଣଚନ୍ଦ୍ର ଆଇଚ, ଅଧ୍ୟକ୍ଷ, ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0238/2425




ବଲାଙ୍ଗୀର ଜଗନ୍ନାଥପଡା ଦୁର୍ଗାପୂଜା କମିଟି ପକ୍ଷରୁ ମହାକାଲ ମନ୍ଦିର ଢାଞ୍ଚାରେ ନିର୍ମିତ ସୁଦୃଶ୍ୟ ତୋରଣ।



ବଲାଙ୍ଗୀର ଟିକ୍ରାପଡା ଗାନ୍ଧୀ ପାଠାଗାରଠାରେ ହୋଇଥିବା ଆକର୍ଷଣୀୟ ତୋରଣ।



ବଲାଙ୍ଗୀର ରୁଗୁଡିପଡାଠାରେ ନିର୍ମିତ ତୋରଣ। **(ଫଟୋ–ସୁନୀଲ, ବଲାଙ୍ଗୀର)**

# ପାର୍ବଣ ନେଇ ଟିଟିଲାଗଡ଼ ଉତ୍ସବମୁଖର

**ଟିଟିଲାଗଡ଼,୧୦।୧୦(ଶରତ ମିଶ୍ର)** ଶାରଦୀୟ ଦୁର୍ଗାପୂଜା ପାଇଁ ଟିଟିଲାଗଡ଼ ସହର ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ଆରାଧନା ଚାଲିଛି। ବଡ ବଡ ପୂଜା ପେଣ୍ଡାଲ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ସହର ଝଲସି ଉଠିଛି । ସହରର ମାଉସୀ ମା' ମନ୍ଦିର, ହାଟପଦା ପଡା, ସ୍ୱାଧୀନ ପଡା, ଦେବନ୍ଧ ପଡା, ରେଲୱେ, ବିଦ୍ୟୁତ ବିଭାଗ, ଟିଟିଡୁଙ୍ଗରି ଆଦି ସ୍ଥାନରେ ଦୁର୍ଗା ପୂଜା ତଥା ଅନ୍ନପୂର୍ଣ୍ଣା ପୂଜା କମିଟି ପକ୍ଷରୁ ଅନ୍ନପୂର୍ଣ୍ଣା ପୂଜା ଅନୁଷ୍ଠିତ ହେଉଛି। ଏହସହ ସହରର ଡ଼ିଏଭି କଲେଜ ଖେଳ ପଡିଆ ଏବଂ ବାଳକ ହାଇସ୍କୁଲ ଖେଳପଡିଆରେ ରାବଣ ପୋଡି କାର୍ଯ୍ୟକ୍ରମ ରହିଛି। ମହାନବମୀରେ ଟିଟିଲାଗଡ଼ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଘଣ୍ଟାସୁନିଙ୍କ ପ୍ରସିଦ୍ଧ ଯାତ୍ରା ରହିଛି। ଏନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି । ଗୁରୁବାର ଭାଇ ଜିଉଁତିଆ ପର୍ବ ନେଇ ସହରର ବିଭିନ୍ନ ସ୍ଥାନରେ



ଟିଟିଲାଗଡର ସ୍ୱାଧୀନପଡାରେ ତିରୁପତି ମନ୍ଦିର ସଦୃଶ ତୋରଣ ।

ମହିଳା ଓ ଝିଅମାନେ ଉପବାସ କରି ଏକାଠି ହୋଇ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ପାର୍ବଣ ସମୟରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଅନୁଷ୍ଠିତ ସମନ୍ୱୟ କମିଟି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ସହରର ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ ସହ ବିଶୋଧନ, ପାନୀୟ ଜଳର ସୁବ୍ୟବସ୍ଥା, ବିଭିନ୍ନ ପେଣ୍ଡାଲରେ ପାଣି ଟ୍ୟାଙ୍କର, ଡଷ୍ଟବିନ ବ୍ୟବସ୍ଥା, ୨୫ଟି ସ୍ଥାନରେ ନୂତନ ସିସିଟିଭି ସଂଯୋଗ, ନିରବଛିନ୍ନ ବିଦ୍ୟୁତ ଯୋଗାଣ ଆଦି ନେଇ ଉପଜିଲାପାଳ ରେହାନ ଖତ୍ରୀ ପୂଜା କମିଟି ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୮୮ତମ ବର୍ଷରେ ପଦାର୍ପଣ କରିଥିବା ମାଉସୀ ମା' ମନ୍ଦିର ଦୁର୍ଗା ପୂଜା କମିଟିର ପୂଜାରେ ରାକେଶ ଜୈନ ଏବଂ ତାଙ୍କ ସ୍ତ୍ରୀ କଳ୍ପନା ଜୈନ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି । ପଣ୍ଡିତ ଗୋପୀନାଥ ମହାପାତ୍ର, ରାଜେନ୍ଦ୍ର ଦାଶ, କାହ୍ନୁଚରଣ ମିଶ୍ର ପୂଜା କରୁଛନ୍ତି । କମିଟି ସଭାପତି ସୁଧୀର ଅଗ୍ରୱାଲ, ସମ୍ପାଦକ ଆକାଶ ଗୋଏଲ, କୋଷାଧ୍ୟକ୍ଷ ଶେଷଦେବ ସାହୁ ପ୍ରମୁଖ ସହାୟତା କରୁଛନ୍ତି। ହାଟପଦାପଡା ଠାରେ ଅନୁଷ୍ଠିତ ୬୪ତମ ପୂଜାରେ ସଭାପତି ଦୁଷ୍ମନ୍ତ ବେହେରା, ସମ୍ପାଦକ ହରପ୍ରତାପ ଦାଶ, କୋଷାଧ୍ୟକ୍ଷ ଦେବେନ୍ଦ୍ର ବେହେରା ଦାୟିତ୍ୱରେ ଅଛନ୍ତି । ସ୍ୱାଧୀନପଡା ପୂଜା କମିଟି ପକ୍ଷରୁ ସଭାପତି ରଣଜିତ ପୃଷ୍ଟି, ସମ୍ପାଦକ ରଞ୍ଜିତ ସେଠ, ସତ୍ୟନାରାୟଣ ଗୁପ୍ତା ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଏହାସହ ଟିଟିଲାଗଡ଼ ଥାନା ଅଞ୍ଚଳର ଦେଶିଲ, ବାନ୍ଧୁପଲା, ତଳପଡ଼ା, ମାଝୀପଡା, ବାଞ୍ଜିପଦର, ଲଇତରା, ଘଣ୍ଟବାହାଲି, ବାଗଡେର, ଓନାରେନ, ତେନ୍ତୁଲିଖୁଣ୍ଟି ଆଦି ଗ୍ରାମରେ ଦୁର୍ଗାପୂଜା ହେଉଛି। ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର ଏବଂ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଛି।

| ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (बैंक ऑफ महाराष्ट्र / Bank of Maharashtra, भारत सरकार का उद्यम, एक परिवार एक बैंक) | ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭୁବନେଶ୍ୱର ଶାଖା<br>ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮<br>ଇ-ମେଲ୍: bom1182@mahabank.co.in | ଦଖଲ ନୋଟିସ୍ [ରୁଲ୍-୮(୧)] |
|---|---|---|

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର,** ପିତା: ଶ୍ରୀ ସିମାଞ୍ଚଳ ମିଶ୍ର / **ସହ-ଋଣଗ୍ରହୀତା: ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ଦାଶ,** ସ୍ୱାମୀ: ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର, ଉଭୟଙ୍କ **ଠିକଣା-୧:** ସା: ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ପ୍ରୋଜେକ୍ଟ ନାମ "ଆୟୁଷ ଆରାଲିନ୍", ପ୍ଲଟ୍ ନଂ.: ୫୪୯/୨୭୫୭, ୫୪୯/୨୧୬୨, ୫୪୯/୨୨୦୨ ସହିତ ଅନୁରୂପ ଖାତା ନଂ.: ୪୭୪/୯୭୯, ୪୭୪/୩୬୦, ୪୭୪/୪୦୩, **ଠିକଣା-୨:** ସା: ଗାନ୍ଧୀ ନଗର, ୧ମ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧ | ବନ୍ଧକଦାତା-ଶ୍ରୀ ଉମେଶ ଚନ୍ଦ୍ର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ବ୍ଲକ୍-ଏ, ପରିମିତ ସପର ବିଲ୍ଟ ଅପ୍ ଏରିଆ: ୧୭୧୭ ବର୍ଗଫୁଟ, ପ୍ଲଟ୍ ନଂ.: ୫୪୯/୨୭୫୭, ୫୪୯/୨୧୬୨, ୫୪୯/୨୨୦୨ ସହିତ ଅନୁରୂପ ଖାତା ନଂ.: ୪୭୪/୯୭୯, ୪୭୪/୩୬୦, ୪୭୪/୪୦୩, ମୌଜା: ପଟିଆ, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୪ (ଏହା ସହିତ ସେଠାରେ ନିର୍ମିତ ବିଲ୍ଡିଂ ଓ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୧୭୧୭ ବର୍ଗଫୁଟ (କାର୍ପେଟ) ଯଥା ୧୭୧୭ ବର୍ଗଫୁଟ (ବିଲ୍ଟ ଅପ୍) ଯେଉଁଥିରେ ୩ବିଏଚ୍‌କେ ବିଶିଷ୍ଟ ଗୃହ ଅବସ୍ଥିତ ଏବଂ ଏଥିରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍‌ଚର), ଏହାର ଚରିପାର୍ଶ୍ୱରେ- ପୂର୍ବ: ଫ୍ଲାଟ୍ ନଂ. ଏ. ପାତ୍ର ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ଉତ୍ତର: ଏ.କେ. ମହାନ୍ତି, ଦକ୍ଷିଣ: ସଞ୍ଜୁକ୍ତା ସାହୁ **(ସାଙ୍କେତିକ ଦଖଲ)** | ୨୭.୦୨.୨୦୨୪ ସୁଦ୍ଧା ଟ.୩୯,୨୭,୧୨୦.୬୪ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୭.୦୨.୨୦୨୪ / ୦୯.୧୦.୨୦୨୪ |

**ତାରିଖ: ୧୦.୧୦.୨୦୨୪**
**ସ୍ଥାନ: ଭୁବନେଶ୍ୱର**

**କ୍ଷମତାପ୍ରାପ୍ତ ଅଧିକାରୀ,**
**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

# ଲାଠୋରରେ ଶାରଦୀୟ ଦୁର୍ଗାପୂଜା

**ଲାଠୋର,୧୦।୧୦(ଭୁବନେଶ୍ୱର ବାରିକ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗାମନ୍ଦିରଠାରେ ଦୁର୍ଗାପୂଜା କମିଟି ସଭାପତି ଉମେଶ ଚନ୍ଦ୍ର ଭଇଁସାଲଙ୍କ ତତ୍ତ୍ୱାବଧାନରେ ୭୧ତମ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି । ବୁଧବାର ବିଲ୍ୱବରଣ ପରେ ଗୁରୁବାର ପୂଜା ଆରମ୍ଭ ହୋଇଛି। କର୍ତ୍ତା ଭାବେ ସୁଧାଂଶୁ ଖମାରୀ ଓ ପୂଜକ ଭାବେ ପଣ୍ଡିତ ଚିତ୍ତରଞ୍ଜନ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି । ତାଙ୍କୁ ଆଉ ୫ ଜଣ ପଣ୍ଡିତ ସହଯୋଗ କରୁଛନ୍ତି । ଶୁକ୍ରବାର ଅଷ୍ଟମୀ, ଶନିବାର ନବମୀ । ଏବଂ ରବିବାର ଦଶମୀ ପୂଜାର ଆୟୋଜନ କରାଯାଇଛି । ମନୋରଞ୍ଜନ ପାଇଁ ପ୍ରତିଦିନ ଭଜନ ସମାରୋହ, ଦଣ୍ଡ ନୃତ୍ୟ, ମେଲୋଡି ଇତ୍ୟାଦି ଆୟୋଜନ କରାଯିବ। କମିଟି ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା ହୋଇଛି। ଦଶମୀ ଦିନ କଲେଜ ଛକ ନିକଟରେ ଲାଖବିନ୍ଧା ସହ ରାବଣ ପୋଡ଼ି କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଉପସଭାପତି ବାଲେଶ୍ୱର ମେହେର, ସମ୍ପାଦକ ସୁଶୀଲ ଅଗ୍ରୱାଲ, ସହସମ୍ପାଦକ ଦୀପକ ମେହେର, ସଭ୍ୟ ପ୍ରବୀଣ ଅଗ୍ରୱାଲ, ଶ୍ରାବଣ ଅଗ୍ରୱାଲ, ଲାଏବାନ ସୁନା, ଦୟାସାଗର ମେହେର, ମନୁ ସିଂଙ୍କ ସହ ଅନ୍ୟାନ୍ୟ ସଭ୍ୟ ପୂଜାରେ ଉପସ୍ଥିତ ରହି ସହଯୋଗ କରୁଛନ୍ତି ।

# ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା'

**ଲୋଇସିଂହା,୧୦।୧୦(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲାର ଲୋଇସିଂହା, ବୁର୍ଦ୍ଦା, ଯୋଗୀସର୍ଦ୍ଦା, ବାଦିବାହାଲ ଆଦି ଗ୍ରାମର ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା ଆରମ୍ଭ ହୋଇଛି। ବିଭିନ୍ନ ମଣ୍ଡପରେ ମହାସପ୍ତମୀ ଅବସରରେ ସପ୍ତମୀ ବିହିତ ପୂଜା. ଚଣ୍ଡିପାଠ, ହୋମ, ଆଳତି ଆଦି କରାଯାଇଛି । ପଣ୍ଡିତଙ୍କ ମନ୍ତ୍ରପାଠ ଓ ପଞ୍ଚବାଦ୍ୟରେ ମଣ୍ଡପ କମ୍ପି ଉଠୁଥିବା ବେଳେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଅପରପକ୍ଷରେ ଭାଇଜିଉଁତିଆ ଓଷା ଥିବାରୁ ଗାଁ ପରିବେଶ ଉତ୍ସବମୁଖର ହୋଇପଡିଛି। ଏ ସମସ୍ତ ସ୍ଥାନରେ ଆକର୍ଷଣୀୟ ମଣ୍ଡପ ସାଜସଜ୍ଜା ଓ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଭକ୍ତଙ୍କୁ ଆକର୍ଷିତ କରୁଛି। ୫୪ତମ ଲୋଇସିଂହା ସାର୍ବଜନୀନ ଦୁର୍ଗାପୂଜାରେ ଶ୍ରୀୟାକାନ୍ତ ଦାଶ ପୂଜାର୍ଚ୍ଚନା କରୁଥିବା ବେଳେ ଯଶୋବନ୍ତ ପାଢୀଙ୍କ ସମେତ ୨ ଯୋଡା ଦମ୍ପତ୍ତି କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ବୁର୍ଦ୍ଦାର ୨୭ତମ ପୂଜାରେ ମୁଖ୍ୟ ପୂଜକ ଗୋପାଳ ହୋତା ଓ ୨ଜଣ ସହଯୋଗୀ ପୂଜାର୍ଚ୍ଚନା କରୁଥିବା ବେଳେ ଏଠାରେ ହେମସାଗର ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ୧୨ ଓ ୧୩ ତାରିଖ ଦୁଇଦିନ ରାବଣ ଦରବାର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପୂଜାର ମୁଖ୍ୟ ଆକର୍ଷଣ ହେଲା ବିଜୟା ଦଶମୀ ରାତିରେ ରାବଣ ପୋଡି ଉତ୍ସବ ଓ ଆତସବାଜି ଖେଳ। ସେହିପରି ଯୋଗୀସର୍ଦ୍ଦା ଶୈବପୀଠ ପ୍ରାଙ୍ଗଣରେ ଆୟୋଜିତ ୧୨ତମ ପୂଜା ମହାସମାରୋହରେ ପାଳିତ ହେଉଛି । ଆଚାର୍ଯ୍ୟ ଗୌରୀଶଙ୍କର ମିଶ୍ର ପୂଜାର୍ଚ୍ଚନା କରୁଥିବା ବେଳେ ହରେକୃଷ୍ଣ ତ୍ରିପାଠୀ ଚଣ୍ଡି ପାଠ କରୁଛନ୍ତି। ଏଠାରେ ସଚ୍ଚିଦାନନ୍ଦ ଷଡଙ୍ଗୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ବାଦିବାହଲ ବେହେରାପଡାରେ ସପ୍ତମ ବର୍ଷ ସାର୍ବଜନୀନ ଦୁର୍ଗା ପୂଜନୋତ୍ସବ ଅନୁଷ୍ଠିତ ହେଉଛି। ଏଠାରେ ହୃଦୟାନନ୍ଦ ବେହେରା ଓ ଲିଲିମା ବେହେରା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଲୋଇସିଂହାର ଶଙ୍କର ବେହେରା ଓ ସ୍ୱାତୀ ଲୋକନୃତ୍ୟ ଏବଂ ପୁରୀର ଶିଳ୍ପୀ ଏଣ୍ଟରଟେନମେଣ୍ଟ ଗ୍ରୁପ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ।

■ **ଶାରଦୀୟ ଦୁର୍ଗାପୂଜା ପାଇଁ ଲୋଇସିଂହା ଚଳଚଞ୍ଚଳ**
■ **ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ**

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-MBJ-0010-2024-33818/R&DM** **Dated: 01 Oct. 2024**

No. XXI-52: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଗୁରେଇ, ଥାନା: ବୈଶିଙ୍ଗା ନଂ. ୨୧୭, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୬୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜିମର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଗୁରେଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୯.୫୪ | ଏ.୫.୬୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ.୦.୦୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

## ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୧୦୬/୨୦୨୩
ଏ.୫.୬୯ଡି

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିମନ୍ତେ**
**ମୌଜା: ଗୁରେଇ, ଥାନା: ବୈଶିଙ୍ଗା, ନଂ. ୨୧୭, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 67/574 | 0.07 | 0.01 | ଶାରଦ ଦୁଇ | ଉଷା ପଣ୍ଡା, ଶ୍ରୀନିବାସ ପଣ୍ଡା, ପି.: ପୁରୁଷୋତ୍ତମ ପଣ୍ଡା, ଶ୍ରୀବତ୍ସ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପି.: ଚକ୍ରଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| 9 | 208 | 0.20 | 0.02 | ଶାରଦ ଦୁଇ | କସ୍ତୁରି ଭୋଇ, ପି.: ଭିକାରୀ ଭୋଇ, ଜା: ଖଣ୍ଡାୟତ, ବା: ନିଜଗାଁ |
| 10 | 110 | 0.45 | 0.13 | ଶାରଦ ଦୁଇ | କାର୍ତ୍ତୁ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 11 | 402 | 0.27 | 0.08 | ଶାରଦ ଦୁଇ | କାଳି ଚରଣ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ଭୁରୁଡୁବଣି |
| 12 | 112 | 1.43 | 0.25 | ଶାରଦ ଦୁଇ | କାଳି ଚରଣ ମାଝୀ, ଦୁବରାଜ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ଭୁରୁଡୁବଣି |
| 17 | 164 | 0.30 | 0.07 | ଶାରଦ ଦୁଇ | କୈଳାସ ଚନ୍ଦ୍ର ମହାନ୍ତି, ରାଧା ଗୋବିନ୍ଦ ମହାନ୍ତି, ପି.: ଶ୍ୟାମ ସୁନ୍ଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 32 | 146/544 | 0.26 | 0.01 | ଶାରଦ ଦୁଇ | ଜଗବନ୍ଧୁ ମହାନ୍ତି, ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି.: ଦାମୋଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| | 146/545 | 0.12 | 0.06 | ଶାରଦ ଦୁଇ | |
| | 147 | 0.17 | 0.06 | ଶାରଦ ଦୁଇ | |
| | 391 | 0.34 | 0.06 | ଶାରଦ ଦୁଇ | |
| | 103 | 0.25 | 0.01 | ଶାରଦ ଦୁଇ | |
| 34 | 151 | 0.45 | 0.15 | ଶାରଦ ଦୁଇ | ଜଗଦିଶ ଚନ୍ଦ୍ର ମହାନ୍ତି, ପି.: ଭଗବାନ ଚନ୍ଦ୍ର ମହାନ୍ତି, ଜା: କରଣ, ବା: ବାଉଁଶକୋଠି, ଜି: ମେଦିନପୁର |
| | 162 | 0.42 | 0.01 | ଶାରଦ ଦୁଇ | |
| 37 | 390 | 0.26 | 0.06 | ଶାରଦ ଦୁଇ | ଡମନ ବେହେରା, ପି.: ବୈଷ୍ଣବ ବେହେରା, ଜା: ମାହେଶ, ବା: କୁଳଶୁଳ, ଜି.: ମେଦିନପୁର |
| 39 | 104 | 0.26 | 0.12 | ଶାରଦ ଦୁଇ | ତୁଳସୀ ମାଝୀ, ପି.: ସମ୍ଭୁ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 41 | 3 | 0.37 | 0.28 | ଶାରଦ ଦୁଇ | ଦାଶରଥି ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ମୁରଲୀ ସିଂ, ପି.: କଟି ସିଂ, ଜା: ଭୂମିଜ, ବା: ତୋଟାପଡ଼ା |
| 48 | 395 | 0.09 | 0.08 | ଶାରଦ ଦୁଇ | ନବଘନ ମହାନ୍ତି, ନିରଞ୍ଜନ ମହାନ୍ତି, ପି.: ରଘୁନାଥ ମହାନ୍ତି, ଜା: କରଣ, ବା: ନିଜଗାଁ |
| | 393 | 0.29 | 0.08 | ଶାରଦ ଦୁଇ | |
| 57 | 187 | 0.53 | 0.17 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 58 | 107 | 0.81 | 0.10 | ଶାରଦ ଦୁଇ | ଭାଗବତ ନାଏକ, ପି.: ପୁରୁଷୋତ୍ତମ ନାଏକ, ଜା: ତନ୍ତୀ, ବା:ନିଜଗାଁ |
| 65 | 105 | 0.24 | 0.14 | ଶାରଦ ଦୁଇ | ବଂଶୀଧର ପଧାନ, ଲକ୍ଷ୍ମୀଧର ପଧାନ, କୈଳାଶ ପଧାନ, ରାମେଶ୍ୱର ପଧାନ, ପି.: ବୀର ପଧାନ, ଜା: ଗୋପାଳ, ବା: ନିଜଗାଁ |
| 93 | 165 | 0.31 | 0.06 | ଶାରଦ ଦୁଇ | ମହେଶ୍ୱର ଜେନା, ସୋମନାଥ ଜେନା, ପି.: ମୋହନ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | 192 | 0.15 | 0.08 | ଶାରଦ ଏକ | |
| 94 | 135 | 0.58 | 0.09 | ଶାରଦ ଦୁଇ | ଦୀନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ଯଶୋଦା ଜେନା, ଶ୍ରୀମତୀ ପ୍ରଧାନ, ସୁକାନ୍ତୀ ମଲ୍ଲିକ, ଜୟନ୍ତୀ ଗିରି, ରେବତୀ ସାମଲ, ପି.: ସମ୍ଭୁନାଥ ଜେନା, ସରୋଜିନୀ ଜେନା, ସ୍ୱା.: କୈଳାସ ଜେନା, କାର୍ତ୍ତିକ ଜେନା, ସୁଦାମ ଜେନା, ପଦ୍ମଲୋଚନ ଜେନା, ମନୋଜ ଜେନା, ମାନସ ଜେନା, ଗୀତାଞ୍ଜଳି ଜେନା, ପି.: କୈଳାସ ଜେନା, ଜା: ଖଣ୍ଡାୟତ, ବା:ନିଜଗାଁ |
| | 190 | 0.68 | 0.09 | ଶାରଦ ଏକ | |
| | 108 | 0.45 | 0.26 | ଶାରଦ ଦୁଇ | |
| 97 | 416 | 0.50 | 0.13 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି.: ଦାମଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 98 | 109 | 0.39 | 0.15 | ଶାରଦ ଦୁଇ | ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି.: ଦାମୋଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 105 | 193 | 0.36 | 0.02 | ଶାରଦ ଏକ | ଦୀନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ପି.: ସମ୍ଭୁନାଥ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 117 | 403 | 0.22 | 0.03 | ଶାରଦ ଦୁଇ | ଶାରଦା ମଣୀ ଲେଙ୍କା, ସ୍ୱା.: ମହେଶ୍ୱର ଲେଙ୍କା, ଜା: ଖଣ୍ଡାୟତ, ଦ୍ରୌପଦୀ ନାୟକ, ସ୍ୱା.: କିଶୋରୀ ନାୟକ, ଜା: ଭୂୟାଁ, ବା: ପାଇକସାହି |
| 124/12 | 392 | 0.12 | 0.02 | ଶାରଦ ଦୁଇ | କନ୍ଦା ମାଝୀ, ମାନସା ମାଝୀ, ପି.: ସରେନ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 124/39 | 106 | 0.65 | 0.14 | ଶାରଦ ଦୁଇ | ଲୁସ୍କୁ ମାଝୀ, ଶ୍ୟାମ ମାଝୀ, ମୋହନ ମାଝୀ, ପି.: ମାହାତାନ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 124/53 | 64/624 | 0.25 | 0.06 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ସ୍ୱା.: ଗୋପାଳ ମହାନ୍ତ, ଜା: କୁଡୁମି, ବା: ହାଟସାହି |
| 124/56 | 397 | 0.35 | 0.14 | ଶାରଦ ଦୁଇ | ପ୍ରକାଶ କୁମାର ମହାନ୍ତି, ପି.: ବିପିନ ଚନ୍ଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ହରିପୁର |
| 124/63 | 113/630 | 0.90 | 0.12 | ଶାରଦ ଦୁଇ | ସନ୍ତୋଷ ମହାନ୍ତ, ପି.: ହାଡ଼ିରାମ ମହାନ୍ତ, ଜା: କୁଡୁମି, ବା: ଟୁକପଳାସିଆ |
| 124/64 | 64 | 0.13 | 0.10 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ପି.: ଗୋପାଳ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ହାଟସାହି |
| | 65 | 0.40 | 0.16 | ଶାରଦ ଦୁଇ | |
| 124/71 | 163 | 0.32 | 0.07 | ଶାରଦ ଦୁଇ | ଲମ୍ବୋଦର ପାତ୍ର, ପି.: ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା: ଖଣ୍ଡାୟତ, ବା: ହାଟସାହି |
| 124/77 | 156 | 0.68 | 0.14 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହିଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/82 | 396 | 0.25 | 0.10 | ଶାରଦ ଦୁଇ | ଜଳଧର ନାୟକ, ପି.: ଦିବାକର ନାୟକ, ଜା: ଖଣ୍ଡାୟତ, ବା: ପାଇକସାହି |
| 124/83 | 18 | 0.92 | 0.55 | ଶାରଦ ଦୁଇ | ସୌମ୍ୟଜିତ ନାୟକ, ପି.: ସନାତନ ନାୟକ, ଜା: ତନ୍ତୀ, ବା: ନିଜଗାଁ |
| 124/85 | 3/542 | 0.47 | 0.34 | ଶାରଦ ଦୁଇ | ହାମ୍ବାଏ ହାଁସଦାଃ, ପି.: ପର୍ଶୁ ହାଁସଦାଃ, ଜା: ସାନ୍ତାଳ, ବା: ହାଟସାହି |
| 124/95 | 211 | 0.41 | 0.21 | ଶାରଦ ଦୁଇ | ବ୍ରଜମୋହନ ଭୋଇ, ପି.: ନରେନ୍ଦ୍ର ଭୋଇ, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/100 | 157 | 0.20 | 0.01 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/101 | 205 | 0.56 | 0.08 | ଶାରଦ ଦୁଇ | ଗୀତାଞ୍ଜଳି ମହାନ୍ତି, ସ୍ୱା.: ସୁଶାନ୍ତ କୁମାର ମହାନ୍ତି, ଜା: କରଣ, ବା: ନିଜଗାଁ |
| | 205/664 | 0.04 | 0.04 | ଘରବାରି | |
| 124/107 | 209 | 0.30 | 0.11 | ଶାରଦ ଦୁଇ | ଚନ୍ଦ୍ରମଣୀ ଭୋଇ, ସ୍ୱା.: ନଟବର ଭୋଇ, ରାଧାଗୋବିନ୍ଦ ଭୋଇ, ପରମାନନ୍ଦ ଭୋଇ, ସତ୍ୟାନନ୍ଦ ଭୋଇ, ପି.: ନଟବର ଭୋଇ, ହରିହର ଭୋଇ, ରମେଶ ଚନ୍ଦ୍ର ଭୋଇ, ଉମେଶ ଚନ୍ଦ୍ର ଭୋଇ, ପି.: କସ୍ତୁରୁ ଭୋଇ, ଜା: ଖଣ୍ଡାୟତ, ବା:ନିଜଗାଁ |
| 124/118 | 111 | 0.23 | 0.05 | ଶାରଦ ଦୁଇ | ପ୍ରଫୁଲ୍ଲ ମଳିକ, ପି.: ପୂର୍ଣ୍ଣଚନ୍ଦ୍ର ମଳିକ, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/126 | 368/580 | 0.18 | 0.05 | ଶାରଦ ଏକ | ରାମଚନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା, ଉମାକାନ୍ତ ଜେନା, ପି.: ଫକିର ଜେନା, ଜା: ଖଣ୍ଡାୟତ, ବା: ପାଇକସାହି |
| 124/138 | 414/666/670 | 0.04 | 0.04 | ଘରବାରି | ପଦ୍ମାବତୀ ଧାଉଁଡ଼ିଆ, ସ୍ୱା.: ମୁରଲୀ ଧାଉଁଡ଼ିଆ, ମୁରଲୀ ଧାଉଁଡିଆ, ପି.: ପୂର୍ଣ୍ଣଚନ୍ଦ୍ର ଧାଉଁଡ଼ିଆ, ଜା: ଗଉଡ଼, ବା: ଅସନଖାଲି |
| 124/140 | 414/666/672 | 0.04 | 0.04 | ଘରବାରି | ଜ୍ୟୋତ୍ସ୍ନା ବିନ୍ଧାଣୀ, ସ୍ୱା.: ରୁନା ବିନ୍ଧାଣୀ, ରୁନା ବିନ୍ଧାଣୀ, ପି.: ରବି ବିନ୍ଧାଣୀ, ଜା: କମାର, ବା: ତୋଟାପଡ଼ା |
| 132/7 | 66 | 0.88 | 0.21 | ଶାରଦ ଦୁଇ | ଶ୍ରୀଗ୍ରାମ ଦେବତୀ ବାସୁଳୀ ଠାକୁରାଣୀ ବିଜେ ହାଟସାହି, ମାର୍ଫତ କପିଳ ଚରଣ ନାୟକ, ପି.: ରବିନ୍ଦ୍ର ରାଉତ, ପି.: ବା: ହାଟସାହିବା: |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| 97 | 416 | | 0.05 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି.: ଦାମଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| ମୋଟ | ୫୨ ପ୍ଲଟକୁ | ଏ. ୧୯.୫୪ ଡେ.ମି. | ଏ.୫.୬୯ ଡେ.ମି. | | |

**Sd./- Amin, Baripada Zone** | **Sd./- Rev-Inspector, Zone-I, Baripada** | **Sd./- Zone Officer-I -cum-L.A., Collector, S.I.P., Baripada Zone** | **Sd./- Spl. Land Acquisition Officer, S.I.P., Baripada**

**OIPR-24001/14/0111/2425**

# ଆକୃଷ୍ଟ କରୁଛି ଆକର୍ଷଣୀୟ ସାଜସଜ୍ଜା

**ଅମରପାଲି,୧୦।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରୁଛି। ଭବ୍ୟ ଆୟୋଜନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁ ଶ୍ରଦ୍ଧାଳୁଙ୍କ ବେଶ ସମାଗମ ହେଉଛି। ବିଷ୍ଣୁଚରଣ ପଣ୍ଡା ସଭାପତି, ଉପସଭାପତି ମନୋଜ କୁମାର ଦାସ, ସମ୍ପାଦକ ପ୍ରାଣବନ୍ଧୁ ଦେହୁରୀ, ସହସମ୍ପାଦକ ରିଙ୍କୁ ପଣ୍ଡା, କୋଷାଧ୍ୟକ୍ଷ ନାରାୟଣ ବେହେରାଙ୍କ ସମେତ ସଭ୍ୟ ସରୋଜ ମିଶ୍ର, ଦେବରାଜ ପୁରୋହିତ,ଉମାଶଙ୍କର ପୂଜାହାରୀ, ପ୍ରଦୀପ ଚାନ୍ଦ ଦୁର୍ଗାପୂଜା ସହିତ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ବୁଧବାର ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଜଳ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ



ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

କରାଯାଇଥିଲା। ଗୁରୁବାର ପୂଜାରମ୍ଭ ଓ ଚଣ୍ଡୀପାଠ କରାଯାଇଥିଲା। ଶୁକ୍ରବାର ମହାଷ୍ଟମୀ ଏବଂ ସନ୍ଧ୍ୟାରେ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଶନିବାର ସକାଳୁ ମହାନବମୀ ପୂଜା ହେବ। ସନ୍ଧ୍ୟାରେ ସୋନପୁରର ମହିଳା ସଙ୍କୀର୍ତ୍ତନ ବୈଠକୀ ପରିବେଷଣ ହେବ। ରବିବାର ବିଜୟା ଦଶମୀ

**ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା**

ଦିନ ସୁନ୍ଦରାକାଣ୍ଡ ପାରାୟଣ ହେବ। ରବିବାର ଭସାଣି ଯାତ୍ରା ହେବ। ଏଥିରେ ଘଣ୍ଟ ବାଦ୍ୟ, ବାଡି ନାଚ, ଦୁଲଦୁଲି ଆଦି ସାଂସ୍କୃତିକ ଦଳ ଯୋଗଦେବେ। ଚଳିତବର୍ଷ ଏହାର ରୌପ୍ୟ ଜୟନ୍ତୀ ପାଳନ କରୁଥିବାରୁ ସାଜସଜ୍ଜା ସହିତ ଆକର୍ଷଣୀୟ ମେଢ଼, ସୁଉଚ୍ଚ ତୋରଣ, ରଙ୍ଗୀନ ଆଲୋକରେ ସଜ୍ଜିତ କରାଯାଇଛି। ସର୍ବୋପରି ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି ଦୁର୍ଗାପୂଜା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା। ସୁରଖୁରରେ ପୂଜା ଆୟୋଜନ ପାଇଁ ସବୁ ପ୍ରକାର ପ୍ରୟାସ କରାଯାଉଛି ବୋଲି କହିଛନ୍ତି କମିଟି ସମ୍ପାଦକ ପ୍ରାଣବନ୍ଧୁ ଦେହୁରୀ।

# ଦଶହରାରେ ୧୬୦୦୮ ପଦ୍ମଫୁଲରେ ସୁରେଶ୍ୱରୀଙ୍କ ପଦ୍ମବେଶ

**ସୋନପୁର,୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ଶାକ୍ତ ସଂସ୍କୃତିର ଅନନ୍ୟ ମାଟି ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀ ଦଶହରା ଦିନ ଅପୂର୍ବ ପଦ୍ମବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଦେବୀ ସୁରେଶ୍ୱରୀଙ୍କ ଏହି ମହାର୍ଘ ପଦ୍ମାଭିଷେକ ବେଶରେ ଷୋହଳ ହଜାର ଆଠ ପଦ୍ମଫୁଲ ଲାଗି ହେବ । ଏଥିପାଇଁ ପଟାଭିରାମ ମନ୍ଦିରରୁ ସୁରେଶ୍ୱରୀ ମନ୍ଦିରକୁ ଭକ୍ତଙ୍କ ଦ୍ୱାରା ଶନିବାର ସକାଳ ୮ଟାରେ ଏକ ଭବ୍ୟ ଶୋଭାଯାତ୍ରାରେ ପଦ୍ମଫୁଲ ସବୁ ନିଆଯିବ। ପରେ ଦେବୀ ସୁରେଶ୍ୱରୀଙ୍କୁ ସେବାୟତଙ୍କ ଦ୍ୱାରା ପଦ୍ମବେଶରେ ସଜା ଯାଇ ପଦ୍ମାଭିଷେକ କରାଯିବ। ପଦ୍ମାଭିଷେକ କମିଟି ପକ୍ଷରୁ ଗୁରୁବାର ଏକ ଖବରଦାତା




ଖବରଦାତା ସମ୍ମିଳନୀରେ କମିଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ଅପୂର୍ବ ପଦ୍ମାଭିଷେକ ରୂପ ଦର୍ଶନ କରିବେ ଶ୍ରଦ୍ଧାଳୁ**

ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଏହି ଅନନ୍ୟ ପଦ୍ମାଭିଷେକ ବେଶ ଦର୍ଶନ ସହ ଦେବୀ ସୁରେଶ୍ୱରୀଙ୍କ ଆଶିଷ ଲାଭ କରିବାକୁ ଶ୍ରଦ୍ଧାଳୁଙ୍କୁ ନିବେଦନ କରାଯାଇଛି। ପଦ୍ମାଭିଷେକ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଶ୍ୟାମାଓଁ ପ୍ରସାଦ ମିଶ୍ର, ଗଣପତି ବାଘ, ବେଣୁଧର ପ୍ରଧାନ, ମନୋଜ ବାରିକ ଓ ଦେବକୀ ନନ୍ଦନ ମିଶ୍ର ପ୍ରଥମ ଥର ପାଇଁ ଆୟୋଜିତ ସୁରେଶ୍ୱରୀଙ୍କ ଏହି ମହାର୍ଘ ବେଶ ସୁବର୍ଣ୍ଣପୁର ମାଟିକୁ ମହିମାନ୍ୱିତ କରିବା ସହ ଜଗତ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି।

# ପାର୍ବଣ ପାଇଁ ଝଲସୁଛି ବିଭିନ୍ନ ପୂଜା ମଣ୍ଡପ

**ବୌଦ୍ଧ,୧୦।୧୦(ଅଜିତ କୁମାର ବାରିକ)**

ପାର୍ବଣ ପାଇଁ ବୌଦ୍ଧ ଜିଲାର ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇପଡିଛି। ଆଲୋକମାଳାରେ ଝଲସୁଛି ବିଭିନ୍ନ ପୂଜା ମଣ୍ଡପ। ବିଭିନ୍ନ ଶକ୍ତିପୀଠରେ ଶାରଦୀୟ ଦୁର୍ଗା ପୂଜା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୌଦ୍ଧ ଜିଲା ସଦର ମହାକୁମାର ପ୍ରାଚୀନ ଦେବୀ ପୀଠରେ ମା' ଦୁର୍ଗାଙ୍କ ନବରାତ୍ର ପୂଜା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହେଉଛି। ଶାରଦୀୟ ଦୁର୍ଗାପୂଜା ପାଇଁ ଜିଲାର ବିଭିନ୍ନ ଶକ୍ତିପୀଠ ଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ଝଲସୁଛି। ଜିଲାର ଆରାଧ୍ୟ ଦେବୀ ପୁରୁଣାକଟକସ୍ଥିତ ମା' ଭୈରବୀଙ୍କ ପୀଠରେ ମୂଳାଷ୍ଟମୀ ଠାରୁ ଗୁପ୍ତ ପୂଜା ଅନୁଷ୍ଠିତ ହେଉଛି। ସେହିପରି ବୌଦ୍ଧ ସହରର ମାଳିସାହି ପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ନବରାତ୍ର ପୂଜା ନିଷ୍ଠାର ସହିତ ପାଳନ କରାଯାଉଛି। ଏହାଛଡା ବୌଦ୍ଧର



ଟାଉନ ଦୁର୍ଗା ପୂଜାମଣ୍ଡପ ।

ପ୍ରାଚୀନ ପୂଜା ମଣ୍ଡପ ଭାବରେ ପ୍ରସିଦ୍ଧ ଗାନ୍ଧୀଛକର ଟାଉନଦୁର୍ଗା, ପୋଡାପଡା ଦୁର୍ଗାମଣ୍ଡପ, ରାମଲୀଳା ପଡିଆରେ ଦୁର୍ଗା ମନ୍ଦିର, ପୁରୁଣା ବ୍ଲକ ଛକ ଦୁର୍ଗାପୂଜା ମଣ୍ଡପ ଓ କେଉଟ ସାହିର ଦୁର୍ଗା ମଣ୍ଡପରେ ସପ୍ତମୀ ଠାରୁ ମା'ଙ୍କ ପୂଜା ମହାଆଡମ୍ବରରେ ଆରମ୍ଭ ହୋଇଛି। ଦଶହରା ଦିନ ସହରର ଅନେକ ପୂଜାମଣ୍ଡପରେ ବିଭିନ୍ନ ଦେବା ଦେବୀଙ୍କ ମୂର୍ତ୍ତି ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷକରି ଖଲିଆବଗିଚାର ପ୍ରସିଦ୍ଧ ହନୁମାନ ପୂଜା ମଣ୍ଡପ, ନୂଆସାହି, ସହିଦଛକ, ଖଦାଳ ସାହି, ଦାନୀ ସାହି, ସୁଦସାହି, ବୁଢୁପାଲି ଆଦି ପୂଜାମଣ୍ଡପ ଗୁଡିକରେ ପ୍ରସ୍ତୁତି ଚାଲିଥିବା ଜଣାଯାଇଛି।

# ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

**ବୌଦ୍ଧ,୧୦।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ସଦର ମହକୁମାରେ ଅବସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଏବଂ ରେଡ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ରବିନ୍ଦ୍ର ନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଯୁବ ରେଡକ୍ରସର ଜିଲା ସଂପାଦକ ସୁଦାମ କୁମାର ସ୍ୱାଇଁ ଯୋଗଦେଇ ରେଡକ୍ରସର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସଞ୍ଜୟ କୁମାର ଝା ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ । ଯୁବ ରେଡକ୍ରସର ମାଷ୍ଟର ଟ୍ରେନର ଭାବରେ ଅଧ୍ୟାପକ ପ୍ରବୀର କୁମାର ଦାସ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସାପ କାମୁଡା ଠାରୁ ଆରମ୍ଭ କରି ଦୁର୍ଘଟଣା ପରବର୍ତ୍ତୀ ଉପଚାର ଉପରେ ସେ ତାଲିମ ପ୍ରଦାନ କରିଥିଲେ । ଉତ୍ତମ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଭୁବନେଶ୍ୱର ଶାଖା**
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮
ଇ-ମେଲ୍: bom1182@mahabank.co.in

**ଦଖଲ ନୋଟିସ୍**
[ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର,** ପିତା: ଶ୍ରୀ ସିମାଞ୍ଚଳ ମିଶ୍ର / **ସହ-ଋଣଗ୍ରହୀତା: ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ଦାଶ,** ସ୍ୱାମୀ: ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର, ଉଭୟଙ୍କ **ଠିକଣା-୧:** ସା: ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ପ୍ରୋଜେକ୍ଟ ନାମ "ଆୟୁଷ ଆରାଲିନ୍", ପ୍ଲଟ୍ ନଂ.: ୫୪୯/୨୭୫୭, ୫୪୯/୨୧୬୨, ୫୪୯/୨୨୦୨ ସହିତ ଅନୁରୂପ ଖାତା ନଂ.: ୪୭୪/୯୭୯, ୪୭୪/୩୬୦, ୪୭୪/୪୦୩, **ଠିକଣା-୨:** ସା: ଗାନ୍ଧୀ ନଗର, ୧ମ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧ | ବନ୍ଧକଦାତା-ଶ୍ରୀ ଉମେଶ ଚନ୍ଦ୍ର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ବ୍ଲକ୍-ଏ, ପରିମିତ ସପର ବିଲ୍ଟ ଅପ୍ ଏରିଆ: ୧୭୧୭ ବର୍ଗଫୁଟ, ପ୍ଲଟ୍ ନଂ.: ୫୪୯/୨୭୫୭, ୫୪୯/୨୧୬୨, ୫୪୯/୨୨୦୨ ସହିତ ଅନୁରୂପ ଖାତା ନଂ.: ୪୭୪/୯୭୯, ୪୭୪/୩୬୦, ୪୭୪/୪୦୩, ମୌଜା: ପଟିଆ, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୪ (ଏହା ସହିତ ସେଠାରେ ନିର୍ମିତ ବିଲ୍ଡିଂ ଓ ଷ୍ଟ୍ରକ୍‌ଚର୍ସ / ବାସୋପଯୋଗୀ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୧୭୧୭ ବର୍ଗଫୁଟ (କାର୍ପେଟ) ଯଥା ୧୭୧୭ ବର୍ଗଫୁଟ (ବିଲ୍ଟ ଅପ୍) ଯେଉଁଥିରେ ୩ବିଏଚ୍‌କେ ବିଶିଷ୍ଟ ଗୃହ ଅବସ୍ଥିତ ଏବଂ ଏଥିରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍‌ଚର), ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଫ୍ଲାଟ୍ ନଂ. ଏ. ପାତ୍ର ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ଉତ୍ତର: ଏ.କେ. ମହାନ୍ତି, ଦକ୍ଷିଣ: ସଞ୍ଜୁକ୍ତା ସାହୁ **(ସାଙ୍କେତିକ ଦଖଲ)** | ୨୭.୦୨.୨୦୨୪ ସୁଦ୍ଧା ଟ.୩୯,୨୭,୧୨୦.୬୪ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୭.୦୨.୨୦୨୪ / ୦୯.୧୦.୨୦୨୪ |

**ତାରିଖ: ୧୦.୧୦.୨୦୨୪**
**ସ୍ଥାନ: ଭୁବନେଶ୍ୱର**
**କ୍ଷମତାପ୍ରାପ୍ତ ଅଧିକାରୀ,**
**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

# ଦୁର୍ଗା ମନ୍ଦିରରେ ମା'ଙ୍କ ମହାଗୌରୀ ବେଶ

**ଅମରପାଲି,୧୦।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତ୍ରିବେଣୀ ଛକରେ ଥିବା ଦୁର୍ଗା ମନ୍ଦିରରେ ଗୁରୁବାର ମା' ଦୁର୍ଗାଙ୍କ ମହାଗୌରୀ ବେଶ କରାଯାଇଛି। ସକାଳୁ ମନ୍ଦିରରେ ମହାଷ୍ଟମୀ ପୂଜା ରୀତନୀତିମତେ କରାଯାଇଥିଲା। ମା' ଦୁର୍ଗାଙ୍କୁ ବେଶ କରାଯାଇ ଶ୍ରଦ୍ଧାଳୁଙ୍କୁ ସାଧାରଣ ଦର୍ଶନ କରାଯାଇଥିଲା। ସନ୍ତୋଷ ମିଶ୍ର ଏବଂ ପର୍ଶୁରାମ ମେହେର ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ମନରଞ୍ଜନ ଦାସ ପୂଜା କାର୍ଯ୍ୟ କରିଥିଲେ। ଶ୍ରୀନିବାସ ରଥ, ଆଦିତ୍ୟ ପତି, ଖଗେଶ୍ୱର ମେହେର, ସୋମନାଥ ମିଶ୍ର, ଚମ୍ପେଶର ଦାସ, ପ୍ରଦୀପ ସାହୁ, ଶିବ ଅଗ୍ରୱାଲ, ତପନ ଚାନ୍ଦ, ତ୍ରିନାଥ



ସାହୁ,ବୁଲୁ ଶତପଥୀ, ରଞ୍ଜନ ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କର୍ଡାପାଲରେ ସୀତାଚୋରି, ରଥପୁରରେ ପର୍ଶୁରାମ ଗର୍ବ ଗଞ୍ଜନ

**ଅମରପାଲି,୧୦।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ରଥପୁରରେ ଶାରଦୀୟ ଦୁର୍ଗାପୂଜା ଅବସରରେ ରାବଣ ଦରବାର ହେଉଛି। ମୁର୍ଷୁଣି ଗ୍ରାମ ପଞ୍ଚାୟତର କର୍ଡାପାଲରେ ମା' ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା ଅବସରରେ ହେଉଛି ରାବଣରାଜ କାର୍ଯ୍ୟକ୍ରମ। ଉଭୟ ସ୍ଥାନରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଛି ଲୀଳା ନାଟକ। ଉଭୟ ସ୍ଥାନର ଲୀଳା ନାଟକର ଗୁରୁବାର ଥିଲା ଦିତୀୟ ସନ୍ଧ୍ୟା। ରଥପୁରରେ ସନ୍ଧ୍ୟାରେ ରାବଣ ନଗର ପରିକ୍ରମା କରି ମଞ୍ଚରେ ପହଞ୍ଚିଲା ପରେ ଆରମ୍ଭ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ ରାବଣ ମହାରାଜାଙ୍କର ଦିଗ୍‌ବିଜୟ, ଦରବାରରେ ପାତ୍ର ମନ୍ତ୍ରୀଙ୍କ ସହିତ ଆଲୋଚନା, ସୀତା ସ୍ୱୟମ୍ବର ଏବଂ ପର୍ଶୁରାମଙ୍କ ଗର୍ବ ଗଞ୍ଜନ ଆଦି ପରିବେଷଣ ହୋଇଥିଲା। ଏହା ସହିତ ମଞ୍ଚରେ ସ୍ଥାନୀୟ କଳାକାର ଓ ଅନ୍ୟ କଳାକାରଙ୍କ ଦାରା ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ମଞ୍ଚରେ ପର୍ଯ୍ୟାୟକ୍ରମେ ଅତିଥିମାନେ ଆସି ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ପୂଜା କମିଟି ସଭାପତି ରାଜୀବ

**ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ରାବଣ ଦରବାର**

ଖେତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ମଳୟ ଅମାତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅରବିନ୍ଦ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ମଞ୍ଚ କଳାକାର ଭୁବନେଶ୍ୱର ପ୍ରଧାନଙ୍କ ରାବଣ ଭୂମିକାରେ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ସେହିପରି କର୍ଡାପାଲରେ ହେଉଥିବା ରାବଣରାଜର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏଠାରେ ରୁଗୁଡ଼ିପାଲି, ସୋନପୁରର ପ୍ରଫୁଲ୍ଲ ମେହେର ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ଅନୁଷ୍ଠିତ ରାଜ ଦରବାରକୁ ପ୍ରଶାନ୍ତ ପଣ୍ଡା ସଂଯୋଜନା କରିଥିଲେ। ପର୍ଯ୍ୟାୟକ୍ରମେ ଅତିଥିମାନେ ରାଜ ଦରବାରକୁ ଆସି ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମରେ ସୂର୍ପଣଖାର ନାଶା, କର୍ଣ୍ଣ ଛେଦନ ଓ ସୀତାଚୋରୀ ଲୀଳା ନାଟକ ପରିବେଷଣ ହୋଇଥିଲା।ଏହା ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAA-MBJ-0010-2024-33818/R&DM** **Dated: 01 Oct. 2024**

No. XXI-52: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଗୁରେଇ, ଥାନା: ବୈଶିଙ୍ଗା ନଂ. ୨୧୭, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୬୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଗୁରେଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୯.୫୪ | ଏ.୫.୬୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ.୦.୦୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା: ୧୦୬/୨୦୨୩
ଏ.୫.୬୯ଡି

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିମନ୍ତେ**

**ମୌଜା: ଗୁରେଇ, ଥାନା: ବୈଶିଙ୍ଗା, ନଂ. ୨୧୭, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 67/574 | 0.07 | 0.01 | ଶାରଦ ଦୁଇ | ଉଷା ପଣ୍ଡା, ଶ୍ରୀନିବାସ ପଣ୍ଡା, ପି.: ପୁରୁଷୋତ୍ତମ ପଣ୍ଡା, ଶ୍ରୀବତ୍ସ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପି.: ଚକ୍ରଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| 9 | 208 | 0.20 | 0.02 | ଶାରଦ ଦୁଇ | କସ୍ତୁରି ଭୋଇ, ପି.: ଭିକାରୀ ଭୋଇ, ଜା: ଖଣ୍ଡାୟତ, ବା: ନିଜଗାଁ |
| 10 | 110 | 0.45 | 0.13 | ଶାରଦ ଦୁଇ | କାରୁ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 11 | 402 | 0.27 | 0.08 | ଶାରଦ ଦୁଇ | କାଳି ଚରଣ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ଭୁରୁଡୁବଣି |
| 12 | 112 | 1.43 | 0.25 | ଶାରଦ ଦୁଇ | କାଳି ଚରଣ ମାଝୀ, ଦୁବରାଜ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ଭୁରୁଡୁବଣି |
| 17 | 164 | 0.30 | 0.07 | ଶାରଦ ଦୁଇ | କୈଳାସ ଚନ୍ଦ୍ର ମହାନ୍ତି, ରାଧା ଗୋବିନ୍ଦ ମହାନ୍ତି, ପି.: ଶ୍ୟାମ ସୁନ୍ଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 32 | 146/544 | 0.26 | 0.01 | ଶାରଦ ଦୁଇ | ଜଗବନ୍ଧୁ ମହାନ୍ତି, ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି.: ଦାମୋଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| | 146/545 | 0.12 | 0.06 | ଶାରଦ ଦୁଇ | |
| | 147 | 0.17 | 0.06 | ଶାରଦ ଦୁଇ | |
| | 391 | 0.34 | 0.06 | ଶାରଦ ଦୁଇ | |
| | 103 | 0.25 | 0.01 | ଶାରଦ ଦୁଇ | |
| 34 | 151 | 0.45 | 0.15 | ଶାରଦ ଦୁଇ | ଜଗଦିଶ ଚନ୍ଦ୍ର ମହାନ୍ତି, ପି.: ଭଗବାନ ଚନ୍ଦ୍ର ମହାନ୍ତି, ଜା: କରଣ, ବା: ବାଉଁଶକୋଠି, ଜି: ମେଦିନପୁର |
| | 162 | 0.42 | 0.01 | ଶାରଦ ଦୁଇ | |
| 37 | 390 | 0.26 | 0.06 | ଶାରଦ ଦୁଇ | ଡମନ ବେହେରା, ପି.: ବୈଷ୍ଣବ ବେହେରା, ଜା: ମାହେଶ, ବା: କୁଳଶୁଳ, ଜି.: ମେଦିନପୁର |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 39 | 104 | 0.26 | 0.12 | ଶାରଦ ଦୁଇ | ତୁଳସୀ ମାଝୀ, ପି.: ସମ୍ଭୁ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 41 | 3 | 0.37 | 0.28 | ଶାରଦ ଦୁଇ | ଦାଶରଥି ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ମୁରଲୀ ସିଂ, ପି.: କଟି ସିଂ, ଜା: ଭୂମିଜ, ବା: ତୋଟାପଡ଼ା |
| 48 | 395 | 0.09 | 0.08 | ଶାରଦ ଦୁଇ | ନବଘନ ମହାନ୍ତି, ନିରଞ୍ଜନ ମହାନ୍ତି, ପି.: ରଘୁନାଥ ମହାନ୍ତି, ଜା: କରଣ, ବା: ନିଜଗାଁ |
| | 393 | 0.29 | 0.08 | ଶାରଦ ଦୁଇ | |
| 57 | 187 | 0.53 | 0.17 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 58 | 107 | 0.81 | 0.10 | ଶାରଦ ଦୁଇ | ଭାଗବତ ନାଏକ, ପି.: ପୁରୁଷୋତ୍ତମ ନାଏକ, ଜା: ତନ୍ତୀ, ବା:ନିଜଗାଁ |
| 65 | 105 | 0.24 | 0.14 | ଶାରଦ ଦୁଇ | ବଂଶୀଧର ପଧାନ, ଲକ୍ଷ୍ମୀଧର ପଧାନ, କୈଳାଶ ପଧାନ, ରାମେଶ୍ୱର ପଧାନ, ପି.: ବୀର ପଧାନ, ଜା: ଗୋପାଳ, ବା: ନିଜଗାଁ |
| 93 | 165 | 0.31 | 0.06 | ଶାରଦ ଦୁଇ | ମହେଶ୍ୱର ଜେନା, ସୋମନାଥ ଜେନା, ପି.: ମୋହନ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | 192 | 0.15 | 0.08 | ଶାରଦ ଏକ | |
| 94 | 135 | 0.58 | 0.09 | ଶାରଦ ଦୁଇ | ଦୀନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ଯଶୋଦା ଜେନା, ଶ୍ରୀମତୀ ପ୍ରଧାନ, ସୁକାନ୍ତୀ ମଲ୍ଲିକ, ଜୟନ୍ତୀ ଗିରି, ରେବତୀ ସାମଲ, ପି.: ସମ୍ଭୁନାଥ ଜେନା, ସରୋଜିନୀ ଜେନା, ସ୍ୱା.: କୈଳାସ ଜେନା, କାର୍ତ୍ତିକ ଜେନା, ସୁଦାମ ଜେନା, ପଦ୍ମଲୋଚନ ଜେନା, ମନୋଜ ଜେନା, ମାନସ ଜେନା, ଗୀତାଞ୍ଜଳି ଜେନା, ପି.: କୈଳାସ ଜେନା, ଜା: ଖଣ୍ଡାୟତ, ବା:ନିଜଗାଁ |
| | 190 | 0.68 | 0.09 | ଶାରଦ ଏକ | |
| | 108 | 0.45 | 0.26 | ଶାରଦ ଦୁଇ | |
| 97 | 416 | 0.50 | 0.13 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି.: ଦାମଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 98 | 109 | 0.39 | 0.15 | ଶାରଦ ଦୁଇ | ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି.: ଦାମୋଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 105 | 193 | 0.36 | 0.02 | ଶାରଦ ଏକ | ଦୀନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ପି.: ସମ୍ଭୁନାଥ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 117 | 403 | 0.22 | 0.03 | ଶାରଦ ଦୁଇ | ଶାରଦା ମଣୀ ଲେଙ୍କା, ସ୍ୱା.: ମହେଶ୍ୱର ଲେଙ୍କା, ଜା: ଖଣ୍ଡାୟତ, ଦ୍ରୌପଦୀ ନାୟକ, ସ୍ୱା.: କିଶୋରୀ ନାୟକ, ଜା: ଭୂୟାଁ, ବା: ପାଇକସାହି |
| 124/12 | 392 | 0.12 | 0.02 | ଶାରଦ ଦୁଇ | କନ୍ଦା ମାଝୀ, ମାନସା ମାଝୀ, ପି.: ସରେନ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 124/39 | 106 | 0.65 | 0.14 | ଶାରଦ ଦୁଇ | ଲୁସ୍କୁ ମାଝୀ, ଶ୍ୟାମ ମାଝୀ, ମୋହନ ମାଝୀ, ପି.: ମାହାତାନ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 124/53 | 64/624 | 0.25 | 0.06 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ସ୍ୱା.: ଗୋପାଳ ମହାନ୍ତ, ଜା: କୁଡୁମି, ବା: ହାଟସାହି |
| 124/56 | 397 | 0.35 | 0.14 | ଶାରଦ ଦୁଇ | ପ୍ରକାଶ କୁମାର ମହାନ୍ତି, ପି.: ବିପିନ ଚନ୍ଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ହରିପୁର |
| 124/63 | 113/630 | 0.90 | 0.12 | ଶାରଦ ଦୁଇ | ସନ୍ତୋଷ ମହାନ୍ତ, ପି.: ହାଡ଼ିରାମ ମହାନ୍ତ, ଜା: କୁଡୁମି, ବା: ଟୁକପଳାସିଆ |
| 124/64 | 64 | 0.13 | 0.10 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ପି.: ଗୋପାଳ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ହାଟସାହି |
| | 65 | 0.40 | 0.16 | ଶାରଦ ଦୁଇ | |
| 124/71 | 163 | 0.32 | 0.07 | ଶାରଦ ଦୁଇ | ଲମ୍ବୋଦର ପାତ୍ର, ପି.: ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା: ଖଣ୍ଡାୟତ, ବା: ହାଟସାହି |
| 124/77 | 156 | 0.68 | 0.14 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହିଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/82 | 396 | 0.25 | 0.10 | ଶାରଦ ଦୁଇ | ଜଳଧର ନାୟକ, ପି.: ଦିବାକର ନାୟକ, ଜା: ଖଣ୍ଡାୟତ, ବା: ପାଇକସାହି |
| 124/83 | 18 | 0.92 | 0.55 | ଶାରଦ ଦୁଇ | ସୌମ୍ୟଜିତ ନାୟକ, ପି.: ସନାତନ ନାୟକ, ଜା: ତନ୍ତୀ, ବା: ନିଜଗାଁ |
| 124/85 | 3/542 | 0.47 | 0.34 | ଶାରଦ ଦୁଇ | ହାୟାଏ ହାଁସଦାଃ, ପି.: ପର୍ଶୁ ହାଁସଦାଃ, ଜା: ସାନ୍ତାଳ, ବା: ହାଟସାହି |
| 124/95 | 211 | 0.41 | 0.21 | ଶାରଦ ଦୁଇ | ବ୍ରଜମୋହନ ଭୋଇ, ପି.: ନରେନ୍ଦ୍ର ଭୋଇ, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/100 | 157 | 0.20 | 0.01 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/101 | 205 | 0.56 | 0.08 | ଶାରଦ ଦୁଇ | ଗୀତାଞ୍ଜଳି ମହାନ୍ତି, ସ୍ୱା.: ସୁଶାନ୍ତ କୁମାର ମହାନ୍ତି, ଜା: କରଣ, ବା: ନିଜଗାଁ |
| | 205/664 | 0.04 | 0.04 | ଘରବାରି | |
| 124/107 | 209 | 0.30 | 0.11 | ଶାରଦ ଦୁଇ | ଚନ୍ଦ୍ରମଣୀ ଭୋଇ, ସ୍ୱା.: ନଟବର ଭୋଇ, ରାଧାଗୋବିନ୍ଦ ଭୋଇ, ପରମାନନ୍ଦ ଭୋଇ, ସତ୍ୟାନନ୍ଦ ଭୋଇ, ପି.: ନଟବର ଭୋଇ, ହରିହର ଭୋଇ, ରମେଶ ଚନ୍ଦ୍ର ଭୋଇ, ଉମେଶ ଚନ୍ଦ୍ର ଭୋଇ, ପି.: କସ୍ତୁରୁ ଭୋଇ, ଜା: ଖଣ୍ଡାୟତ, ବା:ନିଜଗାଁ |
| 124/118 | 111 | 0.23 | 0.05 | ଶାରଦ ଦୁଇ | ପ୍ରଫୁଲ୍ଲ ମଲିକ, ପି.: ପୂର୍ଣ୍ଣଚନ୍ଦ୍ର ମଲିକ, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/126 | 368/580 | 0.18 | 0.05 | ଶାରଦ ଏକ | ରାମଚନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା, ଉମାକାନ୍ତ ଜେନା, ପି.: ଫକିର ଜେନା, ଜା: ଖଣ୍ଡାୟତ, ବା: ପାଇକସାହି |
| 124/138 | 414/666/670 | 0.04 | 0.04 | ଘରବାରି | ପଦ୍ମାବତୀ ଧାଉଁଡ଼ିଆ, ସ୍ୱା.: ମୁରଲୀ ଧାଉଁଡ଼ିଆ, ମୁରଲୀ ଧାଉଁଡିଆ, ପି.: ପୂର୍ଣ୍ଣଚନ୍ଦ୍ର ଧାଉଁଡ଼ିଆ, ଜା: ଗଉଡ଼, ବା: ଅସନଖାଲି |
| 124/140 | 414/666/672 | 0.04 | 0.04 | ଘରବାରି | ଜ୍ୟୋସ୍ନା ବିନ୍ଧାଣୀ, ସ୍ୱା.: ରୁନା ବିନ୍ଧାଣୀ, ରୁନା ବିନ୍ଧାଣୀ, ପି.: ରବି ବିନ୍ଧାଣୀ, ଜା: କମାର, ବା: ତୋଟାପଡ଼ା |
| 132/7 | 66 | 0.88 | 0.21 | ଶାରଦ ଦୁଇ | ଶ୍ରୀଗ୍ରାମ ଦେବତୀ ବାସୁଳୀ ଠାକୁରାଣୀ ବିଜେ ହାଟସାହି, ମାର୍ଫତ କପିଳ ଚରଣ ନାୟକ, ପି.: ରବିନ୍ଦ୍ର ରାଉତ, ପି.: ବା: ହାଟସାହିବା: |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| 97 | 416 | | 0.05 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି.: ଦାମଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| ମୋଟ | ୫୨ ପ୍ଲଟକୁ | ଏ. ୧୯.୫୪ ଡେ.ମି. | ଏ.୫.୬୯ ଡେ.ମି. | | |

| | | | |
|---|---|---|---|
| Sd./- Amin Baripada Zone | Sd./- Rev-Inspector Zone-I, Baripada | Sd./- Zone Officer-I -cum-L.A., Collector S.I.P., Baripada Zone | Sd./- Spl. Land Acquisition Officer S.I.P., Baripada |

OIPR-24001/14/0111/2425


ଦେବଗଡ଼ ସହର ମଠସାହିସ୍ଥିତ ମା'କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜାରେ ମା'ଙ୍କ ମହାଗୌରୀ ବେଶ।


ନବରାତ୍ର ପୂଜା ଅବସରରେ ଦେବଗଡ଼ ମଠସାହି ମା' କନକ ଦୁର୍ଗା ମନ୍ଦିରରେ ଗୁରୁବାର ୧୯୮୯ ମାଟ୍ରିକ ବ୍ୟାଚ୍ ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ କରାଯାଉଛି।


ନବରାତ୍ର ପୂଜା ଅବସରରେ ମଠସାହିସ୍ଥିତ ମା'କନକ ଦୁର୍ଗା ମନ୍ଦିରରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳ ଗୁରୁବାର ସନ୍ଧ୍ୟାରେ ଖିରି ପ୍ରସାଦ ବଣ୍ଟନ କରୁଛନ୍ତି।

# ଧରାପଡ଼ିନାହିଁ ଅଭିଯୁକ୍ତ: ୧୦ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ପୋଲିସଙ୍କୁ ଧକ୍କା ମାରି ଥାନାରୁ ଗଞ୍ଜେଇ ମାଫିଆ ଫେରାର ଘଟଣା**

■ **ପୋଲିସ ଅଧିକାରୀ ଦ୍ୱୟଙ୍କୁ ବଦଳି କରି ଜିଲା ପୋଲିସ ଚୁପ୍**

ଦେବଗଡ଼,୧୦।୧୦(ଶଶାଙ୍କ ଶେଖର ଝାଙ୍କର)

ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ୨ଜଣ ପୋଲିସ ଅଧିକାରୀଙ୍କୁ ଧକ୍କା ମାରି ଦେବଗଡ଼ ଜିଲା ବାରକୋଟ ଥାନାରୁ ଗଞ୍ଜେଇ ମାଫିଆ ଫେରାର ହେବା ଘଟଣାକୁ ଇତିମଧ୍ୟରେ ୧୦ଦିନ ବିତିଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଫେରାର ଗଞ୍ଜେଇ ମାଫିଆଙ୍କୁ ପୋଲିସ ଗିରଫ କରିପାରିନାହିଁ। ଅନ୍ୟପକ୍ଷରେ ଦାୟିତ୍ୱହୀନ ପୋଲିସ ଅଧିକାରୀଦ୍ୱୟଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେବଳ ବଦଳି କରି ଜିଲା ପୋଲିସ ଚୁପ୍ ହୋଇବସିଛି।

ସୂଚନାଯୋଗ୍ୟ ଯେ, ଗତ ୨୯ ତାରିଖ ସକାଳେ ବାରକୋଟ ଥାନା ଜୟପିଛୁଲା ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଗଞ୍ଜେଇ ବୋଝେଇ କାର ମୁଡ଼ି ବୋଝେଇ ଅଟୋରିକ୍ସାକୁ ଧକ୍କା ଦେବାରୁ ତାହା ଚୁର୍ମାର ହୋଇ ଅଟକି ରହିଥିଲା। ଦୁର୍ଘଟଣା ପରେ ଉକ୍ତ କାରରେ ଥିବା ଗଞ୍ଜେଇ ମାଫିଆମାନେ ଫେରାର ହୋଇଯାଇଥିଲେ।



ବାରକୋଟ ଥାନା।

ବାରକୋଟ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ କାରରୁ ୧ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ଜବତ କରିଥିଲା। ସେହିପରି ଗଞ୍ଜେଇ ଚୋରାଚାଲାଣ ଘଟଣାରେ କନ୍ଧମାଳ ଜିଲା ଖଜୁରୀପଡା ଥାନା ବରିଗୁମ୍ଫା ଗ୍ରାମର ସନତ ଦିଗାଲ ସମ୍ପୃକ୍ତ ଥିବା ଜାଣି ବାରକୋଟ ଥାନା ପୋଲିସ ଖଜୁରୀପଡା ଥାନା ପୋଲିସ ସହାୟତାରେ ସନତଙ୍କୁ ଗିରଫ କରି ବାରକୋଟ ଥାନାକୁ ଆଣିଥିଲା। ମାତ୍ର କୋର୍ଟଚାଲାଣ କରିବା ପୂର୍ବରୁ ସନତ ବାରକୋଟ ଥାନା ମଧ୍ୟରେ ସବଇନ୍ସପେକ୍ଟର ଆମୁନସେନ କିରୋ ଓ ଏଏସ୍ଆଇ ସନ୍ତୋଷ କୁମାର ନାୟକଙ୍କୁ ଧକ୍କା ମାରି ଫେରାର ହୋଇଯାଇଥିଲେ। ବାରକୋଟ ଥାନା ପୋଲିସ ଏ ନେଇ ଅନ୍ୟ ଏକ ମାମଲା ରୁଜୁ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ତାଙ୍କୁ ଗିରଫ କରି ପାରିନାହିଁ। ଅନ୍ୟପକ୍ଷରେ କାର୍ଯ୍ୟରେ ଅବହେଳା କରିଥିବା ୨ ପୋଲିସ ଅଧିକାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବାରକୋଟ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନଙ୍କୁ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ନେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮
ଇ-ମେଲ୍: bom1182@mahabank.co.in

**ଦଖଲ ନୋଟିସ୍**
[ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ରଣଗ୍ରହୀତା/ସହ-ରଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ରଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ରଣଗ୍ରହୀତା ରଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ସହ-ରଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ରଣଗ୍ରହୀତା/ସହ-ରଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା **ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ରଣଗ୍ରହୀତା/ସହ-ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ରଣଗ୍ରହୀତା: ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର,** ପିତା: ଶ୍ରୀ ସିମାଞ୍ଚଳ ମିଶ୍ର / **ସହ-ରଣଗ୍ରହୀତା: ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ଦାଶ,** ସ୍ୱାମୀ: ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର, ଉଭୟଙ୍କ **ଠିକଣା-୧:** ସା: ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ପ୍ରୋଜେକ୍ଟ ନାମ "ଆୟୁଷ ଆରାଲିନ୍", ପ୍ଲଟ୍ ନଂ.: ୫୪୯/୨୭୫୭, ୫୪୯/୨୧୬୨, ୫୪୯/୨୨୦୨ ସହିତ ଅନୁରୂପ ଖାତା ନଂ.: ୪୭୪/୯୭୯, ୪୭୪/୩୬୦, ୪୭୪/୪୦୩, **ଠିକଣା-୨:** ସା: ଗାନ୍ଧୀ ନଗର, ୧ମ ଲେନ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧ | ବନ୍ଧକଦାତା-ଶ୍ରୀ ଉମେଶ ଚନ୍ଦ୍ର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ବ୍ଲକ୍-ଏ, ପରିମିତ ସପର ବିଲ୍ଟ ଅପ୍ ଏରିଆ: ୧୭୧୭ ବର୍ଗଫୁଟ, ପ୍ଲଟ୍ ନଂ.: ୫୪୯/୨୭୫୭, ୫୪୯/୨୧୬୨, ୫୪୯/୨୨୦୨ ସହିତ ଅନୁରୂପ ଖାତା ନଂ.: ୪୭୪/୯୭୯, ୪୭୪/୩୬୦, ୪୭୪/୪୦୩, ମୌଜା: ପଟିଆ, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୪ (ଏହା ସହିତ ସେଠାରେ ନିର୍ମିତ ବିଲ୍ଡିଂ ଓ ଷ୍ଟ୍ରକ୍ଚର୍ସ / ବାସୋପଯୋଗୀ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୧୭୧୭ ବର୍ଗଫୁଟ (କାର୍ପେଟ) ଯଥା ୧୭୧୭ ବର୍ଗଫୁଟ (ବିଲ୍ଟ ଅପ୍) ଯେଉଁଥିରେ ୩ବିଏଚ୍‌କେ ବିଶିଷ୍ଟ ଗୃହ ଅବସ୍ଥିତ ଏବଂ ଏଥିରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ଚର), ଏହାର ଚଉହଦି- ପୂର୍ବ: ପ୍ଲଟ୍ ନଂ. ଏ. ପାତ୍ର ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ଉତ୍ତର: ଏ.କେ. ମହାନ୍ତି, ଦକ୍ଷିଣ: ସଞ୍ଜୁକ୍ତା ସାହୁ **(ସାଙ୍କେତିକ ଦଖଲ)** | ୨୭.୦୨.୨୦୨୪ ସୁଦ୍ଧା ଟ.୩୯,୨୭,୧୨୦.୬୪ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୭.୦୨.୨୦୨୪ / ୦୯.୧୦.୨୦୨୪ |

**ତାରିଖ: ୧୦.୧୦.୨୦୨୪**
**ସ୍ଥାନ: ଭୁବନେଶ୍ୱର**
**କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**


# ଦେବଗଡ଼ ପାଇଁ ଗୌରବ ଆଣିଲେ ୨ଭଉଣୀ





**ତିଷାଙ୍କୁ ସ୍ୱର୍ଣ୍ଣ, ନିଶାଙ୍କୁ ବ୍ରୋଞ୍ଜ ମେଡାଲ**

ଦେବଗଡ଼,୧୦।୧୦(ଶଶାଙ୍କ ଶେଖର ଝାଙ୍କର)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତ ୭ ତାରିଖଠାରୁ ଚାଲିଥିବା ୩ଦିନିଆ ଇଷ୍ଟଜୋନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପରେ ଦେବଗଡର ୨ଭଉଣୀ ସଫଳତା ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଆୟୋଜିତ ଆଥଲେଟିକ୍ସ ଚାମ୍ପିୟନଶିପ ଉଦଯାପିତ ହୋଇଥିବା ବେଳେ ୨ ଭଉଣୀ ପୁରସ୍କାର ହାସଲ କରିଥିବା ଜଣାପଡିଛି। ଅଣ୍ଡର ୨୦ ବାଳିକା ବର୍ଗ ୧୦ କିଲୋମିଟର ଦୌଡ ପ୍ରତିଯୋଗିତାରେ ତିଷା ବାରିକ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଅଣ୍ଡର ୧୮ ବାଳିକା ବର୍ଗ ୩ କିଲୋମିଟର ଦୌଡ ପ୍ରତିଯୋଗିତାରେ ତାଙ୍କ ଭଉଣୀ ନିଶା ବାରିକ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ମେଡାଲ ହାସଲ କରିଥିବା ଜଣାପଡିଛି। ନିଶା ଏବଂ ତିଷା ଦେବଗଡ଼ ପୌରାଞ୍ଚଳ ୩ ନମ୍ବର ୱାର୍ଡ ବଣିଆସାହିସ୍ଥିତ ରଞ୍ଜିତ ବାରକଙ୍କ ଝିଅ। ସେମାନେ ରାଜ୍ୟ ତଥା ଜାତୀୟସ୍ତର ପ୍ରତିଯୋଗିତାରେ ସାମିଲ ହୋଇ ଅନେକ ସ୍ଥାନରେ ସଫଳତା ହାସଲ କରିଥିବା ଜଣାପଡିଛି।

# ମରଡଙ୍ଗ ଫୁଟ୍‌ବଲ କ୍ଲବ ଚାମ୍ପିୟନ


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

**ବାଲିନାଲି ଫୁଟ୍‌ବଲ ଟୁର୍ନାମେଣ୍ଟ**

ଦେବଗଡ଼,୧୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଦଣ୍ଡାସିଂହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଲିନାଲି ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ ଖେଳ ପଡିଆରେ ଅନୁଷ୍ଠିତ ଚାରି ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ସମୁଦାୟ ୧୬ଟି ଫୁଟବଲ ଟିମକୁ ନେଇ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ପୁରୁଣାପାଣି ଫୁଟବଲ କ୍ଲବକୁ ପରାସ୍ତ କରି ମରଡଙ୍ଗ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଏହିଅବସରରେ ଆୟୋଜକ ଅନୁଷ୍ଠାନ ସଭାପତି ଅନନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଅନୁଷ୍ଠାନ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAA-MBJ-0010-2024-33818/R&DM** **Dated: 01 Oct. 2024**

No. XXI-52: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଗୁରେଇ, ଥାନା: ବୈଶିଙ୍ଗା ନଂ. ୨୧୭, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୬୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜିମର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଗୁରେଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୯.୫୪ | ଏ.୫.୬୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ.୦.୦୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

## ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା: ୧୦୬/୨୦୨୩**
**ଏ.୫.୬୯ଡି**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡ଼ିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡ଼ା ସବ୍-ମାଇନର ନିମନ୍ତେ**
**ମୌଜା: ଗୁରେଇ, ଥାନା: ବୈଶିଙ୍ଗା, ନଂ. ୨୧୭, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 67/574 | 0.07 | 0.01 | ଶାରଦ ଦୁଇ | ଉଷା ପଣ୍ଡା, ଶ୍ରୀନିବାସ ପଣ୍ଡା, ପି.: ପୁରସ୍ତମ ପଣ୍ଡା, ଶ୍ରୀବସ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପି.: ଚକ୍ରଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| 9 | 208 | 0.20 | 0.02 | ଶାରଦ ଦୁଇ | କସ୍ତୁରି ଭୋଇ, ପି.: ଭିକାରୀ ଭୋଇ, ଜା: ଖଣ୍ଡାୟତ, ବା: ନିଜଗାଁ |
| 10 | 110 | 0.45 | 0.13 | ଶାରଦ ଦୁଇ | କାଲୁ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 11 | 402 | 0.27 | 0.08 | ଶାରଦ ଦୁଇ | କାଳି ଚରଣ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ଭୁରୁଡୁବଣି |
| 12 | 112 | 1.43 | 0.25 | ଶାରଦ ଦୁଇ | କାଳି ଚରଣ ମାଝୀ, ଦୁବରାଜ ମାଝୀ, ପି.: ଚରଣ ମାଝୀ, ଜା: ସାନ୍ତାଳ, ବା: ଭୁରୁଡୁବଣି |
| 17 | 164 | 0.30 | 0.07 | ଶାରଦ ଦୁଇ | କୈଳାସ ଚନ୍ଦ୍ର ମହାନ୍ତି, ରାଧା ଗୋବିନ୍ଦ ମହାନ୍ତି, ପି.: ଶ୍ୟାମ ସୁନ୍ଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 32 | 146/544 | 0.26 | 0.01 | ଶାରଦ ଦୁଇ | ଜଗବନ୍ଧୁ ମହାନ୍ତି, ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି.: ଦାମୋଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| | 146/545 | 0.12 | 0.06 | ଶାରଦ ଦୁଇ | |
| | 147 | 0.17 | 0.06 | ଶାରଦ ଦୁଇ | |
| | 391 | 0.34 | 0.06 | ଶାରଦ ଦୁଇ | |
| | 103 | 0.25 | 0.01 | ଶାରଦ ଦୁଇ | |
| 34 | 151 | 0.45 | 0.15 | ଶାରଦ ଦୁଇ | ଜଗଦିଶ ଚନ୍ଦ୍ର ମହାନ୍ତି, ପି.: ଭଗବାନ ଚନ୍ଦ୍ର ମହାନ୍ତି, ଜା: କରଣ, ବା: ବାଉଁଶକୋଠି, ଜି: ମେଦିନପୁର |
| | 162 | 0.42 | 0.01 | ଶାରଦ ଦୁଇ | |
| 37 | 390 | 0.26 | 0.06 | ଶାରଦ ଦୁଇ | ଡମନ ବେହେରା, ପି.: ବୈଷ୍ଣବ ବେହେରା, ଜା: ମାହେଶ, ବା: କୁଳଶୁଳ, ଜି.: ମେଦିନପୁର |
| 39 | 104 | 0.26 | 0.12 | ଶାରଦ ଦୁଇ | ତୁଳସୀ ମାଝୀ, ପି.: ସମ୍ଭୁ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 41 | 3 | 0.37 | 0.28 | ଶାରଦ ଦୁଇ | ଦାଶରଥି ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ମୁରଲୀ ସିଂ, ପି.: କଟି ସିଂ, ଜା: ଭୂମିଜ, ବା: ତୋଟାପଡ଼ା |
| 48 | 395 | 0.09 | 0.08 | ଶାରଦ ଦୁଇ | ନବଘନ ମହାନ୍ତି, ନିରଞ୍ଜନ ମହାନ୍ତି, ପି.: ରଘୁନାଥ ମହାନ୍ତି, ଜା: କରଣ, ବା: ନିଜଗାଁ |
| | 393 | 0.29 | 0.08 | ଶାରଦ ଦୁଇ | |
| 57 | 187 | 0.53 | 0.17 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 58 | 107 | 0.81 | 0.10 | ଶାରଦ ଦୁଇ | ଭାଗବତ ନାଏକ, ପି.: ପୁରସ୍ତମ ନାଏକ, ଜା: ତନ୍ତୀ, ବା:ନିଜଗାଁ |
| 65 | 105 | 0.24 | 0.14 | ଶାରଦ ଦୁଇ | ବଂଶୀଧର ପଧାନ, ଲକ୍ଷ୍ମୀଧର ପଧାନ, କୈଳାଶ ପଧାନ, ରାମେଶ୍ୱର ପଧାନ, ପି.: ବୀର ପଧାନ, ଜା: ଗୋପାଳ, ବା: ନିଜଗାଁ |
| 93 | 165 | 0.31 | 0.06 | ଶାରଦ ଦୁଇ | ମହେଶ୍ୱର ଜେନା, ସୋମନାଥ ଜେନା, ପି.: ମୋହନ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | 192 | 0.15 | 0.08 | ଶାରଦ ଏକ | |
| 94 | 135 | 0.58 | 0.09 | ଶାରଦ ଦୁଇ | ଦୀନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ଯଶୋଦା ଜେନା, ଶ୍ରୀମତୀ ପ୍ରଧାନ, ସୁକାନ୍ତୀ ମଲ୍ଲିକ, ଜୟନ୍ତୀ ଗିରି, ରେବତୀ ସାମଲ, ପି.: ସମ୍ଭୁନାଥ ଜେନା, ସରୋଜିନୀ ଜେନା, ସ୍ୱା.: କୈଳାସ ଜେନା, କାର୍ତ୍ତିକ ଜେନା, ସୁଦାମ ଜେନା, ପଦ୍ମଲୋଚନ ଜେନା, ମନୋଜ ଜେନା, ମାନସ ଜେନା, ଗୀତାଞ୍ଜଳି ଜେନା, ପି.: କୈଳାସ ଜେନା, ଜା: ଖଣ୍ଡାୟତ, ବା:ନିଜଗାଁ |
| | 190 | 0.68 | 0.09 | ଶାରଦ ଏକ | |
| | 108 | 0.45 | 0.26 | ଶାରଦ ଦୁଇ | |
| 97 | 416 | 0.50 | 0.13 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି.: ଦାମଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 98 | 109 | 0.39 | 0.15 | ଶାରଦ ଦୁଇ | ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି.: ଦାମୋଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| 105 | 193 | 0.36 | 0.02 | ଶାରଦ ଏକ | ଦୀନବନ୍ଧୁ ଜେନା, ଦୈତାରୀ ଜେନା, ବୃନ୍ଦାବନ ଜେନା, ପି.: ସମ୍ଭୁନାଥ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 117 | 403 | 0.22 | 0.03 | ଶାରଦ ଦୁଇ | ଶାରଦା ମଣୀ ଲେଙ୍କା, ସ୍ୱା.: ମହେଶ୍ୱର ଲେଙ୍କା, ଜା: ଖଣ୍ଡାୟତ, ଦ୍ରୌପଦୀ ନାୟକ, ସ୍ୱା.: କିଶୋରୀ ନାୟକ, ଜା: ଭୂୟାଁ, ବା: ପାଇକସାହି |
| 124/12 | 392 | 0.12 | 0.02 | ଶାରଦ ଦୁଇ | କନ୍ଦା ମାଝୀ, ମାନସା ମାଝୀ, ପି.: ସରେନ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 124/39 | 106 | 0.65 | 0.14 | ଶାରଦ ଦୁଇ | ଲୁସ୍କୁ ମାଝୀ, ଶ୍ୟାମ ମାଝୀ, ମୋହନ ମାଝୀ, ପି.: ମାହାତାନ ମାଝୀ, ଜା: ସାନ୍ତାଳ, ବା: ହାଟସାହି |
| 124/53 | 64/624 | 0.25 | 0.06 | ଶାରଦ ଦୁଇ | ମଙ୍ଗୁଲି ମହାନ୍ତ, ସ୍ୱା.: ଗୋପାଳ ମହାନ୍ତ, ଜା: କୁଡୁମି, ବା: ହାଟସାହି |
| 124/56 | 397 | 0.35 | 0.14 | ଶାରଦ ଦୁଇ | ପ୍ରକାଶ କୁମାର ମହାନ୍ତି, ପି.: ବିପିନ ଚନ୍ଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ହରିପୁର |
| 124/63 | 113/630 | 0.90 | 0.12 | ଶାରଦ ଦୁଇ | ସନ୍ତୋଷ ମହାନ୍ତ, ପି.: ହାଡ଼ିରାମ ମହାନ୍ତ, ଜା: କୁଡୁମି, ବା: ଟୁକପଳାସିଆ |
| 124/64 | 64 | 0.13 | 0.10 | ଶାରଦ ଦୁଇ | ମଙ୍ଗୁଲି ମହାନ୍ତ, ପି.: ଗୋପାଳ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ହାଟସାହି |
| | 65 | 0.40 | 0.16 | ଶାରଦ ଦୁଇ | |
| 124/71 | 163 | 0.32 | 0.07 | ଶାରଦ ଦୁଇ | ଲମ୍ବୋଦର ପାତ୍ର, ପି.: ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା: ଖଣ୍ଡାୟତ, ବା: ହାଟସାହି |
| 124/77 | 156 | 0.68 | 0.14 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହିଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/82 | 396 | 0.25 | 0.10 | ଶାରଦ ଦୁଇ | ଜଳଧର ନାୟକ, ପି.: ଦିବାକର ନାୟକ, ଜା: ଖଣ୍ଡାୟତ, ବା: ପାଇକସାହି |
| 124/83 | 18 | 0.92 | 0.55 | ଶାରଦ ଦୁଇ | ସୌମ୍ୟଜିତ ନାୟକ, ପି.: ସନାତନ ନାୟକ, ଜା: ତନ୍ତୀ, ବା: ନିଜଗାଁ |
| 124/85 | 3/542 | 0.47 | 0.34 | ଶାରଦ ଦୁଇ | ହାମ୍ବାଏ ହାଁସଦାଃ, ପି.: ପର୍ଶୁ ହାଁସଦାଃ, ଜା: ସାନ୍ତାଳ, ବା: ହାଟସାହି |
| 124/95 | 211 | 0.41 | 0.21 | ଶାରଦ ଦୁଇ | ବ୍ରଜମୋହନ ଭୋଇ, ପି.: ନରେନ୍ଦ୍ର ଭୋଇ, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/100 | 157 | 0.20 | 0.01 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି.: ପହଲି ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/101 | 205 | 0.56 | 0.08 | ଶାରଦ ଦୁଇ | ଗୀତାଞ୍ଜଳି ମହାନ୍ତି, ସ୍ୱା.: ସୁଶାନ୍ତ କୁମାର ମହାନ୍ତି, ଜା: କରଣ, ବା: ନିଜଗାଁ |
| | 205/664 | 0.04 | 0.04 | ଘରବାରି | |
| 124/107 | 209 | 0.30 | 0.11 | ଶାରଦ ଦୁଇ | ଚନ୍ଦ୍ରମଣୀ ଭୋଇ, ସ୍ୱା.: ନଟବର ଭୋଇ, ରାଧାଗୋବିନ୍ଦ ଭୋଇ, ପରମାନନ୍ଦ ଭୋଇ, ସତ୍ୟାନନ୍ଦ ଭୋଇ, ପି.: ନଟବର ଭୋଇ, ହରିହର ଭୋଇ, ରମେଶ ଚନ୍ଦ୍ର ଭୋଇ, ଉମେଶ ଚନ୍ଦ୍ର ଭୋଇ, ପି.: କସ୍ତୁରୁ ଭୋଇ, ଜା: ଖଣ୍ଡାୟତ, ବା:ନିଜଗାଁ |
| 124/118 | 111 | 0.23 | 0.05 | ଶାରଦ ଦୁଇ | ପ୍ରଫୁଲ୍ଲ ମଳିକ, ପି.: ପୂର୍ଣ୍ଣଚନ୍ଦ୍ର ମଳିକ, ଜା: ଖଣ୍ଡାୟତ, ବା: ନିଜଗାଁ |
| 124/126 | 368/580 | 0.18 | 0.05 | ଶାରଦ ଏକ | ରାମଚନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା, ଉମାକାନ୍ତ ଜେନା, ପି.: ଫକିର ଜେନା, ଜା: ଖଣ୍ଡାୟତ, ବା: ପାଇକସାହି |
| 124/138 | 414/666/670 | 0.04 | 0.04 | ଘରବାରି | ପଦ୍ମାବତୀ ଧାଉଁଡ଼ିଆ, ସ୍ୱା.: ମୁରଲୀ ଧାଉଁଡ଼ିଆ, ମୁରଲୀ ଧାଉଁଡିଆ, ପି.: ପୂର୍ଣ୍ଣଚନ୍ଦ୍ର ଧାଉଁଡ଼ିଆ, ଜା: ଗଉଡ଼, ବା: ଅସନଖାଲି |
| 124/140 | 414/666/672 | 0.04 | 0.04 | ଘରବାରି | ଜ୍ୟୋତ୍ସ୍ନା ବିନ୍ଧାଣୀ, ସ୍ୱା.: ରୁନା ବିନ୍ଧାଣୀ, ରୁନା ବିନ୍ଧାଣୀ, ପି.: ରବି ବିନ୍ଧାଣୀ, ଜା: କମାର, ବା: ତୋଟାପଡ଼ା |
| 132/7 | 66 | 0.88 | 0.21 | ଶାରଦ ଦୁଇ | ଶ୍ରୀଗ୍ରାମ ଦେବତୀ ବାସୁଳୀ ଠାକୁରାଣୀ ବିଜେ ହାଟସାହି, ମାର୍ଫତ କପିଳ ଚରଣ ନାୟକ, ପି.: ରବିନ୍ଦ୍ର ରାଉତ, ପି.: ବା: ହାଟସାହିବା: |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| 97 | 416 | | 0.05 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି.: ଦାମଦର ମହାନ୍ତି, ଜା: କରଣ, ବା: ନିଜଗାଁ |
| ମୋଟ | ୫୨ ପ୍ଲଟକୁ | ଏ. ୧୯.୫୪ ଡେ.ମି. | ଏ.୫.୬୯ ଡେ.ମି. | | |

**Sd./- Amin**
**Baripada Zone**

**Sd./- Rev-Inspector**
**Zone-I, Baripada**

**Sd./- Zone Officer-I -cum-L.A., Collector**
**S.I.P., Baripada Zone**

**Sd./- Spl. Land Acquisition Officer**
**S.I.P., Baripada**

**OIPR-24001/14/0111/2425**

# ସଫଳତା ଦୌଡ଼ରେ ରୋହିତ

**୧୮ଥର ପାଇଁ ଘରୋଇ ମାଟିରେ ଟେଷ୍ଟ ସିରିଜ୍‌ରେ ଅପରାଜେୟ ରହିଛି ଭାରତ। ୨୦୨୩-୨୫ ଡବ୍ଲ୍ୟୁଟିସି ଚକ୍ରରେ ମୋଟ ୧୯ଟି ଟେଷ୍ଟ ମ୍ୟାଚ୍ ଭାରତକୁ ଖେଳିବାକୁ ରହିଛି। ଆଉ ୨ଟି ସିରିଜ୍ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଏଥିପାଇଁ ଭାରତୀୟ ଟିମ୍ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ବୋଲିଂ କୋଚ୍ ମର୍ନେ ମର୍କେଲ ଏବଂ ଅଧିନାୟକ ରୋହିତ୍ ଶର୍ମା ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି...**



ନିର୍ମଳ କୁମାର ମିଶ୍ର



ରୋହିତ ଶର୍ମା



ଟେଷ୍ଟ ମ୍ୟାଚ୍‌ରେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରୁଛି ଟିମ୍ ଇଣ୍ଡିଆ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ଫାଇନାଲ ଦୌଡ଼ରେ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି ଭାରତ। ବାଂଲାଦେଶ ବିପକ୍ଷରେ କ୍ଲିନ୍ ସୁଇପ୍ କରିବା ପରେ ମୋଟ ୧୧ଟି ମ୍ୟାଚ୍‌ରୁ ୮ ବିଜୟ, ୨ ପରାଜୟ ଓ ଗୋଟିଏ ଡ୍ର ରଖିଛି। ମୋଟ୍ ନବେ ପଏଣ୍ଟ ସହ ଅଷ୍ଟ୍ରେଲିଆକୁ ପଛରେ ପକାଇ ରୋହିତ ବାହିନୀ ଡବ୍ଲ୍ୟୁଟିସିରେ ତୃତୀୟଥର ପାଇଁ ନିଜର ଦବ୍‌ଦବା ଜାହିର କରିଛି। କ୍ରମାଗତ ଭାବେ ୧୮ଥର ପାଇଁ ଘରୋଇ ମାଟିରେ ଟେଷ୍ଟ ସିରିଜ୍‌ରେ ଅପରାଜେୟ ରହିଛି ଭାରତ। ୨୦୨୩-୨୫ ଡବ୍ଲ୍ୟୁଟିସି ଚକ୍ରରେ ମୋଟ ୧୯ଟି ଟେଷ୍ଟ ମ୍ୟାଚ୍ ଭାରତକୁ ଖେଳିବାକୁ ରହିଛି। ଆଉ ୨ଟି ସିରିଜ୍ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଚଳିତବର୍ଷ ଅକ୍ଟୋବର-ନଭେମ୍ବରରେ ନ୍ୟୁଜିଲାଣ୍ଡ ଟିମ୍ ଭାରତ ଗସ୍ତରେ ଆସିବ। ଏହି ଟେଷ୍ଟ ସିରିଜ୍ ଭାରତକୁ ଜିତିବାକୁ ହେବ। ଏଥିପାଇଁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ନୂତନ ବୋଲିଂ କୋଚ୍ ମର୍ନେ ମର୍କେଲ ଏବଂ ଅଧିନାୟକ ରୋହିତ୍ ଶର୍ମା ଏବେଠାରୁ ତାଙ୍କ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି। ନିଶ୍ଚିତ ରୂପେ ନ୍ୟୁଜିଲାଣ୍ଡ ଦଳକୁ ଭାରତରେ ଏସିଡ୍ ଟେଷ୍ଟର ସାମ୍ନା କରିବାକୁ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ୍ ଅକ୍ଟୋବର ୧୬ରୁ ଆରମ୍ଭ ହୋଇ ନଭେମ୍ବର ୫ ପର୍ଯ୍ୟନ୍ତ ବେଙ୍ଗାଲୁରୁ, ପୁଣେ ଏବଂ ମୁମ୍ବାଇରେ ଖେଳାଯିବ। ଏଥିମଧ୍ୟରେ ଟିମ୍ ସାଉଦି ନ୍ୟୁଜିଲାଣ୍ଡର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି ଓ ଟମ୍ ଲଥାମ୍ ଅଧିନାୟକ ପଦ ପାଇପାରନ୍ତି। ଏଥିପାଇଁ ରୋହିତ୍ ଓ କୋଚ୍ ଗମ୍ଭୀର ସ୍ପିନିଂ ଟ୍ରାକ୍ ପାଇଁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ଅକ୍ଷର ପଟେଲ ଚମତ୍କାର ଫର୍ମରେ ଅଛନ୍ତି। ୨୦୧୯-୨୧ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନୀ ୧୪ଟି ଟେଷ୍ଟ ମ୍ୟାଚ୍‌ରୁ ୭୧ ଉଇକେଟ୍ ନେଇଛନ୍ତି। ସେହିପରି ୨୦୨୧-୨୩ ଦ୍ୱିତୀୟ ସଂସ୍କରଣରେ ୧୩ଟି ମ୍ୟାଚ୍‌ରୁ ୬୧ ଉଇକେଟ ଓ ୨୦୨୩-୨୦୨୫ ତୃତୀୟ ସଂସ୍କରଣରେ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ୫୩ଟି ଉଇକେଟ ନେଇସାରିଲେଣି। ସର୍ବାଧିକ ଉଇକେଟ ନେଇ ସେ ଅଷ୍ଟ୍ରେଲିଆର ତାରକା ସ୍ପିନର ନାଥାନ ଲିୟନଙ୍କୁ ପଛରେ ପକାଇଛନ୍ତି। ବାଂଲାଦେଶ ବିପକ୍ଷରେ ମାତ୍ର ଅଢ଼େଇ ଦିନରେ ଟେଷ୍ଟ ମ୍ୟାଚ୍ ସାରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ କ୍ୟାରିୟରରେ ବିଶ୍ୱର ଏହି ବେଷ୍ଟ ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ୧୧ଥର ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହେବା ୫ଶହ ଟେଷ୍ଟ ଉଇକେଟ କ୍ଲବରେ ନିଜକୁ ସାମିଲକରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ତାଙ୍କଠାରୁ ପୁନର୍ବାର ଚମତ୍କାରିତା ଆଶା କରିବ ଭାରତ। ଏଥିମଧ୍ୟରେ ଆଇସିସି ଡବ୍ଲ୍ୟୁଟିସି ଫାଇନାଲ ପୁନର୍ବାର ଲର୍ଡ୍ସ ଗ୍ରାଉଣ୍ଡରେ ଆସନ୍ତା ଜୁନ୍ ୧୧ରୁ ୧୫ ତାରିଖରେ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହାର ପରବର୍ତ୍ତୀ ସମୟରେ ଭାରତ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହିତ ୫ ମ୍ୟାଚ୍‌ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଖେଳିବା ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବ। ଭାରତ ତା'ର ଖେଳାଯିବାକୁ ଥିବା ୮ ମ୍ୟାଚ୍ ମଧ୍ୟରୁ ୩ ବିଜୟ ଓ ଗୋଟିଏ ଡ୍ର' କଲେ ଫାଇନାଲ ଖେଳିପାରିବ। ବର୍ତ୍ତମାନର ସମୀକରଣକୁ ଦେଖିଲେ ଭାରତ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ପୁନର୍ବାର ସ୍ଥାନ ପାଇବ। ଏକଥା ନିଶ୍ଚିତ ଯେ ରୋହିତ୍ ଶର୍ମା ଏପର୍ଯ୍ୟନ୍ତ ୩ଟି ଯାକ ଫର୍ମାଟ୍‌ରେ ଭାରତର ଶ୍ରେଷ୍ଠ ଅଧିନାୟକ। ବାଂଲାଦେଶ ୨-୦ରେ ପାକିସ୍ତାନକୁ ହରାଇ ଏକ ବଡ଼ ଆଶା ନେଇ ଭାରତ ଆସିଥିଲା। ମାତ୍ର କାନପୁର ଟେଷ୍ଟରେ ଖୁବ୍ କମ୍ ସମୟ ମଧ୍ୟରେ ଆଟାକିଙ୍ଗ୍ ଗେମ୍‌ପ୍ଲାନ୍ ମାଧ୍ୟମରେ ଶେଷଦିନରେ ୪୫ ଓଭର ବାକି ଥାଇ ମ୍ୟାଚ୍ ଜିତିବା ଏକ ବଡ଼ ସଫଳତା। ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତ ନିହାତି ବିଜୟ ଆବଶ୍ୟକ କରୁଥିଲା। ଭାରତର ଏପରି ପ୍ରଦର୍ଶନକୁ ନେଇ ଓ ସଫଳତା ପାଇଁ ବିଶ୍ୱ କ୍ରିକେଟ ଆଶ୍ଚର୍ଯ୍ୟପ୍ରକଟ କରିଛି। ଯୁବ ଓ ଅଭିଜ୍ଞ ଖେଳାଳିମାନେ ଏକାଧିକ ରେକର୍ଡ ସ୍ଥାପନ କରିଛନ୍ତି। ଇଂଲଣ୍ଡର ବାଜବଲ କ୍ରିକେଟ ଷ୍ଟାଇଲ ଆପଣାଇ ଭାରତ ଏହି ସଫଳତା ପାଇଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଟେଷ୍ଟ ରେକର୍ଡ ମଧ୍ୟ ଭଲ ରହିଛି। କୌଣସି ଆଇସିସି ଟ୍ରଫି ଜିତି ନ ଥିବା ଭାରତୀୟ ଦଳକୁ ଡବ୍ଲ୍ୟୁଟିସି ଫାଇନାଲର ପ୍ରଥମ ସଂସ୍କରଣରେ ହରାଇ ଚାମ୍ପିୟନ ହୋଇଥିଲା। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତର ଘରୋଇ ମାଟିରେ ପ୍ରଦର୍ଶନ। ୨୦୧୨-୧୩ରେ ଶେଷଥର ଆଲେଷ୍ଟେୟାର କୁକ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ୨-୧ରେ ହାରିଥିଲା ଭାରତ। ଚଳିତ ସିଜନରେ ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ୍, ରିଷଭ ପନ୍ତ, ଆକାଶ ଦୀପ, କେଏଲ୍ ରାହୁଲ ଭଲ ଫର୍ମରେ ଅଛନ୍ତି। ଅନ୍ୟପକ୍ଷରେ ଫର୍ମରେ ଥିବା ଭାରତୀୟ ସ୍ପିନର ଅଶ୍ୱିନ, ଜାଡେଜାଙ୍କ ସାମ୍ନା କରିବା ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ପାଇଁ ସମସ୍ୟା ହୋଇପାରେ। ଅନ୍ୟପକ୍ଷରେ ଶ୍ରୀଲଙ୍କାଠାରୁ ଟେଷ୍ଟ ସିରିଜ୍ ହାରି ଚାପରେ ଅଛି ନ୍ୟୁଜିଲାଣ୍ଡ ଦଳ। ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ରୋହିତ୍ ଶର୍ମା ଓ ବିରାଟ କୋହଲି ୫ଟି ଲେଖାଏ ସ୍ଥାନ ତଳକୁ ଖସିଥିଲେ ମଧ୍ୟ ଘରୋଇ ମାଟିରେ ଯେକୌଣସି ଚ୍ୟାଲେଞ୍ଜ ପାଇଁ ଉଭୟ ପ୍ରସ୍ତୁତ। ଭାରତୀୟ ଦଳର ଯୁବ ବ୍ୟାଟରମାନେ ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥକୁ ବଢ଼ାଇଛନ୍ତି। ଶ୍ରୀଲଙ୍କା ଟିମ୍ ଜୟସୁରିଆଙ୍କ କୋଚିଂରେ ଭଲ ପ୍ରଦର୍ଶନ କରୁଛି। ସାଉଥ୍ ଆଫ୍ରିକା ଓ ଅଷ୍ଟ୍ରେଲିଆ ସହ ୨ଟି ଲେଖାଏ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଥିବା ବେଳେ ୪ଟିରୁ ୩ଟି ବିଜୟ ଆବଶ୍ୟକ କରୁଛି। ଭାରତ କେବଳ ୨ଟି ମ୍ୟାଚ୍ ସାଉଥ୍ ଆଫ୍ରିକା ଓ ଇଂଲଣ୍ଡଠାରୁ ହାରି ଭଲ ପୋଜିଶନରେ ରହିଛି। ଅଷ୍ଟ୍ରେଲିଆ ସହିତ ମଧ୍ୟ ଭାରତ ବର୍ଡର ଗାଭାସ୍କର ଟ୍ରଫିରେ ୫ଟି ମ୍ୟାଚ୍ ଖେଳିବାକୁ ରହିଛି। ଏଥିରେ ଏକ ପିଙ୍କ୍ ବଲ ଟେଷ୍ଟ ମ୍ୟାଚ୍ ଖେଳିବାର ରହିଛି। ଏହି ୫ଟି ଟେଷ୍ଟ ମ୍ୟାଚ୍ ପର୍ଥ, ଆଡିଲେଡ୍, ବ୍ରିସ୍‌ବେନ୍, ମେଲ୍‌ବୋର୍ନ ଓ ସିଡ୍‌ନୀରେ ଖେଳାଯିବ। ୨ୟ ଟେଷ୍ଟ ମ୍ୟାଚ୍ ଆଡିଲେଡ୍‌ରେ ପିଙ୍କ୍ ବଲ୍‌ରେ ଖେଳାଯିବ। ୧୯୯୬-୯୭ରୁ ଏହି ସମ୍ମାନଜନକ ଟ୍ରଫି ଆରମ୍ଭ ହୋଇଥିଲା। ୨ ଦେଶର ଦୁଇ ଶ୍ରେଷ୍ଠ କ୍ରିକେଟିୟର ନାମରେ ନାମିତ ଏହି ଟ୍ରଫି ଜିତିବାକୁ ପ୍ୟାଟ୍ କୁମିନ୍ସଙ୍କ ଦଳ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବ। ୨୦୧୬-୧୭ରୁ ଭାରତ ଏହି ଟ୍ରଫି ଉପରେ କବ୍‌ଜା କରି ରଖିଛି, ଯାହାକି ପ୍ୟାଟ୍ କୁମିନ୍ସଙ୍କ ଚିନ୍ତା ବଢ଼ାଇଛି। ସିରିଜ୍ ଆରମ୍ଭ ହେବାକୁ ଅଧିକ ଦିନ ରହିଥିବା ବେଳେ ଏବେ ଠାରୁ ଅଷ୍ଟ୍ରେଲିଆ ଦଳର ପ୍ରମୁଖ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ବୟାନବାଜି ଆରମ୍ଭ କରିଦେଇଛନ୍ତି।

ଭାରତ ପାଇଁ ବଡ଼ ସୁଯୋଗ ରହିଛି। ଦୁଇ ଦୁଇଥର ଫାଇନାଲକୁ ଯାଇ ମଧ୍ୟ ବଡ଼ ବ୍ୟବଧାନରେ ମ୍ୟାଚ୍ ହାରିବା ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ଦଳ ଆଇସିସି ଟ୍ରଫିର ସମସ୍ତ ଫର୍ମାଟ୍‌ରେ ଜିତିଥିବା ବେଳେ ଏବେ ପ୍ୟାଟ୍ କୁମିନ୍ସଙ୍କ ଲକ୍ଷ୍ୟ ବର୍ଡର-ଗାଭାସ୍କର ଟ୍ରଫି ଉପରେ। ଆଇସିସି ଟେଷ୍ଟ ର୍‍ୟାକିଙ୍ଗ୍‌ରେ ଅଷ୍ଟ୍ରେଲିଆ ୧ନଂ. ସ୍ଥାନରେ ଥିବା ବେଳେ ଭାରତ ୧୨୦ ପଏଣ୍ଟ ସହ ୨ୟ ସ୍ଥାନରେ ରହିଛି। ଉଭୟ ଦଳ ମଧ୍ୟରେ ବ୍ୟବଧାନ ମାତ୍ର ୪ ପଏଣ୍ଟର ରହିଛି। ବର୍ତ୍ତମାନ ବାଂଲାଦେଶ ବିପକ୍ଷ ସିରିଜରେ ଚମତ୍କାର ପ୍ରଦର୍ଶନ ସହ ଯଶପ୍ରୀତ ବୁମ୍‌ରା ଆଇସିସି ର୍‍ୟାକିଙ୍ଗ୍‌ର ପ୍ରଥମ ସ୍ଥାନରେ ରହିଛନ୍ତି। ଆକ୍ରମଣାତ୍ମକ ବ୍ୟାଟିଂ ଜରିଆରେ ବିଶ୍ୱରେ ଚମକ ସୃଷ୍ଟି କରିଥିବା ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ତୃତୀୟ ଓ ଷ୍ଟାର ବ୍ୟାଟର ବିରାଟ କୋହଲି ଦଶମ ସ୍ଥାନରେ ରହିଛନ୍ତି। ବୋଲିଂରେ ରବିଚନ୍ଦ୍ରନ ଅଶ୍ୱିନ ୨ୟ ଓ ଜାଡ଼େଜା ୫ମ ସ୍ଥାନରେ ରହିଛନ୍ତି, ଯାହାକି ଭାରତ ପାଇଁ ଏକ ବଡ଼ ସଫଳତା। ଡବ୍ଲ୍ୟୁଟିସି ଚାମ୍ପିୟନ ହେବା ରୋହିତ୍‌ଙ୍କ ପାଇଁ ଶେଷ ଇଚ୍ଛା ନିଶ୍ଚିତ ରହିବ। ଭାରତ କ୍ରିକେଟ ଇତିହାସର ସବୁଠାରୁ ଏହି ସଫଳ ଅଧିନାୟକ ୩ଟି ଫର୍ମାଟ୍‌ରେ ୧୨୮ ମ୍ୟାଚ୍‌ରୁ ୯୫ ବିଜୟ ଓ ୨୮ ପରାଜୟ ସହ ଶୀର୍ଷରେ ରହିଛନ୍ତି।

# ଜିମ୍ନାଷ୍ଟିକ୍ସର ଫ୍ଲାଗ୍ ବିଅରର



ଦୀପା କର୍ମକାର

ଜିମ୍ନାଷ୍ଟିକ୍ସ ଏଭଳି ଏକ କ୍ରୀଡ଼ା, ଯେଉଁଥିରେ ପାଶ୍ଚାତ୍ୟ ଦେଶଗୁଡ଼ିକର ଦବ୍‌ଦବା ଦେଖିବାକୁ ମିଳିଥାଏ। ସାଧାରଣତଃ ଆମେରିକା, ରୁଷିଆ ଓ ଚାଇନାର ଜିମ୍ନାଷ୍ଟମାନେ ଭଲ ପ୍ରଦର୍ଶନ କରିଥା'ନ୍ତି। ତେବେ ଭାରତର ଜଣେ ଖେଳାଳି ସମଗ୍ର ବିଶ୍ୱବକ୍ଷରେ ଦେଶର ନାମକୁ ଗର୍ବିତ କରିଛନ୍ତି। ଏହି ଖେଳାଳି ଜଣଙ୍କ ହେଉଛନ୍ତି ଦୀପା କର୍ମକାର। ତ୍ରିପୁରାର ଅଗରତାଲାରେ ଜନ୍ମିତ ଦୀପା ବିଶ୍ୱ ଜିମ୍ନାଷ୍ଟିକ୍ସରେ ଭାରତର ଫ୍ଲାଗ୍ ବିଅରର(ପତାକାବାହକ) ରହିଆସିଛନ୍ତି। ଏଭଳି ଖେଳାଳିଙ୍କ ସଂଖ୍ୟା ମଧ୍ୟ ବିରଳ, ଯାହାଙ୍କ ଅବସରରେ କ୍ରୀଡ଼ାମନ୍ତ୍ରୀ ଚିଠି ଲେଖିଥା'ନ୍ତି। ନିକଟରେ ଦୀପା ଜିମ୍ନାଷ୍ଟିକ୍ସରୁ ଅବସର ନେଇଥିବା ବେଳେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଧ୍ୟ ତାଙ୍କୁ ଚିଠି ଲେଖିଥିଲେ। ସୂଚନାଯୋଗ୍ୟ, ଭାରତର ତାରକା ଜିମ୍ନାଷ୍ଟ ଦୀପା କର୍ମକାର ସୋମବାର ତାଙ୍କ ଅବସର ଘୋଷଣା କରିଥିଲେ। ମାତ୍ର ୩୧ ବର୍ଷ ବୟସରେ ଦୀପା ନିଜ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ନଜରୁଲ ସ୍ମୃତି ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ମାତ୍ର ୬ ବର୍ଷ ବୟସରୁ ଜିମ୍ନାଷ୍ଟିକ୍ସ ଆରମ୍ଭ କରିଥିଲେ। ସେ ସମୟରେ ସୋମା ନନ୍ଦୀ ଓ ବିଶ୍ୱେଶ୍ୱର ନନ୍ଦୀଙ୍କ ଅଧୀନରେ ଅଭ୍ୟାସ ଆରମ୍ଭ କରିଥିଲେ, ଯାହା କ୍ୟାରିୟରର ଶେଷଯାଏ ଜାରି ରହିଥିଲା। ୫ ବର୍ଷ ବୟସରେ ଦୀପାଙ୍କର ଫ୍ଲାଟ୍ ଫୁଟ୍ ରହିଥିବା ଜଣାପଡ଼ିଥିଲା। ଏହି କାରଣରୁ ଜିମ୍ନାଷ୍ଟିକ୍ସ କରିପାରିବେ ନାହିଁ ବୋଲି ଡାକ୍ତର କହିଥିଲେ। ତେବେ ନିରନ୍ତର ଉଦ୍ୟମ ଓ ଅଧ୍ୟବସାୟ ବଳରେ ସବୁକିଛି ଯେ ସମ୍ଭବ ଏହା ପ୍ରମାଣିତ କରିଦେଇଥିଲେ ଦୀପା। ଖେଳ ଜାରି ରଖିବା ସହ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣର ରେକର୍ଡ କରିଥିଲେ।

ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଭଲ୍ଟ ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଦୀପା ଭାରତୀୟ କ୍ରୀଡ଼ା ଇତିହାସରେ ଅନ୍ୟତମ ସଫଳ ବ୍ୟକ୍ତିତ୍ୱ ଭାବରେ ଗଣାହୁଅନ୍ତି। ୧୬ ବର୍ଷର କ୍ୟାରିୟର ଭିତରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଇଭେଣ୍ଟରେ ସେ ୭୭ ପଦକ ଜିତି ଏହା ପ୍ରମାଣିତ କରିଛନ୍ତି। ଏହାମଧ୍ୟରେ ୬୭ ସ୍ୱର୍ଣ୍ଣ ପଦକ ରହିଛି। କେବଳ ସେତିକି ନୁହେଁ, ଦୀପା ଦୁଇଥର ବିଶ୍ୱ ଚାମ୍ପିୟନଶିପ୍, ଦୁଇଥର ଏସିଆନ୍ ଚାମ୍ପିୟନଶିପ୍ ଓ ଥରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତିଛନ୍ତି। ୨୦୧୮ରେ ମର୍ସିନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ର ଭଲ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ ଦୀପା। ଏହାସହ ସମାନ ବର୍ଷରେ କୋଟବସ୍ ଚାମ୍ପିୟନଶିପ୍‌ରେ ସେ ଏକ ବ୍ରୋଞ୍ଜ୍ ମଧ୍ୟ ଜିତିଥିଲେ। ୨୦୧୪ରେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୀପା ଏକ ବ୍ରୋଞ୍ଜ୍ ଜିତିଥିଲେ। ପ୍ରଥମ ଭାରତୀୟ ମହିଳା ତଥା ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ସେ ଏହି କୃତିତ୍ୱ ହାସଲ କରିଥିଲେ। ୨୦୨୪ରେ ତାସ୍‌କେଣ୍ଟ ଏସିଆନ୍ ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ଓ ଜାପାନର ହିରୋଶିମାରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନଶିପ୍‌ରେ ମଧ୍ୟ ଏକ ବ୍ରୋଞ୍ଜ୍ ଜିତିଥିଲେ। ୨୦୨୧ରେ ଡୋପିଂ ଅଭିଯୋଗରେ ନାଡା ପକ୍ଷରୁ ଦୀପାଙ୍କୁ ୨୧ ମାସ ବାସନ୍ଦ କରାଯାଇଥିଲା। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ସେ ୨୦୨୪ ତାସ୍‌କେଣ୍ଟ ଏସିଆନ୍ ଚାମ୍ପିୟନଶିପ୍‌ରେ ଭଲ୍ଟ ଇଭେଣ୍ଟରେ ୧୩.୫୬୬ର ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

> **୫ ବର୍ଷ ବୟସରେ ଦୀପାଙ୍କର ଫ୍ଲାଟ୍ ଫୁଟ୍ ରହିଥିବା ଜଣାପଡ଼ିଥିଲା। ସେ ଜିମ୍ନାଷ୍ଟିକ୍ସ କରିପାରିବେ ନାହିଁ ବୋଲି ଡାକ୍ତର କହିଥିଲେ। ତେବେ ନିରନ୍ତର ଉଦ୍ୟମ ଓ ଅଧ୍ୟବସାୟ ବଳରେ ସବୁକିଛି ଯେ ସମ୍ଭବ ଏହା ପ୍ରମାଣିତ କରିଦେଇଥିଲେ ଦୀପା। ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ...**

୨୦୧୬ ରିଓ ଅଲିମ୍ପିକ୍ସ ପୂର୍ବରୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରିଥିଲେ ଦୀପା। ତେବେ ରିଓ ୨୦୧୬ ତାଙ୍କୁ ଭାରତର ଘରେ ଘରେ ପରିଚିତ କରାଇଥିଲା। ରିଓ ଅଲିମ୍ପିକ୍ସରେ କଷ୍ଟସାଧ୍ୟ ପ୍ରୋଡୁନୋଭା ଭଲ୍ଟ ପ୍ରଦର୍ଶନ କରିବା ସହ ୧୫.୦୬୬ ପଏଣ୍ଟ ସ୍କୋରକରି ବ୍ରୋଞ୍ଜ୍ ବିଜେତାଙ୍କଠାରୁ ମାତ୍ର ୦.୧୫ ପଏଣ୍ଟ ପଛରେ ରହିଥିଲେ ଦୀପା। ପ୍ରୋଡୁନୋଭା ଭଲ୍ଟ ଏକ କଷ୍ଟସାଧ୍ୟ ଭଲ୍ଟ, ଯାହା ବିଶ୍ୱର ମାତ୍ର ୫ ଜଣ ଜିମ୍ନାଷ୍ଟ କରିପାରିଛନ୍ତି। ଦୀପା ୨ଥର ଏହାକୁ ସଫଳତାର ସହ କରିଛନ୍ତି। ପ୍ରଥମେ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଦ୍ୱିତୀୟଥର ରିଓ ୨୦୧୬ରେ ସେ ଏହା କରିଥିଲେ। ରିଓରେ ପଦକରୁ ବଞ୍ଚିତ ହୋଇଥିଲେ ମଧ୍ୟ କୋଟି କୋଟି ଭାରତୀୟଙ୍କୁ ଜିମ୍ନାଷ୍ଟିକ୍ସରେ କ୍ୟାରିୟର କରିବା ପାଇଁ ସେ ଅନୁପ୍ରାଣିତ କରିଥିଲେ। ୨୦୧୭ ପରଠାରୁ ଆହତ ସମସ୍ୟା କାରଣରୁ ଦୀପାଙ୍କ କ୍ୟାରିୟର ଲମ୍ବା ହୋଇପାରି ନ ଥିଲା। ଦୀପା ନିୟମିତ ଆହତ ସମସ୍ୟାରେ ରହୁଥିବା ବେଳେ ୨୦୨୧ରେ ଡୋପିଂ କାରଣରୁ ତାଙ୍କୁ ୨୧ ମାସ ବାସନ୍ଦ କରାଯାଇଥିଲା।

## ଖେଳ

ଭାରତ ଟି୨୦ ସିରିଜ ବିଜୟୀ
ନୀତୀଶ କୁମାର ରେଡି
ଚଉତିରିଶ ବଲ୍‌ରୁ ଚଉସ୍ତରି ରନ୍
ଦେଖ ରେଙ୍କୀ ଟାଟୁ ବଡି
ଦୁଇ ଉଇକେଟ ଭିଡି
ଦୁଇ ଶହ ଏକୋଇଶ
ଟିମ୍ ସ୍କୋର କଲା
ବାଂଲା ହୋସ୍ ଗଲା ଉଡି।
ପକ୍ଷୀ ଅନ୍ତାକ୍ଷରୀ ପ୍ରତିଯୋଗିତା ହୁଏ
ଆୟୋଜକ ଥାଇଲାଣ୍ଡ
ପଚିଶ ଶହ ପକ୍ଷୀ ଭାଗ ନେଇ ଗୀତ
ଗାଇବେ ଖୋଲିକି ତୁଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
କୋଇଲି ପାରା ଶୁଆ
ସୁର ଶବ୍ଦ ଦେଖି
ଜଜ୍ ବାଛିବେ ଷଣ୍ଢ।
ହାତୀ ଘୋଡା ପରି
କେତେ ପ୍ରାଣୀଙ୍କର
ଖେଳ ପାଇଁ ଖେଳେ ନର
ଲାଭ ଲୋଭ ପାଇଁ ମଣିଷ ଛଡାଇ
ନିଏ ପ୍ରାଣୀ ଅଧିକାର
ଜୀବ ପ୍ରତି ଦୟାକର
ଆଜି ବିଶ୍ୱ ପ୍ରାଣୀ ଦିବସର ଥିମ୍
ବିଶ୍ୱ ମଧ୍ୟ ତାଙ୍କ ଘର।

-ସୁବାସ ଚନ୍ଦ୍ର ପ୍ରଧାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ରାହୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁପିଆଇ କାରବାର ୬ ମାସରେ ୫୨% ବୃଦ୍ଧି

ଭୁବନେଶ୍ୱର, ୧୦।୧୦
(ଅନୁରାଧା ମହାରଣା)

କ୍ରମାଗତ ଭାବେ ଘରୋଇ ବଜାରରେ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ବା ୟୁପିଆଇର କାରବାର ବୃଦ୍ଧି ପାଉଛି। ଏପରିକି ୨୦୨୪ ଜାନୁଆରୀ ୧ରୁ ଜୁନ୍ ଶେଷ ମଧ୍ୟରେ ୟୁପିଆଇର କାରବାର ପ୍ରାୟ ୭୯(୭୮.୯୭) ବିଲିୟନରେ ପହଞ୍ଚିଛି। ଏହି ୬ ମାସ ମଧ୍ୟରେ ହୋଇଥିବା କାରବାର ପୂର୍ବ ବର୍ଷ ତୁଳନାରେ ୫୨% ବୃଦ୍ଧି ପାଇଛି ବୋଲି ପେମେଣ୍ଟ ଟେକ୍ନୋଲୋଜି ସେବା ପ୍ରଦାନକାରୀ 'ୱାର୍ଲ୍ଡଲାଇନ' ଗୁରୁବାର ଏକ ରିପୋର୍ଟରେ ବିସ୍ତୃତ ଭାବେ ଏହି ସୂଚନା ଦେଇଛି। ୨୦୨୪ ଜାନୁଆରୀରୁ ଜୁନ୍ ମଧ୍ୟରେ ହୋଇଥିବା କାରବାରକୁ ନେଇ ପ୍ରସ୍ତୁତ ହୋଇଥିବା ତଥ୍ୟରେ କୁହାଯାଇଛି, ୨୦୨୩ ୟୁପିଆଇ କାରବାର ସଂଖ୍ୟା ଜାନୁଆରୀରେ ୮.୦୩ ବିଲିୟନ ଥିଲା, ଯାହା ଜୁନ୍ ୨୦୨୪ ସୁଦ୍ଧା ୧୩.୯ ବିଲିୟନକୁ ବୃଦ୍ଧିପାଇଥିଲା। କାରବାର ସଂଖ୍ୟା ବୃଦ୍ଧି ପାଉଥିବାବେଳେ କାରବାର ପରିମାଣ ମଧ୍ୟ ଅନୁରୂପ ଭାବେ ବଢ଼ିଛି। ୨୦୨୩ ଜାନୁଆରୀରେ, ୟୁପିଆଇ ମାଧ୍ୟମରେ ୧୨.୯୮ ଲକ୍ଷ କୋଟି ଟଙ୍କାର କାରବାର କରାଯାଇଥିବାବେଳେ ୨୦୨୪ ଜୁନ୍‌ରେ ୨୦.୦୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧିପାଇଛି। ରିପୋର୍ଟ ଅନୁଯାୟୀ, ଗତ ବର୍ଷର ସମାନ ଅବଧି ତୁଳନାରେ




ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ୟୁପିଆଇ କାରବାର ସଂଖ୍ୟାରେ ୫୨ ପ୍ରତିଶତ ବୃଦ୍ଧିପାଇଛି। କାରବାର ସଂଖ୍ୟା ୨୦୨୩ର ପ୍ରଥମାର୍ଦ୍ଧରେ ୫୧.୯ ବିଲିୟନରୁ ଏହି ବର୍ଷର ସମାନ ଅବଧିରେ ୭୮.୯୭ ବିଲିୟନକୁ ବୃଦ୍ଧିପାଇଛି। ଏହି ଅବଧି ମଧ୍ୟରେ ୟୁପିଆଇ କାରବାରର ମୂଲ୍ୟ ୪୦ ପ୍ରତିଶତ ବୃଦ୍ଧି ପାଇଛି। ଏହା ୮୩.୧୬ ଲକ୍ଷ କୋଟିରୁ ୧୧୬.୬୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୟୁପିଆଇ କାରବାରର ସଂଖ୍ୟା ଏବଂ ମୂଲ୍ୟ ଦୃଷ୍ଟିରୁ ଫୋନ୍ ପେ ଅଗ୍ରଣୀ ୟୁପିଆଇ ପ୍ଲାଟ୍‌ଫର୍ମ ଭାବରେ ଉଭାହୋଇଛି। ଏହା ପଛକୁ ଗୁଗଲ ପେ ଏବଂ ପେଟିଏମ୍ ରହିଛି। ତେବେ ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ୟୁପିଆଇ କାରବାରର ହାରାହାରି ଟିକେଟ ଆକାର (ପ୍ରତି କାରବାର ମୂଲ୍ୟ)ରେ ୮% ହ୍ରାସ ଘଟିଛି। ଗତ ବର୍ଷର ପ୍ରଥମାର୍ଦ୍ଧରେ ହାରାହାରି ଟିକେଟ ଆକାର ୧,୬୦୩ ଟଙ୍କା ଥିବାବେଳେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ଏହା ୧,୪୭୮ ଟଙ୍କାକୁ ଖସି ଆସିଛି। ହାରାହାରି ଟିକେଟ ଆକାରରେ ବ୍ୟକ୍ତିଠାରୁ ବ୍ୟକ୍ତି ଏବଂ ବ୍ୟକ୍ତିଠାରୁ ଦୋକାନ କାରବାର ଅନ୍ତର୍ଭୁକ୍ତ ରହିଛି।

# ହିରୋ ମୋଟୋକର୍ପର ପାର୍ବଣ ଅଭିଯାନ




ନୂଆଦିଲ୍ଲୀ,୧୦।୧୦

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହିରୋ ମୋଟୋକର୍ପର ପାର୍ବଣ ଅଭିଯାନ 'ଶୁଭ ମୁହୁରତ୍ ଆୟା, ହିରୋ ସାଥ୍ ଲାୟା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ହିରୋ ମୋଟୋକର୍ପର ତୃତୀୟ ସଂସ୍କରଣକୁ ଉଜ୍ଜୀବିତ କରିବାକୁ ଯାଇ ବ୍ରାଣ୍ଡ୍ ପକ୍ଷରୁ ଗ୍ରାଣ୍ଡ ଇଣ୍ଡିଆନ ଫେଷ୍ଟିଭାଲ ଅଫ୍ ଟ୍ରଷ୍ଟ (ଜିଆଇଏଫ୍‌ଟି)ର ଆକର୍ଷଣୀୟ ସୁଯୋଗକୁ ଗ୍ରାହକମାନଙ୍କ ମଧ୍ୟରେ ପ୍ରତିଫଳିତ କରାଇଛି।

ସେହିଭଳି ଶିଳ୍ପ ଜଗତରେ ପ୍ରଥମ ଥର ପାଇଁ ହିରୋ ମୋଟୋକର୍ପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ଏକ ଜେନ୍-ଏଆଇ ଅଭିଯାନ 'ଶୁଭ ମୁହୁରତ୍ ସାଥୀ'ର ଉପସ୍ଥାପନ କରିଛି,ଯାହାର ବିଶେଷତ୍ୱ ମଧ୍ୟରେ ଦିବେନ୍ଦୁ ଶର୍ମା ତଥା ହଂସିକା ମୋଟ୍‌ୱାନିଙ୍କ ଭଳି ଯୁବ ଆଇକନ ତଥା କଳାକାର ସାମିଲ ରହିଛନ୍ତି।

କମ୍ପାନୀ ଅନେକ ଆକର୍ଷଣୀୟ ଉତ୍ସବ ରିହାତି ପ୍ରଦାନ କରୁଛି। ଏହା ମଧ୍ୟରେ ହିରୋ ମୋଟୋକର୍ପର ପ୍ରିମିୟା ଆଉଟଲେଟରୁ ବିଶେଷ ବିନିମୟ ସୁବିଧା ସାମିଲ ରହିଛି। ଏପରିକି ୪.୯୯% ସର୍ବନିମ୍ନ ସୁଧ ହାର ଏବଂ ୧୯୯୯ ଟଙ୍କାରୁ କମ୍ ଡାଉନ ପେମେଣ୍ଟ ଭଳି ରିହାତି ଅଫର ରହିଛି।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ରାହୁଲ ଅଧିରାଜ**
ବାଲିଅନ୍ତା, ଭୁବନେଶ୍ୱର
ଆଜି ତୋର ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ଜେଜେ, ଜେଜେମା, ବଡ଼ବାପା, ବଡ଼ବୋଉ, ବାପା, ମାମା, ତିତି, ଦାଦା, ଅଜା, ଆଇ ଓ ଅନ୍ୟ ସମ୍ପର୍କୀୟମାନେ।
ଧ-୭୧୨୩୫


# ବେଦାନ୍ତ ଆଲୁମିନିୟମରେ ଏଲ୍‌ଏମ୍‌ଇ ପାସ୍‌ପୋର୍ଟର ସଫଳ ରୂପାୟନ

ନୂଆଦିଲ୍ଲୀ,୧୦।୧୦

ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ସଫଳତା ମିଳିଛି। ବର୍ତ୍ତମାନ କମ୍ପାନୀ ଲଣ୍ଡନ ମେଟାଲ ଏକ୍ସଚେଞ୍ଜ (ଏଲ୍‌ଏମ୍‌ଇ)ରେ ସାମିଲ ହୋଇଛି। ଏପରିକି ଶିଳ୍ପଧାତୁ କାରବାର ତଥା ବେଞ୍ଚମାର୍କ ମୂଲ୍ୟ ସ୍ଥିର କରିବା ଲାଗି ଗ୍ଲୋବାଲ ହବ୍ ଏଲ୍‌ଏମ୍‌ଇରେ ପ୍ରବେଶକରି ଏହା ସଫଳତାର ସହ ଏଲ୍‌ଏମ୍‌ଇ ପାସ୍‌ପୋର୍ଟ ପ୍ରୋଗ୍ରାମରେ କାର୍ଯ୍ୟ କରୁଛି। ଏହା ବେଦାନ୍ତ ଆଲୁମିନିୟମକୁ ଭାରତର ପ୍ରଥମ ସ୍ମେଲଟର ୟୁନିଟ୍ ଭାବେ ଏହାର ଧାତୁ ଗୁଣବତ୍ତା ବିଶ୍ଳେଷଣ ପ୍ରଣାଳୀକୁ ଏଲ୍‌ଏମ୍‌ଇ ପାସ୍‌ପୋର୍ଟ ପ୍ଲାଟ୍‌ଫର୍ମରେ ସିଧାସଳଖ ଡିଜିଟାଲ ସଂଯୋଗ ସ୍ଥାପନ କରିବାକୁ ବିଶ୍ୱସ୍ତରରେ ୫ମ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦକ ଭାବେ ପରିଣତ କରିଛି।



ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଏଲ୍‌ଏମ୍‌ଇ ପାସ୍‌ପୋର୍ଟର ସଫଳ ରୂପାୟନ ସହିତ ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଆମର ପ୍ରତିବଦ୍ଧତାକୁ ସୂଚିତ କରିଛି, ଯାହା ଧାତୁରେ ଆମର ସର୍ବୋଚ୍ଚ ବିଶ୍ୱମାନ୍ୟତା ପୂରଣ ପାଇଁ ସକ୍ଷମ କରିଛି। ଏହାଦ୍ୱାରା ଆମର ଗ୍ରହକମାନେ ସର୍ବୋଚ୍ଚ ଗୁଣବତ୍ତାଯୁକ୍ତ ଉତ୍ପାଦ ପାଇପାରିବେ ଏବଂ ଆଲୁମିନିୟମ ଉଦ୍ୟୋଗରେ ଜଣେ ଅଗ୍ରଣୀ ଭାବେ ଆମର ସ୍ଥିତିକୁ ଏହା ସୁଦୃଢ଼ କରିବ।

ଶିଳ୍ପ ଧାତୁର ବାଣିଜ୍ୟ ପାଇଁ ଏଲ୍‌ଏମ୍‌ଇ ହେଉଛି, ବିଶ୍ୱସ୍ତରୀୟ କେନ୍ଦ୍ରୀୟ ହବ୍, ଆଲୁମିନିୟମ ଲାଗି ବିଶ୍ୱ ମାନଦଣ୍ଡ ମୂଲ୍ୟ ସ୍ଥିର କରିଛି। ଅକ୍ଟୋବର ୨୪ ସୁଦ୍ଧା ସମସ୍ତ ସିଓଏ ଦାଖଲ ପ୍ରକ୍ରିୟାକୁ ଡିଜିଟାଇଜ କରିବା ଲାଗି ସବୁ ପ୍ରକାର ପ୍ରାଥମିକ ସ୍ମେଲଟରଙ୍କ ପାଇଁ ଏହି ବିନିମୟ ବାଧ୍ୟତାମୂଳକ ହୋଇଛି।

# ଫ୍ୟାଶନ ଆଣ୍ଡ ବିୟୁଟି ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୧୦।୧୦

ଚଳିତ ବର୍ଷ ପାର୍ବଣ ଋତୁରେ ଆମାଜନ୍ ଫ୍ୟାଶନ ଆଣ୍ଡ ବିୟୁଟି ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କଲେକ୍ସନଗୁଡିକ ଗ୍ରାହକଙ୍କ ପ୍ରତ୍ୟେକ ପର୍ବପର୍ବାଣିର ଲୁକ୍‌କୁ ଭିନ୍ନ କରିବା ପାଇଁ ପ୍ଲାଟ୍‌ଫର୍ମରେ ଉପସ୍ଥାପିତ କରାଯାଇଛି। ଏପରିକି ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍-୨୦୨୪ ରେ ଗ୍ରାହକମାନେ ପୋଷାକ, ଜୋତା, ଆସେସରିଜ୍, ବିଳାସପୂର୍ଣ୍ଣ ବିୟୁଟି ଏବଂ ଭ୍ରମଣ ବର୍ଗରେ ଟପ୍ ଫ୍ୟାଶନ୍ ଏବଂ ବିୟୁଟି ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ୮୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏଥିନିକ୍ ପୋଷାକ, ଘଣ୍ଟା, ସ୍ମାର୍ଟୱାଚ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ମଧ୍ୟ ଗ୍ରାହକମାନେ ବର୍ଷର ସର୍ବନିମ୍ନ ମୂଲ୍ୟ ଉପଭୋଗ କରିବେ। ଏପରିକି ବିଭିନ୍ନ ଶୈଳୀ ଏବଂ ବଜେଟକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା କଲେକ୍ସନ ସହ ଆମାଜନ ଫ୍ୟାଶନ ଏବଂ ବିୟୁଟିର ସ୍ୱତନ୍ତ୍ର ଭାବେ କ୍ୟୁରେଟେଡ୍ ରେଞ୍ଜ୍‌ରେ ୧୫୦୦ରୁ ଅଧିକ ଫ୍ୟାଶନ ବ୍ରାଣ୍ଡ୍ ଓ ୧୩୦୦ରୁ ଅଧିକ ଘରୋଇ ସୌନ୍ଦର୍ଯ୍ୟ ବ୍ରାଣ୍ଡ୍ ଏବଂ ୬୦ରୁ ଅଧିକ ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ବ୍ରାଣ୍ଡର ୩୦ମିଲିୟନରୁ ଅଧିକ ଚୟନ ଏବଂ ୩ ମିଲିୟନରୁ ଅଧିକ ଷ୍ଟାଇଲ ଉପଲବ୍ଧ ହେଉଛି। ଶାର୍ଟ, କୁର୍ତା, ଜିନ୍ସ ଆଦି ଉପରେ ୬୦% ରିହାତି, ଷ୍ଟାଇଲିଶ୍ ଏଥିନିକ୍ ପୋଷାକ ଉପରେ ୬୦% ରିହାତି, ଟ୍ରେଣ୍ଡି ହ୍ୟାଣ୍ଡବ୍ୟାଗ୍‌ରେ ସର୍ବନିମ୍ନ ୭୫% ରିହାତି ଓ ବିଳାସପୂର୍ଣ୍ଣମେକ୍‌ଅପ୍‌ପ୍ରଡକ୍ଟଉପରେ ୨୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ଉପଲବ୍ଧ ରହିଛି।


**Classified Everyday**
**0674-2580101, 2549949**



REAL ESTATE
**SALE**

For sale- Balianta, Bainchua Duplex, Plotting. Contact: 7326963978. D-1632

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1631

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75792

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

**3/4BHK ready to move speious duplex with amenities at Balianta near Syphon Sqr. Contact No.- 8457085107.** D-1535




**2350sqft. Office space available for rent in Saheed nagar, Bhubaneswar. 300mtr. from Rupali square. 7735111058, 9348206389.** D-1630




Newly open Jyoti SPA positively health benefits (Expert therapist). 8458067955. D-76162

Kerala Massage therapy gents/ Ladies pain relief Bhubaneswar. 9337672475. D-1575

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75791

**LOST**

Affidavit before Notary Public, Digapahandi, I, Sutari Prasanta Reddy (46), S/o- Sutari Kasinath Reddy, Vill- Goutami, P.S.- B.Sadar, Ganjam. I lost my purchased documents vide No.-10632002724/ 06.11.2020 with other valuable document, when I was travelling from Pattapur to Goutami. No of times I searched but didnot find. Anybody found may contact Sadar Thana or given address above. D-1634

**AFFIDAVIT**

I, Managovinda Dash, S/o- Late Udakar Dash, resident of At- Jafarpur, P.O.- Biripata, P.S.- Mangalpur, Dist.- Jajpur-755013, Odisha declare by this affidavit No.-8019, dtd.- 10.10.2024. That now onwards I shall be known as Managobinda Dash for all purpose. D-1625

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Salipur, dated- 08.10.24 I, Pradipta Ray, Address- At-Nandol, P.O.-Bhatapada, Via-Bahugram, P.S.-Salipur, Dist.-Cuttack declare that I have changed my name from Pradipta Kumar Kabat to Pradipta Ray. Henceforth, I shall be known as Pradipta Ray for all purposes.
Pradipta Ray
D-1609

By virtue of an affidavit sworn before Executive Magistrate, Pipili, dated 09.10.2024, I, Binodini Nayak, At-Patasahanipur, P.O.-Govindpur, P.S.-Pipili, Via-Pipili, Dist.-Puri, State-Odisha, PIN-752104, declare that I have changed my name from Minati Nayak to Binodini Nayak. Henceforth, I shall be known as Binodini Nayak for all purpose in future. D-1633

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନେ ପଡ଼ନ୍ତି

**୧୭ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କମଳା କୁମାରୀ ନନ୍ଦ**
ସ୍ୱା- ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
ପରିବାରବର୍ଗ
ଧ-୧୬୨୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିନୋଦ ବିହାରୀ ରାଉତରାୟ**
ଘାଗରା, ଇନ୍ଦୁପୁର, କେନ୍ଦ୍ରାପଡ଼ା
ଆବିର୍ଭାବ-୨୫।୧୦।୧୯୩୯ କୁମାର ପୂର୍ଣ୍ଣିମା
ତିରୋଧାନ- ୨୧।୧୦।୨୦୨୩ ଦୁର୍ଗା ଅଷ୍ଟମୀ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆମକୁ ଏକା କରି କେଉଁ ଅଫେରା ରାଇଜକୁ ଚାଲିଗଲ ପ୍ରେମମୟଙ୍କ ପ୍ରେମଙ୍ଗୀ ସାଜିବାକୁ। ଏ ମନ ପ୍ରାଣ ଏବେବି ଭାବୁଛି ତୁମେ ଆମ ପାଖେ ପାଖେ ଅଛ। ତୁମେ ଦେଇଥିବା ଶିକ୍ଷା ଆମ ଜୀବନର ମାର୍ଗ ହୋଇ ରହିବ। ତୁମର ବିଶ୍ୱପ୍ରେମ, ସମସ୍ତଙ୍କୁ ଆତ୍ମୀୟତା କରିବାର ପ୍ରୟାସ ଆମକୁ ପ୍ରେରଣା ଦେଉଥିବ। ଠାକୁର ଅଭିରାମ ତୁମକୁ ତାଙ୍କର ପଦ୍ମପାଦରେ ସ୍ଥାନ ଦିଅନ୍ତୁ। ଶୋକସନ୍ତପ୍ତ- ପତ୍ନୀ: ଶାନ୍ତିଲତା, ପୁତ୍ର: ବାବି ଓ ଆପୁ, ପୁତ୍ରବଧୂ: ପୂଜା, ଝିଅ: ମାମି ଓ ଟମି, ଜ୍ୱାଇଁ: ବୁଲୁ, ଭଣଜା: ଟିକୁ ଓ ବାପୁ, ଭାଣିଜୀ: ନମୀ, ଭଣଜା ବୋହୂ: ମାନି ଓ ବେଙ୍ଗୁଲି, ନାତି: ମୁନ୍ନ, ସାଇନ୍ନ, କୃଷ୍ଣ, ଅଂଶୁ, ଶୁଭମ୍, ନାତୁଣୀବୋହୂ: ଶ୍ୱେତା, ନାତୁଣୀ: ମାମାଲି ଓ ଗୁଗୁ, ନାତୁଣୀଜ୍ୱାଇଁ: ଲିପୁନ।
ଧ-୧୬୨୭

**ଦଶାହ ଅବସରରେ**



**ସ୍ୱର୍ଗତ ଯୁଗଳ ଚରଣ ଦାସ**
ରାଜା ବଗିଚା ଶିକ୍ଷକ ଭବନ ପାଖ, ନୟାଗଡ଼
ଆବିର୍ଭାବ: ୦୫।୦୨।୧୯୪୦
ତିରୋଧାନ: ୦୨।୧୦।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ- ପୁତ୍ର: ଜ୍ୟୋତି ରଞ୍ଜନ ଓ ଜଗତ ଜୀବନ, ବୋହୂ- ଦୀପା ଓ ମାମୁନି, ନାତି- ପ୍ରାରମ୍ଭ, ନାତୁଣୀ- ଶ୍ରେୟା ଓ ମିଷ୍ଟି, ଦାସ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୬୨୯

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୦।୧୦

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୧ (୧୪୧.୩୧) ପଏଣ୍ଟ ବଢ଼ି ୮୧,୬୧୧ (୮୧,୬୧୧.୪୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬(୧୬.୫୦) ପଏଣ୍ଟ ବୃଦ୍ଧି ଘଟି ୨୪,୯୯୮ (୨୪,୯୯୮.୪୫) ଅଙ୍କରେ କାରବାର ଶେଷ ହୋଇଥିଲା।

## ବାର୍ଷିକ ଅର୍ଡରରେ ୪୦% ବୃଦ୍ଧି

ନୂଆଦିଲ୍ଲୀ,୧୦।୧୦

ଦେଶର ପ୍ରମୁଖ ଇ କମର୍ସ ପ୍ଲାଟ୍‌ଫର୍ମ ମିଶୋର ଫ୍ଲାଗ୍‌ଶିପ ମେଗା ବ୍ଲକ୍‌ବଷ୍ଟର ସେଲ୍‌ସ-୨୦୨୪ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏପରିକି ୨୦୨୪ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବାବେଳେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ମିଶୋର ମୋଟ ଅର୍ଡର ୪୦%ରୁ ଅଧିକ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, ଏହି ସମୟ ମଧ୍ୟରେ ୩କୋଟିରୁ ଅଧିକ ଆପ୍ ଡାଉନ୍‌ଲୋଡ୍ ହୋଇଥିବା ଦେଖାଯାଇଛି। କେବଳ ଓଡ଼ିଶାରେ ଗତବର୍ଷଠାରୁ ଆପ୍ ଡାଉନ୍‌ଲୋଡ୍ ୯୮% ରୁ ଅଧିକ ବୃଦ୍ଧିପାଇଛି। ଓଡ଼ିଶାର ଦୋକାନୀମାନଙ୍କ ଦ୍ୱାରା ପସନ୍ଦ କରାଯାଇଥିବା ଶୀର୍ଷ ଉତ୍ପାଦ ଗୁଡ଼ିକ ହେଲା ବ୍ଲୁଟୁଥ୍, ହେଡ୍‌ଫୋନ ଓ ଇୟରଫୋନ, ଘର ସାଜସଜ୍ଜା, ଲେହେଙ୍ଗା ଚୋଲି, ସ୍ମାର୍ଟ ୱାଚ୍, ଏକ୍ସଟେନ୍ସନ ବୋର୍ଡ ଇତ୍ୟାଦି। ଏ ସମ୍ପର୍କରେ ମିଶୋର ମହାପ୍ରବନ୍ଧକ (ୟୁଜର ଗ୍ରୋଥ୍) ମିଲନ ପରଟାନି କହିଛନ୍ତି, ମିଶୋର ଆମେ ଆମର ଉପଭୋକ୍ତାଙ୍କ ପାଇଁ ଏକ ଅନନ୍ୟ ଶପିଂ ଅଭିଜ୍ଞତା ପ୍ରଦାନ କରିବାକୁ ଉତ୍ସର୍ଗୀକୃତ ହୋଇଛୁ। ଏହି ଉତ୍ସବ ଋତୁରେ ଗ୍ରାହକମାନେ ନିଜସ୍ୱ ଯତ୍ନ ଓ ଘରର ଉନ୍ନତିକୁ ହୃଦୟ ସହ ଗ୍ରହଣ କରିଥିବାରୁ ମିଶୋ ବର୍ଗରେ ପ୍ରଭାବଶାଳୀ ଅଭିବୃଦ୍ଧି ଘଟିଛି। ରୋଷଇଘର ପାଇଁ ଆବଶ୍ୟକ ଉପକରଣ, ସୌନ୍ଦର୍ଯ୍ୟ ଓ ବ୍ୟକ୍ତିଗତ ଯତ୍ନ କ୍ଷେତ୍ରରେ ୬୦% ବୃଦ୍ଧି ଘଟିଥିବା ବେଳେ ବେବି ଏସେନ୍‌ସିଆଲରେ ୭୫% ବୃଦ୍ଧି ଘଟିଛି। ବ୍ରାଣ୍ଡେଡ୍ ଉତ୍ପାଦଗୁଡ଼ିକର ଚାହିଦା ବଢୁଥିବାରୁ ମିଶୋ ମଲ୍ ଅର୍ଡରରେ ୨ଗୁଣା ବିକାଶ କରିଛି। ଉପଭୋକ୍ତାଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି ଘଟିଛି। ମିଶୋର ମେଗା ବ୍ଲକ୍ ବ୍ଲଷ୍ଟରର ବିକ୍ରୟ ବିକ୍ରେତାମାନଙ୍କୁ ସେମାନଙ୍କ ଗ୍ରାହକ ବିସ୍ତାର ଓ ବ୍ୟବସାୟ ବୃଦ୍ଧି ଲାଗି ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି। ଏହି ବର୍ଷ ୪୦,୦୦୦ ବିକ୍ରେତା ବିକ୍ରୟ ଇଭେଣ୍ଟରେ ଲକ୍ଷପତି ହୋଇଛନ୍ତି।

# ପଦ୍ମିନୀ ଏକକ ଅଗ୍ରଣୀ

**ଜାତୀୟ ମହିଳା ଚେସ୍**

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ)**

ତାମିଲନାଡୁର କରାଇକୁଡ଼ିରେ ଚାଲିଥିବା ୫୦ତମ ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତ ପ୍ରଭାବୀ ପ୍ରଦର୍ଶନ ଜାରି କରିଛନ୍ତି। ପିଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପଦ୍ମିନୀ ଗୁରୁବାର ୮ମ ରାଉଣ୍ଡ ଖେଳ ଶେଷସୁଦ୍ଧା ୭ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ତାମିଲନାଡୁର ମହିଳା ଅନ୍ତର୍ଜାତୀୟ ମାଷ୍ଟର କେ. ପ୍ରିୟଙ୍କା ଓ ମହିଳା ଗ୍ରାଣ୍ଡମାଷ୍ଟର ନନ୍ଧିଧା ପି.ଭି. ୬.୫ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ପିଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମହିଳା ଗ୍ରାଣ୍ଡମାଷ୍ଟର ମାରୀ ଆନ୍ ଗୋମ୍ସ, ତାମିଲନାଡୁର ମହିଳା ଫିଡେ ମାଷ୍ଟର ସରନ୍ୟା ଜେ. ଓ ମହିଳା ଗ୍ରାଣ୍ଡମାଷ୍ଟର ରକ୍ଷିତା ରବି ମଧ ୬.୫ ପଏଣ୍ଟ ଲେଖାଏ ପାଇଛନ୍ତି। ପ୍ରତିଯୋଗିତାରେ ଆଉ ୩ ରାଉଣ୍ଡ ଖେଳ ବାକି ରହିଛି।



ପଦ୍ମିନୀ ରାଉତ

ଏଲ୍‌ଆଇସି ପକ୍ଷରୁ ଖେଳୁଥିବା ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ୬, ୟଶିତା ରାଉତ ଓ ଅପରାଜିତା ଗୋଚ୍ଛିକାର ୫ ପଏଣ୍ଟ ଲେଖାଏ, ଶୂନ୍ୟସକ୍ତା ଶତପଥୀ ୪.୫, ପ୍ରତ୍ୟାଶା ଜେନା ଓ ସାଞ୍ଚି ସାହୁ ୩.୫ ପଏଣ୍ଟ ଲେଖାଏ ପାଇଛନ୍ତି। ୩ୟ ର୍‍ୟାଙ୍କ୍‌ରୁ ଖେଳ ଆରମ୍ଭ କରିଥିବା ପଦ୍ମିନୀ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ନ ହାରି ଅପରାଜେୟ ରହିଛନ୍ତି। ସେ ୮ ରାଉଣ୍ଡରୁ ୬ଟିରେ ବିଜୟୀ ହୋଇଥିବାବେଳେ ୨ଟି ମ୍ୟାଚ ଡ୍ର ରଖିଛନ୍ତି। ୯ମ ରାଉଣ୍ଡରେ ସେ ତାମିଲନାଡୁର ମହିଳା ଗ୍ରାଣ୍ଡମାଷ୍ଟର ନନ୍ଧିଧା ପି.ଭି.ଙ୍କୁ ଭେଟିବେ।

# ଭାରତ ପୁରୁଷ ଦଳକୁ ବ୍ରୋଞ୍ଜ ପଦକ

**ଏସିଆନ ଟେବୁଲ ଟେନିସ**

**ନୂଆଦିଲ୍ଲୀ, ୧୦।୧୦ (ପି.ଟି.)**

ଗୁରୁବାର ସେମିଫାଇନାଲରେ ଚାଇନିଜ ତାଇପେଠାରୁ ୦-୩ରେ ପରାଜିତ ହେବା ପରେ ଭାରତୀୟ ପୁରୁଷ ଦଳ କାଜାକସ୍ତାନର ଅଷ୍ଟାନାଠାରେ ଚାଲିଥିବା ଏସିଆନ ଟେବୁଲ ଟେନିସ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛି। ଏହା ପୂର୍ବରୁ ଭାରତୀୟ ମହିଳା ଦଳ ବୁଧବାର ପ୍ରତିଯୋଗିତାରେ ବ୍ରୋଞ୍ଜପଦକ ଜିତିଥିଲା। ୧୯୭୨ରେ ଏହି ଇଭେଣ୍ଟ ଆରମ୍ଭ ହେବାପରେ ଦେଶର ଏହା ପ୍ରଥମ ପଦକ ଥିଲା। କିମ୍ବଦନ୍ତୀ ବିଶ୍ୱର ୪୨ ନମ୍ବର ଅଚନ୍ତା ଶରଥ କମଲ ବିଶ୍ୱର ୭ ନମ୍ବର ଲିନ୍ ୟୁନ୍-ଜୁଙ୍ଗଠାରୁ ୧୧-୭, ୧୨-୧୦, ୧୧-୯ରେ ପରାଜିତ ହୋଇଯାଇଥିଲେ। ପରେ ମାନବ ଠକ୍କର ବିଶ୍ୱର ୨୨ ନମ୍ବର କାଓ ଚେଙ୍ଗ୍-ଜୁଇଙ୍କ ନିକଟରୁ ୧୧-୯, ୮-୧୧, ୧୧-୩, ୧୩-୧୧ରେ ପରାଜିତ ହୋଇଯାଇଥିଲେ। ଏହି ବିଜୟ ସହ ଚାଇନିଜ ତାଇପେ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ ଗେମ୍‌ରେ ହରମିତ ଦେଶାଇଙ୍କ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଥିଲା। ସେ ହୁଆଙ୍ଗ ୟାନ ଚେଙ୍ଗଙ୍କଠାରୁ ୬-୧୧, ୬-୧୧, ୭-୧୧ରେ ପରାସ୍ତ ହୋଇଥିଲେ। ଏହି ପରାଜୟ ସତ୍ତ୍ୱେ ସମ୍ମାନଜନକ ଏସିଆନ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିବା ବଡ଼ କଥା ବୋଲି ଭାରତ ଟେବୁଲ ଟେନିସ ମହାସଂଘ କହିଛି।

# ପ୍ରହ୍ଲାଦ ତ୍ରିପାଠୀ ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ):** ଭାରତ ଓ ବାଂଲାଦେଶ ମଧ୍ୟରେ ଚଳିତ ସିରିଜର ୩ୟ ଟି୨୦ କ୍ରିକେଟ ମ୍ୟାଚ୍ ହାଇଦ୍ରାବାଦରେ ଆସନ୍ତା ୧୨ରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଦସ୍ୟ ପ୍ରହ୍ଲାଦ ତ୍ରିପାଠୀଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି।

# ଆଇଓସି ସଭାପତି ପାଇଁ ୭ ପ୍ରାର୍ଥୀ

**ଲାଉସାନେ, ୧୦।୧୦ (ଏପି):** ଆସନ୍ତା ବର୍ଷ ମାର୍ଚ୍ଚରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ପଦବୀ ପାଇଁ ନିର୍ବାଚନ ହେବ। ଏହି ପଦବୀ ପାଇଁ ୭ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୩୦ରେ ଆଇଓସିର ଏକ ରୁଦ୍ଧଦ୍ୱାର ବୈଠକ ଡକାଯାଇଛି। ଏଥିରେ ପ୍ରାର୍ଥୀମାନେ ଭୋଟରଙ୍କ ସହିତ ପରିଚିତ ହେବେ। ଆଇଓସିର ନିୟମ ଅନୁସାରେ ପ୍ରାର୍ଥୀଙ୍କୁ ଭିଡିଓ ପ୍ରକାଶନ, ସାଧାରଣ ସଭା ଆୟୋଜନ ଓ ବିତର୍କରେ ଅଂଶଗ୍ରହଣକୁ ବାରଣ କରାଯାଇଛି। ବୈଠକରେ ଆଇଓସିର ସଦସ୍ୟମାନେ ୭ ପ୍ରାର୍ଥୀଙ୍କ ଯୋଜନା ସମ୍ପର୍କରେ ଶୁଣିବାର ସୁଯୋଗ ପାଇବେ। ନିର୍ବାଚିତ ପ୍ରାର୍ଥୀ ବିଦାୟୀ ଆଇଓସି ସଭାପତି ଥୋମାସ ବାକ୍‌ଙ୍କ ସ୍ଥାନ ପୂରଣ କରିବେ। ଏଥିପାଇଁ କାର୍ଯ୍ୟନିର୍ବାହୀ ବୋର୍ଡର ୩ ସଦସ୍ୟ ସ୍ପେନର ଆଣ୍ଟୋନିଓ ସମରାଞ୍ଚ ଜୁନିୟର, ଜୋର୍ଡାନର ପ୍ରିନ୍ସ ଫିଜାଲ ଅଲ ହୁସେନ ଏବଂ ଜିମ୍ବାୱେର କିର୍ଷ୍ଟି କୋଭେଣ୍ଟ୍ରି ଆଗ୍ରହୀ। ଗ୍ରୀସ୍‌ର ଆନ୍‌ସିଏଣ୍ଟ ଅଲିମ୍ପିଆରେ ମାର୍ଚ୍ଚ ୧୮ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ଭୋଟରେ ପ୍ରାୟ ୧୦୦ ସଦସ୍ୟ ଅଂଶଗ୍ରହଣ କରିବେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ